ବର୍ଷ-୫୩ : ସଂଖ୍ୟା-୬ ଜୁନ୍, ୨୦୨୨ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ୨୦୨୨


| | | |
|---|---|---|
| ପ୍ରାର୍ଥନା | ଶ୍ରୀମା | ୩ |
| ମାତୃବାଣୀ | ଶ୍ରୀମା | ୪ |
| ମନ୍ତ୍ରମୟୀ ସାବିତ୍ରୀ | ଶ୍ରୀଅରବିନ୍ଦ | ୫ |
| ଆସ୍ପୃହା ଓ ଗ୍ରହଣଶୀଳତା | ଶ୍ରୀମା | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ<br>ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ (ଅଷ୍ଟାଦଶ ଅଧ୍ୟାୟ)<br>ଗୁଣତ୍ରୟ, ଶ୍ରଦ୍ଧା ଓ କର୍ମ | ଶେଖ ଅବଦୁଲ କାଶମ | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୭) | ··· | ୧୨ |
| ଜିଜ୍ଞାସା ଓ ଆଲୋକପାତ (୨) | ରାମକୃଷ୍ଣ ଦାସ | ୧୫ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୨) | ପ୍ରପତ୍ତି | ୧୯ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୬୨) | ମହେନ୍ଦ୍ରନାଥ ସ୍ୱାଇଁ | ୨୨ |
| ''ଦ୍ୱୀପାନ୍ତରର କଥା'' ଓ ''କାରା-ଜୀବନୀ'' (୧) | ··· | ୨୪ |
| ପରିପୂର୍ଣ୍ଣ ଗଛଟିଏ | ପ୍ରସାଦ ତ୍ରିପାଠୀ | ୨୭ |
| ଆଉ କିଛି ଲୋଡ଼ା ନାହିଁ (କବିତା) | ଶରତ କୁମାରୀ ସ୍ୱାଇଁ | ୨୯ |
| ସମତା ସମ୍ପର୍କରେ (୩) | କୁମାର ଚନ୍ଦ୍ର ମିଶ୍ର | ୩୦ |
| କବି ନିଶିକାନ୍ତ (୨୧) | ··· | ୩୮ |
| ଇତିହାସର କେତୋଟି ମୁହୂର୍ତ୍ତ :<br>ରହସ୍ୟମୟୀ ବାଳିକା | ମନୋଜ ଦାସ | ୪୨ |
| ସହୋଦର (କବିତା) | ସନ୍ତୋଷ ରଥ | ୪୪ |
| ମଧୁଭାଇନା – ମାତୃ ନାମ, ପ୍ରେମର<br>ଏକ ମାନବୀୟ ମୂର୍ତ୍ତି | ରାମଚନ୍ଦ୍ର ପାଣି | ୪୬ |
| ମଧୁଭାଇନାଙ୍କ ମଧୁସ୍ମୃତିରେ | ବିମଳ ପ୍ରସନ୍ନ ଦାସ | ୪୮ |
| ମୁକ୍ତିଦାତା ପର୍ସିୟସ୍ | ପ୍ରତିଭା ଦାସ | ୪୯ |
| ଗୋଟିଏ ବିରାଡ଼ି ଛୁଆର ଗପ | ··· | ୫୩ |
| ଚେତନାର ଅନ୍ଧକାର ଇଲାକା ଓ ତା'ର ପ୍ରଭାବ | ମନୋଜ ଦାସ | ୫୬ |


❖

# ପ୍ରାର୍ଥନା

ହେ ମୋର ମଧୁମୟ ପ୍ରଭୁ, ଶାଶ୍ୱତ ଔଜ୍ଜ୍ୱଲ୍ୟ, ତୁମରି ସଂକଳ୍ପହିଁ ପୁଙ୍ଖାନୁପୁଙ୍ଖ ତଥା ସମଗ୍ର ଭାବେ ସମ୍ପନ୍ନ ହେଉ, ଏତିକି କହି ମୁଁ କେବଳ ନିରବତା ଓ ଶାନ୍ତି ଭିତରେ ତୁମ ସହ ମିଳିତ ହୋଇ ପାରେ । ତୁମ ରାଜ୍ୟର ପ୍ରଭୁତ୍ୱ ତୁମେ ଗ୍ରହଣ କର, ତୁମ ବିରୋଧରେ ଯାହାକିଛି ବିଦ୍ରୋହୀ ସେସବୁକୁ ଆୟତ୍ତାଧୀନ କର; ଯେଉଁସବୁ ଆତ୍ମା ତୁମକୁ ଜାଣନ୍ତି ନାହିଁ ଏବଂ ଯେଉଁ ଧୀମାନଗଣ ସମର୍ପଣ ପାଇଁ ଏବଂ ତୁମ ପ୍ରତି ଉତ୍ସର୍ଗୀକୃତ ରହିବା ନିମନ୍ତେ ଇଚ୍ଛୁକ ନୁହନ୍ତି, ସେମାନଙ୍କୁ ଆରୋଗ୍ୟ କର । ଆମର ସୁପ୍ତ ଓଜଃ ଜାଗରିତ କର, ଆମ ସାହସ କର ଉଦ୍ଦୀପିତ, ଆମକୁ ପ୍ରଜ୍ଞାଲୋକିତ କର, ହେ ପ୍ରଭୁ, ଆମକୁ ପଥ-ପ୍ରଦର୍ଶନ କର ।

ଏକ ସାର୍ବଭୌମ ଶାନ୍ତିରେ ଉଚ୍ଛଳିତ ମୋ ହୃଦୟ, ଭାବନା ମୋର ପ୍ରଶାନ୍ତ ଏବଂ ନୀରବ ।

ଯାହାକିଛି ସ୍ଥିତ, ଯାହାକିଛି ଭବିତବ୍ୟ, ଯାହାକିଛି ନାସ୍ତି, ସବୁରି ମର୍ମରେ ବିଦ୍ୟମାନ ତୁମ ଦିବ୍ୟ ଏବଂ ଅପରିବର୍ତ୍ତିତ ସ୍ମିତହସ ।

ଜୁନ୍ ୧୨, ୧୯୧୪ — ଶ୍ରୀମା



# ମାତୃବାଣୀ

There is a sacred fire that burns in the heart and envelops the whole being: it is Agni, who illumines and purifies all. I kindle that fire in you each time that you ask me for some progress; but it destroys nothing except falsehood and obscurity.

– The Mother

ଏକ ପୂତପବିତ୍ର ବହ୍ନି ହୃଦୟରେ ଜ୍ୱଳମାନ ଥାଏ ଏବଂ ସମଗ୍ର ସତ୍ତାକୁ କରିଥାଏ ସମାବୃତ : ତାହା ଅଗ୍ନି, ଯାହା ସଭିଙ୍କୁ ଆଲୋକିତ ଏବଂ ଶୁଦ୍ଧ କରେ । ତୁମେ ପ୍ରତିଥର ମୋତେ କିଛି ପ୍ରଗତି ନିମନ୍ତେ ଆବେଦନ କଲେ ମୁଁ ତୁମ ଭିତରେ ସେହି ବହ୍ନି ପ୍ରଜ୍ୱଳିତ କରିଥାଏ; କେବଳ ମାତ୍ର ମିଥ୍ୟା ଏବଂ ତମସା ବ୍ୟତିରେକେ ତାହା କିନ୍ତୁ ଅନ୍ୟ କିଛି ଧ୍ୱଂସ କରେ ନାହିଁ ।

– ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୭)

## ଶ୍ରୀଅରବିନ୍ଦ

A fiery spirit came, next of the three.
ତ୍ରିମୂର୍ତ୍ତିର ପରବର୍ତ୍ତୀ ଏକ ଆଗ୍ନେୟ ସତ୍ତା ଆଗମନ କଲା ।
A hunchback rider of the red Wild-Ass,
A rash Intelligence leaped down lion-maned
From the great mystic Flame
that rings the worlds
And with its dire edge eats at being's heart.

ଲୋହିତ ବନ୍ୟ ଗର୍ଦ୍ଦଭର ଏକ କୁବ୍ଜପୃଷ୍ଠ ଆରୋହୀ, ସିଂହ-କେଶରବନ୍ତ ଏକ ବେପରୁଆ ବୁଦ୍ଧିମତ୍ତା ନିମ୍ନକୁ ଲମ୍ଫପ୍ରଦାନ କରି ଆସିଲା ସେହି ମହତ୍ ମରମୀ ବହ୍ନିଶିଖା ମଧ୍ୟରୁ ଯାହା ବଳୟାବଦ୍ଧ କରେ ଭୁବନସକଳକୁ ଏବଂ ତାହାର ଦାରୁଣ ପ୍ରାନ୍ତ ସାହାଯ୍ୟରେ ସତ୍ତାର ହୃଦୟକୁ ଭକ୍ଷଣ କରେ ।

Thence sprang the burning vision of Desire.
ତହିଁରୁ ଉଦ୍ଭୂତ ହୋଇ ଆସିଲା ବାସନାର ଜ୍ୱଳନ୍ତ ଦୃଷ୍ଟି ।
A thousand shapes it wore,
took numberless names:
A need of multitude and uncertainty
Pricks it for ever to pursue the One
On countless roads across the vasts of Time
Through circuits of unending difference.

ଏହା ସହସ୍ର ଆକୃତି ଧାରଣ କଲା, ଅଗଣିତ ନାମ ଗ୍ରହଣ କଲା : ଚିରକାଳ ପରମ ଅଦ୍ୱୟଙ୍କୁ ଅନୁସରଣ କରିବାକୁ ବହୁଳତା ଓ ଅନିଶ୍ଚିତତାର ଏକ ଆବଶ୍ୟକତା ତା'କୁ ଅଙ୍କୁଶାଘାତ କରି ଚାଳିତ କରେ ମହାକାଳର ବିପୁଳ ପ୍ରସାର ପାରି ହୋଇ ଅସଂଖ୍ୟ ପଥରେ, ଅସରନ୍ତି ପାର୍ଥକ୍ୟର ପରିକ୍ରମା ଭିତରେ ।

It burns all breasts with an ambiguous fire.
ଏକ ଦୁର୍ବୋଧ୍ୟ ଅଗ୍ନିରେ ତାହା ସକଳ ବୁକୁ ଦହନ କରେ ।

A radiance gleaming on a murky stream,
It flamed towards heaven, then sank,
engulfed, towards hell;
It climbed to drag down Truth into the mire
And used for muddy ends its brilliant Force;
A huge chameleon gold and blue and red
Turning to black and grey and lurid brown,
Hungry it stared from a mottled bough of life
To snap up insect joys, its favourite food,
The dingy sustenance of a sumptuous frame
Nursing the splendid passion of its hues.

ତମୋମୟୀ ଏକ ସ୍ରୋତସ୍ୱତୀ ଉପରେ କ୍ଷୀଣାଲୋକ ବିକିରଣ କରୁଥିବା ଏକ ଔଜ୍ଜ୍ୱଲ୍ୟ, ସ୍ୱର୍ଗାଭିମୁଖେ ତାହା ଶିଖାୟିତ ହେଉଥିଲା, ତତ୍ପରେ ଗ୍ରସ୍ତ ହୋଇ ନରକ ଦିଗରେ ବୁଡି ଯାଉଥିଲା; ସତ୍ୟକୁ ପଙ୍କକର୍ଦ୍ଦମ ଭିତରକୁ ଭିଡ଼ି ଆଣିବାକୁ ତାହା ଊର୍ଦ୍ଧ୍ୱାରୋହଣ କରୁଥିଲା ଏବଂ ନିଜର ପ୍ରୋଜ୍ଜ୍ୱଳ ବିକ୍ରମରାଜିକୁ ବ୍ୟବହାର କରୁଥିଲା ପଙ୍କିଳ ଉଦ୍ଦେଶ୍ୟ ସାଧନ ପାଇଁ; ସ୍ୱର୍ଣ୍ଣ, ନୀଳ ଓ ଲୋହିତରଙ୍ଗୀ ଏକ ବିରାଟକାୟ ବହୁରୂପୀ ସରୀସୃପ କୃଷ୍ଣ, ଧୂସର ତଥା ଗାଢ଼ୋଜ୍ଜ୍ୱଳ ପିଙ୍ଗଳ ବର୍ଣ୍ଣକୁ ପରିବର୍ତ୍ତିତ ହୋଇ ଯାଉଥିଲା, କ୍ଷୁଧାର୍ତ୍ତ ସେ ଜୀବନର ଗ୍ରନ୍ଥିଳ ଶାଖାରୁ ଅପଲକ ନେତ୍ରରେ ଚାହିଁ ରହିଥିଲା ତା'ର ପ୍ରିୟ ଭୋଜ୍ୟ ପତଙ୍ଗ – ଆନନ୍ଦକୁ ଚଟ୍ କରି ଝାମ୍ପି ଆଣିବା ସକାଶେ, ଆପଣା ବର୍ଣ୍ଣବୈଭବର ଚମତ୍କାର ପ୍ରବେଗକୁ ଲାଳନ କରୁଥିବା ଏକ ବିପୁଳ କଳେବର ପାଇଁ ତାହା ଥିଲା ଅତି ନଗଣ୍ୟ ଆହାର ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଆସ୍ପୃହା ଓ ଗ୍ରହଣଶୀଳତା

## ଶ୍ରୀମା

### (୧)

ତୁମେ ଏକକାଳୀନ ଆସ୍ପୃହା ତଥା ସଂକଳ୍ପର ଏକ ଅବସ୍ଥାରେ ରହିପାର, ଯାହାକି କୌଣସି କିଛିକୁ ଆହ୍ୱାନ କରି ନେଇ ଆସେ – ଯଥାର୍ଥରେ ଏହା ହେଉଛି ଜଣେ ନିଜକୁ ଉନ୍ମୁକ୍ତ ତଥା ଗ୍ରହଣଶୀଳ କରି ରଖିପାରିବା ଏବଂ ଏକା ସଙ୍ଗେ ଉର୍ଦ୍ଧ୍ୱର ସେଇ ପ୍ରତ୍ୟୁତ୍ତରକୁ ଗ୍ରହଣ କରିପାରିବା । **ଏକାବେଳେକେ** ଏଇ ଦୁଇଟି ଜିନିଷ ଆସିବା ପାଇଁ ପ୍ରଥମ ସର୍ତ୍ତ ହେଲା – ତୁମେ ତୁମ ଭିତରେ ଖୁବ୍ ନିଶ୍ଚଳ ରହିବ, ଯାହା ଫଳରେ କି ଉର୍ଦ୍ଧ୍ୱରୁ ଆସୁଥିବା ସେହି ପ୍ରତ୍ୟୁତ୍ତରଟି ପୂର୍ଣ୍ଣ ଭାବରେ ପ୍ରବେଶ କରି ପାରିବ । ତୁମ ଭିତରଟି ଅବିଚଳିତ ରହିଲେହିଁ ଚିତ୍ତର ସ୍ଥିରତା ଆସିବ ଏବଂ ତାହା ଏକ ଉର୍ଦ୍ଧ୍ୱତର ଶକ୍ତି ଓ ଚେତନାକୁ ନିଜ ଭିତରକୁ ଆଣିପାରିବ ... । ଜଣେ ଏପରି ହୋଇଉଠିବା ଉଚିତ ଯେ ଯେପରି ସେ ଏକ ଆସ୍ପୃହାର ଅଗ୍ନିଶିଖା ଭଳି ଉପରକୁ ଉଠୁଛି । ଏବଂ ସେହି ଏକା ସଙ୍ଗେ ଏହି ଅଗ୍ନିଶିଖା ତୁମ ଭିତରେ ଏଭଳି ପ୍ରସାରିତ ହେବ, ତାହା ହୋଇଉଠିବ ଏକ ପାତ୍ର ଭଳି, ଏକ ବିଶାଳ ପାତ୍ର । ଯାହାକି ନିଜକୁ ଖୋଲି ଧରିବା ସଙ୍ଗେ ସଙ୍ଗେ ଉର୍ଦ୍ଧ୍ୱରୁ ଆଗତ ସବୁକିଛିକୁ ଗ୍ରହଣ କରିପାରିବ ।

ଏବଂ ଏହି ଦୁଇଟି ଏକ ସଙ୍ଗେ ଗତି କରିପାରେ । ଏବଂ ଯେତେବେଳେ ଏଇ ଦୁଇଟି ଏକତ୍ର ଧାରଣ କରିବାରେ ଜଣେ ସକ୍ଷମ ହୋଇପାରିବ, ସେତେବେଳେ ସେ ଯାହାକିଛି କରୁଥାଉ ପଛକେ ନିରନ୍ତର ତା' ଭିତରେ ଏକକାଳୀନ ଏ ଦୁଇଟି କଥା କରିପାରିବ । ଅର୍ଥାତ୍, ତା' ଭିତରେ ଆସ୍ପୃହା ଓ ଗ୍ରହଣଶୀଳତା ଏକାବେଳେକେ ଚାଲିପାରିବ । କେବଳ ଚେତନାର ସାମାନ୍ୟ, ଅତି ସାମାନ୍ୟ ସ୍ଥାନଚ୍ୟୁତି ଘଟିପାରେ । ଏହି ଅପସାରଣ ଏତେ କମ୍ ହେବ ଯେ ତାହା ଇନ୍ଦ୍ରିୟ ଅଗୋଚର ହୋଇ ରହିବ । ଏହା ପ୍ରଥମେ ଆସ୍ପୃହାର ପ୍ରଜ୍ୱଳନ୍ତ ଶିଖା ଉପରେ ସଚେତନ ହୁଏ ଏବଂ ମୁହୂର୍ତ୍ତକ ପରେହିଁ ସେ ତା'ର ଗ୍ରହଣଶୀଳ ପାତ୍ର ଉପରେ ସଚେତନ ହୋଇଯାଏ – ତା' ଅର୍ଥ, ତୁମ ଆସ୍ପୃହାର ଶିଖାଟି ଉର୍ଦ୍ଧ୍ୱକୁ ଉଠି ତୁମେ ଯାହା ଚାହୁଁଛ ତାହା ଡାକି ଆଣେ ଏବଂ ଠିକ୍ ପରେ ପରେହିଁ ତୁମ ଭିତରର ଗ୍ରହଣଶୀଳ ପାତ୍ରଟି ଉର୍ଦ୍ଧ୍ୱରୁ ଆସୁଥିବା ସେହି ଶକ୍ତି ଓ ଚେତନାକୁ ଧରି ରଖିବାରେ ସଚେତନ ହୋଇଯାଏ । ...

### (୨)

ପ୍ରତିଟି ଆସ୍ପୃହା ଉର୍ଦ୍ଧ୍ୱରୁ ଏକ ଉତ୍ତର ଡାକି ଆଣେ, ଏବଂ ଏହି ଉତ୍ତର ଯାହାକି ସେହି ଆସ୍ପୃହାର ଫଳସ୍ୱରୂପ ଆସିଥାଏ, କିନ୍ତୁ ଏହା ପ୍ରତିଟି ଲୋକର ଗ୍ରହଣଶୀଳତା ଉପରେ ନିର୍ଭର କରେ । ମୁଁ ଏହି ଧରଣର ଅନେକ ଲୋକଙ୍କୁ ଜାଣେ : ସେମାନେ କହନ୍ତି – ''ଓହୋ ! ମୁଁ ସବୁବେଳେ ଆସ୍ପୃହା କରି ଆସୁଛି ତଥାପି ମୋତେ କିଛି ମିଳୁ ନାହିଁ ।'' ସେମାନେ ଯେ କିଛି ପାଇବେ ନାହିଁ, ଏକଥା ଅସମ୍ଭବ । ଏହି ଭାବରେ ଦେଖିଲେ ପ୍ରତିଟି ଆସ୍ପୃହାର ନିଶ୍ଚୟ ଉତ୍ତର ରହିଛି । କିନ୍ତୁ ସେମାନେ ଏହା ଗ୍ରହଣ କରି ପାରନ୍ତି ନାହିଁ । ଉତ୍ତର ଆସେ କିନ୍ତୁ ସେମାନେ ଗ୍ରହଣଶୀଳ ନୁହନ୍ତି, ତେଣୁ ସେମାନେ କିଛି ଉତ୍ତର ପାଇ ପାରନ୍ତି ନାହିଁ ।...

ଯେତେବେଳେ ତୁମର ଆସ୍ପୃହା ଥାଏ, ଏକ ଅତ୍ୟନ୍ତ କ୍ରିୟାଶୀଳ ଆସ୍ପୃହା, ତେବେ ବୁଝିବ ତୁମ ଆସ୍ପୃହାଟି ତା'ର କାର୍ଯ୍ୟ କରିବାକୁ ଯାଉଛି । ତୁମେ ଯେଉଁଥି ପାଇଁ ଅଭୀପ୍ସା କରୁଛ ତାହାକୁ ଡାକି ଆଣିବା ପାଇଁ ସେ ଯାଉଛି । କିନ୍ତୁ ପରେ ତୁମେ ଯଦି ଆଉ କିଛି ଆଡ଼କୁ ମନ ଦିଅ କିଂବା ସେ ଦିଗରେ ଏକାଗ୍ର ନ ହୁଅ ବା ଗ୍ରହଣଶୀଳ ନ ହୁଅ, ତାହେଲେ ତୁମର ଆସ୍ପୃହାଟିର ଉତ୍ତର ତୁମ ପାଖକୁ ଆସିଯାଇ ଥିଲେ ବି ତୁମେ ତାକୁ ଲକ୍ଷ୍ୟ କରିପାର ନାହିଁ । ଏହା ଅଧିକାଂଶ ବେଳେ ଘଟେ । ତେଣୁ ଲୋକେ ତୁମକୁ କହନ୍ତି : ''ମୁଁ ଆସ୍ପୃହା କଲି କିନ୍ତୁ କିଛି ପାଇଲି ନାହିଁ, କିଛି ଉତ୍ତର ମିଳିଲା ନାହିଁ !'' ହଁ, ତୁମେ ପ୍ରକୃତରେ ଉତ୍ତର ପାଇଥାଅ, କିନ୍ତୁ ତୁମେ ସେ ସମ୍ବନ୍ଧେ ସଚେତନ ନ ଥାଅ । କାରଣ, ତୁମେ ସବୁବେଳେ ଏହି ପ୍ରକାର ସକ୍ରିୟ ଗୋଟିଏ କଳ ଭଳି ଘୂରୁଥାଅ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ଅଷ୍ଟାଦଶ ଅଧ୍ୟାୟ)

## ଗୁଣତ୍ରୟ, ଶ୍ରଦ୍ଧା ଓ କର୍ମ

**ଶେଖ ଅବଦୁଲ କାଶମ**

କର୍ମ କରିବା ନିମିତ୍ତ ମନୁଷ୍ୟକୁ ଦୁଇଟି ଉତ୍ସରୁ ପ୍ରେରଣା ପ୍ରାପ୍ତ ହୋଇପାରେ । ପ୍ରଥମତଃ କୌଣସି ବ୍ୟକ୍ତିଗତ କାମନା ମନୁଷ୍ୟକୁ କର୍ମ କରିବାକୁ ପ୍ରବୃତ୍ତ କରିପାରେ । ଏପରି ସ୍ଥଳେ ଅଜ୍ଞାନ ଓ ମିଥ୍ୟାହିଁ କର୍ମ ପ୍ରେରଣାର ଉତ୍ସ ହୋଇଥାଏ । ରାଜସିକ ଅହଂ ଦ୍ୱାରା ପ୍ରେରିତ ହୋଇ ମନୁଷ୍ୟ ଯେଉଁ କର୍ମ କରେ ତାହା ତାକୁ ହୁଏତ ସାମୟିକଭାବେ ସୁଖ ସନ୍ତୋଷ ପ୍ରଦାନ କରିପାରେ, ମାତ୍ର ପରିଣାମରେ ସେ ଦୁଃଖ ଓ ବିଷାଦହିଁ ଭୋଗ କରିଥାଏ । କର୍ମ-ପ୍ରେରଣାର ଦ୍ୱିତୀୟ ଉତ୍ସ ହେଉଛି ଶାସ୍ତ୍ର ଯାହା ଏକ ଉନ୍ନତ ଓ ପ୍ରବୃଦ୍ଧ ସମାଜର ମୁଖ୍ୟ ମାର୍ଗଦର୍ଶକ ହୋଇଥାଏ । ଶାସ୍ତ୍ରର ନିର୍ଦ୍ଦେଶ ଅନୁସାରେ କର୍ମ କଲେ ବ୍ୟକ୍ତିର ଜୀବନ ସୁଖମୟ ଓ ଶୃଙ୍ଖଳିତ ହୋଇଥାଏ । ନୈତିକତା, ସୌନ୍ଦର୍ଯ୍ୟବୋଧ, ସଂଯମ, ଶୃଙ୍ଖଳା ଓ ସାତ୍ତ୍ୱିକ ଭାବନାକୁ ଉପସ୍ଥାପିତ କରୁଥିବା ଶାସ୍ତ୍ରରୁ ପ୍ରେରଣା ଲାଭ କରି ମନୁଷ୍ୟମାନେ କର୍ମର ଉଚ୍ଚ ଆଦର୍ଶ ପ୍ରତିଷ୍ଠା କରନ୍ତି ଯାହା ସମାଜକୁ ଋଦ୍ଧିମନ୍ତ କରେ, ସଂସ୍କୃତିକୁ ମାର୍ଜିତ ଓ ମହାନ୍ କରେ । ଶାସ୍ତ୍ରାନୁମୋଦିତ ନୀତି, ଆଦର୍ଶ ଓ କର୍ମ ପ୍ରତି ସମ୍ମତି ଓ ସ୍ୱୀକୃତି ପ୍ରଦାନ କରିବା ସହ ତା' ଉପରେ ବ୍ୟକ୍ତି ଯେଉଁ ବିଶ୍ୱାସ ଓ ଆସ୍ଥା ସ୍ଥାପନ କରେ ତାହାକୁ 'ଶ୍ରଦ୍ଧା' ବୋଲି କୁହାଯାଏ । ଧର୍ମ, ଦର୍ଶନ ଶାସ୍ତ୍ର, ନୀତି ଶାସ୍ତ୍ର, ସାମାଜିକ ଆଦର୍ଶ ଓ ସାଂସ୍କୃତିକ ଆଦର୍ଶ ଅନୁସାରେ ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନ ଗଠିତ ହୋଇଥାଏ । ସେଗୁଡ଼ିକ ଉପରେ ବ୍ୟକ୍ତିର ଶ୍ରଦ୍ଧା ଯେତିକି ସୁଦୃଢ଼ ଓ ଐକାନ୍ତିକ ହୋଇଥାଏ ତା'ର ଜୀବନ ସେତିକି ମୂଲ୍ୟବାନ୍ ଓ ମହତ୍ତ୍ୱପୂର୍ଣ୍ଣ ହୋଇଥାଏ ।

କିନ୍ତୁ ପ୍ରଚଳିତ ଶାସ୍ତ୍ରର ବିଧାନ ସବୁବେଳେ ଉପଯୋଗୀ ହୋଇପାରେ ନାହିଁ । ଯୁଗର ପରିବର୍ତ୍ତନ ଅନୁସାରେ ଓ ପରିସ୍ଥିତିର ଆବଶ୍ୟକତା ଦୃଷ୍ଟିରୁ ନୂତନ ବିଧାନର ସନ୍ଧାନ କରିବାକୁ ହୁଏ । ଶାସ୍ତ୍ର ନିର୍ଦ୍ଦେଶ କରିଥିବା କେତେକ ନୀତି ଯେତେବେଳେ ଆଉ ଜୀବନ୍ତ ହୋଇ ରହେ ନାହିଁ, ଜୀବନରେ ଆସୁଥିବା ସମସ୍ୟା-ସକଳର ସମାଧାନ କରିବାରେ ତାହା ଯେତେବେଳେ ଅସମର୍ଥ ହୁଏ ସେତେବେଳେ ଏକ ନୂତନ ସତ୍ୟ, ଏକ ନୂତନ ଧର୍ମ ଅପରିହାର୍ଯ୍ୟ ହୋଇଉଠେ । ଅତୀତରେ ଦେଖାଯାଇଛି କିପରି ଶାସ୍ତ୍ରର ଅନୁସରଣ କ୍ରମଶଃ ଆନୁଷ୍ଠାନିକତାର ରୂପ ନେଇଛି, ଗତାନୁଗତିକ ପ୍ରଥା ଓ ଲୋକାଚାରରେ ପରିଣତ ହୋଇଛି । ଯେତେବେଳେ ବୈଦିକ ଧର୍ମ ତା'ର ଅସଲ ମର୍ମକୁ ହରାଇ ଲୋକାଚାରରେ ପରିଣତ ହେଲା ସେତେବେଳେ ବୁଦ୍ଧ ଆବିର୍ଭୂତ ହୋଇ ଅଷ୍ଟାଙ୍ଗ ମାର୍ଗର ନୂତନ ବିଧାନ ଓ ନିର୍ବାଣର ଆଦର୍ଶ ପ୍ରତିଷ୍ଠା କଲେ । ଇହୁଦୀ ଧର୍ମର ପ୍ରତିଷ୍ଠାତା ମୁସା (Moses) ଯେଉଁ ନୀତି ଓ ସଦାଚାର ପ୍ରଚାର କରିଥିଲେ ତାହା ପରବର୍ତ୍ତୀ କାଳରେ ଲୋକାଚାରରେ ପରିଣତ ହେଲା । ଫଳରେ ଖ୍ରୀଷ୍ଟଧର୍ମର ଆବିର୍ଭାବ ଘଟିଲା ଏବଂ ଆତ୍ମାର ଏକ ଦିବ୍ୟ ବିଧାନ ଉପରେ ଗୁରୁତ୍ୱ ଆରୋପ କରାଗଲା, ହୃଦୟର ଗଭୀରତର ଆଲୋକରୁ ପ୍ରେରଣା ଲାଭ କରିବାକୁ ଚେଷ୍ଟା କରାଗଲା । ପ୍ରଚଳିତ ଶାସ୍ତ୍ରସମ୍ମତ ବିଧିବିଧାନକୁ ପଛରେ ଛାଡ଼ି ଦେଇ ନୂତନତର ସତ୍ୟର ଅନୁସନ୍ଧାନ ସକାଶେ ମନୁଷ୍ୟ ଜାତି ଯୁଗେ ଯୁଗେ ପ୍ରୟାସ କରି ଆସିଛି ।

ଜ୍ଞାନୀ, ମନୀଷୀ ଓ ତତ୍ତ୍ୱଦର୍ଶୀ ବ୍ୟକ୍ତିମାନଙ୍କ ଦ୍ୱାରା ଶାସ୍ତ୍ର ରଚିତ ହୁଏ । ସମୂହ-ଜୀବନର ଅଭିଜ୍ଞତା ଏବଂ ସଂସ୍କୃତିର ମହାନ୍ ସିଦ୍ଧିଗୁଡ଼ିକ ଶାସ୍ତ୍ରରେ ଉପାଦାନ ସ୍ୱରୂପ ନିହିତ ହୋଇ ରହିଥାଏ । ଦେହ-ପ୍ରାଣ-ମନର ସଂକୀର୍ଣ୍ଣ ବ୍ୟକ୍ତିଗତ ଧର୍ମ ଅପେକ୍ଷା ଏହା ନିଶ୍ଚିତ ରୂପେ ଶ୍ରେଷ୍ଠତର ଓ ଅଧିକତର ମାନ୍ୟ ଓ ଅବଲମ୍ବନୀୟ । ମାତ୍ର ଆତ୍ମାର ପରିପୂର୍ଣ୍ଣତା ସକାଶେ ଏହାକୁ ଶ୍ରେଷ୍ଠତମ ବିଧାନ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ । ଶାସ୍ତ୍ରରେ ମହତ୍ତର ବିଷୟଗୁଡ଼ିକ ଇଙ୍ଗିତ ଓ ନିର୍ଦ୍ଦେଶ ରୂପେ ଅନ୍ତର୍ଭୁକ୍ତ ହୋଇଥାଏ । ମାତ୍ର ସେସବୁ ପ୍ରକୃତିର ଅଧୀଶ୍ୱର ଭଗବାନଙ୍କର ଶାଶ୍ୱତ ବିଧାନ ନୁହେଁ । ସାଧାରଣ ମନୁଷ୍ୟ ଲାଗି ଶାସ୍ତ୍ର ଗୋଟିଏ ଜୀବନ୍ତ ଆଦର୍ଶ

ହୋଇପାରେ, ମାତ୍ର ଅସାଧାରଣ ମାନବ ଓ ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କ ପାଇଁ ଏହା ଯଥେଷ୍ଟ ନୁହେଁ । ଯେଉଁମାନଙ୍କର ଆନ୍ତର୍ଜୀବନ ଯଥେଷ୍ଟ ବିକଶିତ ହୋଇ ସାରିଛି, ଯେଉଁମାନେ ଉଚ୍ଚତର ସତ୍ୟ ଲାଗି ଅଭୀପ୍ସୁ, ସେମାନେ ଶାସ୍ତ୍ରକୁ ଅତିକ୍ରମ କରିଯା'ନ୍ତି । ସେମାନେ ଏକ ପୂର୍ଣ୍ଣତର ପୂର୍ଣ୍ଣତା ଦିଗରେ ଅଗ୍ରସର ହୁଅନ୍ତି, ଆତ୍ମାର ମୁକ୍ତି ମଧ୍ୟରେ ବାସ କରିବା ଲାଗି ମହତ୍ତର ସତ୍ୟର ସନ୍ଧାନ କରନ୍ତି ।

ଏକ ବୃହତ୍ତର ସତ୍ୟକୁ ଉପଲବ୍ଧି କରିବା ଲାଗି ଏକ ଦୁଃସାହସିକ ଅଭିଯାନ ବା ଶକ୍ତିଶାଳୀ ପ୍ରୟାସ ଆବଶ୍ୟକ ହୋଇଥାଏ । ଏଥିପାଇଁ ଯେଉଁ ପଥ-ପ୍ରଦର୍ଶକ ଆଲୋକ ଉପରେ ନିର୍ଭର କରିବାକୁ ହୁଏ ତାହା ପ୍ରାପ୍ତ ହୋଇଥାଏ ଶ୍ରଦ୍ଧାରେ । ଶ୍ରଦ୍ଧା ହେଉଛି ବିଶ୍ୱାସ କରିବାର ସଙ୍କଳ୍ପ (will to believe) । ମନୁଷ୍ୟ ତା'ର ଜୀବନର ସତ୍ୟ ରୂପେ ଯାହାକୁ ବାଛି ନେଇଛି ସେଇ ଅନୁସାରେ ଜୀବନକୁ ପରିଚାଳିତ କରିବାକୁ ସେ ଦୃଢ଼ ସଙ୍କଳ୍ପ କରିଥାଏ – ସେଇ ସଙ୍କଳ୍ପ ହେଉଛି ତା'ର ଶ୍ରଦ୍ଧା । ଅଜ୍ଞାତ ସତ୍ୟର ଆବିଷ୍କାର ଲାଗି ଯେଉଁ ଶକ୍ତିଶାଳୀ ପ୍ରୟାସ ସେ କରିଥାଏ ତାହା ହେଉଛି ତା' ଜୀବନର ଧର୍ମ, ପୂର୍ଣ୍ଣତା ଓ ସିଦ୍ଧିଲାଭର ପ୍ରକୃଷ୍ଟ ପନ୍ଥା । ଶ୍ରଦ୍ଧା ଆମର ହୃଦୟ ଭିତରେ ସତ୍ୟର ଉପଲବ୍ଧି ଲାଗି ଏପରି ନିବିଡ଼ ଆବେଦନ ଓ ପ୍ରବର୍ତ୍ତନା ସୃଷ୍ଟି କରେ ଯେ ତାକୁ ଏଡ଼ାଇ ଦେଇ ହୁଏ ନାହିଁ ।

ଏକ ଧର୍ମଗତ ଓ ପରମ୍ପରାଗତ ବିଶ୍ୱାସକୁ ଶ୍ରଦ୍ଧା କୁହାଯିବ ନାହିଁ । ଶ୍ରଦ୍ଧା ମାନସିକ ତର୍କବୁଦ୍ଧିରୁ ଆସି ନଥାଏ । ଏହା ସତ୍ତାର ଗଭୀରତର ସ୍ତରରୁ ଜାତ ହୋଇଥାଏ । ସତ୍ୟ ସମ୍ବନ୍ଧରେ ସୁସ୍ପଷ୍ଟ ଓ ପ୍ରତ୍ୟକ୍ଷବୋଧ (direct perception)କୁ ଶ୍ରଦ୍ଧା କୁହାଯିବ ଯାହାକୁ ଜଣେ ବ୍ୟକ୍ତି ଜୀବନଯାକ ପରମ ଉତ୍ସାହ ସହକାରେ କାର୍ଯ୍ୟକାରୀ କରିବାକୁ ଚେଷ୍ଟିତ ହୋଇଥାଏ । ଏହା ଅନ୍ତରାତ୍ମାରୁ ଉତ୍ପନ୍ନ ହୋଇ ଥିବାରୁ ସଂଶୟ ବା ବିଚାରବୁଦ୍ଧି ଦ୍ୱାରା ବିଭ୍ରାନ୍ତ ହୁଏ ନାହିଁ । ଲକ୍ଷ୍ୟ ସମ୍ବନ୍ଧରେ ଏହା ଭିତରେ ନିଶ୍ଚୟତାବୋଧ ରହିଥାଏ । ଆତ୍ମାର ଭୂମିରେ ସତ୍ୟର ଦର୍ଶନହିଁ ଶ୍ରଦ୍ଧା ରୂପେ ପ୍ରକଟିତ ହୁଏ । ଏହା ମନ ଓ ହୃଦୟରେ ପ୍ରତିଫଳିତ ହୋଇ ଏକ ଆତ୍ମଶକ୍ତି ରୂପେ ଅନୁଭୂତ ହୁଏ । ଏହାର ପ୍ରାମାଣିକତା ଓ ସଠିକତା ଯୋଗୁଁ ଏହାକୁ ଅସ୍ୱୀକାର କରା ଯାଇପାରେ ନାହିଁ । ଶ୍ରଦ୍ଧା ଭିତରେ ଆତ୍ମିକ ବଳ ରହି ଥିବାରୁ ଏହା ଆବଶ୍ୟକ ସ୍ଥଳେ ଶାସ୍ତ୍ର ଓ ପରମ୍ପରାର ନିର୍ଦ୍ଦେଶକୁ ମଧ୍ୟ ଅସ୍ୱୀକାର କରିପାରେ, ତାକୁ ଅତିକ୍ରମ କରି ଯାଇପାରେ । ଶ୍ରଦ୍ଧା ମନୁଷ୍ୟର ଅସଲ ବ୍ୟକ୍ତିତ୍ୱର ପରିଚୟ ଦିଏ । ଯାହାର ଶ୍ରଦ୍ଧା ଯେମିତି, ସେ ସେହିପରି ହୋଇଥାଏ । ଏହା ଜୀବନର କେନ୍ଦ୍ରୀୟ ସତ୍ୟ, ଜୀବନର ପରିଚାଳକ । ଆଧ୍ୟାତ୍ମିକ ଜୀବନର ଲକ୍ଷ୍ୟ ପୂରଣ ନିମିତ୍ତ ଯେଉଁ ବଳ ଓ ସାମର୍ଥ୍ୟ ଆବଶ୍ୟକ ତାହା ଶ୍ରଦ୍ଧାରୁହିଁ ପ୍ରାପ୍ତ ହୋଇଥାଏ ।

ମନୁଷ୍ୟର ଅନ୍ତରାତ୍ମା ଭିତରେ କିଛି ଗୋଟାଏ ହେବାର ସଙ୍କଳ୍ପ (will to be) ରହିଥାଏ । ତାହା ହେଉଛି ଶ୍ରଦ୍ଧା । ନିଜ ଉପରେ, ଜୀବନ ଉପରେ ଯେଉଁ ବିଶ୍ୱାସ ତାହାହିଁ ଶ୍ରଦ୍ଧା । ସତ୍ତାଗତ ବିଶ୍ୱାସ ହେଉଛି ଶ୍ରଦ୍ଧା । ମନୁଷ୍ୟ ସତ୍ତାର ମୂଳ ଉପାଦାନ ଅର୍ଥାତ୍ ତାହାର ସ୍ୱଭାବ ଓ ଅନ୍ତଃକରଣ ଅନୁସାରେ ତାହାର ଶ୍ରଦ୍ଧାର ରୂପ, ଭଙ୍ଗୀ ଓ ଗୁଣ ନିର୍ଦ୍ଧାରିତ ହୋଇଥାଏ (''ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା'') । ଗୀତାରେ କୁହାଯାଇଛି – ''ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯେ ଯଚ୍ଛ୍ରଦ୍ଧଃ ସ ଏବ ସଃ'' ଅର୍ଥାତ୍ ଏହି ପୁରୁଷ ବା ଅନ୍ତରାତ୍ମା ହେଉଛି ଶ୍ରଦ୍ଧାମୟ । ଯେ ଯେପରି ଶ୍ରଦ୍ଧାବାନ୍ ତା'ର ସ୍ୱରୂପ ବା ସ୍ଥିତି ସେହିପରି ହୋଇଥାଏ । ମନୁଷ୍ୟ ନିଜ ଭିତରେ ଯେଉଁ ସତ୍ୟକୁ ଦର୍ଶନ କରେ ବା ଅନୁସରଣ କରିବାକୁ ଚାହେଁ ତାହା ପକ୍ଷରେ ତାହାହିଁ ତାହାର ସତ୍ତାର ସତ୍ୟ । ତାହାର ଆନ୍ତର ଓ ବାହ୍ୟକର୍ମସବୁ ସେହି ସତ୍ୟକୁ କେନ୍ଦ୍ର କରି ନିର୍ଦ୍ଧାରିତ ହୋଇଥାଏ । ସେହି ସତ୍ୟ ତା'ର ନିଜର ସୃଷ୍ଟି । ତାହା ଅପରିବର୍ତ୍ତନୀୟ ଶାଶ୍ୱତ ସତ୍ୟ ନୁହେଁ । ମାତ୍ର ସେହି ସତ୍ୟକୁ ନେଇ ତାହାର ଆତ୍ମା କ୍ରିୟାଶୀଳ ହେଉଥାଏ । ମନୁଷ୍ୟ ଭିତରେ ଯେଉଁ ବିବର୍ତ୍ତନ ସଂଘଟିତ ହୁଏ ତାହା ତା'ର ସତ୍ତାଗତ ବିଶ୍ୱାସ ବା ଶ୍ରଦ୍ଧା ଉପରେ ନିର୍ଭର କରିଥାଏ । ଯେଉଁ ସତ୍ୟ ଉପରେ ସେ ଅଟଳ ବିଶ୍ୱାସ ରଖିଥାଏ, ଭବିଷ୍ୟତରେ ସେ ତାହାହିଁ ହୋଇ ଉଠେ । ଆଧୁନିକ ପ୍ରୟୋଗବାଦ (Pragmatism)ର ପରିକଳ୍ପନା ଏହି ତତ୍ତ୍ୱ ଉପରେ ନିହିତ ହୋଇ ରହିଛି ।

ମନୁଷ୍ୟର ପ୍ରକୃତିରେ ପ୍ରାଧାନ୍ୟ ଲାଭ କରିଥିବା ଗୁଣ ଅନୁସାରେ ଶ୍ରଦ୍ଧା ତିନି ପ୍ରକାର – ସାତ୍ତ୍ୱିକ, ରାଜସିକ ଓ ତାମସିକ । ଯେଉଁ ଶ୍ରଦ୍ଧା ମଧ୍ୟରେ ଦୃଢ଼ ସଂକଳ୍ପ ନ ଥାଏ, ଯାହା ଜ୍ଞାନହୀନ ଓ ମୋହାଚ୍ଛନ୍ନ ହୋଇଥାଏ, ତାକୁ ତାମସିକ ଶ୍ରଦ୍ଧା ବୋଲାଯାଏ । ଏପରି ଶ୍ରଦ୍ଧା ଦ୍ୱାରା କେବେ ବି ସତ୍ୟର ଉପଲବ୍ଧି ସମ୍ଭବ ନୁହେଁ । ତାମସିକ ଶ୍ରଦ୍ଧା ବ୍ୟକ୍ତିକୁ ନିମ୍ନ ପ୍ରକୃତିର ଅନ୍ଧକାର ମଧ୍ୟକୁ ନିକ୍ଷିପ୍ତ କରେ । ଯଦି ବ୍ୟକ୍ତି ରାଜସିକ ମିଥ୍ୟା-ଆଲୋକ ଓ ଆତ୍ମାଭିମାନୀ ସଂକଳ୍ପ ଦ୍ୱାରା ପରିଚାଳିତ ହେଉଥିବ

ତାହାହେଲେ ସେପରି ବ୍ୟକ୍ତିର ଶ୍ରଦ୍ଧାକୁ ରାଜସିକ ଶ୍ରଦ୍ଧା ବୋଲି କୁହାଯିବ । ସତ୍ତ୍ୱଗୁଣ ପ୍ରଧାନ ବ୍ୟକ୍ତି ସତ୍ୟ, ଆଲୋକ ଓ ଶୁଦ୍ଧତା ଉପରେ ବିଶ୍ୱାସ ରଖିଥାଏ । ମହତ୍ତର ଆଦର୍ଶର ଉପଲବ୍ଧି ନିମିତ୍ତ ତା' ଭିତରେ ସଂକଳ୍ପ ସଦା ଜାଗ୍ରତ୍ ହୋଇ ରହିଥାଏ । ଏହା ହେଉଛି ସାତ୍ତ୍ୱିକ ଶ୍ରଦ୍ଧା । ଜଣକର ଶ୍ରଦ୍ଧା ଯଦି ସାତ୍ତ୍ୱିକ ପ୍ରକୃତିର ହୋଇଥିବ ତେବେ ଏକ ଉଚ୍ଚତର ଲକ୍ଷ୍ୟକୁ ସିଦ୍ଧ କରିବା ତା' ପକ୍ଷରେ ସହଜ ହୋଇଥାଏ । ସାତ୍ତ୍ୱିକ ସ୍ୱଭାବ ବିଶିଷ୍ଟ ବ୍ୟକ୍ତିର ଶ୍ରଦ୍ଧା ଅତ୍ୟନ୍ତ ସୁଦୃଢ଼ ଓ ଐକାନ୍ତିକ ହୋଇଥିଲେ ସେ କେତେକ କ୍ଷେତ୍ରରେ ସତ୍ତ୍ୱଗୁଣର ପ୍ରଭାବ ବଳୟକୁ ଅତିକ୍ରମ କରି ପରମ ଦିବ୍ୟତାର ସ୍ତରରେ ଉପନୀତ ହୁଏ । ସତ୍ତ୍ୱଗୁଣର ପ୍ରଭାବ ଦ୍ୱାରା ରାଜସିକ ଶ୍ରଦ୍ଧା ଓ ତାମସିକ ଶ୍ରଦ୍ଧାକୁ ପରିବର୍ତ୍ତନ କରିହେବ । ସ୍ୱାର୍ଥସର୍ବସ୍ୱ ଇଚ୍ଛାର ବିଭ୍ରାନ୍ତି ତଥା ମୋହାଚ୍ଛନ୍ନ ଅଜ୍ଞାନର ଜଡ଼ତାମୟ ବିଭ୍ରାନ୍ତିରୁ ଉଦ୍ଧାର ପାଇବାକୁ ହେଲେ ଆମକୁ ଆମ ଭିତରେ ସାତ୍ତ୍ୱିକ ଗୁଣର ବିକାଶ ସାଧନ କରିବାକୁ ପଡ଼ିବ ।

ସକଳ ବିବର୍ତ୍ତନ ବିଶ୍ୱଚେତନାର ଗୋଟିଏ କ୍ରିୟା । ବ୍ୟକ୍ତିର ବିବର୍ତ୍ତନ ଏକ ବିଶ୍ୱ ବିବର୍ତ୍ତନର କ୍ଷୁଦ୍ରାଂଶ ମାତ୍ର । ସକଳ ବିବର୍ତ୍ତନ ଶାଶ୍ୱତ ପୁରୁଷଙ୍କଠାରୁ ସମ୍ଭୂତ ହେଉଛି । ବ୍ୟକ୍ତିଜୀବନର ସମସ୍ତ ଉପାଦାନ, ସମ୍ଭାବନା, ମୂଳ ପ୍ରେରଣା ଓ ଅନ୍ତିମ ଉଦ୍ଦେଶ୍ୟ ତାଙ୍କଠାରୁ ନିଷ୍ପନ୍ନ ହୋଇଥାଏ । ବ୍ୟକ୍ତି ଯେଉଁ ଦିବ୍ୟଭାବ ଓ ଧାରାକୁ ଅନୁସରଣ କରି ବିକଶିତ ହୁଏ ତାହା ପୁରୁଷୋତ୍ତମଙ୍କ ମଧ୍ୟରେ ପୂର୍ବରୁହିଁ ରହିଥାଏ । ଯୋଗସାଧନା ଦ୍ୱାରା ବ୍ୟକ୍ତି ଭାଗବତ ଭାବ (ମଦ୍‌ଭାବ)କୁ ପ୍ରାପ୍ତ କରିବାକୁ ଚାହେଁ । ମାତ୍ର ତାହା ମୁଖ୍ୟତଃ ନିର୍ଭର କରେ ଶ୍ରଦ୍ଧା ଉପରେ । ଆମ ସତ୍ତାର ଗଭୀରରେ ପୁରୁଷୋତ୍ତମ ବିଦ୍ୟମାନ ଅଛନ୍ତି । ସେ ଆମ ଭିତରେ ଦିବ୍ୟ ଧର୍ମ ପ୍ରତିଷ୍ଠା କରିବାକୁ ଚାହାନ୍ତି, ତାଙ୍କର ସତ୍ୟ ପ୍ରକଟିତ ହେବ ବୋଲି ଆମକୁ ସିଏ ଜୀବନଟିଏ ଦେଇଛନ୍ତି । ତାଙ୍କର ଏହି ଇଚ୍ଛା କାର୍ଯ୍ୟକାରୀ ହେବ ଯଦି ଆମେ ଆମ ଅନ୍ତରର ଶ୍ରଦ୍ଧାକୁ ସର୍ବଦା ଉଜ୍ଜୀବିତ କରି ରଖିବା ଏବଂ ତା' ପ୍ରତି ବିଶ୍ୱସ୍ତ ଓ ଉତ୍ସର୍ଗୀକୃତ ହୋଇ ରହିବା ।

ସତ୍ତ୍ୱ, ରଜଃ ଓ ତମଃ — ଏଇ ତ୍ରିଗୁଣ ଆମର ପ୍ରତ୍ୟେକ ଚିନ୍ତା, ସଂକଳ୍ପ, ଅନୁଭବ ଓ କର୍ମକୁ ସର୍ବଦା ନିୟନ୍ତ୍ରିତ କରୁଛି । ଆମେ କେଉଁ ପ୍ରକାର ଜୀବନଯାପନ କରୁଛୁ ତାହା ଏହି ଗୁଣଗୁଡ଼ିକ ଉପରେ ନିର୍ଭର କରେ । ଯେତେବେଳେ ଆମେ ଦିବ୍ୟ ପ୍ରକୃତି ଅନୁଯାୟୀ ଜୀବନଯାପନ କରିବାକୁ ଚେଷ୍ଟାକରୁ ସେତେବେଳେ ଆମର ଏକ ବଳଶାଳୀ ଶ୍ରଦ୍ଧା ଆବଶ୍ୟକ ହୋଇଥାଏ । ତାହା ସାତ୍ତ୍ୱିକ ଶ୍ରଦ୍ଧା ହୋଇପାରେ ବା ସତ୍ତ୍ୱଗୁଣକୁ ଅତିକ୍ରମ କରିଥିବା ଏକ ଗଭୀରତର ଓ ଅଧିକ ପ୍ରଭାବଶାଳୀ ଶ୍ରଦ୍ଧା ହୋଇପାରେ ।

ଶ୍ରଦ୍ଧାରୂପୀ ସଂକଳ୍ପ ଦ୍ୱାରା ପ୍ରେରିତ ହୋଇ ଆମକୁ କେତେକ ବାହ୍ୟକର୍ମ ଓ ଆନ୍ତର କର୍ମ କରିବାକୁ ହୋଇଥାଏ । ତାହା ଲକ୍ଷ୍ୟ ସିଦ୍ଧି ଦିଗରେ ଆମକୁ ଅଗ୍ରସର କରାଇ ନିଏ । ଗୀତା ଯେଉଁ କର୍ତ୍ତବ୍ୟ କର୍ମ ବିଷୟରେ ଶିକ୍ଷା ଦେଇଛି ତାହାର ତିନୋଟି ଅଙ୍ଗ ରହିଛି ଯଥା : ଯଜ୍ଞ, ଦାନ ଓ ତପଃ । ଏହାର ତାତ୍ପର୍ଯ୍ୟ ଆମକୁ ବୁଝିବାକୁ ହେବ । ତପଃ ହେଉଛି ଅନ୍ତର୍ନିହିତ ଶକ୍ତି ଓ ସାମର୍ଥ୍ୟ ସମୂହକୁ ଏକାଗ୍ର କରି କ୍ରିୟାଶୀଳ କରିବା । ଏହା ଦ୍ୱାରା ଆକାଂକ୍ଷିତ ସିଦ୍ଧି ପ୍ରାପ୍ତ ହୁଏ, ବ୍ୟକ୍ତି ଭିତରେ ସମ୍ଭାବିତ ବିବର୍ତ୍ତନ ସଂଘଟିତ ହୁଏ । ଆମ୍ଭେମାନେ ଯାହା, ଆମ୍ଭମାନଙ୍କର ଯାହାକିଛି ଅଛି, ତାହାର ଅର୍ପଣକୁ 'ଦାନ' ବୋଲି କୁହାଯାଏ । ଏହା ଦ୍ୱାରା ବ୍ୟକ୍ତିର ଚେତନା ପ୍ରସାରିତ ହୁଏ, ଅନ୍ତଃକରଣ ଶୁଦ୍ଧ ହୁଏ । ଆଉ 'ଯଜ୍ଞ' ହେଉଛି ସେହି କର୍ମ ଯାହା ଆଧିଭୌତିକ ଶକ୍ତି ବା ବିଶ୍ୱଶକ୍ତି ସମୂହ ଉଦ୍ଦେଶ୍ୟରେ କରାଯାଏ ଅଥବା ସକଳ କର୍ମର ଅଧୀଶ୍ୱରଙ୍କ ଉଦ୍ଦେଶ୍ୟରେ କରାଯାଏ । ଏହା ବ୍ୟକ୍ତିକୁ ପରିପୂର୍ଣ୍ଣତା ଆଣି ଦେବାରେ ସାହାଯ୍ୟ କରେ । ଯଜ୍ଞ, ଦାନ ଓ ତପଃ ଏଇ ପ୍ରତ୍ୟେକଟି କର୍ମ ମଧ୍ୟ ତ୍ରିବିଧ ହୋଇପାରେ ଅର୍ଥାତ୍ ତାମସିକ, ରାଜସିକ ଓ ସାତ୍ତ୍ୱିକ ହୋଇପାରେ ।

ଯେଉଁ ଯଜ୍ଞ ଶ୍ରଦ୍ଧାହୀନ ଭାବରେ କରାଯାଏ, ଇଚ୍ଛା ନଥାଇ ବାଧ୍ୟ ହୋଇ କରାଯାଏ ତାହା ତାମସିକ ଯଜ୍ଞ । ତମୋଗ୍ରସ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଅନୁଷ୍ଠିତ ଯଜ୍ଞ ଶାସ୍ତ୍ରସମ୍ମତ ହୋଇ ନଥାଏ । ଅଯତ୍ନ, ଅବହେଳା ଓ ଭ୍ରାନ୍ତ ପଦ୍ଧତି ଯୋଗୁଁ ତାହା ଅଶୁଭ ଫଳ ପ୍ରଦାନ କରିଥାଏ । ତାହା ମନ୍ଦ ଉଦ୍ଦେଶ୍ୟ-ପ୍ରଣୋଦିତ ହୋଇଥାଏ; ଦେବତାମାନଙ୍କ ଉଦ୍ଦେଶ୍ୟରେ କରା ନଯାଇ ଭୂତପ୍ରେତଗଣଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ । ଏପରି ଯଜ୍ଞ ଜଗତର କ୍ଷତିସାଧନ କରିଥାଏ । ରାଜସିକ ସ୍ୱଭାବର ବ୍ୟକ୍ତିମାନେ ଯେଉଁ ଯଜ୍ଞ କରନ୍ତି ସେଥିରେ ଅହଂଭାବପୂର୍ଣ୍ଣ ବ୍ୟକ୍ତିଗତ ବାସନା ରହିଥାଏ । ଆଡ଼ମ୍ବର ଓ ଦାମ୍ଭିକତାର ପ୍ରଦର୍ଶନ ସେଇ ଯଜ୍ଞର ପ୍ରେରଣା ହୋଇଥାଏ । ବ୍ୟକ୍ତିଗତ ଉଚ୍ଚାକାଂକ୍ଷା ଚରିତାର୍ଥ କରିବା ପାଇଁ ତଥା ଖ୍ୟାତି ଅର୍ଜନ ନିମିତ୍ତ ତାହା କରାଯାଇଥାଏ । ନିମ୍ନତର ଦେବଗଣ ଓ ଯକ୍ଷମାନଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଏହି ଯଜ୍ଞର ପରିଣାମ ମଧ୍ୟ ଶୁଭଙ୍କର ହୋଇ ନଥାଏ । ଅନ୍ୟପକ୍ଷରେ ସାତ୍ତ୍ୱିକ ଯଜ୍ଞ

ଶାସ୍ତ୍ରବିଧିସମ୍ମତ ଓ କଲ୍ୟାଣକାରୀ ହୋଇଥାଏ । ଯଥାର୍ଥ ମନୋଭାବ ଓ ସତ୍ ଉଦ୍ଦେଶ୍ୟ ସହ ଏପରି ଯଜ୍ଞ କରାଯାଇଥାଏ । ଫଳ ଲାଭର କାମନା ଏଥିରେ ନଥାଏ । ଦିବ୍ୟ ବିଧାନର ପାଳନ ନିମିତ୍ତ ଯଥାର୍ଥ କର୍ତ୍ତବ୍ୟବୋଧ ସହ ଏହା କରାଯାଏ । ଏଥିରେ ଭୌତିକ ଦ୍ରବ୍ୟର ସମର୍ପଣକୁ ଆନ୍ତର ସମର୍ପଣର ପ୍ରତୀକ ରୂପେ ବିବେଚନା କରାଯାଏ । ଅହଂଗତ ଭାବନାକୁ ବର୍ଜନ କରି ନୈର୍ବ୍ୟକ୍ତିକ ଭାବ ସହ ଯେଉଁ ଯଜ୍ଞ କରାଯାଏ ତାହା ସାତ୍ତ୍ୱିକ ପ୍ରକୃତିର ହୋଇଥାଏ । ଦେବଗଣଙ୍କ ଉଦ୍ଦେଶ୍ୟରେ ପବିତ୍ର ହୃଦୟରେ ଏହି ଯଜ୍ଞ ସମ୍ପାଦନ କରାଯାଏ ।

ସାତ୍ତ୍ୱିକ କର୍ମ ଆମକୁ ପୂର୍ଣ୍ଣତର ସିଦ୍ଧି ଆଡ଼କୁ ନେଇଯାଇଥାଏ । ଏହା ନିଃସ୍ୱାର୍ଥ ଧର୍ମବିଶ୍ୱାସ ସହ କରାଯାଏ, ନ୍ୟାୟ ଓ ସତ୍ୟର ପ୍ରତିଷ୍ଠା ନିମନ୍ତେ ସମ୍ପାଦନ କରାଯାଏ । ତେବେ ସାତ୍ତ୍ୱିକ କର୍ମର ଏକ ଚୂଡ଼ାନ୍ତ ଅବସ୍ଥା ରହିଛି ଯାହାକୁ ସମୁଚ୍ଚ ଶେଷଯଜ୍ଞ ବୋଲି କୁହାଯାଇ ପାରିବ । ତାହା ଏକ ଉଦାରତର ଓ ମୁକ୍ତତର ଅବସ୍ଥା ଯେତେବେଳେ କି ସକଳ କର୍ମକୁ ପରମ ଅଖଣ୍ଡ ଭଗବାନଙ୍କ ଉଦ୍ଦେଶ୍ୟରେ ନିବେଦିତ କରି ଦିଆଯାଏ । ସେପରି କର୍ମ ନୈର୍ବ୍ୟକ୍ତିକ ହୋଇଥାଏ, ଜଗତର ହିତ ନିମନ୍ତେ ତାହା କରାଯାଏ, ବିଶ୍ୱ ମଧ୍ୟରେ ଭଗବାନଙ୍କ ଇଚ୍ଛାପୂରଣ ନିମିତ୍ତ କରାଯାଏ । ଯଜ୍ଞ ଓ କର୍ମକୁ ଅତିକ୍ରମ କରି ଏକ ଉଚ୍ଚତମ ସ୍ତରରେ ମଧ୍ୟ ପହଞ୍ଚି ହେବ ଯେତେବେଳେ କି ବ୍ୟକ୍ତିଗତ କର୍ମ ବୋଲି କିଛି ନଥିବ ଏବଂ ଭଗବାନ୍ ସ୍ୱୟଂ ଆମର ରୂପାନ୍ତରିତ ଭାଗବତ ପ୍ରକୃତି ମାଧ୍ୟମରେ କର୍ମ ସମ୍ପାଦନ କରିବେ ।

ତିନି ପ୍ରକାର ତପସ୍ୟା ରହିଛି । ତାମସିକ ତପସ୍ୟା ଏକ ଭ୍ରାନ୍ତ ଓ ଅଜ୍ଞାନ ବିଶ୍ୱାସକୁ ନେଇ କରାଯାଇଥାଏ । ଏହାର ମୂଳରେ ଏକ ନୀଚ, ସ୍ୱାର୍ଥପର ଉଦ୍ଦେଶ୍ୟ ଥାଏ । ନିଜ ଶରୀରକୁ କଷ୍ଟ ଦେଇ ଏହି ତପସ୍ୟା କରାଯାଏ । ଏକ ସଂକୀର୍ଣ୍ଣ ଲକ୍ଷ୍ୟ ପୂରଣ ସକାଶେ ଆହାର, ନିଦ୍ରା ପରିତ୍ୟାଗ କରାଯାଏ । ପାଶବିକ ପ୍ରବୃତ୍ତି ଓ ବାସନାକୁ ଚରିତାର୍ଥ କରିବା ପାଇଁ ଅତି ନିକୃଷ୍ଟ ଓ କଦର୍ଯ୍ୟ ପଦ୍ଧତି ଅବଲମ୍ବନ କରାଯାଏ । ତାମସିକ ବ୍ୟକ୍ତିମାନେ ଅନ୍ୟର ଅନିଷ୍ଟ ସାଧନ ପାଇଁ ମଧ୍ୟ ତପସ୍ୟା ଆଚରଣ କରନ୍ତି । ଅହଂଭାବ ଓ ଗର୍ବ ଦ୍ୱାରା ପ୍ରେରିତ ହୋଇ ରାଜସିକ ବ୍ୟକ୍ତିମାନେ ଯେଉଁ ତପସ୍ୟା କରନ୍ତି ତାହା ହେଉଛି ରାଜସିକ ତପସ୍ୟା । ଏହି ତପସ୍ୟା ପଛରେ ବ୍ୟକ୍ତିଗତ ପ୍ରତିଷ୍ଠା, ସମ୍ମାନ ଓ ଯଶଖ୍ୟାତିର ଲାଳସା ରହିଥାଏ । ଏପରି ବ୍ୟକ୍ତିମାନେ ନିଜ ତପସ୍ୟାକୁ ବିଜ୍ଞାପିତ କରିଥା'ନ୍ତି । ତପସ୍ୟା ମାଧ୍ୟମରେ ଅନ୍ୟ ଲୋକମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ଓ ପ୍ରଭାବ ବିସ୍ତାର କରିବାକୁ ସେମାନେ ଚାହାନ୍ତି ।

ଅନ୍ୟ ପକ୍ଷରେ ସାତ୍ତ୍ୱିକ ତପସ୍ୟା ନୈତିକ ଓ ଆଧ୍ୟାତ୍ମିକ ଉଦ୍ଦେଶ୍ୟ ନେଇ କରାଯାଇଥାଏ । ଏଥିରେ କର୍ମଫଳର ଆକାଂକ୍ଷା ନଥାଏ । ଏହା ଆତ୍ମସଂଯମ ଉପରେ ପ୍ରତିଷ୍ଠିତ । ଗୀତାରେ ତିନି ପ୍ରକାର ସାତ୍ତ୍ୱିକ ତପସ୍ୟା ବିଷୟରେ ବର୍ଣ୍ଣନା କରାଯାଇଛି । ଶୁଚିତା, ସରଳତା, ବ୍ରହ୍ମଚର୍ଯ୍ୟ, ଅହିଂସା ଏବଂ ପୂଜ୍ୟ ବ୍ୟକ୍ତିମାନଙ୍କର ସେବା ଓ ସମ୍ମାନ ହେଉଛି ଶାରୀରିକ ତପସ୍ୟା । ଶାସ୍ତ୍ର ଅଧ୍ୟୟନ, ସତ୍ୟ ଓ ପ୍ରିୟବାକ୍ୟ ପ୍ରୟୋଗ, ଭୟ ଓ ଉଦ୍‌ବେଗ ସୃଷ୍ଟିକାରୀ ବାକ୍ୟର ପରିହାର ହେଉଛି ବାଚିକ ତପସ୍ୟାର ଅନ୍ତର୍ଭୁକ୍ତ । ତୃତୀୟ ପ୍ରକାରର ସାତ୍ତ୍ୱିକ ତପସ୍ୟା ହେଉଛି ମାନସିକ ଓ ନୈତିକ ସିଦ୍ଧିର ତପସ୍ୟା । ଭାବର ସ୍ୱଚ୍ଛତା, ଧୀରତା, ଚିତ୍ତର ପ୍ରସନ୍ନତା, ସୌମ୍ୟଭାବ, ଆତ୍ମସଂଯମ, ନୀରବତା ଓ ମନନଶୀଳତା ଏହି ପ୍ରକାର ତପସ୍ୟାର ଅନ୍ତର୍ଗତ । ସାତ୍ତ୍ୱିକ ତପସ୍ୟାର ଉଚ୍ଚତର ସୋପାନରେ ଉପଲବ୍ଧ ହୁଏ ଆତ୍ମାର ସମତା, ଗଭୀର ଶାନ୍ତି ଓ ଅଚଞ୍ଚଳତା, ଉଦାର ସହାନୁଭୂତି ଏବଂ ଏକତ୍ୱବୋଧ ।

ସାତ୍ତ୍ୱିକ କର୍ମବିଧିକୁ ଅତିକ୍ରମ କରି ଏକ ଅବସ୍ଥା ମଧ୍ୟ ରହିଛି ଯେତେବେଳେ କି ତପସ୍ୟାର ଆଉ କୌଣସି ପ୍ରୟୋଜନ ରହେ ନାହିଁ । କାରଣ ସେତେବେଳେ ସବୁକିଛି ସ୍ୱାଭାବିକ ଭାବେ ଦିବ୍ୟ ହୋଇଯାଏ । ସେଠାରେ ନିମ୍ନପ୍ରକୃତି-ଶକ୍ତିର କୌଣସି ସ୍ୱତନ୍ତ୍ର ପ୍ରଚେଷ୍ଟା ରହେ ନାହିଁ । ପ୍ରକୃତିର ଶକ୍ତି ପୁରୁଷୋତ୍ତମଙ୍କ ସଂକଳ୍ପ ସହିତ ସଂଯୁକ୍ତ ହୋଇଯାଏ । ସମସ୍ତ କର୍ମ ସ୍ୱୟଂ ପୁରୁଷୋତ୍ତମଙ୍କ ଦ୍ୱାରା ସଞ୍ଚାଳିତ ହୁଏ । କର୍ମ ହୁଏ ମୁକ୍ତ ଓ ବାଧାରହିତ ।

'ଦାନ' ମଧ୍ୟ ତିନି ପ୍ରକାରର ରହିଛି । ଯେଉଁ ଦାନ ଅଜ୍ଞାନର ଚେତନାରେ ରହି ସ୍ୱାର୍ଥପର ଭାବେ କରାଯାଏ ତାହା ତାମସିକ ଦାନ । ଦେଶ, କାଳ ଓ ପାତ୍ରର ବିବେଚନା ନ କରି ନିର୍ବୋଧ ଭାବେ ତାହା କରାଯାଏ । ସେ ଦାନରେ ସହାନୁଭୂତି ବା ଉଦାରତା ନ ଥାଏ । ରାଜସିକ ଦାନ ପ୍ରତ୍ୟୁପକାରର ଆଶା ନେଇ ବା ଅଧିକତର ଲାଭର ଉଦ୍ଦେଶ୍ୟ ରଖି କରାଯାଇଥାଏ । ଜଣେ ଯେତେବେଳେ ଅପ୍ରସନ୍ନ ଚିତ୍ତରେ, ଅନିଚ୍ଛା ସହିତ ବା ଉଗ୍ର ମନୋଭାବ ସହିତ ଦାନ କରେ ତାହା ରାଜସିକ ଦାନ ବୋଲି କଥିତ ହୁଏ । ଅନ୍ୟ ପକ୍ଷରେ ସାତ୍ତ୍ୱିକ ଦାନ ନିଃସ୍ୱାର୍ଥପର

ଭାବେ ଓ ଉଦାର ହୃଦୟରେ କରାଯାଇଥାଏ । ଏଥିରେ ସଦିଚ୍ଛା ଓ ସହାନୁଭୂତି ରହିଥାଏ । ଦେଶ, କାଳ ଓ ପାତ୍ରର ଉପଯୁକ୍ତ ବିବେଚନା ସହିତ ଏହି ଦାନ କରାଯାଏ । ସାତ୍ତ୍ୱିକ ଦାନର ସମୁଚ୍ଚ ଅବସ୍ଥା ସେତେବେଳେ ଆସେ ଯେତେବେଳେ ଅନ୍ୟ ସମସ୍ତଙ୍କ ପ୍ରତି, ଜଗତ୍ ପ୍ରତି ଓ ଭଗବାନଙ୍କ ପ୍ରତି ଉଦାର ଆତ୍ମଦାନ ଓ ଆତ୍ମସମର୍ପଣ କାର୍ଯ୍ୟକାରୀ ହୁଏ । ଏହା ସ୍ମରଣୀୟ ଯେ ଭଗବାନ୍ ନିଜକୁ ଓ ନିଜର ଶକ୍ତିସମୂହକୁ ଜଗତ୍ ଉଦ୍ଦେଶ୍ୟରେ ନିରନ୍ତର ଦାନ କରୁଛନ୍ତି । ସୁତରାଂ ଭଗବାନଙ୍କଠାରେ ସମଗ୍ର ଆତ୍ମଦାନ ପ୍ରତ୍ୟେକ ଜୀବର ପରମ କର୍ତ୍ତବ୍ୟ ଅଟେ ।

ସ୍ଥୂଳବସ୍ତୁ ସମୂହରେ ମଧ୍ୟ ତ୍ରିବିଧ ଗୁଣର ପ୍ରଭାବ ପରିଲକ୍ଷିତ ହୋଇଥାଏ । ଉଦାହରଣତଃ ପ୍ରକୃତି ଅନୁଯାୟୀ ଓ ଦେହ ଉପରେ ତାହାର କ୍ରିୟା ଅନୁଯାୟୀ ଆହାର ତିନି ପ୍ରକାର ଯଥା : ସାତ୍ତ୍ୱିକ, ରାଜସିକ ଓ ତାମସିକ । ଯେଉଁ ଆହାର ଆୟୁବର୍ଦ୍ଧକ, ବଳବର୍ଦ୍ଧକ ଓ ଆରୋଗ୍ୟବର୍ଦ୍ଧକ ତାହା ସାତ୍ତ୍ୱିକ ଆହାର । ଏପରି ଆହାର ଦେହ, ମନ ଓ ପ୍ରାଣକୁ ସୁଖ ପ୍ରଦାନ କରେ; ଏହା ରସାଳ, ସ୍ନିଗ୍ଧ ଓ ତୃପ୍ତିଦାୟକ ହୋଇଥାଏ । ସାତ୍ତ୍ୱିକ ସ୍ୱଭାବର ବ୍ୟକ୍ତିମାନେ ଏପରି ଆହାରକୁ ପସନ୍ଦ କରନ୍ତି । ରାଜସିକ ପ୍ରକୃତିର ବ୍ୟକ୍ତିମାନେ ପସନ୍ଦ କରୁଥିବା ଖାଦ୍ୟ ଅତ୍ୟଧିକ ଖଟା, ପିତା, ରାଗୁଆ, ଉଷ୍ଣ, କଟୁ ଓ ରୁକ୍ଷ ହୋଇଥାଏ ଯାହା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ । ରାଜସିକ ଖାଦ୍ୟ ଉତ୍ତେଜନା, କ୍ରୋଧ, ଲୋଭ ଓ କାମନାର ଉଦ୍ରେକ କରେ ତଥା ଏସବୁର ବୃଦ୍ଧି ଘଟାଏ । ତାମସିକ ସ୍ୱଭାବର ବ୍ୟକ୍ତିମାନେ ଗ୍ରହଣ କରୁଥିବା ଖାଦ୍ୟ ଅଶୁଦ୍ଧ, ଶୀତଳ, ପଚା, ବାସି, ସ୍ୱାଦହୀନ, ଦୁର୍ଗନ୍ଧଯୁକ୍ତ ଓ ଉଚ୍ଛିଷ୍ଟ ହୋଇଥାଏ । ଅଶୁଦ୍ଧ ଖାଦ୍ୟରେ ବି ସେମାନେ ଏକ ପ୍ରକାର ବିକୃତ ତୃପ୍ତି ଲାଭ କରନ୍ତି । ତାମସିକ ଖାଦ୍ୟ ଜଡ଼ତା ଆଣିଦିଏ, ବୁଦ୍ଧିକୁ ବିଭ୍ରାନ୍ତ କରେ । ଏହିପରି ଭାବରେ ଗୀତା ଆମକୁ ଖାଦ୍ୟ ଓ ପୁଷ୍ଟିସାଧନର ବିଜ୍ଞାନ ଶିକ୍ଷା ଦେଇଛି । ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ତ୍ରିଗୁଣର ପ୍ରଭାବ କିପରି କାର୍ଯ୍ୟକାରୀ ହୋଇଥାଏ ତାହା ଜାଣି ତଦନୁସାରେ ଯଥାର୍ଥ ଚୟନ ଦ୍ୱାରା ଜୀବନକୁ ସୁପରିଚାଳିତ କରିବା ବିଧେୟ । ଏଥିପାଇଁ ଶ୍ରଦ୍ଧାର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ।

ଶ୍ରଦ୍ଧା ହେଉଛି ମନୁଷ୍ୟ-ଜୀବନର ମୂଳନୀତି । ଶ୍ରଦ୍ଧାରୁ କର୍ମର ପ୍ରେରଣା ଜାତ ହୁଏ ଏବଂ କର୍ମ ସମ୍ପାଦିତ ହୁଏ । ଯେଉଁ କର୍ମ ଅଶ୍ରଦ୍ଧାପୂର୍ବକ ସମ୍ପାଦନ କରାଯାଏ ତାହା ମିଥ୍ୟା ହୁଏ; ଇହଜୀବନରେ ତଥା ପରଲୋକରେ ସେହି କର୍ମର କୌଣସି ସାର୍ଥକତା ରହେ ନାହିଁ । ସକଳ କର୍ମକୁ ଭଗବତ୍‌ମୁଖୀ କରିବା ଓ କର୍ମରେ ଭଗବାନଙ୍କୁ ପ୍ରକାଶ କରିବା ନିମନ୍ତେ ‘‘ଓଁ’’ ଶବ୍ଦର ଉଚ୍ଚାରଣ ଆମକୁ ସାହାଯ୍ୟ କରେ । ଏହା କର୍ମରେ ବିଶୁଦ୍ଧତା, ନୈର୍ବ୍ୟକ୍ତିକତା ଓ ସମର୍ପଣ ଭାବ ଆଣି ଦେଇଥାଏ । ସକଳ ଶୁଭକର୍ମ ସତ୍ ଅଟେ, ତାହା ଆମକୁ ଉଚ୍ଚତର ଜୀବନ ଲାଗି ପ୍ରସ୍ତୁତ କରେ । ଯଜ୍ଞ ରୂପେ, ଦାନ ରୂପେ ଓ ତପସ୍ୟା ରୂପେ ଯେଉଁସବୁ କର୍ମ କରାଯାଏ ତାହା ଦ୍ୱାରା ଆମ ଭିତରେ ଉଚ୍ଚତର ସିଦ୍ଧିର ଭିତ୍ତି ଗଠିତ ହୁଏ । ବୁଦ୍ଧିଗତ ବିଶ୍ୱାସ ଉପରେ ନିର୍ଭର ନକରି ଅନ୍ତଃପୁରୁଷଙ୍କ ଶ୍ରଦ୍ଧା ଉପରେ ଆମକୁ ନିର୍ଭର କରିବାକୁ ହେବ । ଶ୍ରଦ୍ଧା ଦ୍ୱାରା ଆମ ଭିତରେ ଏକାଗ୍ର ସଂକଳ୍ପ ସୃଷ୍ଟି ହୁଏ ଏବଂ ତାହା ଆମର ବିବର୍ତ୍ତନର ମୂଳସୂତ୍ର । ଶ୍ରୀଅରବିନ୍ଦ ଏହି ବିଷୟରେ ଉପସଂହାର କରି କହୁଛନ୍ତି –

"... it is this faith and will turned in all our inner and outer self, nature and action towards all that is highest, most divine, most real and eternal that will enable us to reach the supreme perfection."

(Essays on the Gita, p. 492)

ଅର୍ଥାତ୍, ‘‘... ଆମ୍ଭମାନଙ୍କର ସକଳ ଆନ୍ତର ଓ ବାହ୍ୟ ସତ୍ତାରେ, ପ୍ରକୃତି ଓ କର୍ମଧାରାରେ ଏହି ଶ୍ରଦ୍ଧା ଓ ସଂକଳ୍ପକୁ ଯାହା କିଛି ଉଚ୍ଚତମ, ଦିବ୍ୟତମ, ସତ୍ୟତମ ଓ ଶାଶ୍ୱତ, ତାହାର ଅଭିମୁଖୀ କରିବା ଦ୍ୱାରା ଆମ୍ଭେମାନେ ପରମତମ ସିଦ୍ଧିରେ ଉପନୀତ ହୋଇପାରୁ ।’’

(ଗୀତା-ନିବନ୍ଧମାଳା, ପୃ. ୬୦୩)

(କ୍ରମଶଃ)

❑❑❑

ତୁମେ ଯଦି ତୁମ ଚେତନାକୁ ପରିବର୍ତ୍ତନ କର, ତେବେ ଜଗତ୍ ତୁମ ଲାଗି ନିଜକୁ ପରିବର୍ତ୍ତନ କରିଦେଇ ପାରେ ।
– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୭)

### ‘ଦୁର୍ଘଟଣା’ ପରେ (ଉତ୍ତରାର୍ଦ୍ଧ) :

ନୀରଦଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ‘‘ମାଡ୍ରାସରୁ ରେଡ଼ିଓଲୋଜିଷ୍ଟ୍ ତାଙ୍କର ଏକ୍ସରେ ମେସିନ୍ ଧରି ରାତି ପ୍ରାୟ ୧୧ଟାରେ ଆଶ୍ରମରେ ପହଞ୍ଚିଲେ । ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠରେ ଉପସ୍ଥିତ ହେବା ମାତ୍ରେ ଆମ ସମସ୍ତଙ୍କୁ କର୍ମତତ୍ପର କରାଇଲେ । ସେ ଜଣେ ବେଶ୍ ଉତ୍ସାହୀ ଓ କୁଶଳୀ ସୁଶ୍ରୀ ଯୁବକ ଥିଲେ ଏବଂ ତାଙ୍କର ଆବହାଉଆରେ ପ୍ରତ୍ୟୁତ୍ପନ୍ନମତି ସହ ଦୃଢ଼ ବିଶ୍ୱାସର ଏକ ପରିବେଶ ଓତପ୍ରୋତ ଭାବରେ ସ୍ପନ୍ଦିତ ହେଉଥିଲା ।

‘‘ବିଶାରଦ ଭାବରେ ସେ ତାଙ୍କର କର୍ତ୍ତବ୍ୟ-କର୍ମରେ ମନୋଯୋଗୀ ହେଲେ । ଏକ୍ସରେ ଫିଲ୍ମ-ପ୍ଲେଟ୍‌ରେ ସେ ଏକାଧିକ ଛବି ଉଠାଇଲେ ଏବଂ ପରମୁହୂର୍ତ୍ତରେହିଁ ସେସବୁର ଦୃଶ୍ୟମାନ (developed) ରୂପ ଆମମାନଙ୍କର ଉଦ୍‌ବିଗ୍ନତାକୁ ପ୍ରଭୂତ ମାତ୍ରାରେ ଲାଘବ କରି ଦେଲା । କିନ୍ତୁ ତଥ୍ୟ ପ୍ରଦାନକାରୀ ଫଟୋସବୁ ଉପରେ ନିର୍ଭର କରି ଅସ୍ଥିଭଙ୍ଗଟିର ଯଥାର୍ଥ ଅବସ୍ଥାଟି ସମ୍ବନ୍ଧେ ଅବଗତ ହେବା ମାତ୍ରେ ଆମେମାନେ ଗଭୀରଭାବେ ମାନସିକ ଆଘାତ ପାଇ ବିହ୍ୱଳ ହୋଇ ଉଠିଲୁ । ଶ୍ରୀମା’ଙ୍କୁ ଫଟୋସବୁ ଦେଖାଇ ବିଶେଷଜ୍ଞ ସର୍ଜନ୍ ବୁଝାଇ ଦେଲେ ଯେ ଡାହାଣ ଗୋଡ଼ର ଆଣ୍ଠୁ ଉପରକୁ ଜଂଘାସ୍ଥି ଭାଙ୍ଗିଯାଇ ଭଗ୍ନ-ଖଣ୍ଡ ଅସ୍ଥି ଦୁଇଟି ଦୃଢ଼ ଭାବରେ ପରସ୍ପର ସହିତ ଲାଖିଯାଇଛି (‘an impacted fracture of the right femur above the knee, two fragments firmly locked together.’) । ସର୍ଜନ୍ ଏବଂ ରେଡ଼ିଓଲୋଜିଷ୍ଟ୍ ଉଭୟେ ଫଟୋସବୁକୁ ତନ୍ନ ତନ୍ନ ଭାବରେ ପର୍ଯ୍ୟବେକ୍ଷଣ କରି ସିଦ୍ଧାନ୍ତ ଦେଲେ ଯେ ଯଦି ଭଗ୍ନ-ଅସ୍ଥି ଦୁଇଟି ପଛ ଆଡ଼କୁ ଠେଲି ମୁହାଁଇଥା’ନ୍ତା, ତା’ହେଲେ ଜଂଘାସ୍ଥି ପଶ୍ଚାତରେ ଥିବା ପ୍ରଧାନ ପ୍ରଧାନ ଧମନୀ ଓ ଶିରା ସହିତ ସ୍ନାୟୁତନ୍ତ୍ରୀକୁ ମଧ୍ୟ ଛିଣ୍ଡାଇ ବିଦୀର୍ଣ୍ଣ କରି ପକାଇଥା’ନ୍ତା ଏବଂ ଫଳତଃ ଏକ ଘୋର ବିପତ୍ତି ଘଟାଇଥା’ନ୍ତା (ସୌଭାଗ୍ୟବଶତଃ ସେପରି ଘଟି ନାହିଁ) ! ଆଉ ବର୍ତ୍ତମାନ ଯେପରି ଘଟିଛି, ଏପରି ଅବସ୍ଥାରେ ଯଦି ଅସ୍ଥିଭଙ୍ଗକୁ ସୁଧାରିବା ସକାଶେ ଜୋର୍ ଜବରଦସ୍ତି ଟଣାଟଣି କରି ଟ୍ରାକ୍‌ସନ୍‌ରେ ରଖିବାକୁ ପ୍ରଯତ୍ନ କରାଯାଇଥା’ନ୍ତା ବା କଠୋର ଯାନ୍ତ୍ରିକ କୌଶଳ ପ୍ରୟୋଗ କରାଯାଇଥା’ନ୍ତା ତେବେ ସେଇଟି ବି ସର୍ବାପେକ୍ଷା ଅଧିକ ନିର୍ବୋଧତା ହୋଇଥା’ନ୍ତା (ପୁନଶ୍ଚ ସୌଭାଗ୍ୟବଶତଃ ଏପରି ମଧ୍ୟ କରାଯାଇ ନଥିଲା ।) । ତା’ପରେ ସର୍ଜନ୍ ତାଙ୍କର ଚୂଡ଼ାନ୍ତ ନିଷ୍ପତ୍ତି ଘୋଷଣା କଲେ : ‘I would leave it alone, put the limb in plaster, and by means of the splints exert a steady traction.’ ଏହାର ମର୍ମାର୍ଥ ଏହିପରି : ‘ଏବେ ଯେପରି ଅବସ୍ଥାରେ ଭଙ୍ଗାସ୍ଥି ଦୁଇଟି ରହିଛି, ଠିକ୍ ସେମିତି ଅବସ୍ଥାରେ ରହିଥାଉ, ଗୋଡ଼ଟିକୁ ପ୍ଲାଷ୍ଟର୍ କରି ଦିଅନ୍ତୁ ଏବଂ ଅସ୍ଥିଭଙ୍ଗ ସ୍ଥାନଟିକୁ ସୁରକ୍ଷିତ ରଖିବା ସକାଶେ ପତଳା କାଠପଟା ସାହାଯ୍ୟରେ ଏକ ସ୍ଥିର ଟ୍ରାକ୍‌ସନ୍ ପ୍ରୟୋଗ କରିବାରେ ପ୍ରଯତ୍ନ କରନ୍ତୁ ।’ ସର୍ଜନ୍‌ଙ୍କର ଉପଦେଶ ମୁତାବକ ଗୋଡ଼ଟିକୁ ପ୍ଲାଷ୍ଟର୍ କରାଯାଇ ତାଙ୍କ ଶଯ୍ୟାର ଶେଷ ପ୍ରାନ୍ତରେ ଟ୍ରାକ୍‌ସନ୍‌ରେ ରଖାଗଲା ଏବଂ ପ୍ରତି ଦିନ ଆଣ୍ଠୁହାଡ଼ ବା ଜାନୁକାସ୍ଥି (patella)କୁ ସହନଶୀଳ ଭାବରେ ଚଳପ୍ରଚଳ (passive movements) କରାଯିବା ଲାଗି ବିଶେଷ ସତର୍କତା ଅବଲମ୍ବନ କରାଗଲା । ଏପରି କରାଯିବା ଦ୍ୱାରା ଭଗ୍ନ-ଅସ୍ଥି ଦୁଇଟି ପରସ୍ପର ଯୋଡ଼ି ହୋଇ ଯିବାର ପ୍ରକ୍ରିୟାକୁ ରୋକି ଦିଆଯାଇ ପାରିବ (avoid adhesive) । କେତେ ସପ୍ତାହ ସକାଶେ ଶ୍ରୀଅରବିନ୍ଦ ଶଯ୍ୟାଶାୟୀ ରହିବେ ଏବଂ ବିଶେଷଜ୍ଞ ସର୍ଜନ୍ ପୁଣି ଦ୍ୱିତୀୟ ଥର ପରୀକ୍ଷା କରିବା ସକାଶେ ଆସିବେ ଏବଂ ପରବର୍ତ୍ତୀ ଚିକିତ୍ସାର ଧାରା ସମ୍ବନ୍ଧେ ସିଦ୍ଧାନ୍ତ ନେବେ ।

‘‘ବହିରାଗତ ସମସ୍ତ ଡାକ୍ତର ଆଶ୍ରମରୁ ବିଦାୟ ନେଲେ । ଡଃ ମଣିଲାଲ ପୁନର୍ବାର ଶ୍ରୀଅରବିନ୍ଦଙ୍କର ଚିକିତ୍ସାର ସମ୍ପୂର୍ଣ୍ଣ ଦାୟିତ୍ୱ ବହନ କଲେ ।...

‘‘ଗୋଟିଏ କଥା ମୁଁ ଲକ୍ଷ୍ୟ ନକରି ରହିପାରିଲି ନାହିଁ — ଶ୍ରୀଅରବିନ୍ଦ ଝୁଣ୍ଟି ପଡ଼ି ଗୋଡ଼ରେ ଆଘାତ ପାଇବା ମୁହୂର୍ତ୍ତରୁ ମାଡ୍ରାସର ବିଶେଷଜ୍ଞ ସର୍ଜନ୍ ତଥା ରେଡ଼ିଓଲୋଜିଷ୍ଟ୍‌ଙ୍କର

ଚାଲିଯିବା ପର୍ଯ୍ୟନ୍ତ ସେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସ୍ଥିର ଓ ଅବିଚଳିତ ରହିଥିଲେ ଯେମିତି ତାଙ୍କର କିଛି ବି ହୋଇନି । ତାଙ୍କର ଶାରୀରିକ ଅବସ୍ଥା ସମ୍ବନ୍ଧରେ କୌଣସି ପ୍ରଶ୍ନ ନାହିଁ, ଟିକିଏ ବି ଉତ୍କଣ୍ଠା-ଉଦ୍‌ବେଗ ନାହିଁ, କୌଣସି ପ୍ରକାର ଅଭିଯୋଗ ବା ଅସନ୍ତୋଷ ବି ନାହିଁ, ଡାକ୍ତରଙ୍କ ନିର୍ଦ୍ଦେଶ ବା ଉପଦେଶକୁ ନୀରବରେ, ଅବିଚଳିତ ଭାବରେ ଗ୍ରହଣ କରି ନେବାରେ ବି କୌଣସି ପ୍ରଶ୍ନ ନାହିଁ । ତାଙ୍କର ଏହି ଧରଣର ଆନୁଗତ୍ୟ ଦେଖି ଡଃ ରାଓ ପରବର୍ତ୍ତୀ କାଳରେ ଯଥାର୍ଥ ମନ୍ତବ୍ୟଟିଏ ଦେଇଥିଲେ ଯେ ଶ୍ରୀଅରବିନ୍ଦ ଥିଲେ ଜଣେ ଆଦର୍ଶ ସ୍ଥାନୀୟ ଚିକିତ୍ସାଧୀନ ବ୍ୟକ୍ତି (Sri Aurobindo was an ideal patient) ।...

''ଠିକ୍ ଏହାର ପରଦିନ ଘଟଣା । ଶ୍ରୀଅରବିନ୍ଦ ତାଙ୍କର ଶଯ୍ୟାରେ ସ୍ଥିର ଭାବରେ ଶାୟିତ ଥିଲେ । ଶ୍ରୀମା ପ୍ରକୋଷ୍ଠ ଭିତରକୁ ପ୍ରବେଶ କରି ଉପସ୍ଥିତ ଡଃ ମଣିଲାଲଙ୍କୁ ଶ୍ରୀଅରବିନ୍ଦଙ୍କର ଅସ୍ଥିଭଙ୍ଗର ପ୍ରକାର-ଭେଦ ସମ୍ବନ୍ଧରେ ତାଙ୍କର ଧାରଣା କ'ଣ ପଚାରିଲେ । ଡାକ୍ତର ବୋଧହୁଏ ଇଚ୍ଛା କରି କିଛିଟା ଦ୍ୱିଧାଭାବ ସହ ଛଳନାପୂର୍ଣ୍ଣ ଉତ୍ତର ଦେଲେ ଅଥବା ସେ ନିଜେ ଏହି ସମସ୍ୟାଟିକୁ ସେତେଟା ଗୁରୁତର ବୋଲି ବିବେଚନା କରି ନଥିଲେ । ତତ୍‌କ୍ଷଣାତ୍ ଶ୍ରୀମା କ୍ରୋଧରେ ଫାଟିପଡ଼ିଲେ, ତାଙ୍କ ତୁଣ୍ଡରୁ ଉଚ୍ଚାରିତ ହେଲା, 'କଥାଟିକୁ ଲୁଚାଅ ନାହିଁ ! ଆମେ ସତ କଥାଟି ଜାଣୁ ।' (Don't hide it ! We know the truth.) – ଶ୍ରୀମା'ଙ୍କର ମହାକାଳୀ ରୂପ ! ଇତିପୂର୍ବରୁ ମୁଁ ଶ୍ରୀମା'ଙ୍କର ଏମିତି ଭୟଙ୍କରୀ ରୂପ କେବେ ବି ଦେଖି ନଥିଲି, ଏ ସମ୍ବନ୍ଧରେ ବିନ୍ଦୁ-ବିସର୍ଗ ବି ଜାଣି ନଥିଲି ! ଉପସ୍ଥିତ ଆମେ ସମସ୍ତେ ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲୁ ଯେ ଭୟମିଶ୍ରିତ ବିସ୍ମୟାଭୂତ ଅବସ୍ଥାରେ ଆମର ହୃତ୍‌ପିଣ୍ଡ ବନ୍ଦ ହୋଇଯିବ କି ! ଏହାପରେ ମୁଁ ମଧ୍ୟ ଆଉ ଗୋଟିଏ ବିରଳ ଦୃଶ୍ୟ ଦେଖିଲି ଯାହାକି ସେଇ ମୁହୂର୍ତ୍ତରୁହିଁ ମୋ ଅନ୍ତରରେ ଚିରକାଳ ସକାଶେ ଅବିସ୍ମରଣୀୟ ହୋଇ ରହିଗଲା । ଶ୍ରୀଅରବିନ୍ଦଙ୍କ ଶଯ୍ୟା ପାର୍ଶ୍ୱରେ ଚଟାଣରେ ଶ୍ରୀମା ଲମ୍ବ ହୋଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କଲେ ଏବଂ ମୋର ଦୃଢ଼ ବିଶ୍ୱାସ ('ଯାହାଙ୍କ ବିନା ତାଙ୍କର ଅସ୍ତିତ୍ୱ ନାହିଁ') ତାଙ୍କର ସେଇ ପରମ ପ୍ରଭୁଙ୍କୁ ସେ ପ୍ରାର୍ଥନା ଜଣାଇଲେ । ଶ୍ରୀଅରବିନ୍ଦଙ୍କୁ ଶ୍ରୀମା'ଙ୍କର ଏପରି ବିନୀତ ଭାବରେ ଗଭୀର ଆନ୍ତରିକତାଭରା ନୀରବ ପ୍ରାର୍ଥନା ଜଣାଇବାର ଭାବଭଙ୍ଗୀରୁ ମୁଁ ତତ୍‌କ୍ଷଣାତ୍ ସମସ୍ୟାଟିର ଗୁରୁତ୍ୱ ସମ୍ବନ୍ଧେ ବେଶ୍ ହୃଦୟଙ୍ଗମ କରିପାରିଲି । ତଥାପି ଏହି ମୁହୂର୍ତ୍ତ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦଙ୍କର ଗୁରୁତର ସମସ୍ୟାଟି ସମ୍ବନ୍ଧେ ଶ୍ରୀମା ଘୁଣାକ୍ଷରରେ କିଛି ବି ସୂଚାଇ ନଥିଲେ । ପକ୍ଷାନ୍ତରରେ ସ୍ଥିର ଓ ଭାବଗମ୍ଭୀରତାର ପ୍ରତିଭୂ ଶ୍ରୀଅରବିନ୍ଦ ('ଯାହାଙ୍କ ବିନା ସେ ଅନଭିବ୍ୟକ୍ତ') ତାଙ୍କର ସେଇ ନୀରବ ପ୍ରାର୍ଥନା ଶୁଣିଲେ ।

''ଆମେ ପରିଚର୍ଯ୍ୟାକାରୀବୃନ୍ଦ ବ୍ୟକ୍ତିଗତ ଭାବରେ ନିଜ ନିଜର ଅପେକ୍ଷାକୃତ ଅଧିକ ପସନ୍ଦ ମୁତାବକ ତାଙ୍କର ସେବା କରିବାର ସମୟ ବାଣ୍ଟିନେଲୁ ।... ଇତିପୂର୍ବରୁ ଯାହାଙ୍କର ଏକମାତ୍ର ସଙ୍ଗୀ, ସହଚର ଥିଲେ ଶ୍ରୀମା ଏବଂ ଏକମାତ୍ର ପରିଚାରକ ଥିଲେ ଚମ୍ପକଲାଲ, ଏବେ ତାଙ୍କର ଏହି ପବିତ୍ର ଗର୍ଭଗୃହକୁ ଅନ୍ୟମାନଙ୍କ (ଅର୍ଥାତ୍ ଆମମାନଙ୍କର)ର ପ୍ରବେଶ କରିବାର ଅପୂର୍ବ ସୌଭାଗ୍ୟ ପ୍ରାପ୍ତ ହେଲା । ପରିସ୍ଥିତିସବୁ ତାଙ୍କର ଏକାନ୍ତ ବିଜନତାର ପ୍ରତିରୋଧକ ଘେରଟିକୁ ବିଲୀନ କରିଦେଲା ଏବଂ ଅପରିହାର୍ଯ୍ୟ ଭାବରେ ତାଙ୍କର ଏକ ଅଭିନବ ଶୈଳୀରେ ଜୀବନଧାରାର ସୂତ୍ରପାତ ହେଲା ।...

''ଯେତେବେଳେ ଶ୍ରୀଅରବିନ୍ଦ କ୍ରମଶଃ ନୂତନ ପରିସ୍ଥିତି ଏବଂ ପାରିପାର୍ଶ୍ୱିକ ନୂତନ ବ୍ୟବସ୍ଥାରେ ସଚେତନ ହୋଇ ଉଠିଲେ ସେତେବେଳେ ପରିଚର୍ଯ୍ୟାବୃନ୍ଦଙ୍କ ସହିତ ତାଙ୍କର ଅପରିଚିତ ରହିଥିବାର ଭାବଟିର ମଧ୍ୟ ଅନ୍ତର୍ହିତ ହେଲା । ତେଣୁ ସ୍ୱଭାବତଃ ତାଙ୍କ ପ୍ରତି ଆମମାନଙ୍କର ଭକ୍ତି ଓ ଭୟମିଶ୍ରିତ ସମ୍ମାନବୋଧ ମଧ୍ୟ କ୍ରମଶଃ ଉଭେଇ ଯିବାକୁ ଲାଗିଲା ।... ଆମମାନଙ୍କ ଭିତରୁ କେହି ଜଣେ ହେଲେ ବି ତାଙ୍କର ଦିବ୍ୟ ଉପସ୍ଥିତିରୁ ମୁହୂର୍ତ୍ତ ମାତ୍ର ଅପସରି ଯିବାକୁ ଚାହୁଁ ନଥିଲୁ, ଏପରିକି ନିଜର ଭୋଜନ ଗ୍ରହଣ ସକାଶେ ବି ନୁହେଁ; କହିବା ବାହୁଲ୍ୟ ଯେ ଯଦିଓ ଆମମାନଙ୍କର ବେଶୀ କିଛି କରିବାର ନଥିଲା ।... ଶ୍ରୀଅରବିନ୍ଦ ଏଭଳି ଏକ ଅନଭ୍ୟସ୍ତ ସ୍ଥିତିରେ ଅନବରତ ଶୋଇ ରହିବା ହେତୁ ନିଶ୍ଚୟ ତାଙ୍କର ଯନ୍ତ୍ରଣା ଓ ଅସୁବିଧା ହେଉଥିବ, – ସେ କିନ୍ତୁ କ୍ୱଚିତ୍ କାହାକୁ ବିଚଳିତ କରାଉ ଥିଲେ ଅଥବା ସହାୟତା ପାଇଁ ଡାକୁଥିଲେ । କେବଳ ଥରେ, ମୋର ବେଶ୍ ସ୍ମରଣରେ ଅଛି, ତାଙ୍କର ଅନବରତ ଶାରୀରିକ ପୀଡ଼ା ହେଉଥିବାରୁ ରାତିରେ ଡାକ୍ତରଙ୍କୁ ତୁରନ୍ତ ଡାକିବାକୁ ହୋଇଥିଲା । ଗୁରୁଙ୍କର ଆମମାନଙ୍କ ସହିତ କ୍ରମବର୍ଦ୍ଧିଷ୍ଣୁ ଆଗ୍ରହୋଦ୍ଦୀପକ ମେଳାପୀ ଆଲୋଚନା ଫଳରେ ଆମର ଦିନଗୁଡ଼ିକ ଅଧିକରୁ ଅଧିକ ଗୋଲାପୀ ଆଭାରେ ଉଦ୍ଭାସିତ ହୋଇ ଉଠିଲା ।

''ଶ୍ରୀଅରବିନ୍ଦ ତାଙ୍କ ଶଯ୍ୟା ଉପରେ ଅଳ୍ପ ଆଉଜି ବସି ତାଙ୍କର ଭୋଜନ କରିବାର ସମସ୍ତ ବନ୍ଦୋବସ୍ତ ଶ୍ରୀମା କରି

ଦେଇଥିଲେ । ଶ୍ରୀମା'ଙ୍କର ଏକ ଚକଲଗା ଟେବୁଲ ଥିଲା । ସେ ସେଇଟିକୁ ବ୍ୟବହାର କରି ଭୋଜନ ସାମଗ୍ରୀ ସମେତ ନିଜେ ଶ୍ରୀଅରବିନ୍ଦଙ୍କ ସାମନାରେ ରଖୁଥିଲେ ଏବଂ ତାଙ୍କୁ ପରିବେଷଣ କରୁଥିଲେ ।...

''ଶ୍ରୀଅରବିନ୍ଦଙ୍କର ପ୍ରାତଃଭୋଜନ ଖୁବ୍ ଶୀଘ୍ର ବନ୍ଦ ହୋଇଗଲା, ଯେହେତୁ ସକାଳୁ ସକାଳୁ ସେ କ୍ଷୁଧାର୍ତ୍ତ ନଥିଲେ ।... ମୋଟ ଉପରେ କହିବାକୁ ଗଲେ ଶ୍ରୀଅରବିନ୍ଦଙ୍କର ଖାଇବା, ପିଇବା ସମ୍ବନ୍ଧରେ ସମସ୍ୟାର ସମାଧାନ ସହଜରେ ହୋଇ ଉଠିଲା । ପରବର୍ତ୍ତୀ ସମସ୍ୟାଟି ଥିଲା ତାଙ୍କୁ ସ୍ନାନ କରାଇବା ।... ଡଃ ମଣିଲାଲ ଗୁରୁଦେବଙ୍କର ଦିବ୍ୟ ଶରୀରକୁ ସ୍ପର୍ଶ କରି ଅତି ଯତ୍ନର ସହିତ ସାବୁନ ଓ ପାଉଡ଼ର ବ୍ୟବହାର କରି ମାନବୋଚିତ ଭାବରେ ପରିଷ୍କାର-ପରିଚ୍ଛନ୍ନ କରି ଦେବାର ଅତୁଳନୀୟ ସୁଯୋଗ ଲାଭ କରିଥିଲେ ।...

''ଅନ୍ୟ ଏକ ବିଷୟରେ ଡାକ୍ତରୀ ମନୋଯୋଗ ଆକର୍ଷଣ କରିବାର ଥିଲା । ସେଇଟି ଥିଲା ଗୁରୁଦେବଙ୍କର ଭୋଜନ ପରିପାକ-କ୍ରିୟାକୁ ଯଥାରୀତି କ୍ରିୟାଶୀଳ କରାଇବା । ସବୁବେଳେ ଚିତ୍ ହୋଇ ଶୋଇ ରହୁଥିବାରୁ ତାଙ୍କର ପାକଯନ୍ତ୍ରର ସ୍ୱାଭାବିକ କ୍ରିୟା ସବୁରେ ବିଶୃଙ୍ଖଳା ସୃଷ୍ଟି ହେବା ସ୍ୱାଭାବିକ ଥିଲା । ତେଣୁ ଚିକିତ୍ସା ବିଜ୍ଞାନର ବିଭିନ୍ନ ପ୍ରକାର ଔଷଧର ନାମୋଲ୍ଲେଖ କରି ସେସବୁକୁ ବ୍ୟବହାର କରିବାକୁ ତାଙ୍କୁ ପ୍ରସ୍ତାବ ଦିଆଗଲା । ଶ୍ରୀଅରବିନ୍ଦ ଆମକୁ ସରଳ ଭାବରେ ବୁଝାଇ ଦେଲେ ଯେ ସେ ବର୍ଷ ବର୍ଷ ଧରି ନିଜର ଶାରୀରିକ ସମସ୍ୟା ଉପୁଜିଲେ ଚିକିତ୍ସା ବିଜ୍ଞାନର କୌଣସି ଆନୁଷଙ୍ଗିକ ବା ସାହାଯ୍ୟକାରୀ ପଥ୍ୟ ସେବନ କରିବାରେ ଅଭ୍ୟସ୍ତ ନୁହଁନ୍ତି । ସେ ତାଙ୍କର ଆଧ୍ୟାତ୍ମିକ ଶକ୍ତି ପ୍ରୟୋଗ କରି ସମସ୍ତ ଶାରୀରିକ ଅସୁସ୍ଥତାରୁ ଆରୋଗ୍ୟ ଲାଭ କରି ଆସିଛନ୍ତି । ଆମେ ଯୁକ୍ତି ବାଢ଼ିଲୁ ଯେ ଉପସ୍ଥିତ ପରିସ୍ଥିତିରେ 'ତ୍ରିଫଳା' ଚୂର୍ଣ୍ଣ ବ୍ୟବହାର କରିପାରନ୍ତି; ଏହାକୁ ତ କୌଣସି ଔଷଧ ବୋଲି କୁହାଯିବ ନାହିଁ, ଏହା ତ ତିନୋଟି ଫଳର ମିଶ୍ରଣରେ ପ୍ରସ୍ତୁତ ହୋଇଛି । ଆମର ଯୁକ୍ତିଟି ଅକାମୀ ହେବାରୁ ଆମେ ତାଙ୍କୁ ପଚାରିଲୁ, 'ତେବେ ଆପଣ କାହିଁକି ଆପଣଙ୍କର ଯୋଗଶକ୍ତି ପ୍ରୟୋଗ କରୁ ନାହାଁନ୍ତି ?' ଉତ୍ତରରେ ସେ କହିଲେ, 'ହଁ, ଠିକ୍ କଥା; ମୁଁ ଯେ ଯୋଗଶକ୍ତି ପ୍ରୟୋଗ କରୁ ନାହିଁ, ସେକଥା ନୁହେଁ, କିନ୍ତୁ ଏଇ ଧରଣର ଶାରୀରିକ ସ୍ଥିତିରେ ଯୋଗଶକ୍ତିକୁ ଗ୍ରହଣ କରିବା ନିମିତ୍ତ ଶରୀର ଅଭ୍ୟସ୍ତ ନୁହେଁ ।' ତା'ପରେ ସେ ସ୍ମିତହାସ୍ୟରେ କହିଲେ, 'ଏପରି ଅବସ୍ଥା ହେଉଛି ଏକ ତାମସିକ ଅବସ୍ଥା ଏବଂ ମୁଁ ବି ଯୋଗଶକ୍ତି ପ୍ରୟୋଗ କରିବାରେ ବେଶ୍ ଅଳସୁଆ ହୋଇ ଉଠିଛି ।' ତାଙ୍କର ଏହି ସରଳ ଅମାୟିକ ସ୍ୱୀକାରୋକ୍ତି ଶୁଣି ଆମେ ସମସ୍ତେ ହସି ଉଠିଲୁ । ଯାହାହେଉ, ଖୁବ୍ ଶୀଘ୍ର ତାଙ୍କ ଶରୀର ପ୍ରତ୍ୟୁତ୍ତର ଦେବାରେ ଅଭ୍ୟସ୍ତ ହୋଇ ଉଠିଲା ଏବଂ ଉପରୋକ୍ତ ସମସ୍ୟାରେ ଆଉ ବିଶେଷ କିଛି ଅସୁବିଧା ଘଟିନି । ଅବଶ୍ୟ ମଝିରେ ମଝିରେ ଆକସ୍ମିକ ଭାବରେ ମାତ୍ରାଧିକ୍ୟ ବ୍ୟତିକ୍ରମ ଘଟୁଥିଲା ଏବଂ ଏପରି ଅବସ୍ଥା ଉପୁଜିଲେ ସେ ପ୍ରାୟ କହି ଉଠୁଥିଲେ – ଏହା ହେଉଛି ସେଇ ଅତି ବେଶୀ ବା ଖୁବ୍ କମ୍ ସାହାଯ୍ୟ କରିବାର କାହାଣୀ ସଦୃଶ । ଆମେମାନେ ଯେତେବେଳେ ତାଙ୍କର ଏହି ପରୋକ୍ଷୋକ୍ତିଟିକୁ ବୁଝିବାରେ ଅକ୍ଷମ ହୋଇ ଉଠିଲୁ, ସେ ସେଇ କାହାଣୀଟିକୁ ଆମକୁ ବିଶଦ ଭାବରେ ବୁଝାଇ ଦେଲେ । ଗଳ୍ପଟି ଥିଲା ଏହିପରି : 'ବୋର୍ ଯୁଦ୍ଧ (Boar War) ସମୟରେ ଦୁଇ ଜଣ ସୈନ୍ୟ ଘୋଡ଼ା ଚଢ଼ି ଜୀବନ ରକ୍ଷା ସକାଶେ ଦ୍ରୁତ ଗତିରେ ପଳାଉଥିଲେ । ଦୁହିଁଙ୍କ ଭିତରୁ ଜଣେ ଥିଲା ଗେଡ଼ା ଓ ମୋଟା । ହଠାତ୍ ସେ ଘୋଡ଼ା ପିଠିରୁ ଖସି ପଡ଼ିଲା । ପଶ୍ଚାତରେ ଘୋଡ଼ା ଚଢ଼ି ଶତ୍ରୁମାନେ ତୀର ବେଗରେ ତା' ଆଡ଼କୁ ଛୁଟି ଆସୁଥିଲେ । ସେ ଅନନ୍ୟୋପାୟ ହୋଇ ବାରଂବାର ଘୋଡ଼ା ଉପରକୁ ଲମ୍ଫ ଦେବାରେ ଅକୃତକାର୍ଯ୍ୟ ହେଉଥାଏ । ଶତ୍ରୁମାନେ ନିକଟରୁ ନିକଟତର ହୋଇ ଆସୁଥିଲେ । ଏହି ବିଷମ ପରିସ୍ଥିତିରେ ପଡ଼ି ସେ ଭଗବାନଙ୍କୁ ପ୍ରାର୍ଥନା ଜଣାଇଲା, 'ହେ ଈଶ୍ୱର, ମୋ ଘୋଡ଼ାର ଜିନ୍ ଉପରକୁ ଲମ୍ଫ ଦେବାରେ ମୋତେ ସାହାଯ୍ୟ କର !' ତା'ପରେ ଭକ୍ତିଭରେ ଅଦମ୍ୟ ପ୍ରାଣଶକ୍ତି ଖଟାଇ ସେ ଘୋଡ଼ା ଉପରକୁ ଲମ୍ଫ ଦେଲା ଏବଂ ଜିନ୍‌ର ବେଶ୍ ଊର୍ଦ୍ଧ୍ୱକୁ ଉତ୍କ୍ଷିପ୍ତ ହୋଇ ଉଠି ଯାଇ ଘୋଡ଼ାର ଅପରପାର୍ଶ୍ୱରେ ଯାଇ ତଳେ କଚାଡ଼ି ପଡ଼ିଲା । ଇତିମଧ୍ୟରେ ତୁରନ୍ତ ଶତ୍ରୁମାନେ ତାକୁ କାବୁ କରିନେଲେ । ତା'ପରେ ସେ ଛାଟିପିଟି ହୋଇ ଚିତ୍କାର କରି କହି ଉଠିଲା, 'ଈଶ୍ୱର, ତୁମେ ମୋତେ ଅତି ବେଶୀ ସାହାଯ୍ୟ କରି ପକାଇଲ !' ଶ୍ରୀଅରବିନ୍ଦଙ୍କର ଶ୍ରୀତୁଣ୍ଡରୁ ସହାସ୍ୟରେ ଏହି କାହାଣୀଟି ଶ୍ରବଣ କରିବା ପରଠୁ ଆମମାନଙ୍କ ଗହଣରେ ଏହିଟି ଏକ ସୁବିଦିତ କୌତୁକ ହୋଇ ଉଠିଥିଲା ।''

('Twelve years with Sri Aurobindo' : pp. 8 - 12)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ଜିଜ୍ଞାସା ଓ ଆଲୋକପାତ

## (୨)

## ରାମକୃଷ୍ଣ ଦାସ

***ପ୍ରଶ୍ନ :*** *ଅହଂର ସ୍ୱରୂପ ତଥା ତା'ର କର୍ମକୁ ଆମ୍ଭେମାନେ ସହଜରେ କିପରି ଚିହ୍ନି ପାରିବୁ – ସ୍ପଷ୍ଟଭାବେ ବୁଝାଇ ଦିଅନ୍ତୁ ।*

**ଉତ୍ତର :** ଆତ୍ମାକୁ ନଜାଣି, ଆତ୍ମ-ଉପଲବ୍ଧି ନକରି, ମନ, ପ୍ରାଣ ବିଶିଷ୍ଟ ଶରୀରକୁ 'ମୁଁ' ବା 'ମୁଁ ଜଣେ ବ୍ୟକ୍ତି' ଧାରଣା କରିବାହିଁ 'ଅହଂ' । ମନ-ପ୍ରାଣ-ଶରୀର ନାଶବାନ୍ ତଥା ଅଜ୍ଞାନ । ଆତ୍ମାର ଜ୍ଞାନ ଆନନ୍ଦ-ସ୍ୱରୂପ ତଥା ସତ୍ୟ । ଆତ୍ମାର କେବେ ବି ନାଶ ହୁଏ ନାହିଁ । ଯଥାର୍ଥରେ ବ୍ୟକ୍ତି ହେଉଛି ଆତ୍ମା । ଆତ୍ମାହିଁ କେବଳ ମନ-ପ୍ରାଣ-ଶରୀରକୁ ଧାରଣ କରିଥାଏ । ଯେପର୍ଯ୍ୟନ୍ତ ଆତ୍ମ-ଧର୍ମରେ ମନ-ପ୍ରାଣ-ଶରୀର ରୂପାନ୍ତର ନ ହୁଅନ୍ତି ସେପର୍ଯ୍ୟନ୍ତ ଆତ୍ମା ସହିତ ସ୍ଥାୟୀ ହୋଇ ରହି ପାରନ୍ତି ନାହିଁ । ପ୍ରତି ଜନ୍ମରେ ମନ-ପ୍ରାଣ-ଶରୀର ବିଶ୍ୱତତ୍ତ୍ୱ ସହିତ ମିଶ୍ରିତ ହେଉ ଥାଆନ୍ତି । ବ୍ୟକ୍ତି ଅଜ୍ଞାନ କବଳରେ ଥିବା ଯୋଗୁଁ ଆତ୍ମାକୁ ନଜାଣି ନାଶବାନ୍ ମନ-ପ୍ରାଣ-ଶରୀରକୁ 'ବ୍ୟକ୍ତି' ବା 'ମୁଁ' କହେ ।

ସ୍ୱାର୍ଥ, ହିଂସା, ଈର୍ଷା, ବିରୋଧ, କାମନା-ବାସନା ପ୍ରେରିତ ସକଳ କର୍ମ ଅହଂର । କାମ, କ୍ରୋଧ, ମୋହ, ଲୋଭ, ମଦ, ମତ୍ସର ଆଦି ଦୁର୍ଗୁଣକୁ ପ୍ରାୟ ସକଳ ବ୍ୟକ୍ତି ଚିହ୍ନନ୍ତି ଏବଂ ଜାଣି ପାରନ୍ତି । କିନ୍ତୁ ଏସବୁର ପଶ୍ଚାତରେ ଥିବା ପ୍ରେରକ ଅହଂକୁ ଚିହ୍ନିବା ବହୁତ କଠିନ ହୁଏ । ଏପରିକି ବହୁତ ବଡ଼ ବଡ଼ ବୁଦ୍ଧିପ୍ରଧାନ ବ୍ୟକ୍ତି, ରାଜନେତା, ଆଇନଜ୍ଞ, ବୈଜ୍ଞାନିକ, ବ୍ୟବସାୟୀଙ୍କ ପକ୍ଷରେ ବି ଅହଂକୁ ଜାଣିବା ତଥା ତା' କାର୍ଯ୍ୟକୁ ବୁଝିବା କଠିନ ହୁଏ । ଏସବୁକୁ ଜାଣି ହୁଏ, ଚିହ୍ନି ହୁଏ ଆତ୍ମାର ପ୍ରଭାବ ମନ-ବୁଦ୍ଧିରେ ପଡ଼ିଲେ ।

ବ୍ୟକ୍ତି କହେ, ''ମୁଁ ସତ୍ୟ କହେ ଏବଂ ମୁହେଁ ମୁହେଁ ଠୋକଠୋକ ଜବାବ ଦିଏ । ଆଗରେ ଗୋଟାଏ କଥା, ପଛରେ ଗୋଟାଏ କଥା ମୁଁ ଜାଣେ ନାହିଁ । ଏଥିରେ କେହି ସନ୍ତୁଷ୍ଟ ହୁଅନ୍ତୁ ବା ଅସନ୍ତୁଷ୍ଟ ହୁଅନ୍ତୁ ମୁଁ ପରୁଆ କରେ ନାହିଁ ।'' ଏହି କର୍ମରେ ସେ ନିଜକୁ ଗୌରବାନ୍ୱିତ ମନେ କରେ ଏବଂ ଜଣେ ସ୍ପଷ୍ଟବାଦୀ ବୋଲି ପରିଚୟ ଦେଇ ଗର୍ବ ଅନୁଭବ କରେ । ଏହା ସ୍ପଷ୍ଟ ଏବଂ ନିର୍ବିବାଦ ରୂପେ ଅହଂର ପ୍ରକାଶ । କାରଣ ଏହି ସ୍ପଷ୍ଟ ଭାଷଣର ପଶ୍ଚାତରେ ଥାଏ ଗର୍ବ, ପ୍ରତିହିଂସା, ରାଗ ଏବଂ ବିରୋଧ ।

***ପ୍ରଶ୍ନ :*** *ଜଣେ ଦୋଷ କରୁଛି । ତାକୁ ନ କହିଲେ ସେ ସଚେତ ହେବ ନାହିଁ । ସଚେତ ନହେଲେ ସେ ନିଜ ଦୋଷରୁ ମୁକ୍ତ ହେବ ନାହିଁ । ତା'ର ଦୋଷ ସମ୍ବନ୍ଧେ ତାକୁ ସଚେତ କରାଇ ଦେବା କାହିଁକି 'ଅହଂ' ହେବ ?*

**ଉତ୍ତର :** ଅହଂ ଏହି ସକାଶେ ହେବ ନିଜେ ନିଜର ଅହଂ ସମ୍ବନ୍ଧେ ସଚେତ ନହୋଇ ତା'ରି ପ୍ରେରଣାରେ ଅନ୍ୟର ଦୋଷ ସମ୍ବନ୍ଧେ ତାଙ୍କୁ ସଚେତ କରାଇବାକୁ ଚେଷ୍ଟା କରିବା ଯୋଗୁଁ ।

ନିଜେ ନିଜ ଅହଂ ସମ୍ବନ୍ଧେ ସଚେତ ନହୋଇ ରାଗ, ଈର୍ଷା, ବିରୋଧ ଏବଂ ପ୍ରତିହିଂସାର ବଶବର୍ତ୍ତୀ ହୋଇ ଅନ୍ୟକୁ ସଚେତ କରାଇବାକୁ ଗଲେ ବିରୋଧ, ହିଂସା, ଈର୍ଷା ବଢ଼େ ତଥା କଳହ ହୁଏ । ଏହା ଦ୍ୱାରା ସେ ବ୍ୟକ୍ତି ନିଜ ଦୋଷ ସମ୍ବନ୍ଧେ ସଚେତନ ହେବା ଦୂରେ ଥାଉ ପ୍ରତିବାଦ କରେ । ଏଥିରେ ବିରୋଧୀ ଶକ୍ତିର ବଳ ବଢ଼େ । ସେମାନଙ୍କ ଆକ୍ରମଣ ସକାଶେ ଉଭୟ ବ୍ୟକ୍ତିଙ୍କ ଦ୍ୱାର ପୂର୍ବାପେକ୍ଷା ଅଧିକ ଉନ୍ମୁକ୍ତ ହୁଏ ତଥା ଉଭୟ ବ୍ୟକ୍ତିଙ୍କ ସାଧନା ବାଧାପ୍ରାପ୍ତ ହୁଏ । ଯଥାର୍ଥରେ ସେ ଦୁଇ ବ୍ୟକ୍ତିଙ୍କର ହିତ ନହୋଇ ଉଭୟଙ୍କର ହାନି ହୁଏ ଏବଂ ବାତାବରଣ ଦୂଷିତ ହୁଏ ତଥା ଏହାର କୁପ୍ରଭାବ ଅନ୍ୟ ଉପରେ ପଡ଼େ ।

ପ୍ରଥମରେ ନିଜର ଅହଂକୁ ଚିହ୍ନିବା ଏବଂ ତା'ର କ୍ରିୟା – ଗର୍ବ, ରାଗ, ଈର୍ଷା, ବିରୋଧ, ହିଂସା, ଦ୍ୱେଷକୁ ପରିବର୍ତ୍ତନ କରିବା କିଂବା ସେସବୁକୁ କ୍ରିୟା କରିବାକୁ ଦେବା ନାହିଁ । ଏହିପରି ଅବସ୍ଥାରେ ଯଦି ଆମ୍ଭେମାନେ ଅନ୍ୟର ଦୋଷ ଦେଖୁ ତଥା ଦୋଷ କରିବା ବ୍ୟକ୍ତି ଯଦି ଆମ୍ଭମାନଙ୍କ କଥା ବିଶ୍ୱାସ କରନ୍ତି ଏବଂ ଶାନ୍ତ ଅବସ୍ଥାରେ ଥାଆନ୍ତି ତେବେ ସେ ବ୍ୟକ୍ତିଙ୍କ ହିତ ଏବଂ ମଙ୍ଗଳ ଭାବନା ରଖି ସରଳ, ନିଷ୍କପଟ ଭାବରେ ତାଙ୍କୁ କହି ପାରିବା । ତେବେ ସେ ନିଜ ଦୋଷ ବୁଝି ପାରିବେ ଏବଂ

ପରିବର୍ତ୍ତନ କରିବାକୁ ଚେଷ୍ଟା କରିବେ । ଏହିପରି ଅବସ୍ଥାରେ ଆମ ଅହଂର ପ୍ରେରଣା ନଥାଏ, ଥାଏ ଅନ୍ତରାତ୍ମାର ।

ଏହି ଯୋଗ ବ୍ୟକ୍ତିଗତ ନୁହେଁ, ସାମୂହିକ । ଅନ୍ୟର ପ୍ରକୃତି ରୂପାନ୍ତର ଦ୍ୱାରା ନିଜର ସାଧନାରେ ତଥା ବିଶ୍ୱରେ ମା'ଙ୍କ ରୂପାନ୍ତର-କ୍ରିୟାରେ ସାହାଯ୍ୟ ମିଳେ । ସେ ସକାଶେ ଈର୍ଷାର ବଶବର୍ତ୍ତୀ ହୋଇ ଅନ୍ୟ ସଙ୍ଗେ ବିରୋଧ କରିବାରେ ନିଜ ସାଧନା ତଥା ଅନ୍ୟର ସାଧନାରେ ତଥା ମା'ଙ୍କ କାର୍ଯ୍ୟରେ ବାଧା ସୃଷ୍ଟି ହୁଏ ।

**ପ୍ରଶ୍ନ :** *ପଣ୍ଡିଚେରୀ ଆଶ୍ରମ ଛଡ଼ା ବାହାରେ କୌଣସି ଆଶ୍ରମରେ ବ୍ୟବସ୍ଥାପକ ଯଦି ଠିକ୍ ବ୍ୟବସ୍ଥା ନ କରନ୍ତି ଅଥବା ଆଶ୍ରମ ମେମ୍ବରମାନଙ୍କୁ ଯେଉଁ କାର୍ଯ୍ୟ କରିବା ସକାଶେ କହନ୍ତି ତାହା ଯଦି ଠିକ୍ ନ ହୋଇଥାଏ ଅଥବା ସେପରି କଲେ କାର୍ଯ୍ୟରେ ଅସୁବିଧା ହୁଏ, ଏପରି ସ୍ଥଳେ ବ୍ୟବସ୍ଥାପକଙ୍କ ନିର୍ଦ୍ଦେଶ ମାନିବା ଉଚିତ ନା ନ ମାନିବା ଉଚିତ ?*

**ଉତ୍ତର :** ଶୃଙ୍ଖଳା ଦୃଷ୍ଟିରୁ ପ୍ରତିବାଦ ନକରି ସେ ସମୟରେ ବ୍ୟବସ୍ଥାପକଙ୍କ ବ୍ୟବସ୍ଥାକୁ ମାନି ନେବା ଉଚିତ । ସଙ୍ଗେ ସଙ୍ଗେ ପ୍ରତିବାଦ କଲେ ପରସ୍ପର ମଧ୍ୟରେ ରାଗ ଏବଂ ଈର୍ଷା ବଢ଼ିବ, ବ୍ୟବସ୍ଥାରେ ବିଶୃଙ୍ଖଳା ହେବ, ବାତାବରଣ ଦୂଷିତ ହେବ । ଖରାପ ପ୍ରଭାବ ଅନ୍ୟ ସାଧକମାନଙ୍କ ଉପରେ ପଡ଼ିବ । ଏପରି କରିବା ଦ୍ୱାରା ନିଜ ସାଧନାକୁ ବ୍ୟାହତ କରିବା ସଙ୍ଗେ ସଙ୍ଗେ ଆଶ୍ରମ ତଥା ମା'ଙ୍କ କାର୍ଯ୍ୟରେ ବହୁତ ବାଧା ସୃଷ୍ଟି ହୁଏ ।

ସେସମୟରେ ବ୍ୟବସ୍ଥାପକଙ୍କ ବ୍ୟବସ୍ଥାକୁ ମାନି ନିଅ ଏବଂ କାର୍ଯ୍ୟ କର । ପରେ ବ୍ୟବସ୍ଥାପକ ବୁଝିବା ଅବସ୍ଥାରେ ଥିଲେ ଏକାନ୍ତରେ ସରଳ ସଦ୍ଭାବନାଯୁକ୍ତ ମନୋଭାବରେ ବୁଝାଇ ଦିଅ ଅଥବା ମା'ଙ୍କ ଉପରେ ନିର୍ଭର ରଖି ଅପେକ୍ଷା କର । ମା'ଙ୍କୁ ସ୍ମରଣ କର । କିଛି ଦିନ ପରେ ବ୍ୟବସ୍ଥାପକ ସ୍ୱୟଂ ବୁଝି ପାରିବେ । ତୁମର ସଦ୍ଭାବନା ସେ ହୃଦୟଙ୍ଗମ କଲେ ତୁମ ସହିତ ତୁମ କାର୍ଯ୍ୟ ବିଷୟରେ ପରାମର୍ଶ ଲୋଡ଼ିବେ । କାରଣ ଅତିମାନସ ଶକ୍ତି ସର୍ବତ୍ର କାର୍ଯ୍ୟ କରୁଅଛି । ଯେଉଁଠାରେ ସରଳ, ନିଷ୍କପଟ ବାତାବରଣ ଏବଂ ମନୋଭାବ ହେବ ସେଠାରେ ସେ ସାଧକକୁ ସଚେତ କରାଇ ଦେବ ।

**ପ୍ରଶ୍ନ :** *ବ୍ୟବସ୍ଥାପକ ଯଦି ସାଧକମାନଙ୍କ ପ୍ରତି ଭଲ ବ୍ୟବହାର ନ କରନ୍ତି ତେବେ ଆମକୁ କ'ଣ କରିବାକୁ ହେବ ?*

**ଉତ୍ତର :** ନିଜ ତରଫରୁ ତୁମେ ସର୍ବଦା ଭଲ ବ୍ୟବହାର କର । ଖରାପ ବ୍ୟବହାର ଉତ୍ତରରେ ଆନ୍ତରିକ ନିଷ୍କପଟ ଭାବେ ଭଲ ବ୍ୟବହାର କରିବା ଦ୍ୱାରା ତୁମର ସାଧନାରେ ବହୁତ ପ୍ରଗତି ହେବ ଏବଂ ମା'ଙ୍କ ଶକ୍ତି ଦ୍ୱାରା ତାଙ୍କର ବି ଶୀଘ୍ର ପରିବର୍ତ୍ତନ ହେବ ।

ତୁମେ ସାଧକ । ତୁମେ ଏହିପରି ଆଚରଣ କରିବା ଦ୍ୱାରା ତୁମର ଅହଂ କ୍ରମଶଃ ରୂପାନ୍ତର ହେବା ଦିଗରେ ଗତି କରିବ । ତୁମର ପ୍ରତିକୂଳ ଗୁଣଧର୍ମ ଦୁର୍ବଳ ହେବେ । ତୁମେ ସାଧନାରେ ଉନ୍ନତି କରି ପାରିବ । ଯେଉଁମାନେ ଅହଂ, ଗର୍ବର ଦାସତ୍ୱରୁ ମୁକ୍ତ ହୋଇ ଆନ୍ତରିକଭାବେ ନମ୍ରତା ଆଚରଣ କରନ୍ତି ସେହିମାନେ ଯଥାର୍ଥରେ ରୂପାନ୍ତରକାରିଣୀ ମାତୃଶକ୍ତି ପ୍ରତି ଉନ୍ମୁକ୍ତ ହେବାର ସୁଯୋଗର ସଦୁପଯୋଗ କରନ୍ତି । ମାତୃଶକ୍ତି ଅଧିକରୁ ଅଧିକ ତାଙ୍କ ଆଧାରରେ ରୂପାନ୍ତର କ୍ରିୟା କରେ । ସେମାନଙ୍କର ଅଧିକରୁ ଅଧିକ ସଦ୍‌ଗୁଣ ପ୍ରକାଶ ହୁଏ । ସେମାନେ ଯଥାର୍ଥରେ ମା'ଙ୍କ ଯନ୍ତ୍ର ହେବା ଦିଗରେ ଅଗ୍ରସର ହୁଅନ୍ତି । ଏଥିରେ ହୁଏ ମା'ଙ୍କ ରୂପାନ୍ତର କାର୍ଯ୍ୟରେ ଅଗ୍ରଗତି ।

ମା' କହିଛନ୍ତି, ''ମୋର ଯେଉଁ ସନ୍ତାନମାନେ ଖରାପ ବିଚାର କରନ୍ତି, ଖରାପ ଆଚରଣ କରନ୍ତି, ଖରାପ କାର୍ଯ୍ୟ କରନ୍ତି – ତା'ର ପରିଣାମସ୍ୱରୂପ ମୋର ଶରୀରରେ ଭୟଙ୍କର ଭାବେ ଆଘାତ ହୁଏ ।''

ରୂପାନ୍ତର-କ୍ରିୟା ଅତିମାନସ ଶକ୍ତି କରୁଅଛି । ଆମ୍ଭେ ଅନ୍ୟର ଦୋଷ ନଦେଖି ସାଧନା ମାର୍ଗରେ ଆଗେଇବାକୁ ଚେଷ୍ଟା କରିବା । ଅନ୍ୟର ସୁଧାର ହେବା ଅତିମାନସ ଶକ୍ତି ଉପରେ ଛାଡ଼ି ଦେବାହିଁ ଉତ୍ତମ ।

**ପ୍ରଶ୍ନ :** *କର୍ମମୟ ଜୀବନରେ ମା'ଙ୍କ ନାମ ସ୍ମରଣ ସକାଶେ ସମୟ ମିଳୁ ନାହିଁ । ତେଣୁ କାମ କମେଇ ଦେବା ଠିକ୍ ହେବ କି ?*

**ଉତ୍ତର :** ମା'ଙ୍କ ନାମ ସ୍ମରଣ ସକାଶେ କାମ କମେଇ ଦେବା ଆବଶ୍ୟକ ନୁହେଁ । ଦୃଢ଼ ସଂକଳ୍ପ ସହ ଅଭ୍ୟାସ କଲେ ଅଧିକ କାମରେ ସମୟ ଯିବା ସତ୍ତ୍ୱେ ବି ମା'ଙ୍କ ନାମ ସ୍ମରଣ ଚାଲିବ ।

**ପ୍ରଶ୍ନ :** *ମା'ଙ୍କ ନାମ ସ୍ମରଣ ସତ୍ତ୍ୱେ ବହୁତ କାମ କରିବା ଯୋଗୁଁ ଭୁଲ୍ କାର୍ଯ୍ୟ ବି କେବେ କେବେ ହୋଇ ଯାଉଛି । କାମ କମେଇ ଦେଇ ସାବଧାନ ହୋଇ ମା'ଙ୍କ ନାମ ସ୍ମରଣ କଲେ ଭୁଲ୍ କାର୍ଯ୍ୟ କମ୍ ହେବ ନାହିଁ କି ?*

**ଉତ୍ତର :** ନା, କାମ କମେଇ ଦେବା ଆଦୌ ଆବଶ୍ୟକ ନୁହେଁ । ଭୁଲ୍ କାର୍ଯ୍ୟ ନ କରିବା ସକାଶେ ମା'ଙ୍କ ଉପରେ ବିଶ୍ୱାସ ରଖି, ଦୃଢ଼ ସଂକଳ୍ପ କରି ସାବଧାନ ରହିଲେ ଭୁଲ୍ କାର୍ଯ୍ୟ ହେବ ନାହିଁ । କର୍ମ ତ' ସାଧନା । ତେଣୁ ଏହା କମେଇ ଦେବା ଆବଶ୍ୟକ ନୁହେଁ । ସମର୍ପଣ ଭାବରେ ଏହା କଲେ କର୍ମ କରିବାର ଶକ୍ତି ମା' ଦେବେ ।

**ପ୍ରଶ୍ନ :** *ଆନ୍ତର ପ୍ରେରଣାରେ କାର୍ଯ୍ୟ କଲେ ଭୁଲ୍ ହୁଏ ନାହିଁ । କିନ୍ତୁ ବହୁତ କାର୍ଯ୍ୟ ଥିଲେ ନୀରବରେ ବସି ହେବ ନାହିଁ । ଆନ୍ତର ପ୍ରେରଣା ମିଳିବ କିପରି ?*

**ଉତ୍ତର :** କାର୍ଯ୍ୟ କରିବା ସମୟରେ ଯଦି କୌଣସି ନୂତନ କାର୍ଯ୍ୟ ଆସେ, ଅତ୍ୟନ୍ତ ଜରୁରି ଥାଏ, ତେବେ କିଛି ସମୟ ନୀରବ ହୋଇ ଅପେକ୍ଷା କର । ପ୍ରେରଣା ମିଳିବ । ଏପରି ନୂତନ କାର୍ଯ୍ୟ କେବେ କେବେ ଆସେ । ଏପରି ନୂତନ କାର୍ଯ୍ୟ ଆସିଲେ ଅନ୍ତରରୁ ଜାଣିବା ସକାଶେ ତୀବ୍ର ଅଭୀପ୍ସା କର ଏବଂ ଅପେକ୍ଷା କର ।

**ପ୍ରଶ୍ନ :** *ଯଦି ଅନ୍ତରରୁ ପ୍ରେରଣା ନମିଳେ ଅଥବା ଏପରି ଅଭ୍ୟାସ ହୋଇ ନଥାଏ ତେବେ କ'ଣ ଅନ୍ୟ ଗୁରୁ କରି ତାଙ୍କୁ ଖୋଲାଖୋଲି କହି ତାଙ୍କରି ଠାରୁ ପ୍ରେରଣା ନେବାକୁ ହେବ ?*

*ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣରେ ନିଜକୁ ଉତ୍ସର୍ଗ କରିବା ସକାଶେ କ'ଣ ସ୍ଥୂଳ ଗୁରୁଙ୍କ ଆବଶ୍ୟକତା ରହିଛି ?*

**ଉତ୍ତର :** କଦାପି ନୁହେଁ । ଏହା ଏହି ଆଚାରର ସମ୍ପୂର୍ଣ୍ଣ ବିରୋଧୀ । କୌଣସି ବିଷୟ ଜାଣିବା ବା ମା'ଙ୍କ ଚରଣରେ ନିଜକୁ ସମର୍ପଣ କରିବା ସକାଶେ ଅନ୍ୟ କୌଣସି ଗୁରୁଙ୍କର ଆବଶ୍ୟକତା ନାହିଁ ବରଂ ଏହା ଆମର ବିପରୀତ । ଏହା ଦ୍ୱାରା ଆମ ମାର୍ଗରେ ଅଗ୍ରସର ହେବାର ପଥ ବନ୍ଦ ହୁଏ ।

ଏହି ଯୋଗରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଛଡ଼ା ଅନ୍ୟ ଗୁରୁ କେବେ ବି ହୋଇ ପାରିବେ ନାହିଁ । କାରଣ ଆମର ଏ ସାଧନା – ଅଭୀପ୍ସା, ସମର୍ପଣ ଏବଂ ପ୍ରତିକୂଳ ପରିସ୍ଥିତି ତଥା କର୍ମର ତ୍ୟାଗ । ଏହା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ ହୁଏ । ଅନ୍ତରାତ୍ମା ଜାଗ୍ରତ ହେଲେ ଠିକ୍ ଠିକ୍ ସମର୍ପଣ କରେ ଏବଂ ଠିକ୍ ମାର୍ଗରେ ପରିଚାଳିତ କରେ । ଅନ୍ତରାତ୍ମାହିଁ ପଥପ୍ରଦର୍ଶକ ।

ମା' ଅତିମାନସ ଶକ୍ତିକୁ ପୃଥିବୀପୃଷ୍ଠକୁ ଆଣିଛନ୍ତି । ବ୍ୟକ୍ତି ସମସ୍ତ କର୍ମ ଅର୍ପଣ କଲେ ତା'ରି ଦ୍ୱାରା ସାଧନା ହେବ ଏବଂ ଅନ୍ତରାତ୍ମା ମଧ୍ୟ ଜାଗ୍ରତ ହେବ । ଯେଉଁ ସକାଶେ ଅଭୀପ୍ସା କରିବ ତାହା ନିଶ୍ଚୟ ହେବ । ସାଧକର ଅନ୍ତରାତ୍ମାକୁ ଜାଗ୍ରତ କରାଏ, ଲକ୍ଷ୍ୟରେ ପହଞ୍ଚାଏ ନିଜର ଅଭୀପ୍ସା ଏବଂ ସମର୍ପଣ । ଏହା ନ କରି ଅନ୍ୟ ଗୁରୁ କଲେ ସାଧକର ସାଧନା ମାର୍ଗରୁ ପତନ ହୁଏ ।

**ପ୍ରଶ୍ନ :** *କାର୍ଯ୍ୟ ବହୁତ ଥିବାରୁ ତାହା ମା'ଙ୍କ ଚରଣରେ ସମର୍ପଣ କରିବା ସତ୍ତ୍ୱେ ନାନା ପ୍ରକାର ମାନସିକ ଏବଂ ଶାରୀରିକ ଦୁଃଖ ନିଜ ଉପରକୁ ଆସୁଛି । ଦୁଃଖମୁକ୍ତ ହେବାର ଉପାୟ କ'ଣ ?*

**ଉତ୍ତର :** ଏହାର ଉପାୟ ମା'ଙ୍କ ଉପରେ ବିଶ୍ୱାସ ଏବଂ ଭରସା । କାର୍ଯ୍ୟ ଯଦି ଅଧିକ ହୁଏ ଏବଂ ଜଟିଳ ହୁଏ ତେବେ ମା'ଙ୍କ ଉପରେ ଛାଡ଼ି ଦିଅ । ଯଥାର୍ଥରେ ସବୁ କାର୍ଯ୍ୟ ମା'ଙ୍କର । ମା'ଙ୍କ ସେବା ଭାବରେ ନିଜର ସାଧନା ଜାଣି ଉତ୍ସାହର ସହିତ ତାହା କର । କାର୍ଯ୍ୟର ଭାର ଓ ତା'ର ପରିଣାମର ଦାୟିତ୍ୱ ମା'ଙ୍କ ଉପରେ ଛାଡ଼ିଦିଅ, ତେବେ ମାନସିକ ତଥା ଶାରୀରିକ କଷ୍ଟରୁ ମୁକ୍ତ ହେବ । ନିଜ ଉପରେ ଦାୟିତ୍ୱ ରଖିବାରୁ ମାନସିକ କଷ୍ଟ ହେଉଛି । ମାନସିକ କଷ୍ଟ ଯୋଗୁଁ ଶରୀରରେ ତା'ର ପ୍ରଭାବ ପଡ଼ୁଛି । ଅନ୍ୟଥା ଶାରୀରିକ ପରିଶ୍ରମ ଯେତେ କରିବ ମା'ଙ୍କଠାରୁ ଶକ୍ତି ସେତେ ନିଶ୍ଚୟ ପାଇବ ।

**ପ୍ରଶ୍ନ :** *ନାନା ପ୍ରକାର ସମସ୍ୟା ଯୋଗୁଁ କେବେ କେବେ ମନେ ହେଉଛି ଆଶ୍ରମରେ କିଂବା ଅରୋଭିଲ୍‌ରେ କିଛି ଦିନ ରହିବା ସକାଶେ । ଏହା କ'ଣ ସମାଧାନର ମାର୍ଗ ?*

**ଉତ୍ତର :** କଦାପି ନୁହେଁ । ତୁମେ ଯେଉଁ ସମସ୍ୟାରୁ ମୁକ୍ତ ହେବା ପାଇଁ ଏହା କରିବ ସେ ସମସ୍ୟା ଦୁଇ ଗୁଣ ସେଠାରେ ଦେଖାଦେବ । ସଙ୍ଗେ ସଙ୍ଗେ ନୂଆ ନୂଆ ବହୁତ ସମସ୍ୟା ବାହାରିବ । କାରଣ, ପ୍ରତିକୂଳ ଅବସ୍ଥା ବା ସମସ୍ୟା ଆସେ ନିଜର ମନ, ପ୍ରାଣ, ଶରୀରରେ ତ୍ରୁଟି ଥିବା ଯୋଗୁଁ । ସାଧାରଣ ବ୍ୟକ୍ତି ପ୍ରତି ଜନ୍ମରେ ଏହିପରି ଦୁଃଖ, କଷ୍ଟ ଭୋଗୁ ଥାଆନ୍ତି । କିନ୍ତୁ ସାଧକ ଯୋଗରେ ପ୍ରବେଶ କରିବା ମାତ୍ରେ, ତା'ର ଯେଉଁ ଦୁର୍ବଳ ଭାଗ ମନ, ପ୍ରାଣ, ଶରୀରରେ ଥାଏ ସେଥିରେ ଭାଗବତୀ ଶକ୍ତିର ପ୍ରଭାବ ପଡ଼ିବା ମାତ୍ରେ, ସେସବୁ ବାଧା ରୂପେ ସମ୍ମୁଖକୁ ଆସନ୍ତି । ତା'ର ପଶ୍ଚାତରେ ବିରୋଧୀ ଶକ୍ତି ମଧ୍ୟ ଥାଆନ୍ତି । ସେସବୁ ହେଉଛନ୍ତି ଆମ ମନ, ପ୍ରାଣ, ଶରୀରରେ ସନ୍ଦେହ, ଅବିଶ୍ୱାସ, କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ । ଏସବୁ ବିଭିନ୍ନ ରୂପେ ଆସନ୍ତି । ଭାଗବତୀ ଶକ୍ତି ମଧ୍ୟ ଏସବୁ ଆସିବାକୁ ଦ୍ୱାର ଛାଡ଼ି ଦିଅନ୍ତି ।

କାରଣ ତାଙ୍କର କାର୍ଯ୍ୟ ସେସବୁକୁ ରୂପାନ୍ତର କରିବା । ସାଧକ ଯଦି ସଚେତ ରହେ ତେବେ ସେ ଅନ୍ୟର ବ୍ୟବହାର, ଦୁର୍ଗୁଣ, ନିଜ ପ୍ରତି ଅସଦ୍ ବ୍ୟବହାର ପ୍ରତି ଭ୍ରୂକ୍ଷେପ କରେ ନାହିଁ । ମା'ଙ୍କ ନାମ ସ୍ମରଣ କରେ । ମା'ଙ୍କୁ ସମର୍ପଣ କରେ । ମା'ଙ୍କ ଉପରେ ବିଶ୍ୱାସ ଓ ଭରସା ରଖେ । କର୍ମରେ ଲାଗି ରହେ । କୌଣସି ବ୍ୟକ୍ତିକୁ ଏହାର କାରଣ ନ ମାନି ତାଙ୍କ ସହିତ ଝଗଡ଼ା, ବିବାଦ କରେ ନାହିଁ । ଏହିପରି କଲେ ମା'ଙ୍କ କୃପାରୁ ଅଳ୍ପ ସମୟ ମଧ୍ୟରେ ଏହି ଦ୍ୱନ୍ଦ୍ୱକୁ ସେ ଅତିକ୍ରମ କରେ । ଅତିକ୍ରମ ବା ରୂପାନ୍ତର କରିବା ଛଡ଼ା ଅନ୍ୟ ପଥ ନାହିଁ ।

ଯଦି ସାଧକ ଏହି ରହସ୍ୟ ବୁଝି ନ ପାରି ପ୍ରତିକୂଳ ପରିସ୍ଥିତିର କାରଣ ଅନ୍ୟକୁ ମାନି ବିବାଦ କରେ, ଝଗଡ଼ା କରେ, ଅପ୍ରୀତିକର ବାତାବରଣ ସୃଷ୍ଟି କରେ ତେବେ ସେ ଆକ୍ରମଣ କରିଥିବା ବିରୋଧୀ ଶକ୍ତିକୁ ନିଜକୁ ସମର୍ପଣ କରିଦିଏ । ତା'ର ଅନ୍ତରାତ୍ମା ବିରୋଧୀ ଶକ୍ତି ଦ୍ୱାରା ଆବୃତ ହୋଇଯାଏ । ଆକ୍ରମଣକାରୀ ଶକ୍ତିର ବଳ ବହୁତ ବଢ଼େ । ବ୍ୟକ୍ତି ସେ ସ୍ଥାନ ଛାଡ଼ିବାକୁ ଇଚ୍ଛା କରେ ଏବଂ ଛାଡ଼େ ମଧ୍ୟ । ଆଉ ଏକ ସ୍ଥାନକୁ ଯାଏ, ସେଠାରେ ସେହି ଶକ୍ତି ଆହୁରି ଦୁଇ ଗୁଣ ଆକ୍ରମଣ କରନ୍ତି । ଯଦି ସାଧକ ସେତେବେଳେ ବି ଏହି ରହସ୍ୟ ବୁଝି ନ ପାରେ ତେବେ ସାଧାରଣ ଜୀବନକୁ ଫେରିଯାଏ । ସାଧାରଣ ଜୀବନରେ ଶାନ୍ତିରେ ରହିପାରେ ନାହିଁ ।

ଏହି ସମସ୍ୟା ସ୍ଥାନ ଛାଡ଼ି ଯିବାରେ ସମାଧାନ ହୁଏ ନାହିଁ କିଂବା ଝଗଡ଼ାରେ ସମାଧାନ ହୁଏ ନାହିଁ, ବରଂ ବଢ଼େ । ଏହାର ସମାଧାନ ହେଲା ଅନ୍ୟର ବ୍ୟବହାରକୁ ପରୁଆ ନ କରି, ତାକୁ ମହତ୍ତ୍ୱ ନ ଦେଇ, ଶାନ୍ତ ହୋଇ ରହି, ଅନ୍ୟର ଦୋଷଗୁଣ ନ ଦେଖି, ଯେଉଁ କାର୍ଯ୍ୟ ଦିଆ ହୋଇଛି ମା'ଙ୍କ ସେବା ଭାବରେ, ନିଜର ଲକ୍ଷ୍ୟ ପ୍ରାପ୍ତିର ସାଧନା ମନୋଭାବରେ କରି ସେଥିରେ ଲାଗି ରହିବା । 'ମା'– ଏହି ନାମ ସ୍ମରଣ କର । ତାଙ୍କରି ଉପରେ ବିଶ୍ୱାସ ଓ ଭରସା ରଖି ସମସ୍ତ କର୍ମ ସମର୍ପଣ କର । ଏହିପରି କଲେ ସମସ୍ୟାର ସମାଧାନ ହେବ । ଏହି ପ୍ରତିକୂଳ ପରିସ୍ଥିତି ଦ୍ୱାରା ତୁମେ ସାଧନାରେ ବହୁତ ଅଗ୍ରସର ହୋଇ ପାରିବ । ତୁମର ମା'ଙ୍କ ପ୍ରତି ବିଶ୍ୱାସ ଓ ନିର୍ଭରତା ବଢ଼ିବ । ତୁମର ଏହି ପ୍ରତିକୂଳ ପରିସ୍ଥିତି ଯଥାର୍ଥ ସାଧନା ମାର୍ଗରେ ସାହାଯ୍ୟ କରିବ । ଏହିପରି ଆଚରଣ କଲେ ପ୍ରତିକୂଳ ପରିସ୍ଥିତି ଦ୍ୱାରା ସାଧନାରେ ଆଶାତୀତ ପ୍ରଗତି ହୁଏ ।

ତୁମେ ଯେଉଁଠି ଅଛ ସେହି ସ୍ଥାନ ତୁମ ସକାଶେ ବହୁତ ଅନୁକୂଳ । ସେହିଠାରେ ରହି ଏହିପରି ସାଧନା କଲେ ଯଥାର୍ଥରେ ଅଗ୍ରଗତି କରିପାରିବ ଏବଂ ଲକ୍ଷ୍ୟରେ ନିଶ୍ଚୟ ପହଞ୍ଚିବ । ମନ ସ୍ଥିର କରି ରହି ସାଧନା କର ।

('ଶ୍ରୀଅରବିନ୍ଦ-କର୍ମଧାରା', ଅକ୍‌ଟୋବର ୧୯୭୮, ପୃଷ୍ଠା. ୪ - ୬ରୁ ଗୃହୀତ) ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:

**donations.sriaurobindoashram.org**

Donations to Sri Aurobindo Ashram Trust

ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୨)

## ପ୍ରପତ୍ତି

ଶ୍ରୀଅରବିନ୍ଦ ଚଉଦ ବର୍ଷକାଳ ଇଂଲଣ୍ଡରେ ରହିଲା ପରେ ୧୮୯୩ ସାଲ ଫେବ୍ରୁଆରୀ ମାସରେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ଭୁଲବଶତଃ ଖବର ପହଞ୍ଚିଲା ଯେ ସେ ଯେଉଁ ଜାହାଜରେ ଆସୁଥିଲେ ସେ ଜାହାଜ ଲିସ୍‌ବନ୍‌ରେ ବୁଡିଗଲା ଏବଂ ଏହି ଖବର ପାଇ ତାଙ୍କର ପିତା ଅତ୍ୟନ୍ତ ଶୋକାଭିଭୂତ ହୋଇ ପ୍ରାଣତ୍ୟାଗ କଲେ । ପରେ ଶ୍ରୀଅରବିନ୍ଦ ଅନ୍ୟ ଏକ ଜାହାଜରେ ଆସି ବମ୍ବେର ଆପୋଲୋ ବନ୍ଦରରେ ପ୍ରଥମେ ପଦାର୍ପଣ କଲେ । ଏହି ସମୟରେ ଭାରତ ଭୂମିରେ ପାଦ ଦେଉ ନ ଦେଉଣୁ ସେ ଏକ ବିଶାଳ ଆଧାତ୍ମିକ ଅନୁଭୂତି ପ୍ରାପ୍ତ କରିଥିଲେ । ସେ ଆପୋଲୋ ବନ୍ଦରରେ ଜାହାଜରୁ ଅବତରଣ କରିବା ମାତ୍ରକେ ତାଙ୍କର ମସ୍ତକ ଉପରେ ଏକ ବିଶାଳ ଶାନ୍ତି ଅବତରଣ କଲା । ତତ୍ପରେ ବମ୍ବେରୁ ସେ ବରୋଦା ଯାତ୍ରା କଲେ । ପ୍ରଥମେ ବରୋଦାରେ ରେଭିନ୍ୟୁ ବିଭାଗ, ପରେ ସେଟ୍‌ଲ୍‌ମେଣ୍ଟ ବିଭାଗରେ କାର୍ଯ୍ୟ କରିବାକୁ ଲାଗିଲେ । କିଛିଦିନ ପରେ ସେ ବରୋଦା କଲେଜର ଇଂରାଜୀ ଅଧ୍ୟାପକ ଏବଂ ତା'ପରେ ସେହି କଲେଜର ସହକାରୀ ଅଧକ୍ଷ ପଦରେ ନିଯୁକ୍ତ ହେଲେ । କିଛିଦିନ ପାଇଁ ମଧ ସେ ମହାରାଜାଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ରୂପେ କାର୍ଯ୍ୟ କରିଥିଲେ । ବରୋଦାରେ ସେ ଦୀର୍ଘ ତେର ବର୍ଷକାଳ କଟାଇ ଥିଲେ ଏବଂ ଏହି ସମୟରେ ସେ ନାନା ଭାରତୀୟ ଭାଷା ଗୁଜରାଟୀ, ମରହଟ୍ଟୀ, ବଙ୍ଗଳା ଓ ବିଶେଷ କରି ସଂସ୍କୃତ ଭାଷା ଶିକ୍ଷା କରିଥିଲେ । ଏହି ସମୟରେ ସେ ବହୁ କାବ୍ୟ-କବିତା ଏବଂ ଗଳ୍ପ ଇତ୍ୟାଦି ଲେଖିଥିଲେ । ପରବର୍ତ୍ତୀ କାଳରେ ଏସବୁ ପଣ୍ଡିଚେରୀରୁ ପ୍ରକାଶିତ ହେଉଥିଲା । କିନ୍ତୁ ଏହି ଲେଖାଲେଖିର ଅଧିକାଂଶ ଭାଗ ପରେ ସେ ରାଜନୈତିକ ବନ୍ଦୀ ଥିଲାବେଳେ ନଷ୍ଟ ହୋଇଗଲା । ଚଉଦ ବର୍ଷ କାଳ ସେ ବିଲାତରେ ରହି ଯେପରି ପାଶ୍ଚାତ୍ୟ ଜ୍ଞାନର ରତ୍ନଭଣ୍ଡାରକୁ ଲୁଣ୍ଠନ କରିଥିଲେ, ସେହିପରି ବରୋଦାରେ ତେର ବର୍ଷ କାଳ ରହି ସେ ଭାରତର ତଥା ପ୍ରାଚ୍ୟ ଜଗତର ଭାସ୍ୱର ଓ ମହିମମୟ ପ୍ରତିଭା ସହିତ ପରିଚିତ ହୋଇଥିଲେ । ବରୋଦାରେ ଥିଲା ବେଳେ ତାଙ୍କୁ ବଙ୍ଗଳା ଶିକ୍ଷାରେ ସହାୟତା କରିବା ସକାଶେ ଶ୍ରୀ ଦୀନେନ୍ଦ୍ର କୁମାର ରାୟ ଥିଲେ । ଦୀନେନ୍ଦ୍ର-ଦା' ବଙ୍ଗଳାରେ ''ଶ୍ରୀଅରବିନ୍ଦ ପ୍ରସଙ୍ଗ'' ନାମକ ପୁସ୍ତକ ଲେଖିଅଛନ୍ତି ଏବଂ ସେଥିରୁ ଶ୍ରୀଅରବିନ୍ଦଙ୍କ ବରୋଦା ଜୀବନ ସମ୍ବନ୍ଧେ ଏକ ପୁଙ୍ଖାନୁପୁଙ୍ଖ ଆଭାସ ମିଳେ ।

ବରୋଦାରେ ସେ ଥିଲାବେଳେ ଦେଶର ରାଜନୈତିକ ଚର୍ଚ୍ଚାରେ ଧୀରେ ଧୀରେ ମନୋନିବେଶ କରିଥିଲେ । ପ୍ରଥମେ ସେ ପୁନାରୁ ପ୍ରକାଶିତ ''ଇନ୍ଦୁପ୍ରକାଶ'' ନାମକ ପତ୍ରିକାରେ ଅନେକଗୁଡ଼ିଏ ପ୍ରବନ୍ଧ ଲେଖି ତତ୍କାଳୀନ ଭାରତୀୟ ରାଜନୀତିକୁ ଗଭୀର ସମାଲୋଚନା କରିଥିଲେ । ପରେ ଏହି କାଗଜର ସମ୍ପାଦକ ଆଉ ଏପରି ପ୍ରବନ୍ଧ ଛପାଇ ପାରିବେ ନାହିଁ ବୋଲି ମନା କଲେ । ଏଥି ମଧରେ ଶ୍ରୀଅରବିନ୍ଦ ରାଜନୈତିକ ବ୍ୟାପାରରେ ଅନେକ ଦୂର ଅଗ୍ରସର ହୋଇ ଯାଇଥିଲେ । ୧୯୦୬ ସାଲରେ ବଙ୍ଗଭଙ୍ଗ ଆନ୍ଦୋଳନ ବେଳେ ସେ ବରୋଦା ଚାକିରି ପରିତ୍ୟାଗ କରି ପ୍ରକାଶ୍ୟରେ ରାଜନୀତିରେ ଯୋଗ ଦେଲେ । ରାଜନୀତିରେ ପ୍ରବେଶ କରି ସେ ତାଙ୍କର ତୀକ୍ଷ୍ଣ ବିଚାରଧାରା, ଅପୂର୍ବ କର୍ମ-ପ୍ରେରଣା ଓ ଅଗ୍ନିମୟୀ ଲେଖା ଦ୍ୱାରା ସମସ୍ତ ଦେଶକୁ ଉଦ୍‌ବୁଦ୍ଧ କରିଥିଲେ । କିଛି କାଳ ସେ ''ବନ୍ଦେ ମାତରମ୍'' କାଗଜରେ ସମ୍ପାଦନା କରିଥିଲେ ଏବଂ ନାନା ଭାବରେ ଗୋପନରେ ରହି ବିପ୍ଳବାତ୍ମକ କାର୍ଯ୍ୟମାନ କରିବାକୁ ଲାଗିଲେ । ତାଙ୍କର ରାଜନୈତିକ ମତବାଦକୁ ତିନୋଟି ଭାଗରେ ନିର୍ଦ୍ଦିଷ୍ଟ କରା ଯାଇପାରେ; ପ୍ରଥମତଃ ଶ୍ରୀଅରବିନ୍ଦ ବ୍ରିଟିଶ ଲୋକଙ୍କ ସ୍ୱଭାବ ବୁଝିଥିଲେ ଏବଂ ସ୍ୱୟଂ ଅନୁଭବ କରୁଥିଲେ ଯେ ଦେଶରେ ଏକ ସଶସ୍ତ୍ର ବିପ୍ଳବ ଦ୍ୱାରା ତତ୍କାଳୀନ ସରକାରକୁ ଧ୍ୱଂସ କରାଯାଇପାରେ । ଦ୍ୱିତୀୟତଃ ସେ କହୁଥିଲେ ଯେ ପୂର୍ଣ୍ଣ ସ୍ୱାଧୀନତାର ଆଦର୍ଶ ସର୍ବସାଧାରଣରେ ପ୍ରଚାର କରି ସମଗ୍ର ଜନତାକୁ ଉଦ୍‌ବୁଦ୍ଧ କରିବାକୁ ହେବ । ତୃତୀୟତଃ ଅସହଯୋଗ ଆନ୍ଦୋଳନ ଦ୍ୱାରା ଏବଂ ବିଦେଶୀ ମାଲ ବର୍ଜନ ଦ୍ୱାରା ତତ୍କାଳୀନ ସରକାରକୁ ଖର୍ବ କରିହେବ । ଏହି କଥା ଶ୍ରୀଅରବିନ୍ଦ ତାଙ୍କର ''Doctrine of Passive Resistance'' ନାମକ ପୁସ୍ତକରେ ଆଲୋଚନା କରିଛ'ନ୍ତି । ଏକଥା ମନେ ରଖିବା

ଉଚିତ ଯେ ଶ୍ରୀଅରବିନ୍ଦ କେବେ ବି ଅହିଂସାର ପକ୍ଷପାତୀ ନଥିଲେ ।

ଧୀରେ ଧୀରେ ଅଗ୍ନିଶିଖା ପ୍ରଜ୍ୱଳିତ ହେବାକୁ ଲାଗିଲା । ସମଗ୍ର ଦେଶରେ ବିପ୍ଳବର ବିଜୟ ଭେରୀ ବାଜି ଉଠିଲା । ଶ୍ରୀଅରବିନ୍ଦ ସ୍ୱୀୟ ଉତ୍ସାହ, ଉଦ୍ୟମ ଓ ତୀବ୍ର ଦେଶାତ୍ମବୋଧ ଲେଖାମାନଙ୍କ ଦ୍ୱାରା ଦେଶରେ ସର୍ବତ୍ର ସ୍ୱାଧୀନତାର ବୀଜପବନ କରି ଦେଲେ । ସେ ବିଭିନ୍ନ ବିପ୍ଳବୀ ଦଳମାନଙ୍କ ସହଯୋଗରେ ନାନା ସଂସ୍ଥାମାନ ତିଆରି କରିବାକୁ ଲାଗିଲେ । କଥିତ ଅଛି ଏହି ବିପ୍ଳବୀମାନେ ଗୋଳା, ବାରୁଦ, ବନ୍ଧୁକ ଓ ବୋମା ସହ ବିଦେଶୀ ସରକାରଙ୍କ ସଙ୍ଗେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଥିଲେ । ଏତିକିବେଳେ ବଙ୍ଗଦେଶରେ ବିପ୍ଳବୀମାନଙ୍କ ଉପରେ ଭୟାନକ ସରକାରୀ ଜୁଲମ ଓ ଅତ୍ୟାଚାର ଆରମ୍ଭ ହେଲା । ଏ ସମ୍ପର୍କରେ କିଙ୍ଗସ୍‌ଫୋର୍ଡ଼ ନାମକ ଜନୈକ ଅତ୍ୟାଚାରୀ ଉଚ୍ଚପଦସ୍ଥ ଇଂରେଜ କର୍ମଚାରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ଖୁଦିରାମ ଓ ପ୍ରଫୁଲ୍ଲ ଚାକି ମୁଜାଫର୍‌ପୁର ଗଲେ ଏବଂ ସେଠାରେ ତାଙ୍କର ବୋମା ନିକ୍ଷେପ ଫଳରେ କନ୍ନଡ଼ି ସାହେବଙ୍କ ପତ୍ନୀ ଓ ଦୁଇ କନ୍ୟା ପ୍ରାଣତ୍ୟାଗ କଲେ । ଭାଗ୍ୟବଶତଃ କିଙ୍ଗସ୍‌ଫୋର୍ଡ଼ ସାହେବ ଏହି ହତ୍ୟାରୁ ବର୍ତ୍ତିଗଲେ । ଏଥିରେ ସମଗ୍ର ଦେଶରେ ଚହଳ ପଡ଼ିଗଲା । ପ୍ରଫୁଲ୍ଲ ପୁଲିସ ଦ୍ୱାରା ବନ୍ଦୀ ହେବା ପୂର୍ବରୁ ନିଜେ ନିଜେ ଆତ୍ମହତ୍ୟା କଲେ ଏବଂ ଖୁଦିରାମ ମୁଜାଫର୍‌ପୁର ଜେଲରେ ଅମର ଶହୀଦ ରୂପେ ଫାଶି ଖୁଣ୍ଟରେ ଝୁଲି ପଡ଼ିଲେ । ଏହି ଘଟଣାକୁ ମଧ୍ୟ ଆଲିପୁର ବୋମା ମୋକଦ୍ଦମା ବୋଲି କୁହାଯାଏ । ଏଥିରେ ଶ୍ରୀଅରବିନ୍ଦ ଓ ତାଙ୍କର ସହକର୍ମୀଗଣ ମଧ୍ୟ ଗିରଫ ହେଲେ ଏବଂ ଆଲିପୁର ଜେଲରେ ବନ୍ଦୀ ହେଲେ । ଏହି ଆଲିପୁର ବୋମା ମୋକଦ୍ଦମାରେ ପ୍ରାୟ ଚାରି ଶହ ବ୍ୟକ୍ତି ଗିରଫ ହୋଇଥିଲେ ଏବଂ ଅନେକ ଜଣ କଠୋର ସଜା ପାଇଥିଲେ, ଦ୍ୱୀପାନ୍ତରିତ ହୋଇଥିଲେ । ଶ୍ରୀଅରବିନ୍ଦ ଜେଲରେ ବନ୍ଦୀ ହୋଇଥିବା ବେଳେ ଏକ ଅଦ୍ଭୁତ ଅଧ୍ୟାତ୍ମ-ସିଦ୍ଧି ଲାଭ କଲେ । ସେ ଜେଲରେ ସର୍ବତ୍ର, ସର୍ବଘଟରେ ବାସୁଦେବଙ୍କୁ ଜୀବନ୍ତ ମୂର୍ତ୍ତି ରୂପେ ଦେଖିଲେ । ଜେଲର ସେହି ନିର୍ଜନ କୋଠରି ମଧ୍ୟରେ ସେ ଦିନ ପରେ ଦିନ ଭଗବାନ୍ ଶ୍ରୀକୃଷ୍ଣଙ୍କ ସାକ୍ଷାତ୍ ଲାଭ କରି ତାଙ୍କଠାରୁ ଭବିଷ୍ୟତ୍ ମାନବ-ସମାଜର ରୂପରେଖ କଥା ଜାଣିପାରିଲେ । ଭାରତବର୍ଷର ଅନ୍ତର୍ନିହିତ ନିଗୂଢ଼ ରହସ୍ୟ ଓ ହିନ୍ଦୁ ଧର୍ମର ଚରମ ସତ୍ୟ ସେ ଏହିଠାରେହିଁ ଉପଲବ୍ଧି କରିଥିଲେ । ଜେଲରେ ତାଙ୍କର ଏହି ମହିମମୟ ଅନୁଭୂତିକୁ ସେ ''ଉତ୍ତରପଡ଼ା ଅଭିଭାଷଣ'' ନାମକ ଏକ କ୍ଷୁଦ୍ର ପୁସ୍ତକରେ ଲିପିବଦ୍ଧ କରିଅଛନ୍ତି । ସେଥିରୁ ବୁଝାଯାଏ ଯେ ସେ ଦେଶକୁ କିପରି ଭଲ ପାଉଥିଲେ ଏବଂ ଦେଶକୁ କିପରି ଏକ ଦିବ୍ୟ-ଶକ୍ତିର ବ୍ୟକ୍ତ ଅଂଶ ବୋଲି ଅନୁଭବ କରୁଥିଲେ । ଏହି ଆନ୍ଦୋଳନ ମଧ୍ୟରେ ସ୍ୱୟଂ ଭଗବାନ୍ ଯେ ଅଛନ୍ତି ଏକଥା ସେ ବେଶ୍ ଜାଣିଥିଲେ ଏବଂ ତାହାପରେ ସେ ଆନ୍ଦୋଳନର ସମସ୍ତ ଭାର ଭଗବାନଙ୍କ ଉପରେ ଅର୍ପଣ କରି ଦେଇଥିଲେ । ଏହି ମୋକଦ୍ଦମାରେ ଶ୍ରୀଅରବିନ୍ଦଙ୍କ ସପକ୍ଷରେ ସ୍ୱନାମଧନ୍ୟ ବାରିଷ୍ଟର ଶ୍ରୀ ଚିତ୍ତରଞ୍ଜନ ଦାସ ଲଢ଼ିଥିଲେ ଏବଂ ତାଙ୍କର ଅପୂର୍ବ ଯୁକ୍ତିଧାରା ଓ ତର୍କ ଫଳରେ ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ରୂପେ ନିର୍ଦ୍ଦୋଷ ବୋଲି ଖଲାସ ହେଲେ । ଅବଶ୍ୟ ଶ୍ରୀଅରବିନ୍ଦ ପ୍ରଥମରୁ ଜାଣିଥିଲେ ଯେ ସେ ଏହି ମୋକଦ୍ଦମାରୁ ଖଲାସ ହୋଇଯିବେ । ଜେଲରୁ ଖଲାସ ହୋଇ ଶ୍ରୀଅରବିନ୍ଦ ଇଂରାଜୀରେ ''କର୍ମଯୋଗୀନ୍'' ଏବଂ ବଙ୍ଗଳାରେ ''ଧର୍ମ'' ନାମକ ଦୁଇଟି ପତ୍ରିକା ସମ୍ପାଦନା କରିବାକୁ ଲାଗିଲେ । ଏହି ସମୟରେ ପୁନରାୟ ପୁଲିସ ଶ୍ରୀଅରବିନ୍ଦଙ୍କୁ ଗିରଫ କରିବା ପାଇଁ ଉଦ୍ୟମ କଲେ । ଏହି ଖବର ସେ ପୂର୍ବରୁ ପାଇ କ'ଣ କରିବାକୁ ହେବ ବୋଲି ଭଗବାନଙ୍କର ଆନ୍ତର୍ନିର୍ଦ୍ଦେଶକୁ ଅପେକ୍ଷା କଲେ । ହଠାତ୍ ତାଙ୍କୁ ଉପରୁ ନିର୍ଦ୍ଦେଶ ମିଳିଲା ଯେ ସେ ସେଠାରୁ ଚନ୍ଦନନଗର ଚାଲି ଯାଆନ୍ତୁ । ଶ୍ରୀଅରବିନ୍ଦ ୧୯୦୯ ସାଲ ମେ ମାସରେ ''କର୍ମଯୋଗୀନ୍'' ଅଫିସରୁ ସିଧା ଚନ୍ଦନନଗର ଚାଲି ଆସିଲେ । ଚନ୍ଦନନଗରରେ ସେ କିଛିଦିନ ରହିଲା ପରେ ପୁନଶ୍ଚ ୧୯୧୦ ସାଲ ଏପ୍ରିଲ ୪ ତାରିଖରେ ପଣ୍ଡିଚେରୀରେ ଆସି ପହଞ୍ଚିଲେ । ପଣ୍ଡିଚେରୀ ସେତେବେଳେ ଫରାସୀ ଶାସିତ ରାଜ୍ୟ ଏବଂ ଏହିଠାରେ ସେ ତାଙ୍କର ମହାପ୍ରୟାଣ ୧୯୫୦ ସାଲ ଡିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ରହିଗଲେ । ସେ ଯେଉଁ ଘରେ ୧୯୨୪ ସାଲ ପରେ ରହୁଥିଲେ ତାହାହିଁ ଆଜି ପୃଥିବୀ ବିଖ୍ୟାତ ଶ୍ରୀଅରବିନ୍ଦ ଆଶ୍ରମର କେନ୍ଦ୍ରପୀଠ ରୂପେ ପରିଗଣିତ ହେଉଅଛି ।

ଶ୍ରୀଅରବିନ୍ଦଙ୍କ ଯୋଗଜୀବନ ଆଲୋଚନା କଲେ ଜଣାଯାଏ ଯେ ଶ୍ରୀଅରବିନ୍ଦ ନିୟମିତ ରୂପେ ଯୋଗଚର୍ଚ୍ଚା ଆରମ୍ଭ କରିଥିଲେ ୧୯୦୪ ସାଲରେ । ଏହି ସାଧନା ପଥରେ ସେ ଅନେକ କିଛି ସହାୟତା ପାଇଥିଲେ ବିଷ୍ଣୁଭାସ୍କର ଲେଲେ ନାମକ ଜଣେ ମରହଟ୍ଟା ଯୋଗୀଙ୍କ ଠାରୁ । ଲେଲେଜି ତାଙ୍କୁ କହିଥିଲେ କିପରି ମନକୁ ନୀରବ କରି ଅନ୍ତରରୁ ଭଗବାନଙ୍କ ନିର୍ଦ୍ଦେଶ ଉପରେ ନିର୍ଭର କରାଯାଇ ପାରେ ଏବଂ କିପରି ଏହି

ନିର୍ଦ୍ଦେଶକୁ ସର୍ବଦା ପାଳନ କରି ଚଳିବାକୁ ହୁଏ । ଶ୍ରୀଅରବିନ୍ଦ ଏହିପରି ନିର୍ଦ୍ଦେଶରେ ଯୋଗସାଧନା ପଥରେ ଅଗ୍ରସର ହୋଇଥିଲେ । ଏହି ସମୟରେ ସେ ବନ୍ଦେ ମାତରମ୍ କାଗଜରେ ଅଧିକାଂଶ ଲେଖା ଏକ ମନର ଊର୍ଦ୍ଧ୍ୱ ରାଜ୍ୟରୁ ପ୍ରେରଣା ରୂପେ ପ୍ରାପ୍ତ କରି ଲେଖିଥିଲେ । ତତ୍ପରେ ୧୯୦୮ ସାଲରେ ଆଲିପୁର ଜେଲରେ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ପ୍ରାପ୍ତ କରି ଯୋଗର ଏକ ମହତ୍ତମ ସିଦ୍ଧିରେ ଉପନୀତ ହୋଇଥିଲେ । ତତ୍ପରେ ୧୯୧୦ ସାଲରେ ପଣ୍ଡିଚେରୀ ଚାଲିଆସି ଗଭୀର ଯୋଗସାଧନାରେ ନିମଗ୍ନ ହେଲେ । ୧୯୧୪ ସାଲରେ ଶ୍ରୀମା ଯେତେବେଳେ ଫ୍ରାନ୍ସରୁ ଆସିଲେ, ତାଙ୍କର ସହଯୋଗିତାରେ ତଥା ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସରେ ‘‘ଆର୍ଯ୍ୟ’’ ପତ୍ରିକା ପ୍ରକାଶ ପାଇଲା । ଅଳ୍ପଦିନ ପରେ ଶ୍ରୀମା ଫ୍ରାନ୍ସ ଚାଲିଗଲେ ଏବଂ ଶ୍ରୀଅରବିନ୍ଦ ଏହି ପତ୍ରିକାର ସମ୍ପାଦନାର ସମସ୍ତ ଭାର ନେଲେ । ଏହି ପତ୍ରିକାରେ ଶ୍ରୀଅରବିନ୍ଦଙ୍କର ଗଭୀର ଦର୍ଶନ, ଯୋଗ, ସମାଜ ଓ ରାଷ୍ଟ୍ରନୀତି ପ୍ରଭୃତି ନାନା ସମାଲୋଚନାମୂଳକ ପ୍ରବନ୍ଧ ଓ ଉଚ୍ଚକୋଟୀର ରଚନା ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ତାହା ପୁସ୍ତକ ଆକାରରେ ପଣ୍ଡିଚେରୀରୁ ପ୍ରକାଶିତ ହୋଇଅଛି । ଏହି ପୁସ୍ତକଗୁଡ଼ିକ ଆଜି ପୃଥିବୀର ଚିନ୍ତାଧାରାରେ ଆଲୋଡ଼ନା ସୃଷ୍ଟି କରିଅଛି । ଏହା ମଧ୍ୟରେ ତାଙ୍କର ସର୍ବଶ୍ରେଷ୍ଠ ପୁସ୍ତକ ହେଲା ‘ଦିବ୍ୟ ଜୀବନ’ ଗ୍ରନ୍ଥ, ଯେଉଁଥିରେ ସେ ମାନବ-ସମାଜର ଭବିଷ୍ୟତ୍ ରୂପରେଖ ଦେଇଛନ୍ତି । ପୁନଶ୍ଚ ଏହାପରେ ‘ସାବିତ୍ରୀ’ ନାମକ ଏକ ଅମୂଲ୍ୟ ମହାକାବ୍ୟ ଇଂରାଜୀରେ ରଚନା କରି ଅଛନ୍ତି । ଏହା ଇଂରାଜୀ ଭାଷାର ଅତୁଳନୀୟ ସମ୍ପଦ । ଏହାଛଡ଼ା ଏହି ସମୟରେ ଶ୍ରୀଅରବିନ୍ଦ ପ୍ରାଚୀନ ଭାରତୀୟ ଦର୍ଶନ – ବେଦ, ବେଦାନ୍ତ, ଉପନିଷଦ୍, ଗୀତା ସମ୍ବନ୍ଧରେ ଯେଉଁ ଅମର ଭାଷ୍ୟମାନ ଲେଖି ଯାଇ ଅଛନ୍ତି ତାହା ଯୁଗ ଯୁଗକୁ ଅମୂଲ୍ୟ ମଣି ରୂପେ ଉଜ୍ଜ୍ୱଳ ରହିବ । ଏହା ଦ୍ୱାରା ସେ ଦେଶର ଲୁପ୍ତ ରତ୍ନର ଉଦ୍ଧାର କରିଥିଲେ । ୧୯୨୬ ସାଲ ୨୪ ତାରିଖ ନଭେମ୍ବରରେ ଶ୍ରୀଅରବିନ୍ଦ ଓ ଶ୍ରୀମା ଯୋଗ ସାଧନାରେ ସିଦ୍ଧି ଲାଭ କଲେ । ଏହିଦିନ ପରଠାରୁ ସେ ଏକାକୀ ଗୋଟିଏ କୋଠରିରେ ରହି ତପସ୍ୟା କରିବାକୁ ଲାଗିଲେ । ୧୯୨୬ ସାଲରେ ସେ ଜାଣିଲେ ଯେ ଅତିମାନସ ଶକ୍ତି ପୃଥିବୀ ଉପରେ ନିଶ୍ଚୟହିଁ ଅବତରଣ କରିବ । ତତ୍ପରେ ସେ ଏହି ଶକ୍ତିକୁ ପୃଥିବୀରେ ଅବତରଣ କରାଇବା ସକାଶେ ସାଧନା କରିବାକୁ ଲାଗିଲେ । ୧୯୫୦ ସାଲ ଡିସେମ୍ବର ୫ ତାରିଖରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଘଟିଲା ଏବଂ ତତ୍ସଙ୍ଗେ ତାଙ୍କର ତପସ୍ୟାର ଅଭିଳଷିତ ବସ୍ତୁ ସେହି ବିରାଟ ଅଧ୍ୟାତ୍ମ ଶକ୍ତି ‘‘ଅତିମାନସ ଜ୍ୟୋତି’’ ପୃଥିବୀପୃଷ୍ଠରେ ଅବତରଣ କଲା ଏବଂ ଏହି ଶକ୍ତି ବର୍ତ୍ତମାନ ଅପ୍ରକାଶ୍ୟରେ କାର୍ଯ୍ୟକାରୀ ହୋଇ ଚାଲିଛି । ଶ୍ରୀଅରବିନ୍ଦଙ୍କ ସାଧନାର ପ୍ରଧାନ ଲକ୍ଷ୍ୟ ଥିଲା ପୃଥିବୀପୃଷ୍ଠରେ ଏହି ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣିବା ଏବଂ ଦ୍ୱିତୀୟରେ ଏହି ଶକ୍ତି ଦ୍ୱାରା ମାନବ ଜୀବନକୁ ରୂପାନ୍ତରିତ କରି ଦିବ୍ୟରୂପ ପ୍ରଦାନ କରିବା । ତାଙ୍କର ସାଧନାର ଦ୍ୱିତୀୟ ଦିଗଟିକୁ ସେ ଶ୍ରୀମା'ଙ୍କ ହସ୍ତରେ ଅର୍ପଣ କରିଅଛନ୍ତି । ବର୍ତ୍ତମାନ ସେହି ଦିବ୍ୟ ରୂପାନ୍ତରର କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଅଛି ।

(କ୍ରମଶଃ) ❑

ତୁମର ଯାହାକିଛି ସୁଖ ଓ ଆନନ୍ଦ ତାହା କେବଳ ଭଗବାନଙ୍କଠାରୁ ପାଇବା ଲାଗି ପ୍ରତୀକ୍ଷା କରିବ । କେବଳ ତାଙ୍କରି ମଧ୍ୟରେ ତୁମେ ଖୋଜିବ ଓ ପାଇବ ତୁମର ଆଶ୍ରୟ । ତୁମର ସମସ୍ତ ଦୁଃଖ ମଧ୍ୟରେ ସେ ତୁମକୁ ସାନ୍ତ୍ୱନା ଦେବେ, ହାତ ଧରି ପଥ କଢ଼ାଇ ନେବେ, ଯଦି ଝୁଣ୍ଟି ପଡ଼ ତୁମକୁ ତଳୁ ଉଠାଇ ନେବେ, ଯଦି ବ୍ୟର୍ଥତା ଓ ଅତିଶୟ କ୍ଲାନ୍ତିର ମୁହୂର୍ତ୍ତ ଆସେ ତେବେ ସେ ତୁମକୁ ତାଙ୍କର ପ୍ରେମପୂର୍ଣ୍ଣ ଶକ୍ତିଶାଳୀ ବାହୁଯୁଗଳରେ ତୋଳି ନେବେ ଏବଂ ତାଙ୍କର ଶାନ୍ତିପ୍ରଦାନକାରୀ ମଧୁରତା ମଧ୍ୟରେ ତୁମକୁ ଆଲିଙ୍ଗନବଦ୍ଧ କରିବେ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୬୨)

## ମହେନ୍ଦ୍ରନାଥ ସ୍ୱାଇଁ

**ଆଲୋକ ଓ ପ୍ରେମ :**

ଜାନୁଆରୀ ୭, ୧୯୧୪ରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି :

"GIVE them all, O Lord, Thy peace and light, open their blinded eyes and their darkened understanding; calm their futile worries and their vain anxieties. Turn their gaze away from themselves and give them the joy of being consecrated to Thy work without calculation or mental reservation. Let Thy beauty flower in all things, awaken Thy love in all hearts, so that Thy eternally progressive order may be realised upon earth and Thy harmony be spread until the day all becomes Thyself in perfect purity and peace.

"Oh! let all tears be wiped away, all suffering relieved, all anguish dispelled, and let calm serenity dwell in every heart and powerful certitude strengthen every mind. Let Thy life flow through all like a regenerating stream that all may turn to Thee and draw from that contemplation the energy for all victories."

(Prayers and Meditations, P. 49)

''ହେ ପ୍ରଭୁ, ସକଳଙ୍କୁ ତୁମର ପ୍ରଶାନ୍ତି, ଆଲୋକ ପ୍ରଦାନ କର, ସେମାନଙ୍କର ଅନ୍ଧ-ଚକ୍ଷୁଦ୍ୱୟ ଖୋଲି ଦିଅ ଏବଂ ଅନ୍ଧକାରାଚ୍ଛନ୍ନ ବୁଝାମଣାର ଗ୍ରନ୍ଥି ସକଳକୁ ଛିନ୍ନ କରି ଦିଅ; ନିଷ୍ଫଳ ବ୍ୟସ୍ତତା ଏବଂ ଦୁର୍ଶ୍ଚିନ୍ତାସବୁକୁ ନୀରବ ନିଶ୍ଚଳ କରି ଦିଅ । ଆତ୍ମ ସର୍ବସ୍ୱ ହୋଇ ନିଜ ଉପରେ ନିବଦ୍ଧ କରିଥିବା ଦୃଷ୍ଟିକୁ ହଟାଇ ଦିଅ ଏବଂ କୌଣସି ଲାଭକ୍ଷତିର ହିସାବ ନକରି ଅଥବା ମାନସିକ ସୀମିତତା ଭିତରେ ନରହି ତୁମର କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିଦେଲେ ଯେଉଁ ଦିବ୍ୟ ଆନନ୍ଦ ପ୍ରାପ୍ତ ହୋଇଥାଏ ତାହାହିଁ ସେମାନଙ୍କୁ ପ୍ରଦାନ କର । ସକଳ ବସ୍ତୁ ମଧ୍ୟରେ ତୁମର ଦିବ୍ୟ ସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ ହେଉ, ସକଳ ହୃଦୟରେ ତୁମର ଦିବ୍ୟ ପ୍ରେମ ଜାଗ୍ରତ କରି ଦିଅ, ଫଳତଃ ତୁମର ଚିରନ୍ତନ ବର୍ଦ୍ଧନଶୀଳ ଶୃଙ୍ଖଳା ପୃଥିବୀପୃଷ୍ଠରେ ଅନୁଭୂତ ହେବ ଏବଂ ତୁମର ସଙ୍ଗତି ପ୍ରସାରିତ ହୋଇ ଚାଲିଥିବ ସେହିଦିନ ପର୍ଯ୍ୟନ୍ତ ଯେଉଁଦିନ ସମସ୍ତେ ତୁମର ହୋଇଯାଇ ନାହାଁନ୍ତି ସମ୍ପୂର୍ଣ୍ଣ ବିଶୁଦ୍ଧତା ଏବଂ ପ୍ରଶାନ୍ତି ମଧ୍ୟରେ ।

''ହେ ପ୍ରଭୋ ! ସକଳଙ୍କ ଚକ୍ଷୁରୁ ଲୋତକ ପୋଛି ହୋଇଯାଉ, ସକଳ ପ୍ରକାର ଯନ୍ତ୍ରଣା ପ୍ରଶମିତ ହେଉ, ସକଳ ଦୁଃଖ ଦୂରୀଭୂତ ହେଉ ଏବଂ ପ୍ରତ୍ୟେକଙ୍କ ହୃଦୟରେ ବାସକରୁ ନୀରବ, ନିଶ୍ଚଳ ଅବିଚଳିତ ଭାବ ଏବଂ ପ୍ରତ୍ୟେକଙ୍କ ମନ ଭିତରେ ବାସ କରୁ ଏକ ଶକ୍ତିଶାଳୀ ସୁଦୃଢ଼ ସାମର୍ଥ୍ୟ । ତୁମର ଦିବ୍ୟ ପ୍ରାଣ ଏକ ପୁନଃ-ଶକ୍ତି ସୃଷ୍ଟିକାରିଣୀ ନିର୍ଝର ସଦୃଶ ପ୍ରବାହିତ ହୋଇ ସମସ୍ତଙ୍କ ଅନ୍ତରକୁ ପ୍ଲାବିତ କରି ଦେଉ, ଫଳତଃ ସକଳେ ତୁମ ଅଭିମୁଖୀ ହେବେ ଏବଂ ସେହି ଦିବ୍ୟ ଆନନ୍ଦ ଉତ୍ସ ଉପରେ ଦୃଷ୍ଟି ନିବଦ୍ଧ ପୂର୍ବକ ସକଳ ବିଜୟ ଶକ୍ତି ଆହରଣ କରି ପାରିବେ ।''

ଆଲୋଚ୍ୟ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା ଆମ ସମସ୍ତଙ୍କ ନିମନ୍ତେ ପରମପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି – କହୁଛନ୍ତି, ''ହେ ପ୍ରଭୁ ! ଏହି ମଣିଷମାନଙ୍କୁ ତୁମର ନିଜସ୍ୱ ଦିବ୍ୟ ପ୍ରଶାନ୍ତି ଏବଂ ଦିବ୍ୟ ଆଲୋକ ପ୍ରଦାନ କର; କାରଣ ଏହି ଦୁଇଟି ଜିନିଷ ଏମାନଙ୍କ ପାଖରେ ନଥିବାରୁ ଏମାନେ ଅନ୍ଧକାରକୁ ଆଶ୍ରା କରି ପଡ଼ି ରହିଛନ୍ତି ।'' ଦିବ୍ୟଜନନୀଙ୍କୁ ଜଣାଅଛି ଯେ ଆମେ ଅନ୍ଧକାରକୁ ଭଲପାଉ, ତା' ସହିତ ଲାଗି ରହିଥାଉ ଏବଂ ଆଲୋକଠାରୁ ଦୂରକୁ ଚାଲି ଯିବାକୁ ଭଲପାଉ । କିନ୍ତୁ ପରମ ପ୍ରଭୁ ଏହି ଜଗତକୁ ସୃଷ୍ଟି କରି ନାହାଁନ୍ତି ଆମକୁ ଅନ୍ଧ ସଂବେଦନାର କର୍ଦ୍ଦମ ଭିତରେ ପକାଇ

ରଖିବା ନିମନ୍ତେ, ଅଥବା ଲଜ୍ଜାହୀନ ପରିବେଶ ଭିତରେ ବୁଡାଇ ରଖି ଛଟପଟ କରାଇବା ନିମନ୍ତେ ବ୍ୟକ୍ତିଗତ ଜାତୀୟ ବା ପ୍ରଜାତୀୟ ଅହଂକାରର ଗଭୀର ଗର୍ତ୍ତ ମଧ୍ୟରେ ପଡ଼ିବାକୁ ଆମକୁ ପ୍ରଭୁ ଏହି ସଂସାରକୁ ଆଣି ନାହାଁନ୍ତି । ବିଦ୍ୟାଳୟର ଶୃଙ୍ଖଳାକୁ ମାନିବାକୁ ଇଚ୍ଛାକରୁ ନଥିବା ଅମାନିଆଁ ଛାତ୍ରଟିଏ ପରି ଆମେ କଷ୍ଟେମଷ୍ଟେ ପ୍ରଥମ ପାଠଟି ଶେଷ କରୁ ଏବଂ ତତ୍ପରେ ଶିକ୍ଷାର କାର୍ଯ୍ୟକ୍ରମର ବ୍ୟବସ୍ଥା ଭିତରେ ପ୍ରବେଶ କରିଗଲେ ଆଗକୁ ବଢ଼ିଥାଉ । ସେହିପରି ଆମେ ପୂର୍ଣ୍ଣଯୋଗ ପଥରେ ପାଦ ଦେଲା ବେଳେ ଯେତେ ଅମାନିଆଁ ଥିଲୁ, ଅମଣିଆ ଥିଲୁ, ବର୍ତ୍ତମାନ ମଧ୍ୟ ସେହିପରି ରହିଛେ, ଆମର ଶରୀର ଏବଂ ତା'ର କ୍ରିୟା-ପ୍ରକ୍ରିୟା ପ୍ରାଣର ଅନ୍ତଃପ୍ରକୃତି ପଶୁ ପରି ଆଚରଣ କରିବାରେ ଲାଗିଛି । ମନ ଆମର ଏକ ଅଦ୍ୱିତୀୟ ଯାନ୍ତ୍ରିକ ବ୍ୟବସ୍ଥା; ଯାହା ଅହଂକାର ଭିତରେ ବୁଡିରହି ଭାବୁଛି ମୋର ଉପସ୍ଥିତି ମାନବ ସୃଷ୍ଟି କରିଛି; ମଣିଷ ସୃଷ୍ଟିର ସର୍ବଶେଷ ପ୍ରଜାତି (latest species), ସମସ୍ତଙ୍କ ପଛରେ ମୁଁ ଜନ୍ମ ହୋଇଛି କିନ୍ତୁ ସମସ୍ତଙ୍କ ଆଗରେ ଠିଆ ହୋଇଛି; ବାହାସ୍ଫୋଟ ମାରି କହୁଛି, ''ଭଗବାନ୍ ସମସ୍ତଙ୍କୁ ସୃଷ୍ଟି କରି ସାରିଲା ପରେ ମୋତେ ସୃଷ୍ଟି କଲେ, ମୋ ପୂର୍ବରୁ ସକଳ ଜୀବ, ସ୍ଥାବର, ଜଙ୍ଗମ, କୀଟ ପତଙ୍ଗ, ସରୀସୃପ, ପକ୍ଷୀ ସମସ୍ତେ ମୋର ଅଧୀନ, ମୋର ସେବାକାରୀ ।'' ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ ''ସାବିତ୍ରୀ''ରେ ମଣିଷର ଏତାଦୃଶ ଅହଂକାର, ଦମ୍ଭ ଓ ଦର୍ପର ପରିପ୍ରକାଶ କେଉଁ ପ୍ରକାରରେ ହେଉଛି ତାହା ବର୍ଣ୍ଣନା କରିଛନ୍ତି :

''The last-born of the earth I stand the first;
Her slow millenniums waited for my birth.''
(Savitri, p. 511)

''ଏହି ଧରାପୃଷ୍ଠେ ସମସ୍ତଙ୍କ ପରେ ହୋଇଅଛି ମୋର ଜନ୍ମ,
ଛିଡ଼ା ମୁଁ ହୋଇଛି ସମସ୍ତଙ୍କ ଅଗ୍ରେ ସକଳଙ୍କ ଠାରୁ ଭିନ୍ନ;
ଧୀର ଓ ମନ୍ଥର ଗତି ପ୍ରବାହରେ ସହସ୍ର ସହସ୍ର ବର୍ଷ
ମୋ ଜନ୍ମଦିନର ପ୍ରତୀକ୍ଷାରେ ଥିଲେ ହୃଦୟେ ବହି ହରଷ ।''

ମଣିଷର ଅହଂକାର ଏତିକିରେ ଶେଷ ହୋଇ ନାହିଁ । ଭିତରେ ଥିବା ଅହଂକାର ଘୋଷଣା କରି ଚାଲିଛି, ଯଦ୍ୟପି ମୁଁ ମୃତ୍ୟୁ କବଳିତ କାଳବକ୍ଷରେ ବାସ କରୁଛି, ମୃତ୍ୟୁ ହେଉଛି ମୋର ଶରୀର ଓ ଆତ୍ମାର ଏକ ମାଲିକ ତଥାପି ମୋ ପାଇଁ ଏବଂ ମୋର ବ୍ୟବହାର ନିମନ୍ତେ ଏହି ଜଗତକୁ ଭଗବାନ୍ ଗଢ଼ିଛନ୍ତି । ଏକ ନଶ୍ୱର ପତନଶୀଳ ଶରୀର ଶାଶ୍ୱତ ଆତ୍ମାକୁ ନିଜ ଭିତରେ ଧାରଣ କରି ଚଳପ୍ରଚଳ ହେଉଛି । ମୁଁ ହେଉଛି ଭଗବାନ୍, ମୋ ଭିତରେ ସେ ବଢ଼ୁଛନ୍ତି । ଏହି ଯେଉଁ ସୂର୍ଯ୍ୟ, ଚନ୍ଦ୍ର ଦେଖୁଛନ୍ତି, ସେମାନେ ମୋର ଚଲାପଥକୁ ଆଲୋକିତ କରିବା ପାଇଁ ସୃଷ୍ଟି ହୋଇଛନ୍ତି । ବାୟୁର ଉଦ୍ଭାବନ କେବଳ ମୋ ଫୁସ୍‌ଫୁସ୍‌ର ଶ୍ୱାସପ୍ରଶ୍ୱାସର ପ୍ରକ୍ରିୟା ନିମନ୍ତେ – ଇତ୍ୟାଦି ଇତ୍ୟାଦି ।

ଏହିପରି ଅହଂକାରୀ ମଣିଷ ନିମନ୍ତେ ମା' ପରମ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରି କହୁଛନ୍ତି, ''ହେ ପ୍ରଭୁ ! ଏହି ପ୍ରକାରର ସମସ୍ତ ମଣିଷଙ୍କୁ ତୁମର ପ୍ରଶାନ୍ତି ଏବଂ ଆଲୋକ ପ୍ରଦାନ କର; ସେମାନଙ୍କୁ ମୃତ୍ୟୁ ଭୟରୁ ରକ୍ଷା କର ।'' ଏହି ମୃତ୍ୟୁ-ଭୟ ସମ୍ପର୍କରେ ଆଶ୍ରମର ଜନୈକ ସାଧକ ଭକ୍ତ ଦିବ୍ୟଜନନୀ ଶ୍ରୀମାଙ୍କ ସହିତ ଯେଉଁ ପତ୍ରାଳାପ କରିଥିଲେ, ସାକ୍ଷାତ୍କାର ସମୟରେ ଯାହା କଥାବାର୍ତ୍ତା ହୋଇଥିଲେ ତାହା ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ ।

ତାହା ହେଲା –

'କେ' ଆଶ୍ରମର ଜଣେ ସାଧକ । ସେ ଥରେ ମା'ଙ୍କୁ ଏକ ପତ୍ର ଲେଖି ଜଣାଇଲେ, ''ହେ ମୋର ମଧୁମୟି ମା ! ମୋର ମନେ ହେଉଛି ମୃତ୍ୟୁ ମୋର ପଶ୍ଚାତରେ ଅନୁଧାବନ କରୁଛି ।'' ମା' ସହସା ସେହି ଚିଠିର ପଛପଟେ ଯେଉଁ ଉତ୍ତରଟି ଲେଖି ଦେଲେ ତାହା ହେଲା, ''ଅହଂକାର ମଧ୍ୟରୁ ଏହି ମୃତ୍ୟୁ ପ୍ରସ୍ତାବମାନ ସାଧାରଣତଃ ଆସିଥାଏ, ଯେତେବେଳେ ଅହଂକାର ତା'ର ଅଧିକାର ଛାଡ଼ି ଚାଲି ଯିବାର ବେଳ ଆସି ପହଞ୍ଚିବ ସବୁ କିଛି ଠିକ୍‌ଠାକ୍ ହୋଇଯିବ ।''

'କେ' ପୁନରାୟ ମା'ଙ୍କ ନିକଟକୁ ଲେଖି ଜଣାଇଲେ ଯେ 'ମା' ଏହିସବୁ ପ୍ରସ୍ତାବଗୁଡ଼ିକ କେବଳ ଛାଇ ସଦୃଶ ମୋ ଉପରେ ଆସି ପଡୁଛି, ଏବଂ ମୁଁ ସର୍ବଦା ଦିବାରାତ୍ରି ଗଭୀର, ଜ୍ୟୋତିର୍ମୟ, ସମ୍ପୂର୍ଣ୍ଣ ଓ ଶକ୍ତିଶାଳୀ ଆସ୍ପୃହା ମଧ୍ୟରେ ବାସ କରିବା ଉଚିତ ହେବ କି ? ମା' ଉତ୍ତରରେ ଲେଖିଲେ, ''ଏହା ସମ୍ପୂର୍ଣ୍ଣ ଠିକ୍ କଥା ଏବଂ ଏହିପରି ଅବସ୍ଥା ତୁମ ଭିତରେ ପ୍ରତିଷ୍ଠିତ ହୋଇ ରହିବା ପାଇଁ ମୋର ଆଶୀର୍ବାଦ ।''

ତଥାପି ପ୍ରଶ୍ନଟି 'କେ'ଙ୍କର ମସ୍ତିଷ୍କକୁ ଭାରାକ୍ରାନ୍ତ କରି ରଖିଥାଏ । ଦୁଇମାସ ପରେ ମା'ଙ୍କ ସହିତ ଏକ ସାକ୍ଷାତ୍କାର ସମୟରେ ସେହି ବିଷୟଟିକୁ ପୁନଶ୍ଚ ମା'ଙ୍କ ସମ୍ମୁଖରେ ପ୍ରକାଶ କଲେ । ଦିବ୍ୟଜନନୀ ଶ୍ରୀମା ସବୁ ଶୁଣିଲେ ଏବଂ କହିଲେ, ''ଏହିପରି ଭୟମାନେ ବାୟୁମଣ୍ଡଳରେ ସବୁଠାରେ ଉର୍ଦ୍ଧ୍ୱ ହୋଇ

*(ଅବଶିଷ୍ଟାଂଶ ପୃଷ୍ଠା ୨୬ରେ ଦେଖନ୍ତୁ)*

# ‘‘ଦ୍ୱୀପାନ୍ତରର କଥା’’ ଓ ‘‘କାରା-ଜୀବନୀ’’
## (୧)

**ପୂର୍ବାଭାସ (ପ୍ରଥମାର୍ଦ୍ଧ) :**

ବାରୀନ୍ଦ୍ର କୁମାର ଘୋଷଙ୍କର ‘‘ଦ୍ୱୀପାନ୍ତରର କଥା’’ ଏବଂ ଉଲ୍ଲାସକର ଦତ୍ତଙ୍କର ‘‘କାରା-ଜୀବନୀ’’ ଗ୍ରନ୍ଥ ସମ୍ବନ୍ଧେ ପଦେ ଅଧେ । ବସ୍ତୁତଃ ଏମାନେ ଦୁଇଜଣଯାକ ସ୍ୱଦେଶୀ ଯୁଗର ବଙ୍ଗଳାର ଦୁଇ ଜ୍ୟୋତିଷ୍କ ।...

ସେ ସମୟରେ ଆଣ୍ଡାମାନର ସେଲୁ୍ୟଲାର ଜେଲର ବନ୍ଦୀଦଶାର ଯେଉଁ ଭୟାବହ ଜୀବନ ଚିତ୍ର ବାରୀନ୍ଦ୍ର ଓ ଉଲ୍ଲାସକର ପରିବେଷଣ କରିଛନ୍ତି, ସେସବୁ ସମ୍ବନ୍ଧେ ଜାଣିବା ସଙ୍ଗେ ସଙ୍ଗେ ଏହି ବହି ଦୁଇଟିରେ ପାଠକ ଅନେକ ଚିନ୍ତାର ଖୋରାକ ପାଇବେ । ବାରୀନ୍ଦ୍ରଙ୍କର ରଚନାରେ ରସବୋଧର ପରିଚୟ ସହ ପାଇବେ ସେସମୟର ଆଣ୍ଡାମାନର ଭୌଗୋଳିକ ଅବସ୍ଥାନ, ଏହାର ଇତିହାସ, ବ୍ରିଟିଶ ଶାସକମାନଙ୍କର ମନୋଭାବ, କଏଦୀମାନଙ୍କର ମନସ୍ତତ୍ତ୍ୱ ଏବଂ ଆହୁରି ଅନେକ କିଛି । ବିଶେଷ କରି କଏଦୀମାନଙ୍କର ମାନସିକ ଅଧୋଗତିର କାରଣ ଏବଂ ସେମାନଙ୍କର ଜୀବନ ଓ ଚରିତ୍ରର ଉନ୍ନୟନର ଯେଉଁ ପଥ ନିର୍ଦ୍ଦେଶ ବାରୀନ୍ଦ୍ର କରିଛନ୍ତି ତାଙ୍କର ସୁନିପୁଣ ବିଶ୍ଳେଷଣରେ, ତାହା ଆଜି ଅତ୍ୟନ୍ତ ପ୍ରାସଙ୍ଗିକ । ତା’ ସହ ବାରୀନ୍ଦ୍ରଙ୍କର ଅନୁପମ ଭାଷାଶୈଳୀ ଏବଂ ମଝିରେ ମଝିରେ ଜୀବନ ଦର୍ଶନର ଦୀପ୍ତି, ‘ଦ୍ୱୀପାନ୍ତରର କଥା’ର ଏକ ସମ୍ପଦ । ଶାସକ-ଶାସିତର ସମ୍ପର୍କର ଯେଉଁ ସମସ୍ତ ଦିଗ ଆମମାନଙ୍କୁ ଆଜି ବି ପ୍ରଭାବିତ କରେ, ତା’ର ମଧ୍ୟ କିଛି ସଙ୍କେତ ଏଇ ବହିରୁ ପାଠକମାନେ ପାଇବେ । କ୍ଷମତାଶାଳୀମାନଙ୍କର ଚରିତ୍ର ଯେ କେତେଦୂର ସଭ୍ୟତାର ବିପରୀତରେ ଯାଇପାରେ ଏବଂ କ୍ଷମତାସୀନଙ୍କୁ ଆନୁଗତ୍ୟ ନ ଦେଖାଇ ତାଙ୍କ ବିରୋଧରେ ଗଲେ ତାହା ଯେ କି ପ୍ରକାର ବିଭୀଷିକାମୟ ହୋଇ ଛିଡ଼ା ହୋଇପାରେ, ସବୁ ଯୁଗରେ ବି ତା’ର ଦୃଷ୍ଟାନ୍ତ ଅଛି – ଏହି ବହି ଦୁଇଟି ସେଇ ସତ୍ୟକୁ ନିମର୍ମ ଭାବରେ ଉନ୍ମୋଚିତ କରେ ପୁଣି ଆଉ ଥରେ ଅନ୍ୟ ଦେଶ-କାଳରେ । ତେବେ ଏଠାରେ କେବଳ ଶାସକର ଏକଛତ୍ର ଆସ୍ଫାଳନ ନାହିଁ – ଗୋଟିଏ ବଡ଼ ଗର୍ବର ବିଷୟ ହେଉଛି ସେଲୁ୍ୟଲାର ଜେଲରେ କଏଦୀମାନଙ୍କର ଧର୍ମଘଟ ନ୍ୟାଯ୍ୟ ଅଧିକାର ଦାବୀ କରେ । ସେମାନଙ୍କର ସାହସ ଏବଂ ମନୋବଳ ଆଜି ବି ଆମମାନଙ୍କୁ ଉଦ୍ଦୀପିତ କରି ତୋଳେ ।

ଉଲ୍ଲାସକରଙ୍କ ବହିରେ ଅବଶ୍ୟ ଆଉ ଟିକିଏ ଭିନ୍ନ ଆକର୍ଷଣ ରହିଛି । ବାରୀନ୍ଦ୍ର ଯେପରି କବି, ଉଲ୍ଲାସକର ସେହିପରି ଏକସଙ୍ଗେ ବିଜ୍ଞାନମନସ୍କ ଜଣେ ଦାର୍ଶନିକ । ତାଙ୍କ ବହିରେ ନାନା ସ୍ଥାନରେ ‘ଅତିଲୌକିକତା’ର ସ୍ପର୍ଶ ଅଛି – ସେ ଖୋଲାଖୋଲି ଭାବରେ ଏଇ ଧରଣର କିଛି ଘଟଣା ବିବୃତ କରିଛନ୍ତି, ମଝିରେ ମଝିରେ ତାଙ୍କର ସେ ଦାର୍ଶନିକ ବ୍ୟାଖ୍ୟା ଉପସ୍ଥାପନ କରିଛନ୍ତି, ତାହା ପାଠକଙ୍କୁ ନୂତନ ଭାବରେ ଚିନ୍ତାର ଖୋରାକ ଯୋଗାଇଦେବ । କେହି ଯଦି କହନ୍ତି, ଉଲ୍ଲାସକର ଜେଲର ନିର୍ଯାତନାରେ ଉନ୍ମାଦ-ପ୍ରାୟ ହୋଇ ଏହିସବୁ କଥା ଲେଖିଛନ୍ତି, ତାହା କହିବା ସମ୍ପୂର୍ଣ୍ଣ ଠିକ୍ ହେବ ନାହିଁ । ତାଙ୍କର ଏଇ ଖୋଲା ମନ ଏବଂ ଦାର୍ଶନିକ ବିଶ୍ଳେଷଣ ସାମର୍ଥ୍ୟର ପ୍ରଦର୍ଶନ କରେ ।

*

ଏହାପରେ ଉଲ୍ଲାସକର ଦତ୍ତ ଓ ବାରୀନ୍ଦ୍ର କୁମାର ଘୋଷଙ୍କର ଜୀବନ-ବୃତ୍ତାନ୍ତ ସମ୍ବନ୍ଧରେ ଏହି ପିଢ଼ିର ପାଠକମାନଙ୍କ ପାଇଁ କେତୋଟି ସୂଚନା :

### ଉଲ୍ଲାସକର ଦତ୍ତ
(୧୬.୦୪.୧୮୮୫ – ୧୭.୦୫.୧୯୬୫)

ଜନ୍ମସ୍ଥାନ ତ୍ରିପୁରାର କାଲିକଚ୍ଛ । ପିତା ଦ୍ୱିଜଦାସ ଦତ୍ତ ଥିଲେ ବୈଦିକ ସାହିତ୍ୟରେ ପଣ୍ଡିତ ଏବଂ ବ୍ରାହ୍ମସମାଜର ସଭ୍ୟ । ସେହିଁ ସର୍ବପ୍ରଥମ ଏ ଦେଶରୁ କୃଷି ବିଦ୍ୟା ଅଧ୍ୟୟନ କରିବାକୁ ବିଲାତ ଯାଆନ୍ତି । ଉଲ୍ଲାସକର ୧୯୦୩ ଖ୍ରୀ:ରେ କୁମିଲ୍ଲାରୁ ଏନ୍‌ଟ୍ରାନ୍‌ସ ପାସ କରି କଲିକତା ପ୍ରେସିଡେନ୍‌ସି କଲେଜରେ ଭର୍ତ୍ତି ହୁଅନ୍ତି । ଗୀତ ଗାଇବାରେ ଏବଂ କ୍ୟାରିକେଚର କରିବାରେ ତାଙ୍କର ସମକକ୍ଷ କେହି ନଥିଲେ । ପ୍ରାଣୋଚ୍ଛଳ ଦିଲ୍ ଦରିୟା ଏବଂ ଅବଶ୍ୟହିଁ ମହତ୍ ହୃଦୟର ଏକ ତରୁଣ କଲେଜରେ ରାସେଲ ନାମକ ଇଂରାଜୀ ଅଧ୍ୟାପକଙ୍କର ବେଙ୍ଗଲୀ ଛାତ୍ରମାନଙ୍କ

ସମ୍ବନ୍ଧରେ ଅପମାନଜନକ ଉକ୍ତିରେ ପ୍ରତିବାଦ କରି ତାଙ୍କୁ ଜୋତାରେ ପ୍ରହାର କରନ୍ତି । ପ୍ରଥମରେ ସେ ଦାମୀ ବିଲାତୀ ପୋଷାକ ପିନ୍ଧୁଥିଲେ, ଏହା ପରଠାରୁ ସେସବୁ ଛାଡ଼ି ସାଧାରଣ ବେଙ୍ଗଲୀ ପୋଷାକ ପିନ୍ଧିବାକୁ ଆରମ୍ଭ କରନ୍ତି । କଲେଜ ତ୍ୟାଗ କରି ବାରୀନ୍ ଘୋଷଙ୍କର ବିପ୍ଳବୀ ଦଳରେ ଯୋଗ ଦିଅନ୍ତି । କଲେଜରେ ପଢ଼ାଶୁଣାର ସେପରି କିଛି ମନ ନଥିଲା, ବରଂ ଦେଶ ବିଦେଶର ବିପ୍ଳବ ସାହିତ୍ୟ ମନଦେଇ ପଢ଼ନ୍ତି ଏବଂ ଭାବନ୍ତି ବ୍ୟାବହାରିକ ଦିଗରୁ ଲେଖାଲେଖିରେ ଦେଶ ନିମନ୍ତେ କିଛି କରାଯାଇ ପାରିବ କି ନାହିଁ । ରବୀନ୍ଦ୍ରନାଥଙ୍କର 'ସ୍ୱଦେଶୀ ସମାଜ'ର ଭାବନା ତାଙ୍କୁ ଆକୃଷ୍ଟ କରେ, ସେଥି ସହିତ ରବୀନ୍ଦ୍ରନାଥଙ୍କର ସ୍ୱଦେଶୀ ଗୀତସବୁ ଶିଖିବାକୁ ଆରମ୍ଭ କରନ୍ତି । ପରେ ବୋମା ତିଆରିରେ ଉତ୍ସାହୀ ହୋଇ ଉଠନ୍ତି – ବିଶେଷତଃ ପିକ୍‌ରିକ୍ ଏସିଡ୍ ବ୍ୟବହାର କରି । ଏଇ ଘଟଣା ଲାଗି ମୁରାରୀପୁକୁରର (ମାଣିକତଳା) ବଗିଚା ଘରହିଁ ହୋଇଉଠେ କର୍ମକ୍ଷେତ୍ର । ୧୯୦୫-୧୯୦୬ରେ ବଙ୍ଗଭଙ୍ଗ ବିରୋଧୀ ଆନ୍ଦୋଳନରେ ଅଂଶ ଗ୍ରହଣ କରନ୍ତି । ମୁଜାଫର୍‌ପୁରରେ ବୋମା ବିସ୍ଫୋରଣ ଘଟଣାରେ ପରିଣତି ସ୍ୱରୂପ ୧୯୦୮ ମେ ୨ ତାରିଖରେ ମୁରାରୀପୁକୁରରେ ଗ୍ରେପ୍ତାର ହୁଅନ୍ତି । ୧୯୦୯ ଖ୍ରୀଷ୍ଟାବ୍ଦରେ ଆଲିପୁର ବୋମା ମାମଲାରେ ତାଙ୍କର ଏବଂ ବାରୀନ୍ ଘୋଷଙ୍କର ଫାଶୀର ଆଦେଶ ହୁଏ । ହାଇକୋର୍ଟର ଅପିଲରେ ଶେଷ ପର୍ଯ୍ୟନ୍ତ ଫାଶୀର ଆଦେଶ ବାତିଲ ହୋଇ ଆଣ୍ଡାମାନକୁ ଦ୍ୱୀପାନ୍ତରିତ ହୁଅନ୍ତି । ସେ ୧୯୨୦ରେ ମୁକ୍ତି ଲାଭ ପରେ ରାଜନୀତିରେ ଅଂଶ ଗ୍ରହଣ କଲେ ନାହିଁ । ୧୯୪୮ ସାଲରେ ୬୪ ବର୍ଷ ବୟସରେ (ମତାନ୍ତରରେ ୬୩) ଯୌବନରେ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ବିପିନଚନ୍ଦ୍ର ପାଲଙ୍କର ବିଧବା କନ୍ୟା ଲୀଳାକୁ ବିବାହ କଲେ । ସେ ତାଙ୍କ ପଙ୍ଗୁ ସ୍ତ୍ରୀଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ଶୁଶ୍ରୂଷା କରିଛନ୍ତି । ଆସାମର ଶିଲ୍‌ଚରରେ ସେ ରହୁଥାଆନ୍ତି । ସେ ଦେଶ-ସେବକର ସରକାରୀ ଭତ୍ତା ଗ୍ରହଣ କରି ନାହାନ୍ତି । ୧୭ ମେ ୧୯୬୫ ମସିହାରେ ତାଙ୍କର ଦେହାବସାନ ଘଟେ । ଆଣ୍ଡାମାନର ଡେପୁଟି କମିଶନର ଲିଉଇସ୍ ସାହେବଙ୍କର ମନ୍ତବ୍ୟଟି ଅବିସ୍ମରଣୀୟ : ''Ullaskar is one of the noblest boys I have ever seen, but he is too idealistic.'' (ବନ୍ଦୀମାନଙ୍କ ମଧ୍ୟରୁ ଉଲ୍ଲାସକର ସଦୃଶ ଏପରି ଭଦ୍ର ଯୁବକ ମୁଁ ଆଜିଯାଏ ଦେଖି ନାହିଁ, କିନ୍ତୁ ସେ ଅତ୍ୟନ୍ତ ଆଦର୍ଶବାଦୀ ।)

ଉଲ୍ଲାସକର ଦତ୍ତଙ୍କ ସମ୍ବନ୍ଧରେ ତାଙ୍କ ସହପାଠୀ ଓ ସତୀର୍ଥ ନଳିନୀକାନ୍ତ ଗୁପ୍ତଙ୍କର ସ୍ମୃତିଚାରଣ ଦେଇ ଶେଷ କରୁଛି : ''ଉଲ୍ଲାସକର ଦତ୍ତ – ଆମମାନଙ୍କର ସହପାଠୀ । ସେ ରହୁଥିଲା ଇଡ଼େନ୍ ହିନ୍ଦୁ ହଷ୍ଟେଲରେ । ପଟେ ଚପଲ ଖବର କାଗଜରେ ମୋଡ଼ି କାଖ ତଳେ ଜାକି ସେ କଲେଜ ଆସିଥିଲା ଏବଂ ସୁଯୋଗ ପାଇବା ମାତ୍ରେ ତା'ର ସଦ୍‌ବ୍ୟବହାର କରିଥିଲା । ଏଇ ଉଲ୍ଲାସକରର ଜୀବନ-କାହାଣୀ ଗୋଟିଏ ଡ୍ରାମା – ଯଦିଓ ପରିଣତି ଦୁଃଖାତ୍ମକ । ଏଇ ଘଟଣା ପରେ ସେ ବାରୀନ୍ ଘୋଷଙ୍କର ସଙ୍ଗେ ମାଣିକତଳାରେ ଯୋଗ ଦିଏ – ଏବଂ ତା'ର ସମସ୍ତ ବୁଦ୍ଧି ଓ ଶକ୍ତି ବିନିଯୋଗ କରେ ବୋମା ଆବିଷ୍କାରରେ । ବୋମାର 'ବ' ପର୍ଯ୍ୟନ୍ତ ତାକୁ ଜଣା ନଥିଲା । ସେ ନିଜେ କେମେଷ୍ଟ୍ରି ବହି ପଢ଼ି, ବିଭିନ୍ନ ପୁସ୍ତକରୁ ଜ୍ଞାନ ଆହରଣ କରି, ବିସ୍ଫୋଟକ(explosive) ତତ୍ତ୍ୱ ଆୟତ୍ତ କରେ – ଏସବୁ କେହି ତାକୁ ଶିଖାଇ ନାହିଁ । ତା'ର ବାପା ଦ୍ୱିଜଦାସ ଦତ୍ତ ଶିବପୁର ଇଞ୍ଜିନିୟରିଂ କଲେଜରେ ପ୍ରଫେସର ଥିଲେ । ତାଙ୍କର ବାସଭବନରେ ଗୋଟିଏ ଛୋଟ ଲାବୋରଟରୀ ଭଳି ଥିଲା – ଉଲ୍ଲାସକର ଲୁଚି ଲୁଚି ସେଠାରେ ବୋମା ପ୍ରସ୍ତୁତିର ଆଦିପର୍ବ ଆରମ୍ଭ କରିଥିଲା । ସେ ଏହି କାର୍ଯ୍ୟରେ କେତେଦୂର ସଫଳ ହୋଇଥିଲା ତା'ର ପ୍ରମାଣ ତା' ଦ୍ୱାରା ତିଆରି ପ୍ରଥମ ବୋମାରେ ଆମମାନଙ୍କର ଅତି ଆପଣାର ଜଣକୁ ସହିଦ ହେବାକୁ ହେଲା (ପ୍ରଫୁଲ୍ଲ ଚକ୍ରବର୍ତ୍ତୀ) । ଏଇ କାର୍ଯ୍ୟରେ ସହକର୍ମୀମାନଙ୍କ ମଧ୍ୟରେ ମୁଁ ମଧ୍ୟ ଜଣେ ଥିଲି ।

''ଉଲ୍ଲାସକର ସାର୍ଥକନାମା ପୁରୁଷ ଥିଲା – ସତକୁ ସତ ଉଲ୍ଲାସର ଅଫୁରନ୍ତ ଆକର । ଜେଲରୁ ଯେତେବେଳେ ଆମକୁ ଜେଲଖାନା ଗାଡ଼ି (Prison Van)ରେ କୋର୍ଟକୁ ନିଆ ଯାଉଥାଏ, ସେତେବେଳେ ଆମେ ସାରା ରାସ୍ତା ଗୀତ ଗାଇ ଚତୁର୍ଦ୍ଦିଗ କମ୍ପାଇ ଯାଉଥାଉ – ଉଲ୍ଲାସକର ଥିଲା ଏଥିରେ ଓସ୍ତାଦ; ସେ ମୁଖ୍ୟ ଗାୟକ, ଆମେ ତାଙ୍କ ସଙ୍ଗେ ପାଳି ଧରୁ । 'ଆଜି ବାଂଲାଦେଶର ହୃଦୟରୁ', 'ବାଂଲାର ମାଟି, ବାଂଲାର ଜଲ', 'ମେରା ସୋନେ କି ହିନ୍ଦୁସ୍ତାନ' ପ୍ରଭୃତି ଗୀତ ଏବେ ବି କାନରେ ବାଜେ । ବର୍ତ୍ତମାନ ବି କଣ୍ଠସ୍ଥ ଅଛି । ସେ କଳଧ୍ୱନି ହଠାତ୍ ଶୁଣିଲେ ମନେ ହେବ ସ୍ୱଦେଶୀ ଶୋଭାଯାତ୍ରା ଚାଲିଛି, କିଏ କହିବ କଏଦୀର ଦଳ ବୋଲି ? ସେ ସଙ୍ଗୀତ ଏପରି ମନ-ପ୍ରାଣ ମତାଣିଆ ଥିଲା ଯେ ଆମର ପୋଲିସ ପ୍ରହରୀ ବା ଗାଡ଼ି ଚାଳକ କେବେ ବି କିଛି ଆପତ୍ତି କରି ନାହାନ୍ତି ।

''ଶୁଣିଛି ଉଲ୍ଲାସ ଆଜି ବି ଜୀବିତ – କିନ୍ତୁ ଜୀବିତ ଥିଲେ ହିଁ ମୃତପ୍ରାୟ । ଦଶ-ବାର ବର୍ଷ ଆଣ୍ଡାମାନର କାରାଜୀବନ ତା'ର ଦେହକୁ, ମସ୍ତିଷ୍କକୁ ବିକଳ କରି ଦେଇଥିଲା । କିନ୍ତୁ ଯଜ୍ଞର ଏହି ତ ନିୟମ – ବାରୀନ୍-ଦା ଯେପରି କହୁଥିଲେ – ଏହି ବିବାହର ଏଇ ମନ୍ତ୍ର ।

''କାରଣ, ସେହି ଉତ୍ସାହ, ସେହି ଉଜ୍ଜୀବନ ଲାଭ-କ୍ଷତିର ଅଣୁମାତ୍ର ଗଣନା କରେ ନାହିଁ – ସେ ଚାଲିଯାଏ ନିଜସ୍ୱ ବେଗର ନିଭୃତ ସାର୍ଥକତାରେ ନିଜେ – ତେଣୁ ତ ସମସ୍ତେ ଖୋଲା ଆଖିରେ ଏହା ଦେଖିଛନ୍ତି, ମୁକ୍ତ କଣ୍ଠରେ ଗାଇଛନ୍ତି :

''ଆସିଛିରେ ସେଦିନ
ଲକ୍ଷ ଲକ୍ଷ ନିରାସକ୍ତ ଶଙ୍କାହୀନ ପ୍ରାଣେ ।
ନ ରଖେ କାହାର ଋଣ ।
ଜୀବନ ମୃତ୍ୟୁ ପାଦର ଭୃତ୍ୟ,
ଚିତ୍ତ ଭାବନାହୀନ ।''

('ସ୍ମୃତିର ପାତା')

(କ୍ରମଶଃ)

(ସୁପ୍ରିୟ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦିତ ମୂଳ ବଙ୍ଗଳା ଗ୍ରନ୍ଥ 'ଦ୍ୱିପାନ୍ତରେର୍ କଥା' ଓ 'କାରା-ଜୀବନୀ'ରୁ ସଂଗୃହୀତ ଓ ଅନୂଦିତ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑

---

*(ପୃଷ୍ଠା ୨୩ର ଅବଶିଷ୍ଟାଂଶ)*

ରହିଛନ୍ତି ।'' 'କେ' କହିଲେ, ''ମା, ମୁଁ କ'ଣ ସେମାନଙ୍କୁ ଜୋର୍ କରି କହିଦେବି, ''ନା ଏପରି ଘଟଣା ଆଦୌ ଘଟିବ ନାହିଁ ।'' ମା 'କେ'ଙ୍କର କଥାକୁ ଖୁବ୍ ମନୋଯୋଗ ସହକାରେ, ଧୈର୍ଯ୍ୟର ସହିତ, ଧୀରସ୍ଥିର ହୋଇ ଜଣେ ନିଷ୍ଠାବାନ୍ ଶ୍ରୋତା ପରି ଶୁଣୁଥିଲେ; ହଠାତ୍ ସିଧାହୋଇ ବସି ପଡ଼ିଲେ, କି ଅପୂର୍ବ ମୂର୍ତ୍ତି ! ଶରୀରରେ ଦିବ୍ୟ-ଜ୍ୟୋତିର ଝଲକ, ମା' ଦକ୍ଷିଣ ହସ୍ତର ସମସ୍ତ ଅଙ୍ଗୁଳି ବନ୍ଦ କରି କେବଳ ମଧ୍ୟମା ଅଙ୍ଗୁଳିଟିକୁ ଦେଖାଇ ଗୁରୁଗମ୍ଭୀର ତଥା ଗୁରୁତ୍ୱପୂର୍ଣ୍ଣ କଣ୍ଠରେ କହିଲେ, ''ହଁ ଏପରି ଗୋଟିଏ ମୁହୂର୍ତ୍ତ ଆସି ପହଞ୍ଚେ ଯେତେବେଳେ ବ୍ୟକ୍ତିକୁ କହିବାକୁ ହେବ, ''ଯାହା ପରମ ପ୍ରଭୁ ଇଚ୍ଛା କରିବେ ।''

(ଦିବ୍ୟସମାଚାର ପୁସ୍ତକର, ପୃ. ୧୬୯)

ପ୍ରଭୁ ଇଚ୍ଛା କଲେ ତାଙ୍କର ନିଜସ୍ୱ ପ୍ରଶାନ୍ତି ଓ ଆଲୋକ ଏବଂ ପ୍ରେମ ଆମକୁ ପ୍ରଦାନ କରିବେ, କିନ୍ତୁ ସେଥିପାଇଁ ଆମକୁ ପ୍ରସ୍ତୁତ ହେବାକୁ ହେବ । ଦିବ୍ୟଜନନୀଙ୍କର ପାଦପଦ୍ମରେ ପ୍ରଣତି ଢାଳି ପ୍ରଭୁଙ୍କର ଦିବ୍ୟ ଇଚ୍ଛାକୁ ଅପେକ୍ଷା କରିବା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations : The Mother.
(୨) Musing on the Mother's Prayers and Meditations, Vol. 1 – Shyam Kumari.

---

ନିରନ୍ତର ଏପରି ଜୀବନଯାପନ କର ଯେପରି ସ୍ୱୟଂ ପରମ ପ୍ରଭୁ ଓ ଦିବ୍ୟଜନନୀ ତୁମକୁ ଚାହିଁ ରହିଛନ୍ତି । ଏପରି କିଛି କର ନା ଓ ଚିନ୍ତା ତଥା ଅନୁଭୂତିରେ ସ୍ଥାନ ଦେବାକୁ ଚେଷ୍ଟା କର ନା ଯାହା ଏହି ଦିବ୍ୟ-ଉପସ୍ଥିତିର ଅଯୋଗ୍ୟ ।

– ଶ୍ରୀଅରବିନ୍ଦ

ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୭) :

# ପରିପୂର୍ଣ୍ଣ ଗଛଟିଏ

## ପ୍ରସାଦ ତ୍ରିପାଠୀ

ଥରେ ପ୍ରପତ୍ତି କୌଣସି ସ୍ଥାନରେ କହୁଥିଲେ – ଯେତେସବୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଉଛି ସେମାନେ ସମସ୍ତେ ଚେଷ୍ଟା କରି ଲାଗି ରହିଲେ – ଯେତେ କଷ୍ଟ ହେଉ ପଛେ କିଛିଟା ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶର ପ୍ରତିଫଳନ କରିବା ନିଶ୍ଚୟ ସମ୍ଭବ ହେବ, ମାତ୍ର ଯାହା ଜଣା ପଡ଼ୁଛି ସବୁଗୁଡ଼ିକ ପ୍ରାୟ ତିନି ପ୍ରକାରର ହେବେ । କିଛି ସ୍କୁଲ ଆଦୌ କଷ୍ଟ ନକରି, ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶ ପାଇଁ ସାହସ, ଧୈର୍ଯ୍ୟ ଇତ୍ୟାଦିର ଅଭାବ ମନେକରି ଅକ୍ଳେଶରେ ସାଧାରଣ ସ୍କୁଲ ହେବା ପାଇଁ ସ୍ଥିର କରିବେ । ଆଉ କେତେଗୁଡ଼ିଏ ସ୍କୁଲ କିଛି କିଛି ଉଦ୍ୟମ କରିବେ, ମାତ୍ର ତଥାପି ପୂର୍ଣ୍ଣଭାବରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶକୁ ଅନୁସରଣ କରିବେ ନାହିଁ । ମାତ୍ର, ତୃତୀୟ ପ୍ରକାରର ସ୍କୁଲସବୁ ଯେତେ କଷ୍ଟ ହେଉପଛେ ନିଶ୍ଚୟ ସମସ୍ତ ପ୍ରକାର ଉଦ୍ୟମ, ଧୈର୍ଯ୍ୟ, ସହନଶୀଳତା, ସାହସ, ନିଷ୍ଠା, ଅଧ୍ୟବସାୟ ଜରିଆରେ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶକୁ ପ୍ରକାଶ କରିବାକୁ ଚେଷ୍ଟା କରିବେ । ପୂର୍ଣ୍ଣାଙ୍ଗ ଶିକ୍ଷା ବାସ୍ତବରେ ଏକ ପୂର୍ଣ୍ଣାଙ୍ଗ ମନୁଷ୍ୟର ସୃଷ୍ଟି ପାଇଁ ଉଦ୍ୟମ କରିବ । ମାତ୍ର ଯେଉଁମାନେ ପୂର୍ଣ୍ଣାଙ୍ଗ ମନୁଷ୍ୟ ପାଇଁ ଚେଷ୍ଟା ନକରି ଏକ ସଫଳ ମନୁଷ୍ୟ ହେବା ପାଇଁ ଚେଷ୍ଟା କରିବେ ସେମାନେ ପରିଶ୍ରମ ନକରି ଅତି ସହଜରେ ସଫଳତା ପାଇଁ ଚେଷ୍ଟା କରିବେ; ଆମ ଭିତରେ ତେଣୁ କୌଣସି ମତେ ଏକ ସଫଳ ମନୁଷ୍ୟ ସୃଷ୍ଟି କରିବାର ଲାଳସା ନ ରହିବା ଆବଶ୍ୟକ ।

ମାତ୍ର କ'ଣ ପାଇଁ ଆମେ ସଫଳତା, ସଫଳ ମନୁଷ୍ୟ, ସଫଳ ଉଦ୍ୟମ, ସଫଳ ମାର୍ଗ, ସଫଳ ବ୍ୟକ୍ତିତ୍ୱ ପ୍ରଭୃତି ପାଇଁ ଉଦ୍ୟମ କରୁ ? କ'ଣ ପାଇଁ ଏତେ ପ୍ରକାରର ବ୍ୟସ୍ତତା ? ଏତେ ପ୍ରକାର ବ୍ୟଗ୍ରତା ? ସବୁ ଜାଣି କରି ଯେ ତଥାକଥିତ ସଫଳତା ଆମକୁ ଆଦୌ ଆକାଶକୁ ଉଠାଇ ନେଇ ଯିବନି ତଥାପି ଆମେ ସେହି ସଫଳତା ପଛରେ କାହିଁକି ମାତିଛୁ ?

ଆମ ଭିତରେ ଅତୀତର ପ୍ରଭାବ ଅଛି – ଅନେକ ପ୍ରକାରର ଅଛି – ଅତ୍ୟନ୍ତ ପ୍ରବଳ ଭାବରେ ଅଛି । ଅତୀତରେ ଏକ ସଫଳ ବ୍ୟକ୍ତିତ୍ୱ ପାଇଁ ଯେଉଁ ଉଦ୍ୟମ ହେଉଥିଲା, ଏବେ ବି ତା'ର ପ୍ରଭାବ ପୂର୍ଣ୍ଣ ଭାବରେ ଅଛି । ସେଥିରେ ଫଳାଫଳ ଯାହା ହେଉନା କାହିଁକି ସେଥିପାଇଁ ଆଗ୍ରହ, ଉତ୍ସାହ ଆଦୌ କମି ନାହିଁ ।

ଥରେ କୌଣସି ଏକ ସମ୍ମିଳନୀରେ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ବନ୍ଧରେ ଆଲୋଚନା ହେଉ ହେଉ ଆମ ଭିତରୁ କେହି ମନ୍ତବ୍ୟ ଦେଲେ ଆମେ ଏତେ ଉଦ୍ୟମ କରି ମଧ୍ୟ ଆମଠାରୁ ଯଥେଷ୍ଟ ଅଧିକ ସାଫଲ୍ୟ ଲାଭ କରିଥିବା ସଂସ୍ଥାସବୁ ଅଛନ୍ତି । ସେମାନଙ୍କର ସଂସ୍ଥାମାନଙ୍କରୁ ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଦଶଜଣଙ୍କ ମଧ୍ୟରେ ପ୍ରାୟ ଆଠଜଣ ସ୍ଥାନ ପାଇଛନ୍ତି । ମାତ୍ର ଆମ ବିଦ୍ୟାଳୟମାନଙ୍କରୁ କେହି ଜଣେ ହେଲେ ବି ପାଉ ନାହାନ୍ତି । ସେହି ସଭାରେ ମୁଁ ନଥିଲି; ମାତ୍ର ଏକଥା ଶୁଣିବା ପରେ ମୋ ମଧ୍ୟରେ ଭୀଷଣ ପ୍ରତିକ୍ରିୟା ହୋଇଥିଲା । ଆମେ ଯଦି ଏପର୍ଯ୍ୟନ୍ତ ଆମ ଶିକ୍ଷାର ଲକ୍ଷ୍ୟ ବିଷୟରେ ସାମାନ୍ୟ ବି ସଚେତନ ନାହୁଁ, ଏପର୍ଯ୍ୟନ୍ତ ବି ଆମେ ପୁରାତନ ଧାରା, ଅତୀତର ଜଞ୍ଜିରରୁ ମୁକୁଳି ନାହୁଁ, ତେବେ କେମିତି ଆଶା କରିବା ଆଉ କିଛି ନୂଆ କରିବା ପାଇଁ । ମାଟ୍ରିକ୍ ପରୀକ୍ଷା ଆଦୌ କୌଣସି ଛାତ୍ରଛାତ୍ରୀର ମାନ ନିର୍ଦ୍ଧାରଣ କରିପାରିବ ନାହିଁ । ଯେଉଁ ପରୀକ୍ଷା ପଦ୍ଧତିକୁ ଶ୍ରୀମା ସମ୍ପୂର୍ଣ୍ଣ ଭାବରେ ବାରଣ କରିଛନ୍ତି – ମାଟ୍ରିକ୍ ପରୀକ୍ଷା ତାହାରହିଁ ଏକ ନମୁନା । ଯେହେତୁ ଅନ୍ୟ କିଛି ଉପାୟ ନାହିଁ ବୋଲି ଆମେ ସେ ପରୀକ୍ଷା ଦେଉଛୁ । ଏକଥା କେବେହେଲେ ସତ୍ୟ ନୁହେଁ ଯେ, ଆମେ ଚିରଦିନ ପାଇଁ ସେଇ ପରୀକ୍ଷା ଦେଉଥିବୁ । ସମୟ ଆସିବ ଆମେ ନିଶ୍ଚୟ ତା'ଠାରୁ ଉର୍ଦ୍ଧ୍ୱକୁ ଉଠିଯିବୁ । ମାତ୍ର ଯଦି ଆମେ ମାଟ୍ରିକ୍ ପରୀକ୍ଷା ଏବଂ ସେ ପରୀକ୍ଷାର ଫଳାଫଳ ଅନୁଯାୟୀ ଆମର ମାନ ନିର୍ଦ୍ଧାରଣ କରି ବସୁ ତେବେ ଅନନ୍ତକାଳ ପର୍ଯ୍ୟନ୍ତ ମଧ୍ୟ ତା' ଜଞ୍ଜିରରୁ ଖସି ପାରିବା ନାହିଁ ।

ଆମକୁ ଆଗକୁ ଦେଖିବାକୁ ହେବ । ସବୁ ପିଲାମାନଙ୍କ ମଧ୍ୟରେ ଥିବା ସମ୍ଭାବନାକୁ ଖୋଜିବାକୁ ହେବ । କୌଣସି ଶ୍ରେଣୀରେ କୌଣସି ପଛୁଆ ପିଲାଙ୍କର ବୋଲି ଗୋଷ୍ଠୀ ରହିବ ନାହିଁ । ଆମର syllabus ବା courseରେ ଥିବା ବିଷୟ ସମ୍ପର୍କରେ ଯଦି ପିଲାଟି କୌଣସି ଆଗ୍ରହ ପ୍ରକାଶ ନକରେ

ତେବେ ସେ ଏକ ଅପାରଗ ବା ଦୁର୍ବଳ ପିଲା ବୋଲି ଆମେ କେବେହେଲେ କହି ପାରିବା ନାହିଁ । ସମସ୍ତଙ୍କ ମଧ୍ୟରେ ସାମର୍ଥ୍ୟ ଅଛି – ଭିନ୍ନ ଭିନ୍ନ ପ୍ରକାରର ସାମର୍ଥ୍ୟ ଅଛି । ସେଇ ସାମର୍ଥ୍ୟକୁ ଖୋଜି କାଢ଼ିବାକୁ ପଡ଼ିବ । ଆମେ ଜାଣୁ ଶ୍ରୀଅରବିନ୍ଦଙ୍କ ଉକ୍ତିରେ, ''All life is education'' ମାତ୍ର ଶିକ୍ଷାକୁ କେବଳ ସ୍କୁଲ କିଂବା କଲେଜ ମଧ୍ୟରେ ସୀମିତ ରଖି ସେଇଠାରେ ଛାତ୍ରଛାତ୍ରୀମାନଙ୍କୁ ପାରଗ, ଅପାରଗ, ସବଳ, ଦୁର୍ବଳ ଇତ୍ୟାଦି ଆଖ୍ୟା ଦେବା ଖାଲି ଅସମୀଚୀନ ନୁହେଁ, ଅନ୍ୟାୟ ମଧ୍ୟ ।

ଅନେକ ଦିନ ତଳର କଥା । ପ୍ରପତ୍ତିଙ୍କ ବକ୍ତବ୍ୟ ଅନୁଯାୟୀ ଯେଉଁ କେତୋଟି ସ୍କୁଲ ଯେତେ କଷ୍ଟ ହେଉ ପଛେ ନିଶ୍ଚୟ ଚେଷ୍ଟା କରି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆଦର୍ଶ ଅନୁଯାୟୀ ପରିଚାଳିତ ହେବେ – ସେହିଭଳି ମନେ ହେଉଥିବା ସ୍କୁଲମାନଙ୍କ ମଧ୍ୟରୁ ଗୋଟିଏ ସ୍କୁଲରେ ଥରେ ସନ୍ଧ୍ୟାରେ ଯାଇ ମୁଁ ପହଞ୍ଚିଲି । ଗୋଟିଏ ଗ୍ରାମାଞ୍ଚଳ ସ୍କୁଲ । ଅଳ୍ପ କେତୋଟି ଅପାଭାଇ । ପ୍ରାୟ ସମସ୍ତେ ଛାତ୍ରାବାସରେ ଅଛନ୍ତି । ଅଧିକାଂଶ ଛାତ୍ରଛାତ୍ରୀ ଥାଆନ୍ତି ଛାତ୍ରାବାସରେ । ଛାତ୍ରାବାସ ଯିଏ, ସ୍କୁଲ ମଧ୍ୟ ସିଏ । ରାତ୍ରୀରେ ଛାତ୍ରାବାସ – ଦିନରେ ସ୍କୁଲ । ରାତି ହୋଇ ଗଲେ ବାକ୍ସଟିମାନ ଫିଟାଇ ତା' ଭିତରୁ ବିଛଣା ଚଦର କାଢ଼ି ଘୋଡ଼ାଇ ହୋଇ ପିଲାମାନେ ଶୋଇ ପଡ଼ନ୍ତି । ସକାଳେ ବିଛଣାଆଦି ଟେକିଟାକି/ ଭାଙ୍ଗିଭୁଙ୍ଗି ବାକ୍ସରେ ଭର୍ତ୍ତି କରି ଥୋଇ ଦିଅନ୍ତି, ସେ ହୋଇଯାଏ କ୍ଲାସ ରୁମ୍ ।

ସନ୍ଧ୍ୟା ସମୟରେ ମୁଁ ପହଞ୍ଚିଥାଏ, ପିଲାଗୁଡ଼ିକ ଖେଳାଖେଳି କରୁଥା'ନ୍ତି । ହଠାତ୍ ଗୋଟାଏ ଘଣ୍ଟି ପଡ଼ିଲା । ପିଲାମାନେ ସବୁ (ଅନେକ ଛୋଟ) ଅଦ୍ଭୁତ ଭାବେ ପ୍ୟାଣ୍ଟଗୁଡ଼ିକ କାନ୍ଧରେ ପକାଇ ଚାଲିଲେ । ମୁଁ ପଚାରିଲି, ''ଏ କି ଦୃଶ୍ୟ ?'' ପରିଚାଳକ କହିଲେ, ସମସ୍ତଙ୍କୁ ଅଭ୍ୟାସ କରାଇ ଝାଡ଼ା ଫେରାଇବାକୁ ପଡୁଚି । କିଛି ଦିନ ଅଭ୍ୟାସ ହୋଇଗଲେ ବଳେ ଆଉ ଆମକୁ କହିବାକୁ ପଡ଼ିବନି, ଠିକ୍ ସେଇ ସମୟରେ ଝାଡ଼ା ଲାଗିବ, ସେମାନେ ଆପେ ଯିବେ । ପାଇଖାନା ଯଥେଷ୍ଟ ନଥିବାରୁ ସମସ୍ତେ ପଡ଼ିଆକୁ ଯାଉଛନ୍ତି । ସମସ୍ତେ ପଡ଼ିଆରୁ ଆସିଲେ । ପୁଣି ଗୋଟିଏ ଘଣ୍ଟା ପଡ଼ିଲା – ସମସ୍ତେ ଗୋଟିଏ ଗୋଟିଏ ଗିନା (ସମାନ ସାଇଜ୍‌ର) ଧରି ଚାଲିଲେ । ମୁଁ ପଚାରିଲି, ''ଏଥରକ ପୁଣି କୁଆଡ଼େ ?'' ଉତ୍ତର ମିଳିଲା, ପଖାଳ ଖାଇବେ । କେମିତି ଖାଉଛନ୍ତି ବୋଲି ଦେଖିବାକୁ ଗଲି । ଦେଖିଲି ପଖାଳ ତା' ସହିତ ଆଉ କିଛି ଗୋଟିଏ ତରକାରି ଦିଆଯାଇଛି ଏବଂ ପିଲାମାନେ ଆନନ୍ଦରେ ପେଟପୂରା ଖାଇ ଚାଲିଛନ୍ତି । ବୁଝିଲି ପ୍ରତ୍ୟେକ ଦିନ ସେଇ ସମୟରେ ପଖାଳ ଦିଆଯାଏ । ସେ ସମୟଟା କେମିତି କେଜାଣି ପିଲାଙ୍କୁ ଆରେଇ ଯାଇଛି । ସରପୁଳି ଖାଇଲେ କି ପଞ୍ଚତାରକା ହୋଟେଲରେ ମଣୋହି କରୁଥିଲେ ମଧ୍ୟ ଏଇ ଆନନ୍ଦ ମିଳିବା ସମ୍ପୂର୍ଣ୍ଣ ଅସମ୍ଭବ । ଏଠାରେ ଆନନ୍ଦ ଖାଦ୍ୟରୁ କିଂବା ତା'ର ସ୍ୱାଦରୁ ଆସୁ ନଥିଲା – ଆସୁଥିଲା ହୃଦୟରୁ । ଅନ୍ୟମାନେ କ'ଣ ଖାଆନ୍ତି, ନ ଖାଆନ୍ତି ସେ ସମ୍ପର୍କରେ ସେମାନଙ୍କର ଜାଣିବାକୁ ଆଗ୍ରହ ନଥିଲା । ବାସ୍ତବିକ ଏକ ପରିପୂର୍ଣ୍ଣ ଆନନ୍ଦ ମଧ୍ୟରେ ଯେପରି ସମସ୍ତେ ଉବେଇ ଟୁବେଇ ହୋଇ ଖାଉଥିବା ଭଳି ମନେ ହେଲା । **ସେଠାରେ ଅର୍ଥ, ଶକ୍ତି, ସାମର୍ଥ୍ୟ, ଲୋକ, ଜାଗା, ଘର, ଉପକରଣ ପ୍ରଭୃତି ସବୁଥିରେ ଅଭାବ ଲାଗିଲା; ମାତ୍ର ଦାରିଦ୍ର୍ୟ ଆଦୌ ନଥିଲା । ଆନନ୍ଦର ଏତେ ପ୍ରାଚୁର୍ଯ୍ୟ ଥିଲା ଯେ ଦାରିଦ୍ର୍ୟ ତା'ର ସତ୍ତା ହରାଇ ସାରିଥିଲା ।** କୌଣସି ଗୋଟିକର ମଧ୍ୟ ଅଭାବ କାର୍ଯ୍ୟରେ ବା କଥାରେ ଅନୁଭୂତ ହେଲା ନାହିଁ ।

ସେ ବିଦ୍ୟାଳୟର ଯାବତୀୟ କାର୍ଯ୍ୟକ୍ରମରୁ ଜଣାପଡ଼ିଲା – ପ୍ରତ୍ୟେକ ସପ୍ତାହରେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ, ଛାତ୍ର ପାଠଚକ୍ର, ଅପାଭାଇମାନଙ୍କର ପାଠଚକ୍ର ପ୍ରଭୃତି ଅତ୍ୟନ୍ତ ନିଷ୍ଠାପର ଭାବରେ କରାଯାଏ । ସମସ୍ତେ (ପ୍ରତିଟି କର୍ମୀ) ଶ୍ରୀମାଶ୍ରୀଅରବିନ୍ଦଙ୍କ ଦର୍ଶନରେ ଅନୁପ୍ରାଣିତ । ତେଣୁ ସବୁକିଛି ମା'ଙ୍କୁ ସେବା ଭାବରେ କରନ୍ତି ।

ସନ୍ଧ୍ୟା ସମୟରେ ପ୍ରାର୍ଥନା, ସମବେତ ଧ୍ୟାନ ପରେ ପାଠଚକ୍ରରେ ଯୋଗଦେଲି । ଅପାଭାଇମାନଙ୍କର କଠିନ ପରିଶ୍ରମ ସହିତ ମୁଖମଣ୍ଡଳରେ ପରିପୂର୍ଣ୍ଣ ଆନନ୍ଦ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ବାସ୍ତବିକ ସେଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟି ଯେ ଏକ ବୃହତ୍ ଶ୍ରୀଅରବିନ୍ଦ ପାଠଚକ୍ର ବୋଲି ମୋର ହୃଦ୍‌ବୋଧ ହୋଇଥିଲା ।

ଏବେ ଏଇ ଶିକ୍ଷାକେନ୍ଦ୍ରଟିରେ ଅନେକ ଅଭିବୃଦ୍ଧି ଘଟିଯାଇଛି । ତା'ର ଅନେକ ଶାଖା ପ୍ରଶାଖା, ଡାଳପତ୍ର ମେଲି ଯାଇଛି । ସେଠାରେ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ରଛାତ୍ରୀମାନେ ଶିକ୍ଷାକେନ୍ଦ୍ରର ଏକ ବିରାଟ ସମ୍ପତ୍ତି ବୋଲି ପ୍ରମାଣିତ ହୋଇ ସାରିଛନ୍ତି । ସମାଜରେ ଯେଉଁ ସ୍ଥାନରେ ଥିଲେ ମଧ୍ୟ ସେମାନେ ନିଜକୁ ସ୍ୱତନ୍ତ୍ର ବୋଲି ଜଣାଇ ପାରୁଛନ୍ତି । ସେ ଅନୁଷ୍ଠାନର

ଅଭିଭାବକମାନେ ମଧ୍ୟ ଅଧିକାଂଶ ମାତୃପ୍ରେମୀ । ସେମାନେ ବାସ୍ତବିକ ସ୍କୁଲ ପାଇଁ ନୁହେଁ – ମା'ଙ୍କ ପାଇଁ ସେ ସ୍କୁଲରେ ନିଜ ନିଜର ପିଲାମାନଙ୍କୁ ଛାଡ଼ିଥା'ନ୍ତି ବୋଲି ମନେହୁଏ ।

ପୂଜ୍ୟ ବାବାଜି ମହାରାଜ ଏବଂ ପୂଜ୍ୟ ପ୍ରପତ୍ତି ମହାଶୟ ଯେଉଁ ଉଦ୍ଦେଶ୍ୟ ନେଇ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ କରିଥିଲେ ଏହା ଯେ ତାହାର ଏକ ସଂକ୍ଷିପ୍ତ ଦୃଷ୍ଟାନ୍ତ ତାହା ନିଶ୍ଚୟ ଅନୁଭବ କରିହେବ ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑

# ଆଉ କିଛି ଲୋଡ଼ା ନାହିଁ

## ଶରତ କୁମାରୀ ସ୍ୱାଇଁ

ହୃଦୟ ମରୁର ଊଷର ଭୂଇଁରେ
ଦୟା ପରବଶ ହୋଇ –
ବୁଣିଦିଅ କିଛି ବିଶ୍ୱାସର ବୀଜ
ଆଉ କିଛି ଲୋଡ଼ା ନାହିଁ । (୧)

କରୁଣା ବାରିରେ ଭିଜାଇ ଭିଜାଇ
ଉଷୁମ ପରଶ ଦେଇ
ମଧୁ ମଳୟରେ ଉଲ୍ଲସିତ କର
ଭ୍ରୂଣଟିଏ ଉଠୁ ଚେଇଁ । (୨)

ମମତା-ମାଟିରେ ଧୈର୍ଯ୍ୟର ଚେର
ପ୍ରସାରିତ ହୋଇଯାଉ
ରୂପାତୀତ ସେହି ପରମା ପ୍ରକୃତି
ବୀଜ ପତ୍ରେ ଶୋଭା ପାଉ । (୩)

ଉଦାର-ପ୍ରଭାତ ସମୁଜ୍ଜ୍ୱଳ ଆଭା
ନିଷ୍ପ୍ରଭ ମାନସ-ପୁରେ
ବିରାଜିତ ହେଉ ଗହନ ବିଶାଳ
ଜ୍ୟୋତିର୍ମୟ କଳେବର । (୪)

ଆଲୋକର ଗାଥା ଅନ୍ତରାତ୍ମା କଥା
ବନ ବିହଙ୍ଗର ସୁରେ
ପବିତ୍ର ଓଁକାର ମନ୍ତ୍ରିତ ହେଉ ମା !
ଜୀବନର ପଥ ଧାରେ । (୫)

ବିକଶିତ ହେଉ ରୁଦ୍ଧ ଚେତନା
ପରମ ପୁଲକ ଭରି
ମୃଦୁ ହିଲ୍ଲୋଳର ତୀବ୍ର ଶିହରଣେ
ଅନ୍ତରାତ୍ମା ଯାଉ ପୂରି । (୬)

ଶାଶ୍ୱତ-ଉଜ୍ଜ୍ୱଳ ଆସ୍ପୃହା ଆନନ୍ଦ
ଦୀପ୍ତ ଶିଖା ତା'ର ତୋଳି
ଅଜ୍ଞାନ ପ୍ରସୂତ ଅସ୍ଥିର ସଂକଳ୍ପ
ଅବିଶ୍ୱାସ ଦେଉ ଜାଳି । (୭)

ଅଖଣ୍ଡ ବିଶ୍ୱାସ। ଦୃଢ଼ ସମର୍ପଣ
ବିନମ୍ରତା ନିରନ୍ତର
କଠିନ କଠୋର ନିଶ୍ଚେତନା ଗର୍ଭୁ
ଜନ୍ମ ନେଉ ବାର ବାର । (୮) ❑



# ସମତା ସମ୍ପର୍କରେ

## (୩)

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'ସମତା' ବା 'ସମତ୍ୱବୋଧ' (EQUANIMITY) ହେଉଛି ଅନ୍ୟତମ । ଶ୍ରୀମା ଆଇବେରିସ୍ (Iberis) ପୁଷ୍ପକୁ ସମତାର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଅଭିହିତ କରିଛନ୍ତି । ଅପରିବର୍ତ୍ତନୀୟ ଅକ୍ଷୟ ଶାନ୍ତି ଓ ସ୍ଥିରତା(Immutable peace and calm)ର ଅନ୍ୟ ନାମ ହେଲା 'ସମତା' ।

ନିମ୍ନଲିଖିତ ଆଲୋଚନାଟିରେ ''ସମତା'' ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

ଜୀବନ ସୁଖ ଓ ଦୁଃଖର ସମାହାର । ପ୍ରତ୍ୟେକ ବ୍ୟକ୍ତି ଆପଣାର ଦୁଃଖକୁ ଅନ୍ୟର ଦୁଃଖଠାରୁ ଅଧିକ ବୋଲି ମନେ କରିଥାଏ, ଦୁଃଖଦ ପରିସ୍ଥିତିରେ ସେ ବିଚଳିତ ହୋଇଯାଏ, ମନର ଭାରସାମ୍ୟ ହରାଇ ବସେ ଓ ନିଜକୁ ଅସହାୟ ମନେକରେ । ଏପରି ପରିସ୍ଥିତିରେ ସେ କିପରି ସମଚିତ୍ତତା ରକ୍ଷା କରିପାରିବ ?

ଆଧୁନିକ ଓଡ଼ିଆ ସାହିତ୍ୟର ଜନକ କବିବର ରାଧାନାଥ ରାୟ (ଜନ୍ମ : ୨୮ ସେପ୍ଟେମ୍ବର, ୧୮୪୮ - ତିରୋଧାନ : ୧୭ ଏପ୍ରିଲ, ୧୯୦୫) ସ୍ୱରଚିତ ''ଚିଲିକା'' କାବ୍ୟରେ ଲେଖନ୍ତି :

''ବସ୍ତୁ ନୁହଁଇ ସେ ଅଟଇଟି ଧୂମ,
ଅନ୍ୟ ନାମ ଯା'ର ଆକାଶ କୁସୁମ ।''

ପଂକ୍ତି ଦୁଇଟିରେ କବିବର ମଣିଷ ଜୀବନରେ ସୁଖର ଅଳୀକତା ସମ୍ବନ୍ଧରେ ସୂଚନା ଦେଇଛନ୍ତି ।

ଇଂରାଜୀ ସାହିତ୍ୟର ଜଣେ ବିଖ୍ୟାତ ଔପନ୍ୟାସିକ, କବି ଓ କ୍ଷୁଦ୍ରଗଳ୍ପ ଲେଖକ Thomas Hardy (1840-1928)ଙ୍କ ରଚିତ ଏକ ଲୋକପ୍ରିୟ ଉପନ୍ୟାସ ''The Mayor of Casterbridge''ର ସର୍ବଶେଷ ବାକ୍ୟଟି ହେଲା –

''...happiness was but the occasional episode in the general drama of pain.''

(Thomas Hardy, book The Mayor of Casterbridge.)

ଅର୍ଥାତ୍, ''ସୁଖ ହେଲା ଏକ ଦୁଃଖଦ ନାଟକର ସାମୟିକ ସଂକ୍ଷିପ୍ତ ସଂଳାପ ବା ଘଟଣା ମାତ୍ର ।''

ଅଧିକାଂଶ ବ୍ୟକ୍ତି ଏହି ଅନ୍ତିମ ମନ୍ତବ୍ୟ ବ୍ୟକ୍ତ କରୁଥିବା ଉକ୍ତିଟି ସହ ସହମତ ହେବେ ।

ତେବେ, ଏପରି ଦୁରପନେୟ ଦୁଃଖରୁ ଉତ୍ତୀର୍ଣ୍ଣ ହେବାର ଉପାୟ କ'ଣ ? ଏଠାରେ ଏହି ସମ୍ପର୍କିତ ଗଳ୍ପଟିଏ ଉପସ୍ଥାପନ କରାଯାଇପାରେ ।

ଏକ ନିଭୃତ କୋଣରେ ଅଗନାଅଗନି ବନାନୀ ଉପକଣ୍ଠରେ ଜନାକୀର୍ଣ୍ଣ ଗ୍ରାମଟିଏ । ବନାନୀ ଭିତରେ ଛୋଟ ପର୍ଣ୍ଣକୁଟୀରରେ ରହୁଥା'ନ୍ତି ଜଣେ ସାଧୁସନ୍ନ୍ୟାସୀ । ଗ୍ରାମବାସୀଗଣ ତାଙ୍କୁ ବହୁତ ଭକ୍ତି କରନ୍ତି ଓ ତାଙ୍କୁ ସେବା କରି ନିଜର ଦୁଃଖଦ ସମସ୍ୟା ସବୁ ଜଣାନ୍ତି । ସାଧୁ ସେସବୁର ଉପଶମ ଓ ସମାଧାନ ଲାଗି ଉପାୟ ବତେଇ ଦିଅନ୍ତି । ସାଧୁଙ୍କଠାରୁ ସାନ୍ତ୍ୱନାମୂଳକ ଉପଦେଶ ଶୁଣି ଗ୍ରାମବାସୀଗଣ ଆଶ୍ୱସ୍ତ ହୁଅନ୍ତି । ସାଧୁଙ୍କର ଖ୍ୟାତି ପ୍ରଚାରିତ ଓ ପ୍ରସାରିତ ହେବା ଯୋଗୁଁ ନିକଟସ୍ଥ ଗ୍ରାମାଞ୍ଚଳରୁ ଲୋକମାନେ ଆସି ସାଧୁଙ୍କର ପରାମର୍ଶ ଲୋଡ଼ିଲେ । ଦିନେ ସାଧୁ ଉପଲବ୍ଧି କଲେ ଯେ ଜନସାଧାରଣଙ୍କୁ ପରାମର୍ଶ ଦେବାରେ ତାଙ୍କର ଅନେକ ସମୟ ବିନିଯୋଗ ହୋଇ ସାଧନାରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ଦିନେ ସେ କାହାରିକି କିଛି ନକହି ଅରଣ୍ୟର ଗଭୀର ପ୍ରଦେଶରେ ଥିବା ଗୋଟିଏ ଗୁହା ଭିତରେ ଅଜ୍ଞାତ ବାସ କରି ସାଧନା କରିବା ଲାଗି ଚାଲିଗଲେ ।

ସାଧୁଙ୍କ ଅନୁପସ୍ଥିତିରେ ଗ୍ରାମବାସୀମାନେ ଅସହାୟ ଅନୁଭବ କଲେ । ଏବେ କିଏ ସେମାନଙ୍କୁ ଉଚିତ ପରାମର୍ଶ ଦେଇ ସମସ୍ୟା ସମାଧାନର ପଥପ୍ରଦର୍ଶନ କରିବ ? ସେହି ଅରଣ୍ୟରେ ଅନେକ ଅନ୍ୱେଷଣ କରି ମଧ୍ୟ ସାଧୁଙ୍କ ସନ୍ଧାନ ନପାଇ ଗ୍ରାମବାସୀ ନିରାଶ ହେଲେ । ହଠାତ୍ ଦିନେ ଗ୍ରାମର ଜଣେ ଉତ୍ସାହୀ ଯୁବକ ଗ୍ରାମବାସୀଙ୍କୁ ଖବର ଦେଲା ଯେ ସେ

ସାଧୁଙ୍କ ସନ୍ଧାନ ପାଇଛି । ଗ୍ରାମବାସୀଗଣ ସେହି ଯୁବକର ମଧ୍ୟସ୍ଥତାରେ ସାଧୁ ରହିଥିବା ଗୁହା ସାମନାରେ ଏକତ୍ରିତ ହେଲେ । ଦୀର୍ଘ ସମୟର ପ୍ରତୀକ୍ଷା ପରେ ସାଧୁ ଗୁହା ଭିତରୁ ବାହାରକୁ ଆସି ଗ୍ରାମବାସୀମାନଙ୍କୁ ଦର୍ଶନ ଦେଇ କହିଲେ : ''ଏଣିକି ତୁମମାନଙ୍କୁ ପରାମର୍ଶ ଦେଇ ତୁମର ସମସ୍ୟାଗୁଡ଼ିକ ଦୂର କରିବା ଲାଗି ସମୟ ଅଭାବ ଯୋଗୁଁ ମୁଁ ଅକ୍ଷମ । ତେବେ ଗୋଟିଏ ସାହାଯ୍ୟ କରିପାରିବି । ତୁମ୍ଭମାନଙ୍କର ଯାହାକିଛି ସମସ୍ୟା ରହିଛି ତାହାକୁ ଗୋଟିଏ କାଗଜରେ ଲେଖି ସାମନାରେ ଥିବା ଏହି ଶୂନ୍ୟକଳସ ମଧ୍ୟରେ ପକାଇ ଦିଅ । ଗ୍ରାମବାସୀମାନେ ନିଜ ସମସ୍ୟାଗୁଡ଼ିକୁ ବିସ୍ତୃତ ଭାବେ ଲେଖି ସେହି ବିରାଟ ମାଟିକଳସରେ ଭରିଲେ ଓ ମାଠିଆଟି ଚଉଡା କାଗଜରେ ଉଛୁଳି ପଡ଼ିଲା । ତା'ପରେ ସାଧୁ ମାଠିଆର କାଗଜଗୁଡ଼ିକୁ ଫେଣ୍ଟି ଦେଇ ଉପସ୍ଥିତ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦେଲେ : ''ତୁମେ ସବୁ ଜଣକ ପରେ ଜଣେ ସେହି ମାଠିଆରୁ ଗୋଟିଏ ଲେଖା କାଗଜ ଟାଣି ଆଣ ଓ ପଢ଼ । ସମସ୍ତେ ପଢ଼ି ଅନୁଭବ କଲେ ଯେ ସମସ୍ତଙ୍କର କିଛିନା କିଛି ଅସୁବିଧା ବା ଦୁଃଖ ଦୁର୍ଦ୍ଦଶା ରହିଛି ଓ ଅନେକ କ୍ଷେତ୍ରରେ ଆପଣା ଦୁଃଖଦୁର୍ଦ୍ଦଶା ଅପେକ୍ଷା ଅନ୍ୟର ଦୁଃଖ ଦୁର୍ଦ୍ଦଶା ଅଧିକ ଦୟନୀୟ ଓ ମର୍ମବିଦାରକ । ସାଧୁ ପୁନର୍ବାର କହିଲେ – ''ମୁଁ ତୁମ୍ଭମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଲୋପ କରି ପାରିବି ନାହିଁ, ତେବେ ତୁମେ ପଢ଼ିଥିବା ଅନ୍ୟ ଲୋକର ସମସ୍ୟା ସହ ତାହା ବିନିମୟ କରି ଦେଇପାରେ – ଯଦି ତୁମେ ସମ୍ମତି ପ୍ରଦାନ କର ।'' ସମସ୍ତେ ଏକସ୍ୱରରେ କହିଲେ – ନା ନା, ବର୍ତ୍ତମାନ ଆମେ ଯେପରି ଅଛୁ, ସେହି ଅବସ୍ଥାରେ ସୁଧାର ଆଣିବା ଲାଗି ଚେଷ୍ଟା କରିବୁ; କିନ୍ତୁ ଅନ୍ୟର ଦୁର୍ଦ୍ଦଶା ସହ ବିନିମୟ କରିବା ପାଇଁ ଆଦୌ ଇଚ୍ଛା କରୁ ନାହୁଁ । ସାଧୁ କହିଲେ : ''ପରମ କାରୁଣିକ ଭଗବାନ୍, ଯେଉଁ ମଣିଷ ଯେତିକି ଦୁଃଖ ଦୁର୍ଦ୍ଦଶା ସହ୍ୟ କରି ପାରିବ ତାକୁ ସେତିକି ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ କରାନ୍ତି । ମଣିଷ ଆକୁଳରେ ଭଗବାନଙ୍କୁ ପ୍ରାର୍ଥନା କଲେ ସମସ୍ୟା ଓ ପ୍ରତିବନ୍ଧକଗୁଡ଼ିକୁ  ଅତିକ୍ରମ କରିବା ଲାଗି ତାକୁ ସେ ବଳ ଓ ସାହସ ଦିଅନ୍ତି । ମଣିଷ ଜୀବନ ସମସ୍ୟା ବହୁଳ, କାହାର ବେଶୀ ତ କାହାର କମ୍ । ତେବେ ସମସ୍ୟା ଆସିବ ଓ ଯିବ, ଯେପରି ରାତ୍ରି ପରେ ଦିନ ଓ ଦିନ ପରେ ରାତ୍ରି – ଏହା ପ୍ରକୃତିର ସ୍ୱାଭାବିକ ନିୟମ । ତୁମେ ଅନ୍ତର୍ମୁଖୀ ହୋଇ ନୀରବ ପ୍ରାର୍ଥନା ଜଣାଇଲେ ତୁମ ନିଜ ନିଜ ସମସ୍ୟାଗୁଡ଼ିକର ସମ୍ଭାବ୍ୟ ସମାଧାନସବୁ ପାଇଯିବ ।''

ଗ୍ରାମବାସୀଗଣ ପୂର୍ବାପେକ୍ଷା ଅଧିକ ବିଜ୍ଞ ହୋଇ, ସାଧୁଙ୍କଠାରୁ ବିଦାୟ ନେଇ ଆଶ୍ୱସ୍ତ ମନରେ ଗ୍ରାମକୁ ଫେରି ଆସିଲେ । ଭବିଷ୍ୟତର ସମ୍ଭାବ୍ୟ ସମସ୍ୟା ଓ ଜୀବନର ଆହ୍ୱାନଗୁଡ଼ିକୁ ସମ୍ମୁଖୀନ ହେବା ଲାଗି ଆତ୍ମବିଶ୍ୱାସର ଏକ ସୂତ୍ର ପାଇଗଲେ ।

ସୁଖଦୁଃଖ, ଭଲମନ୍ଦ, ଆଶାନିରାଶା ଇତ୍ୟାଦି ଦ୍ୱନ୍ଦ୍ୱ ଅଜ୍ଞାନପ୍ରସୂତ ଯାହା ମଣିଷର ସମଚିତ୍ତତାକୁ ଦୋହଲେଇ ଦେଇଥାଏ । ମଣିଷ ଯଦି ଏସବୁକୁ ଅଜ୍ଞାନ ପ୍ରସୂତ ପ୍ରକୃତିର ସ୍ୱାଭାବିକ ଗତିଧାରା ବୋଲି ଗ୍ରହଣ କରିନିଏ ତେବେ ସମତା ରକ୍ଷା କରିବା ସହଜ ହୋଇଯାଏ । ଘାତ ପ୍ରତିଘାତର ତୀବ୍ରତା ହ୍ରାସପାଏ ।

ମନରେ ଯଦି ସ୍ଥିରତା, ଶାନ୍ତି, ଧୈର୍ଯ୍ୟ ଓ ସହନଶୀଳତା ଥାଏ ତେବେ ସମଭାବ ଧୀରେ ଧୀରେ ସ୍ୱଭାବଜ ହୋଇଯାଏ । କିନ୍ତୁ ମନର ସ୍ୱାଭାବିକ ପ୍ରକୃତି ହେଲା ଅସ୍ଥିରତା ବା ଚଞ୍ଚଳତା । ମଣିଷର ଏହିପରି ମାନସିକ ସ୍ଥିତି ସମ୍ପର୍କରେ ଶ୍ରୀରାମକୃଷ୍ଣ ପରମହଂସ କହନ୍ତି – ମଣିଷର ମନଟି ହେଲା ଗୋଟିଏ ମାଙ୍କଡ଼ ସଦୃଶ୍ୟ – ଯେଉଁ ମାଙ୍କଡ଼ ସୁବିସ୍ତୀର୍ଣ୍ଣ ସାଗର ବକ୍ଷରେ ଗୋଟିଏ ଜାହାଜରେ ଯାତ୍ରା କରୁଛି । ସେ ଜାହାଜର ମାସ୍ତୁଲ (ଯେଉଁ ଖମ୍ବରେ ପାଲସବୁ ବନ୍ଧାଯାଏ) ଶିଖରକୁ ଚଢ଼ିଯାଏ ଓ ଚତୁର୍ଦ୍ଦିଗ ଦୃଷ୍ଟିପାତ କରେ । କେଉଁଠି ହେଲେ ବୃକ୍ଷଟିଏ ଥିବା ଦେଖିପାରେ ନାହିଁ । ଚତୁର୍ଦ୍ଦିଗରେ କେବଳ ଦିଗନ୍ତ ବିସ୍ତାରୀ ଜଳରାଶି । ତେଣୁ ସେ ମାସ୍ତୁଲ(mast)ର ତଳକୁ ଖସିଆସେ । ପୁଣି ଚଢ଼ୁଥାଏ, ଚତୁର୍ଦ୍ଦିଗକୁ ଦେଖି ନିରାଶ ହୋଇ ପୁଣି ତଳକୁ ଖସିଆସେ । ବାରଂବାର ଏହି ପ୍ରକ୍ରିୟାଟି ଚାଲିଥାଏ । ମଣିଷର ସ୍ୱାଭାବିକ ମାନସିକ ଅବସ୍ଥା ଏହିପରି ବିଚଳିତ ମନରେ ସମଭାବ ପ୍ରତିଷ୍ଠା କରିବା ସମ୍ଭବ ନୁହେଁ । ତେଣୁ ପ୍ରଥମେ ମନଟିକୁ ସମ୍ପୂର୍ଣ୍ଣ ରୂପେ ସ୍ଥିର ଓ ନୀରବ କରିବାକୁ ହେବ । ପତଞ୍ଜଳିଙ୍କ ଯୋଗ ସୂତ୍ରାବଳୀ, ଶ୍ରୀମଦ୍ ଭଗବଦ୍ ଗୀତା, ଧମ୍ମପଦ ଓ ଅନ୍ୟାନ୍ୟ ଗ୍ରନ୍ଥମାନଙ୍କରେ ତଥା ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ ଯୋଗ ପତ୍ରାବଳୀ, ଯୋଗସମନ୍ୱୟ, ଗୀତାନିବନ୍ଧମାଳା ପ୍ରଭୃତି ଗ୍ରନ୍ଥରେ ମନକୁ ଏକାଗ୍ର, ସ୍ଥିର, ଅଚଞ୍ଚଳ କରିବା ଲାଗି ଅନେକ ଉପାୟର ଅବତାରଣା କରାଯାଇଛି । ଧମ୍ମପଦର ତୃତୀୟ ଅଧ୍ୟାୟ ଚିତ୍ତବର୍ଗର ପ୍ରଥମ ଶ୍ଳୋକରେ କୁହାଯାଇଛି – ''ଚଞ୍ଚଳ, ଅସ୍ଥିର ମନକୁ ଶାସନ କରିବା ଦୁଷ୍କର, ତେବେ ବିଜ୍ଞ ବ୍ୟକ୍ତି ତାକୁ ବଶୀଭୂତ କରନ୍ତି ଯେପରି ଶର ନିର୍ମାଣକାରୀ ଶରକୁ ସଳଖ

କରେ । 'ଧମ୍ମପଦ' ପ୍ରଥମେ ପାଲି ଓ ସଂସ୍କୃତ ଭାଷାରେ ରଚିତ ହୋଇ ଥିଲା । ବୌଦ୍ଧଧର୍ମର ଅନ୍ୟତମ ଶ୍ରେଷ୍ଠଗ୍ରନ୍ଥ ରୂପେ ପରିଗଣିତ ଏହି ଗ୍ରନ୍ଥଟି ବହୁ ଭାଷାରେ ଅନୁବାଦିତ । ଶ୍ରୀମା ଆଶ୍ରମ ବିଦ୍ୟାଳୟର ପିଲାମାନଙ୍କର ଗୋଟିଏ ସାପ୍ତାହିକ କ୍ଲାସରେ ଧମ୍ମପଦରେ ଥିବା ଉକ୍ତିଗୁଡ଼ିକ ପାଠ କରୁଥିଲେ ଓ ସେଗୁଡ଼ିକ ଉପରେ ନିଜର ଟୀକା ପ୍ରଦାନ କରୁଥିଲେ । ପରବର୍ତ୍ତୀ କାଳରେ 'Advent' ପତ୍ରିକାରେ ଭାଷ୍ୟଗୁଡ଼ିକ ଧାରାବାହିକ ପ୍ରକାଶିତ ହୋଇଥିଲା । ମାତୃରଚନାବଳିର ତୃତୀୟ ଖଣ୍ଡରେ ସନ୍ନିବେଶିତ ଏହି ଭାଷ୍ୟର ପ୍ରଥମ ଅଧ୍ୟାୟ 'ଯମକ ବର୍ଗ'ର ପ୍ରଥମ ଉକ୍ତିଟି ମନକୁ ସଂଯତ କରିବା ସମ୍ପର୍କରେ କୁହାଯାଇଛି । ସବୁଠୁ ଉଲ୍ଲେଖଯୋଗ୍ୟ ବିଷୟ ହେଲା ଶ୍ରୀମାଙ୍କ ପ୍ରଦତ୍ତ ଏହାର ଭାଷ୍ୟ ଅତି ଚମତ୍କାର ଓ ଶିକ୍ଷାପ୍ରଦ । ଉକ୍ତିଟି ହେଲା – ''ସକଳ ଗତି ମଧ୍ୟରେ ମନ ସର୍ବପ୍ରଧାନ, ସକଳ ଗତି ମଧ୍ୟରେ ମନ ଉଚ୍ଚତମ, ସକଳ ଗତିରେ ମନର ସଂଯୋଗ ଥାଏ । ଯଦି ତୁମେ ଅସତ୍ ମନରେ କଥା କୁହ କିଂବା କାର୍ଯ୍ୟ କର, ତାହା ହେଲେ ଶଗଡ଼ ଚକ ଯେପରି ବହନ କରୁଥିବା ବଳଦର ପଦାନୁସରଣ କରେ, ସେହିପରି ଦୁଃଖ ତୁମକୁ ଅନୁସରଣ କରିବ ।'' ଏ ସମ୍ବନ୍ଧରେ ଶ୍ରୀମାଙ୍କର ଭାଷ୍ୟ ହେଲା – ''ସ୍ୱରୂପତଃ ଏଠାରେ ଆଲୋଚ୍ୟ ବିଷୟ ହେଲା ଭୌତିକ ଜୀବନ ସମ୍ବନ୍ଧରେ; ବିଶ୍ୱସଂସାର (Universe)ର ଏଠାରେ କୌଣସି ପ୍ରଶ୍ନ ନାହିଁ । ଅର୍ଥାତ୍, ପୃଥିବୀରେ ବର୍ତ୍ତମାନ ପ୍ରଚଳିତ ସାଧାରଣ ମାନବଜୀବନ ମନର ବଶୀଭୂତ । ସୁତରାଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ନିଜ ମନକୁ ଶାସନ କରିବା । ତେଣୁ ଆମ୍ଭମାନଙ୍କ ମନର ବିକାଶ ଓ ଶାସନ ଉଦ୍ଦେଶ୍ୟରେ ଆମ୍ଭେମାନେ 'ଧମ୍ମପଦ'ର ଏହି ଯୁଗ୍ମ ଶ୍ଳୋକଗୁଡ଼ିକରେ ବର୍ଣ୍ଣିତ ଧାରାବାହିକ ଶିକ୍ଷା ଅନୁସରଣ କରିବା । ସାଧାରଣତଃ ମନର ଗତିର ଚାରିଟି ଧାରା ଗୋଟିକ ପରେ ଗୋଟିଏ ଉପସ୍ଥିତ ହେଉଥିଲେ ସୁଦ୍ଧା ପରିଶେଷରେ ଏହାକୁ ଏକକାଳୀନ ସଂଯତ କରାଯାଇପାରେ :

ପ୍ରଥମତଃ, ନିଜ ଚିନ୍ତାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବା, (To observe); ଦ୍ୱିତୀୟତଃ, ନିଜ ଚିନ୍ତାଗୁଡ଼ିକ ବିଷୟରେ ସତର୍କ ରହିବା (To analyse); ତୃତୀୟତଃ, ନିଜ ଚିନ୍ତାରାଜିକୁ ଶାସନ କରିବା (To control); ଚତୁର୍ଥତଃ; ନିଜର ଚିନ୍ତା ସମୂହ ଉପରେ ପ୍ରଭୁତ୍ୱ ସ୍ଥାପନ କରିବା (To master) ।

ପର୍ଯ୍ୟବେକ୍ଷଣ କରିବା, ସତର୍କ ରହିବା, ଶାସନ କରିବା ଏବଂ ପ୍ରଭୁତ୍ୱସ୍ଥାପନ କରିବା – ଏସବୁର ଉଦ୍ଦେଶ୍ୟ ହେଲା ଅସତ୍ ବା ଭ୍ରାନ୍ତ ମନରୁ ମୁକ୍ତ ହେବା; କାରଣ ଆମ୍ଭମାନଙ୍କୁ କୁହାଯାଉଅଛି ଯେ ଯେଉଁ ବ୍ୟକ୍ତି ଅସତ୍ ମନରେ କାର୍ଯ୍ୟ କରେ ବା କଥା କହେ ଦୁଃଖ ତାହାର ପଛେ ପଛେ ଥାଏ; ଯେପରି ଶଗଡ଼ଚକ ଭାରବହନ କରୁଥିବା ବଳଦର ପଦାନୁସରଣ କରେ । ଏହାହିଁ ଆମର ପ୍ରଥମ ଧ୍ୟାନର ବିଷୟ । ଚିନ୍ତାସବୁ ବାହାରୁ ଆସେ । ତାହା ମନକୁ ଆକ୍ରାନ୍ତ କରିବା ପୂର୍ବରୁ ଠାବ କରାଯିବ; ତତ୍ପରେ ତା'ର ବିଶ୍ଳେଷଣ କରାଯିବ, – ଅର୍ଥାତ୍ କ'ଣ ପାଇଁ ଓ କେଉଁ ଉତ୍ସରୁ ତାହା ଉଦ୍ଭୂତ ହୋଇ ଆସିଛି । ପରେ ଉପକାରୀ ମଙ୍ଗଳମୟ ଚିନ୍ତାଗୁଡ଼ିକ ଗ୍ରହଣ କରି ଅବାଞ୍ଛନୀୟ ଚିନ୍ତାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବାକୁ ହେବ । ଚତୁର୍ଥତଃ, ଯେତେବେଳେ ଯାହା ଚିନ୍ତା କରିବା ଲାଗି ଆମେ ଚାହିଁବା ସେତେବେଳେହିଁ ସେହି ବିଷୟରେ ଚିନ୍ତା କରିବା । ଅହଂଶୂନ୍ୟତା, ପ୍ରଫୁଲ୍ଲତା, ଆତ୍ମସନ୍ତୋଷ, ନିଷ୍କାମ, ସକାରାତ୍ମକ ମନୋଭାବ, ଅନାସକ୍ତି, ଈଶ୍ୱରଙ୍କ ପ୍ରତି ବିଶ୍ୱାସ ବା ଶ୍ରଦ୍ଧା ତଥା କୃତଜ୍ଞତା ଭାବାପନ୍ନ ସାଧକଙ୍କ ପକ୍ଷରେ ସମଭାବ ପ୍ରତିଷ୍ଠା କରିବା ସହଜ ହୋଇଥାଏ । ଯିଏ ସାତ୍ତ୍ୱିକ ସ୍ୱଭାବାପନ୍ନ ସେ ଅପେକ୍ଷାକୃତ ସହଜରେ ସମଚିତ୍ତତା ଅର୍ଜନ କରିପାରେ । ଆଧାରରେ ଚୈତ୍ୟସତ୍ତାର ସାମ୍ରାଜ୍ୟ ତଥା ଶାସନ ପ୍ରତିଷ୍ଠିତ ହେଲେ ସମଭାବ ରକ୍ଷା କରିବା ସହଜ ହୁଏ । ଏଥିଲାଗି ଚୈତ୍ୟସତ୍ତାର ଉନ୍ମୀଳନ, ଉନ୍ମୋଚନ, ସମ୍ମୁଖକୁ ଆଗମନ ଓ ପୂର୍ଣ୍ଣ ଚୈତ୍ୟ ବ୍ୟକ୍ତିତ୍ୱର ବିକାଶ ଆବଶ୍ୟକ । ମନ, ପ୍ରାଣ ଓ ଶରୀର ଉପରେ ଚୈତ୍ୟସତ୍ତାର ଅବିରତ ଅକାଟ୍ୟ ପ୍ରଭାବ ବିସ୍ତାରକୁ ଆମେ ଚୈତ୍ୟସତ୍ତାର ସାମ୍ରାଜ୍ୟ ଓ ଶାସନର ପ୍ରତିଷ୍ଠା ବୋଲି କହିପାରିବା । ତେବେ ସର୍ବୋପରି ସକଳ କାମନା ଓ ଆସକ୍ତିରୁ ମୁକ୍ତ ହୋଇ ଦିବ୍ୟ ପରମ ସତ୍ତା ବା ପରମେଶ୍ୱର ବା ପରଂବ୍ରହ୍ମଙ୍କ ସହ (ଆମେ ଯାହାବି କହିପାରିବା) ଐକ୍ୟ ବା ତାଦାତ୍ମ୍ୟତା ପ୍ରତିଷ୍ଠା କରିବା ହେଲା ଅବିଚ୍ଛିନ୍ନ ସମଭାବ ରକ୍ଷା କରିବା ନିମିତ୍ତ ଏକ ଅବ୍ୟର୍ଥ ଫଳପ୍ରଦ ଉପାୟ । ଯଦି କାଣିଚାଏ ଅଜ୍ଞାନତା ଅବଚେତନାର କୌଣସି ଅନାଲୋକିତ ନିଭୃତ କୋଣରେ ଲୁଚି ରହିଥାଏ ତେବେ ସମଦୃଷ୍ଟି ତଥା ସମଭାବଟି କ୍ଷୁଣ୍ଣ ହେବାର ଅନେକ ସମ୍ଭାବନା ରହିଥାଏ । ଏ ସମ୍ବନ୍ଧରେ ଅଷ୍ଟମ ଶତାବ୍ଦୀର ଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବଦ୍ଦଶାରେ ଘଟିଥିବା ଘଟଣାଟିଏ ଏହାର ଉଦାହରଣ ହୋଇ ରହି ଆସିଛି । ଘଟଣାଟି ହେଲା : ଆଦି ଶଙ୍କରାଚାର୍ଯ୍ୟ କାଶୀ ବାରାଣସୀର ଗଙ୍ଗାଘାଟରେ ସ୍ନାନ ସମାପନ କରି ଫେରିବା ସମୟରେ ଚାରିଟି କୁକୁର ଦ୍ୱାରା

ପରିବେଷ୍ଟିତ ଜଣେ ଚଣ୍ଡାଳ ତାଙ୍କ ସମ୍ମୁଖରେ ଆସି ଦଣ୍ଡାୟମାନ ହେଲା । ଚଣ୍ଡାଳମାନେ ଶ୍ମଶାନଗୁଡ଼ିକର ପରିଚାଳନା କରିଥା'ନ୍ତି । ଉଭୟ ଚଣ୍ଡାଳ ଓ କୁକୁର ଅଶୁଦ୍ଧ, ଅସ୍ପୃଶ୍ୟ ଜୀବ ରୂପେ ବିବେଚିତ ହୋଇଥା'ନ୍ତି । ତେଣୁ ଶୁଦ୍ଧପୂତ, ସଦ୍ୟସ୍ନାତ ଶଙ୍କରାଚାର୍ଯ୍ୟ ଅପବିତ୍ର ହୋଇଯିବା ଆଶଙ୍କା କରି ଚଣ୍ଡାଳକୁ ପଥ ସାମନାରୁ ହଟିଯିବା ଲାଗି ତାଗିଦା କରିଥିଲେ । କଠୋର ସ୍ୱରରେ ବାରଂବାର ସାବଧାନ କରିବା ସତ୍ତ୍ୱେ ଚଣ୍ଡାଳ ଆଦୌ ବିଚଳିତ ନହୋଇ ସ୍ପଷ୍ଟ ମାର୍ଜିତ ସଂସ୍କୃତ ଭାଷାରେ କହିଥିଲା – ଆପଣ ଅଦ୍ୱୈତବାଦର ଜଣେ ପ୍ରବକ୍ତା । ସାରା ଦେଶରେ ପଦଯାତ୍ରା କରି ଅଦ୍ୱୈତବାଦର ପ୍ରଚାର, ପ୍ରସାର କରୁଛନ୍ତି । ଅଦ୍ୱୈତବାଦର ପାରମ୍ପରିକ ସୂତ୍ର ହେଲା ସବୁଜୀବ ସମାନ, କାରଣ ସମସ୍ତଙ୍କ ମଧ୍ୟରେ ସେହି ଏକହିଁ ଆତ୍ମା ବିଦ୍ୟମାନ । ତେବେ ମୁଁ କିପରି ଅଶୁଦ୍ଧ, ଅସ୍ପୃଶ୍ୟ ସାବ୍ୟସ୍ତ ହେଲି ? ସମସ୍ତ ଜୀବ ପଞ୍ଚଭୂତ ନେଇ ଗଠିତ । ସମସ୍ତଙ୍କ ଆତ୍ମା ଏକା, ଏପରି ସ୍ଥଳେ ଆମେ କାହିଁକି ଅସ୍ପୃଶ୍ୟ ହେବୁ ?'' ଶଙ୍କରାଚାର୍ଯ୍ୟ ତତ୍‌କ୍ଷଣାତ୍ ସଚେତନ ହେଲେ ଓ ନିଜର ଭୁଲ୍ ବୁଝି ପାରିଥିଲେ । କଥିତ ଅଛି ଯେ ସେ ସେହି ଚଣ୍ଡାଳକୁ ଗୁରୁ ରୂପେ ଗ୍ରହଣ କରି ସାଷ୍ଟାଙ୍ଗ ପ୍ରଣିପାତ ଜଣାଇବା ଅବସରରେ ଚଣ୍ଡାଳ ଚାରିଟି କୁକୁର ସହ ଅନ୍ତର୍ଦ୍ଧାନ ହୋଇ ଯାଇଥିଲେ । ବିଶ୍ୱାସ କରାଯାଏ ଯେ ସେ ଚଣ୍ଡାଳ ବାରାଣାସୀ ଧାମର ସ୍ୱୟଂ ବିଶ୍ୱନାଥ ଥିଲେ ଓ ଚାରିଟି କୁକୁର ଚାରିଟି ବେଦକୁ ପ୍ରତିନିଧିତ୍ୱ କରୁଥିଲେ । ଆଦି ଶଙ୍କରାଚାର୍ଯ୍ୟ ଉକ୍ତ ଅବସରରେ ବହୁଚର୍ଚ୍ଚିତ ''ମନୀଷା ପଞ୍ଚକମ୍''ର ରଚନା କରିଥିଲେ ।

ଏଠାରେ ଶ୍ରୀମଦ୍ ଭଗବଦ୍ ଗୀତାରେ କଥିତ ଶ୍ଳୋକଟିଏ ପୁନରାବୃତ୍ତି କରାଯାଇପାରେ –

''ବିଦ୍ୟାବିନୟ ସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।
ଶୁନି ଚୈବ ଶ୍ୱପାକେଚ ପଣ୍ଡିତାଃ ସମଦର୍ଶିନଃ ।।''
(୫-୧୮)

ଏହାର ଭାବାର୍ଥ ହେଲା : ବିଦ୍ୟାବିନୟ ସମ୍ପନ୍ନ ସତ୍ତ୍ୱଗୁଣଯୁକ୍ତ ଆତ୍ମତତ୍ତ୍ୱବିଦ୍‌ଗଣ ବ୍ରାହ୍ମଣଙ୍କ ଠାରେ, ଗୋରୁ ଠାରେ, ହସ୍ତୀ ଠାରେ ଏବଂ କୁକୁର ତଥା ଚଣ୍ଡାଳ ଠାରେ ମଧ୍ୟ ସମଦର୍ଶୀ ହୁଅନ୍ତି । ଅର୍ଥାତ୍, ନାନାଜାତି, ବିବିଧ ପ୍ରାଣୀ ଓ ବସ୍ତୁରେ ଅଧିଷ୍ଠାନ ରୂପକ ଏକହିଁ ବ୍ରହ୍ମଙ୍କୁ ସମଭାବ ଯୁକ୍ତ ବ୍ୟକ୍ତି ଦେଖିଥା'ନ୍ତି ।

''ଚଣ୍ଡାଳ, ବିପ୍ର, ଗାଈ, ମୂରୁଖ, ପଣ୍ଡିତ,
ସମଦିଶେ ଏ ଜ୍ଞାନ ହେଲେ ଉପଗତ ।।'' ।।୫-୧୮।।

ଆଧ୍ୟାତ୍ମିକ ଜୀବନ ଲାଗି ଯେଉଁ ଅତ୍ୟାବଶ୍ୟକୀୟ ସମତା ବିଷୟରେ କୁହାଯାଇଛି ତାହା କେବଳ ଜଣେ ଷ୍ଟୋଇକ୍ (stoic)*ର କଠୋର ସହନଶୀଳତା ନୁହେଁ କିଂବା ଜୀବନ ପ୍ରତି ନୈରାଶ୍ୟ ଜନିତ ବିତୃଷ୍ଣା, ବୀତସ୍ପୃହତା ବା ଉଦାସୀନତାକୁ ସମତା ବୋଲି କୁହାଯିବ ନାହିଁ କିଂବା କୌଣସି ନିର୍ବୋଧ ବ୍ୟକ୍ତିର କ୍ଷୀଣ, ଦୁର୍ବଳ ଅନୁଭବ-ସାମର୍ଥ୍ୟକୁ ସମତା ବୋଲି ବୁଝାଯାଏ ନାହିଁ । କିଂବା ଯେଉଁମାନେ ସମ୍ବେଦନଶୀଳତା ହରାଇ ବସିଥା'ନ୍ତି ଓ ସେଥିଲାଗି ଅନୁଭବ-ଅକ୍ଷମ ହୋଇ ରହିଥା'ନ୍ତି – ସେମାନଙ୍କୁ ଆଧ୍ୟାତ୍ମିକ ପରମ୍ପରାରେ ସମଭାବାପନ୍ନ ବୋଲି କୁହାଯାଇ ନପାରେ । ଯିଏ ସର୍ବଦା, ସର୍ବତ୍ର, ସବୁ ପରିସ୍ଥିତିରେ ଏକତ୍ୱବୋଧ ସହ ପ୍ରଶାନ୍ତ ଚିତ୍ତରେ ବସବାସ କରୁଥା'ନ୍ତି – 'ଏକତ୍ୱଂ ଆସ୍ଥିତଃ'– ତାଙ୍କୁହିଁ ସମଭାବାପନ୍ନ ବ୍ୟକ୍ତି ବୋଲି କୁହାଯାଇପାରେ । 'ଏକତ୍ୱଂ ଆସ୍ଥିତଃ'ର ଅର୍ଥ ହେଲା ଆପଣା ମଧ୍ୟରେ ସମସ୍ତଙ୍କୁ ଅନୁଭବ କରିବା ଓ ସମସ୍ତଙ୍କ ମଧ୍ୟରେ ନିଜକୁ ସମାହିତ ବା ସଂପ୍ରସାରିତ କରିଦେବା – ଅର୍ଥାତ୍ ନିଜ ମଧ୍ୟରେ, ଅନ୍ୟମାନଙ୍କ ମଧ୍ୟରେ ସେହି 'ପରମ ଏକ' ବା 'ଏକମେବା ଅଦ୍ୱିତୀୟଂ'ଙ୍କ ଉପସ୍ଥିତିକୁ ଅନୁଭବ କରିବା ।

ସମଭାବ ଅଭିବୃଦ୍ଧିର ତିନୋଟି ପର୍ଯ୍ୟାୟ ରହିଛି । ସେଗୁଡ଼ିକ ହେଲା : –

**(୧) ତିତିକ୍ଷା ବା ସହନଶୀଳତାର ପର୍ଯ୍ୟାୟ :**

ଦୀର୍ଘଦିନର ଉଦ୍ୟମ ଓ ଧୈର୍ଯ୍ୟଶୀଳ ଆତ୍ମଶୃଙ୍ଖଳା ବିନା ସମଭାବ ଅର୍ଜନ କରିବା ସମ୍ଭବ ନୁହେଁ । ଆଧାରରେ କାମନା-ବାସନା ତିଳେମାତ୍ର ଥିବା ଯାଏ ସମଭାବ ସ୍ଥାୟୀ ରୂପେ ପ୍ରତିଷ୍ଠା କରିବା ସମ୍ଭବ ହୁଏ ନାହିଁ । କାମନା-ବାସନାର ସ୍ତିମିତ ଅବସ୍ଥା

* ଷ୍ଟୋଇକ୍ (Stoic) ବା ଷ୍ଟୋଇକ୍‌ବାଦ (Stoicism) ହେଲା ତୃତୀୟ ଶତାବ୍ଦୀରେ ଗ୍ରୀକ୍ ଦେଶରେ ଜେନୋ (Zeno) ନାମକ ଜଣେ ଦାର୍ଶନିକଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ ଚିନ୍ତାଧାରା । ତିତିକ୍ଷା ବା ସହନଶୀଳତା ହେଲା ତା'ର ମୂଳଦୁଆ ବା ଆଧାର ଶିଳା ଓ ନିମ୍ନୋକ୍ତ ଚାରିଟି ଗୁଣ ହେଲା ତା'ର ଚାରିଟି ମୁଖ୍ୟ ସ୍ତମ୍ଭ, ଯଥା – ମିତାଚାର (Temperance), ପ୍ରଜ୍ଞା (Knowledge), ନ୍ୟାୟ (Justice) ଓ ସାହସ (Courage) ।

ବା ତତ୍‌ଜନିତ କ୍ଳାନ୍ତି ଯୋଗୁଁ ଯେଉଁ ସମଭାବ ପ୍ରତୀୟମାନ ହୁଏ ତାହା ସକାରାତ୍ମକ ସମଭାବ ନୁହେଁ । ପୁଣି ଚିଦ୍‌ଗତ ସମତାର ଏହି ସାଧନା ବା ବିକାଶ ଭିତରେ ଆପଣାର ଆବଶ୍ୟକୀୟ ସୋପାନ ବା ପର୍ଯ୍ୟାୟଗୁଡ଼ିକ ରହିଛି । ସାଧାରଣତଃ ଏହା ସହନଶୀଳତାର ଏହି ପର୍ଯ୍ୟାୟରୁହିଁ ଆରମ୍ଭ କରାଯାଏ; କାରଣ ଆମକୁ ଜୀବନର ସକଳ ପ୍ରକାର ସଂସ୍ପର୍ଶର ସମ୍ମୁଖୀନ ହେବାକୁ ପଡ଼େ, ସେଗୁଡ଼ିକୁ ସହ୍ୟ କରିବାକୁ ଏବଂ ଆତ୍ମସ୍ଥ କରିବାକୁ ପଡ଼େ । ଯାହାକିଛି ଦୁଃଖ ଯନ୍ତ୍ରଣା ଦେଉଛି ଆମେ ତା'ଠାରୁ ଛଟିପିଟି ଦୌଡ଼ି ପଳାଇବା ନାହିଁ କିଂବା ଯାହା ସୁଖକର ମନେ ହେଉଛି ଓ ଆମକୁ ଆକୃଷ୍ଟ କରୁଛି ଆମେ ତା' ଆଡ଼କୁ ଦୌଡ଼ିଯିବା ନାହିଁ । ସେଥିନିମିତ୍ତ ଆମର ପ୍ରତ୍ୟେକ ତନ୍ତୁକୁ, ପ୍ରତ୍ୟେକ ସ୍ନାୟୁକୁ ଉପଯୁକ୍ତ ପ୍ରଶିକ୍ଷଣ ଦେବାକୁ ହେବ । ଅପରପକ୍ଷେ ଆମେ ସବୁ ଗ୍ରହଣ କରି ଶିଖିବା, ସହ୍ୟ କରି ଶିଖିବା ଓ ଜୟ କରି ଶିଖିବା । ଏହି ପର୍ଯ୍ୟାୟରେ ସଂକଳ୍ପ ଶକ୍ତି ସାହାଯ୍ୟରେ ସମଭାବ ପ୍ରତିଷ୍ଠା କରାଯାଏ । ପ୍ରକୃତିର ନିର୍ଦ୍ଦେଶନାଗୁଡ଼ିକର ଦାସତ୍ୱ ସ୍ୱୀକାର ନକରି ଯେକୌଣସି ଉପାୟରେ ସବୁକିଛିକୁ ସହ୍ୟ କରିଯିବା ଲାଗି ସଂକଳ୍ପ କରାଯାଇଥାଏ । ପ୍ରକୃତି ଦତ୍ତ କଷଣ ଯାହା ହେଉନା କାହିଁକି ତାହାକୁ ବାହ୍ୟସତ୍ତାରେ ପରିପ୍ରକାଶ ନକରିବା ହେଲା ଏହାର ପ୍ରାରମ୍ଭିକ ପଦକ୍ଷେପ । ଏପରି ଶୃଙ୍ଖଳାଟିକୁ ବାରଂବାର ପ୍ରୟୋଗ କରିବା ଦ୍ୱାରା, ଅର୍ଥାତ୍, ଏପରି ମନୋଭାବ ପୋଷଣ କରିବା ଦ୍ୱାରା ନିମ୍ନୋକ୍ତ ଯେକୌଣସି ଗୋଟିଏ ପରିଣତିର ଉପକାରୀ ଫଳାଫଳ ମିଳିଯାଏ – ଯାହା ସାଧନା କ୍ଷେତ୍ରରେ ସହାୟକ ହୋଇଥାଏ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ ସେଗୁଡ଼ିକ ହେଲା –

"First, it is found that what was before unbearable, becomes easy to endure; the scale of the power that meets the impact rises in degree;"

(The Synthesis of Yoga, p. 711)

ଅର୍ଥାତ୍, ''ପ୍ରଥମେ ଯାହା ଅସହ୍ୟ ମନେ ହେଉଥିଲା ତାହା ସହ୍ୟ କରିବା ସହଜସାଧ୍ୟ ହୋଇଯାଏ; ଆଘାତଗୁଡ଼ିକର ଅନୁପାତ ଅନୁଯାୟୀ ତାକୁ ସମ୍ମୁଖୀନ ହେବାର ଶକ୍ତି ବଢ଼ିଯାଏ ।''

"Secondly, it is found that the conscious nature divides itself into two parts, one of the normal mental and emotional nature in which the customary reactions continue to take place, another of the higher will and reason which observes and is not troubled or affected by the passion of this lower nature, ..."

(The Synthesis of Yoga, p. 711)

ଅର୍ଥାତ୍, ''ଦ୍ୱିତୀୟତଃ ଦେଖାଯାଏ ଯେ ସଚେତନ ପ୍ରକୃତିଟି ସ୍ୱତଃ ଦୁଇଟି ଧାରାରେ ବିଭକ୍ତ ହୋଇ ଯାଇଛି, ଗୋଟିଏ ପଟେ ରହିଛି ସ୍ୱାଭାବିକ ମାନସିକ ଓ ସଂବେଗଗତ ପ୍ରକୃତି ଯେଉଁଥିରେ ଚିରାଚରିତ ପୂର୍ବ ପରି ପ୍ରତିକ୍ରିୟାଗୁଡ଼ିକ ପ୍ରକାଶିତ ହୋଇ ଚାଲିଥାଏ; ଅନ୍ୟଟି ହେଲା ଉଚ୍ଚତର ସଂକଳ୍ପ ଓ ଯୁକ୍ତି ଯାହା କେବଳ ଲକ୍ଷ୍ୟ କରୁଥାଏ କିନ୍ତୁ ଏଇ ନିମ୍ନ-ପ୍ରକୃତିର ଉନ୍ମାଦନା ଦ୍ୱାରା ବିଚଳିତ ବା ପ୍ରଭାବିତ ହୁଏ ନାହିଁ ।''

"This brings the third power and result,... to get rid of the normal reactions and even,..."

(The Synthesis of Yoga, p. 711)

ଏହା ଏକ ତୃତୀୟ ଶକ୍ତି ଓ ପରିଣତିଟିଏ ନେଇ ଆସେ,... ଯାହା ସାଧାରଣ ସ୍ୱାଭାବିକ ପ୍ରତିକ୍ରିୟା ଠାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଯାଏ ଓ ସମରୂପ, ...'' ।

**(୨) ଉଦାସୀନ ନିରପେକ୍ଷତାର ପର୍ଯ୍ୟାୟ :**

ଏହି ପର୍ଯ୍ୟାୟ ନିମିତ୍ତ ଦିବ୍ୟଜନନୀ ଶ୍ରୀମାଙ୍କ ସୂତ୍ର ହେଲା : ''Step back and watch''– ''ପଛେଇ ଯାଅ ଓ ନିରୀକ୍ଷଣ କର'' । ଏହି ପର୍ଯ୍ୟାୟରେ ବିଭେଦକ୍ଷମ ମନୀଷାର ପ୍ରୟୋଗ ତଥା ବିନିଯୋଗ କରାଯାଇଥାଏ । ଅନନ୍ତ ଶାଶ୍ୱତ ଦେଶ ଓ କାଳର ପରିପ୍ରେକ୍ଷୀରେ ଏକ ବ୍ୟାପକ ଦୃଷ୍ଟିକୋଣ ଅବଲମ୍ବନ କରି ଜୀବନର ସକଳ ଘାତପ୍ରତିଘାତଗୁଡ଼ିକୁ ବିଶ୍ଳେଷଣ କରିବା ଶିକ୍ଷା କରାଯାଇଥାଏ । ଏହି ପ୍ରକାର ଉଦାସୀନ, ଅନାସକ୍ତ ଅନ୍ତର୍ଦୃଷ୍ଟି ଯୋଗୁଁ ଘାତପ୍ରତିଘାତଗୁଡ଼ିକର ଗୁରୁତ୍ୱ ଓ ତୀବ୍ରତା ହ୍ରାସ ପାଇଯାଏ । ସେସବୁର ଆପେକ୍ଷିକତା ଓ ଅସାରତାର ଧାରଣା ଜାଗ୍ରତ୍ ହୋଇଥାଏ । ତଦ୍ଦ୍ୱାରା ସୁଖଦୁଃଖ, ଭଲମନ୍ଦ ପରି ଯାବତୀୟ ଦ୍ୱନ୍ଦ୍ୱଗୁଡ଼ିକର ପ୍ରଖରତା ସାଧକର ଭାରସାମ୍ୟ ଓ ସମଭାବକୁ ବିଚଳିତ କରିପାରେ ନାହିଁ । ଏହିପରି ସମତାର ସାଧନାକୁ

ଆଗେଇ ନେଲେ କେତୋଟି ସୁଖଦ ପରିଣତି ଲକ୍ଷ୍ୟ କରାଯାଏ । ପ୍ରଥମତଃ, ସାଧକ ଉପଲବ୍ଧି କରେ ଯେ ଜୀବନରେ ଘାତ-ପ୍ରତିଘାତ ଯୋଗୁଁ ଉତ୍ପନ୍ନ ହୋଇଥିବା ଦୁଃଖ-ଯନ୍ତ୍ରଣା ଓ ଅସ୍ୱସ୍ତିଗୁଡ଼ିକ ସ୍ୱେଚ୍ଛାକୃତ ତଥା ସ୍ୱୟଂ ଆରୋପିତ (selfimposed); ଅର୍ଥାତ୍, ଅତୀତର ଅଭ୍ୟାସଗତ ପ୍ରତିକ୍ରିୟାଗୁଡ଼ିକର ପୁନରାବୃତ୍ତି ମାତ୍ର । ସେଗୁଡ଼ିକର ସ୍ୱଭାବ ବା ଗୁଣଧର୍ମ ଆପେକ୍ଷିକ । ସେସବୁର ସହଜ ଶିକାର ନହେବା ଲାଗି ସାଧକ ଯଦି ଦୃଢ଼ ସଂକଳ୍ପ କରନ୍ତି ତେବେ ସେପରି ପ୍ରତିକ୍ରିୟାଗୁଡ଼ିକର ନିରାକରଣ ସମ୍ଭବପର । ପ୍ରଥମ ପର୍ଯ୍ୟାୟର ଅନୁଭୂତି ପରି ଏହି ଉଦାସୀନ ନିରପେକ୍ଷତାର ଅଭ୍ୟାସ ଦ୍ୱାରା ଚେତନାରେ ଏକ ସ୍ପଷ୍ଟ ବିଭାଜନ ପରିଲକ୍ଷିତ ହୁଏ । ଆନ୍ତର-ସତ୍ତା ମୁକ୍ତ, ଅପ୍ରଭାବିତ ଓ ପ୍ରତିରକ୍ଷିତ ରହିଥିଲା ବେଳେ ବାହ୍ୟସତ୍ତାଟି ଅଭ୍ୟାସବଶତଃ ଆକ୍ରମଣ କରୁଥିବା ସଂଘାତଗୁଡ଼ିକର ବଶବର୍ତ୍ତୀ ହୋଇଯାଏ । ତେବେ କାଳକ୍ରମେ ଆନ୍ତରସତ୍ତାର ପ୍ରଭାବ ବାହ୍ୟସତ୍ତାକୁ ସଞ୍ଚାରିତ ଓ ସଂପ୍ରସାରିତ ହୋଇଯିବା ଦ୍ୱାରା ବାହ୍ୟସତ୍ତାଟିରେ ମଧ୍ୟ ସମଭାବ ପ୍ରତିଷ୍ଠିତ ହୋଇଯାଏ ।

ଯେତେବେଳେ ଆତ୍ମା ଯାବତୀୟ ପ୍ରକାରର ହର୍ଷ ତଥା ବିଷାଦରୁ ମୁକ୍ତ ହୋଇଯାଏ, ସୁଖରେ ଆତୁର ହୁଏ ନାହିଁ କି ଦୁଃଖରେ ଛଟପଟ ହୁଏ ନାହିଁ ସେତେବେଳେ ଏହି ନିରପେକ୍ଷତା ଓ ଉଦାସୀନତାର ପର୍ଯ୍ୟାୟଟି ଆରମ୍ଭ ହୁଏ । ସେତେବେଳେ ସକଳ ବ୍ୟକ୍ତି, ସକଳ ବସ୍ତୁ ଓ ସକଳ ଶକ୍ତିମତ୍ତା (Force) – ଆପଣାର ହେଉ କିଂବା ଅନ୍ୟର ହେଉ – ସକଳ ଭାବନା, ଅନୁଭବ, ଇନ୍ଦ୍ରିୟସ୍ପନ୍ଦନ ଓ କର୍ମକୁ ଉପରୁ ଥାଇ ଏକ ନିସ୍ପନ୍ଦ ଓ ନିର୍ବିକାର ଦୃଷ୍ଟିରେ ନିରୀକ୍ଷଣ କରି ହୁଏ । ଏସବୁ ଦ୍ୱାରା ଆଦୌ ବିଚଳିତ କିଂବା ବ୍ୟାହତ ହୋଇପଡ଼େ ନାହିଁ । ସମତାର ପ୍ରସ୍ତୁତି କ୍ରମରେ ଏହାକୁ ଦାର୍ଶନିକ କାଳ ବା ଚିନ୍ତନାତ୍ମକ କାଳ ବୋଲି କହିପାରିବା । ଆମକୁ ଯେଉଁ ଉପେକ୍ଷାଭାବ ଓ ନିରପେକ୍ଷତାର ଅନ୍ୱେଷଣ କରିବାକୁ ହେବ ତାହା ହେଉଛି ବସ୍ତୁଗତ ସକଳ ସଂସ୍ପର୍ଶର ଊର୍ଦ୍ଧ୍ୱରେ ଉଦାସୀନ ହୋଇ ରହିଥିବା ଏକ ପ୍ରଶାନ୍ତ ଉଚ୍ଚତା – ଯାହା ସେଗୁଡ଼ିକୁ ଗ୍ରହଣ କରୁଥିବ, ବର୍ଜନ ମଧ୍ୟ କରିପାରୁଥିବ ଓ ସେହିପରି ଗ୍ରହଣ ଓ ବର୍ଜନ ପ୍ରକ୍ରିୟାରେ ଆଦୌ ବିଚଳିତ ହେଉ ନଥିବ ବା ସେଗୁଡ଼ିକର ଅଧୀନ ହୋଇ ରହି ନଥିବ ।

ଏକ ଏକାକୀ ଶକ୍ତିସମ୍ପନ୍ନତା, ଶାନ୍ତଭାବ ଏବଂ ସ୍ଥିରତା ଏସବୁ ହେଉଛି ଜ୍ଞାନୀର ଉପାର୍ଜିତ ଦାର୍ଶନିକ ସମଭାବର ସର୍ବଶେଷ କଥା । କିନ୍ତୁ ଆପଣାର ପୂର୍ଣ୍ଣ ଅନୁଭୂତିର କ୍ଷେତ୍ରରେ ଆତ୍ମା ନିଜକୁ ନିଜେ ସୃଷ୍ଟି କରିଥିବା ସ୍ଥିତିଟି ମଧ୍ୟରୁ ମୁକ୍ତ କରି ବାହାର କରିନିଏ ଏବଂ ସେହି ପରମ ଶାଶ୍ୱତଙ୍କର ଆଦି ଅନ୍ତହୀନ ଆନନ୍ଦମୟତାର ଏକ ସର୍ବତୋବ୍ୟାପୀ ପରମ ଅଭିଭୂତ ଭାବ ବା ଆଶ୍ଚର୍ଯ୍ୟ ଓ ବ୍ୟାକୁଳତାର ସାଗରଟି ମଧ୍ୟରେ ଯାଇ ପ୍ରବେଶ କରେ । ସେତେବେଳେ ଆମେ ଏକ ଆନନ୍ଦମୟ ସମତା ସହିତ ସକଳ ପ୍ରକାର ସଂସ୍ପର୍ଶ ଲାଭ କରିବାକୁ ସମର୍ଥ ହେଉ, ବସ୍ତୁଗୁଡ଼ିକ ମଧ୍ୟରେ ଆତ୍ମଗୋପନ କରି ରହିଥିବା ଏକ ପରମ ସୁଖର ସ୍ପର୍ଶ ଅନୁଭବ କରୁ । ସମତାଯୁକ୍ତ ଏହି ଉଲ୍ଲାସମୟତାରେ ଉପନୀତ ହେବା ଦ୍ୱାରା ଆତ୍ମା ଆନନ୍ଦମୟ ହୋଇଉଠେ, ସେହି ଅନନ୍ତ ପରମ ଆନନ୍ଦର ଦ୍ୱାରଗୁଡ଼ିକ ଉନ୍ମୋଚିତ ହୋଇଯାଏ ଓ ସକଳ ବୋଧର ଅତୀତ ବିପୁଳ ପୁଲକର ଉପଲବ୍ଧି ଲାଭ ହୁଏ ।

### (୩) ନିରପେକ୍ଷ ମୌନ ସ୍ୱୀକୃତି (ନତି) :

ଏହି ସାଧନା ପ୍ରଣାଳୀରେ ହୃଦୟ ମୁଖ୍ୟ ଭୂମିକା ନିଭାଇ ଥାଏ ଓ ନିମ୍ନୋକ୍ତ ମନୋଭାବଟି ପୋଷଣ କରିଥାଏ :

''ମୋର ଆନ୍ତର ଅନୁଭବ ଦ୍ୱାରା ମୁଁ ଜାଣେ ଯେ ଭଗବାନ୍ ସର୍ବଦା ଓ ସର୍ବତ୍ର ମଙ୍ଗଳମୟ । ମୋ ଜୀବନରେ ସେ ଯାହାକିଛି କରନ୍ତି ତାହା ମୋର ଭବିଷ୍ୟତର ମଙ୍ଗଳ ନିମିତ୍ତ – ଯଦିଓ ଏହି ମୁହୂର୍ତ୍ତରେ ମୁଁ ତା'ର ପ୍ରକୃତ ସ୍ୱରୂପ ଓ ତାତ୍ପର୍ଯ୍ୟ ଜାଣିପାରୁ ନାହିଁ ସେଥିପାଇଁ ତାହା ନିଷ୍ଠୁର ଦୁର୍ଭାଗ୍ୟ ବୋଲି ବର୍ତ୍ତମାନ ପ୍ରତୀୟମାନ ହେଉଛି ।

ତେଣୁ ପରମ ଦିବ୍ୟସତ୍ତାଙ୍କର ପ୍ରତ୍ୟେକ କର୍ମ ପାଇଁ ମୋର ପ୍ରତ୍ୟୁତ୍ତର ହେଲା –''ସବୁଅନ୍ତେ ସର୍ବଦା ତୁମର ଇଚ୍ଛାହିଁ ପୂରଣ ହେଉ ।''

ଲକ୍ଷ୍ୟ କରାଯାଇପାରେ ଯେ ଏହି ସାଧନା କ୍ରମରେ ଥିବା ପ୍ରଥମ ଉପାୟଟି ସଂକଳ୍ପ ସହ ସଂପୃକ୍ତି, ଦ୍ୱିତୀୟଟି ଜ୍ଞାନ ଓ ଯୁକ୍ତି ସହିତ ଓ ତୃତୀୟଟି ହେଲା ଭଗବାନଙ୍କ ପ୍ରତି ସାଦର ଭକ୍ତିପୂର୍ଣ୍ଣ ନିବେଦନ । ଏହା ଭଗବଦ୍ ସଂକଳ୍ପ, ବିଷୟ ଓ ଘଟଣାଗୁଡ଼ିକ ପ୍ରତି ନିରହଂକାର ସ୍ୱୀକୃତି ଉପରେ ପର୍ଯ୍ୟବେଶିତ ।

ଏହି ସାଧନା ଦ୍ୱାରା ସାଧକର ତିନୋଟି ଉପକାର ସାଧିତ ହୁଏ ।

୧. 'ମୁଁ' ଓ 'ମୋର' ଅର୍ଥାତ୍ ଅହଂର ଗଣ୍ଠିଗୁଡ଼ିକ ହୁଗୁଳା ହୁଏ ।

୨. କାଳକ୍ରମେ ବ୍ୟକ୍ତିଗତ କାମନା-ବାସନା ଓ ଦାବି

ଅନ୍ତର୍ନିହିତ ହୋଇ ତା' ସ୍ଥାନରେ ଦିବ୍ୟ ପରମ ସତ୍ତାଙ୍କ ସଂକଳ୍ପ ସହ ଆପଣା ସଂକଳ୍ପକୁ ସାମିଲ କରିବା ପାଇଁ ପ୍ରୟାସ କରାଯାଇଥାଏ ।

୩. ପରମ ଦିବ୍ୟସତ୍ତାଙ୍କ ସହ ସମ୍ମିଳିତ ହେବା ଲାଗି ଏକ ତୀବ୍ର ଅଭୀପ୍ସା ଜାଗ୍ରତ୍ ହେବା ସଙ୍ଗେ ସଙ୍ଗେ ତାଙ୍କରି ପରିପ୍ରକାଶ ବା ଅଭିବ୍ୟକ୍ତି ନିମିତ୍ତ ଆପଣାକୁ ଏକ ଉପଯୁକ୍ତ ଯନ୍ତ୍ର ବା ସାଧନ ରୂପେ ଗଢ଼ି ତୋଳିବା ଲାଗି ଇଚ୍ଛା ହୁଏ ।

ଏହି ସାଧନାର ଶୀର୍ଷ ସ୍ଥିତିରେ ଉପନୀତ ହେଲେ ସାଧକ ଐକ୍ୟଜନିତ ଏପରି ଗଭୀର ନୀରବତା, ଶାନ୍ତି ଓ ଆନନ୍ଦ ଅନୁଭବ କରିଥାଏ – ଯାହା ନିମ୍ନ ପ୍ରକୃତି ଓ ନିମ୍ନ ଚେତନାକୁ ନିଶ୍ଚିହ୍ନ କରିବାରେ ସମର୍ଥ ହୋଇଥାଏ । ସଂକ୍ଷିପ୍ତରେ କହିବାକୁ ଗଲେ ସମଭାବ ସାଧନ କରିବାର ତିନୋଟି ସୋପାନ ବା ପର୍ଯ୍ୟାୟ ହେଲା :

୧. ସହନଶୀଳତା

୨. ଉଦାସୀନତା

୩. ଉଚ୍ଚତମ ଶକ୍ତି ନିକଟରେ ନିଃଶେଷ ସମର୍ପଣ ।

ପ୍ରଥମ ଉପାୟଟି ଦୃଢ଼ ସଂକଳ୍ପ ରକ୍ଷା କରି ପାରୁଥିବା ସାହସୀ କର୍ମଯୋଗୀ ପାଇଁ ସହଜ ମନେ ହୋଇପାରେ । ଦ୍ୱିତୀୟ ପ୍ରଣାଳୀଟି ଯୁକ୍ତି, ବୁଦ୍ଧିସମ୍ପନ୍ନ ଜ୍ଞାନ ଯୋଗୀମାନଙ୍କ ପାଇଁ ଅଧିକ ଉପଯୋଗୀ ମନେହୁଏ । ତୃତୀୟ ପଥଟି ସଂବେଦନଶୀଳ ଭକ୍ତ ପାଇଁ ସୁଗମ ମନେ ହୋଇପାରେ । ସେ ଯାହାହେଉ, ସମଭାବ ସକଳ ଦୁଃଖପ୍ରଦ ଅବଧିଗୁଡ଼ିକୁ ଅତିକ୍ରମ କରିଯିବା ଲାଗି ଏକ ମୁଖ୍ୟ ଓ ସର୍ବପ୍ରଧାନ ଅବଲମ୍ବନ ହୋଇ ରହି ଆସିଛି ।

ବିଶ୍ୱର ପ୍ରାୟ ସବୁଧର୍ମରେ ସମଭାବର ଅଭ୍ୟାସ ଉପରେ ଗୁରୁତ୍ୱ ଆରୋପ କରାଯାଇଛି, କାରଣ ଏହା ଉଭୟ ଧାର୍ମିକ ଓ ଆଧ୍ୟାତ୍ମିକ ଜୀବନର ମୂଳଭିତ୍ତି । ହିନ୍ଦୁଧର୍ମର ଶ୍ରେଷ୍ଠଶାସ୍ତ୍ର ଶ୍ରୀମଦ୍ ଭଗବଦ୍ ଗୀତାରେ ଭକ୍ତି, ଧ୍ୟାନ, ଜ୍ଞାନର ତପସ୍ୟା ଓ ଦିବ୍ୟକର୍ମ ସହାୟତାରେ ସମଭାବ ରକ୍ଷାକରିବା ଲାଗି କୁହାଯାଇଛି । ପତଞ୍ଜଳିଙ୍କ ଅଷ୍ଟାଙ୍ଗ ଯୋଗରେ, ଯଥା – ଯମ, ନିୟମ, ଆସନ, ପ୍ରାଣାୟାମ, ଧ୍ୟାନ ଓ ଧାରଣାଦି ଆଠଟି ମାର୍ଗ ଅଭ୍ୟାସ କରି ମନଟିକୁ ଏକାଗ୍ର ଓ ଶାନ୍ତ କରିବା ଦ୍ୱାରା ସମଭାବ ପ୍ରତିଷ୍ଠା ହୋଇଥାଏ । ବୌଦ୍ଧଧର୍ମରେ ମୁଖ୍ୟତଃ ପୂର୍ଣ୍ଣ ଏକାଗ୍ର ମନର ଧ୍ୟାନ (Mindfulness Meditation) ଅବଲମ୍ବନରେ ମନକୁ ଶାନ୍ତ, ମୁକ୍ତ, ଏକାଗ୍ର କରି ମାନସିକ ସନ୍ତୁଳନ ପ୍ରତିଷ୍ଠା କରାଯାଇଥାଏ । ଇସଲାମ ଧର୍ମର ମୁଖ୍ୟ ଧର୍ମଶାସ୍ତ୍ର ''କୋରାନ''ରେ ସମସ୍ତଙ୍କୁ ସହ୍ୟ କରିବା ଏବଂ ସମସ୍ତଙ୍କୁ ସ୍ୱୀକୃତି ପ୍ରଦାନ କରିବା(Tolerance and acceptance)ର ଶିକ୍ଷା ଦିଆଯାଇଛି । ଖ୍ରୀଷ୍ଟିଆନ ଧର୍ମରେ କୁହାଯାଇଛି – ''...equanimity is necessary to fulfill theological merits of gentleness, temperance, and charity.'' ଅର୍ଥାତ୍, ''ଧର୍ମତତ୍ତ୍ୱ ସମ୍ବନ୍ଧୀୟ ଯୋଗ୍ୟତା ଲାଗି, ମିତାଚାର ଓ ବଦାନ୍ୟତା ହାସଲ କରିବା ଲାଗି ସମଭାବ ରକ୍ଷା କରିବା ନିତାନ୍ତ ପ୍ରୟୋଜନ ।'' ସମଚିତ୍ତତା ଅର୍ଜନ କରିବା ଲାଗି ଜାଗରୁକତା, ପ୍ରଶାନ୍ତତା, ଅନାସକ୍ତି ବା ଅନୁରାଗବିହୀନତାକୁ ମୁଖ୍ୟ ତିନିଟି ସାଧନ ରୂପେ ଗ୍ରହଣ କରାଯାଇଥାଏ ।

**ସମଭାବର ଅବଦାନ :**

୧. ସମଭାବ ମନରେ ଶାନ୍ତି, ସ୍ଥିରତା, ସ୍ୱଚ୍ଛତା ଓ ସୃଜନଶୀଳତାର ବିକାଶ କରେ ।
୨. ଏହା ସଂବେଗଗତ ସନ୍ତୁଳନ ପ୍ରତିଷ୍ଠା କରେ ।
୩. ମାନସିକ ଚାପ, ଆକୁଳତା, ବିକ୍ଷୁବ୍ଧତା ଦୂର କରେ ।
୪. ମାନବୀୟ ସମ୍ପର୍କରେ ସୁଧାର ଆଣେ ।
୫. ସଂବେଦନା, ସହାନୁଭୂତି, ସନ୍ତୋଷ, ସହନଶୀଳତା ଓ ଧୈର୍ଯ୍ୟ ବୃଦ୍ଧି କରିବାରେ ସମଭାବ ସହାୟକ ହୁଏ ।
୬. ସୁଖ-ଦୁଃଖ, ସଫଳତା-ବିଫଳତା, ନିନ୍ଦା-ସ୍ତୁତି, ସମସ୍ତ ବିପଦ-ସମ୍ପଦ, ଦ୍ୱନ୍ଦ୍ୱାତ୍ମକ ଓ ସଙ୍କଟାତ୍ମକ ପରିସ୍ଥିତିରେ ଥଣ୍ଡାମିଜାଜ ରକ୍ଷା କରିବାର ଶିକ୍ଷା ଦେଇଥାଏ ।
୭. ସମତା ଦ୍ୱାରାହିଁ ଅହଂ ଓ ତତ୍‌ପ୍ରସୂତ ଯାବତୀୟ ଅଜ୍ଞାନତାକୁ ଅତିକ୍ରମ କରିବା ସମ୍ଭବ ହୋଇଥାଏ ।
୮. ପରିପୂର୍ଣ୍ଣ ଓ ସୁନିଶ୍ଚିତ ଦିବ୍ୟକର୍ମ ଲାଗି 'ସମତ୍ୱ' ହେଲା ଏକ ଆବଶ୍ୟକୀୟ ସର୍ତ୍ତ ।

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଉକ୍ତି ହେଲା –

''The Divine acts with a mighty power in the myriad workings of the universe, but with the supporting light and force of an imperturbable oneness, freedom and peace. That must be the type of the perfected soul's divine works. And equality is the condition of the being which makes possible this changed spirit in the action.''

(The Synthesis of Yoga, p. 701)

ଅର୍ଥାତ୍, ''ବିଶ୍ୱର ସହସ୍ରାଧିକ କାର୍ଯ୍ୟକାରିତା ମଧ୍ୟରେ ଭଗବାନ୍ ଶାନ୍ତି, ସ୍ୱାଧୀନତା ଓ ଏକ ଅବିକ୍ଷୁବ୍ଧ ଆଲୋକ ଓ ଶକ୍ତିର ସହାୟତାରେ କ୍ରିୟା କରିଥା'ନ୍ତି । ପୂର୍ଣ୍ଣତା ପ୍ରାପ୍ତ କରିଥିବା ଦିବ୍ୟକର୍ମୀ ମଧ୍ୟ ତଦନୁରୂପ ହେବା ଉଚିତ ଏବଂ ସତ୍ତାର 'ସମତ୍ୱବୋଧ'ହିଁ କର୍ମକ୍ଷେତ୍ରରେ ଏପରି ପରିବର୍ତ୍ତିତ ଚେତନାର କ୍ରିୟାଶୀଳତାକୁ ସମ୍ଭବ କରିଥାଏ ।''

ପୁନଶ୍ଚ କୁହାଯାଇଛି : ''But even a human perfection cannot dispense with equality as one of its chief elements and even its essential atmosphere.''

(The Synthesis of Yoga, p. 701)

ଅର୍ଥାତ୍, ''ଏପରିକି ଏକ ସାଧାରଣ ମାନବୀୟ ପରିପୂର୍ଣ୍ଣତା ମଧ୍ୟ ସମତ୍ୱକୁ ଏକ ମୁଖ୍ୟ ଉପାଦାନ ଓ ଅତ୍ୟାବଶ୍ୟକୀୟ ପରିବେଶ ରୂପେ ଅଗ୍ରାହ୍ୟ କରିପାରିବ ନାହିଁ ।''

"And equality is the condition of the being which makes possible this changed spirit in the action.'' (The Synthesis of Yoga, p. 701)

''ଏକ ସୁନିଶ୍ଚିତ ଓ ପରିପୂର୍ଣ୍ଣ ଦିବ୍ୟ କର୍ମ ଲାଗି ସମତ୍ୱ ହେଲା ସତ୍ତାର ଆବଶ୍ୟକୀୟ ସର୍ତ୍ତ ।''

(ସମାପ୍ତ)

❑❑❑

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,
Bhubaneswar - 751014, Cell No: 9437000646

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# କବି ନିଶିକାନ୍ତ
## (୨୧)

ଏ କବି ତୋମାର୍ କବି ଯଶୋମାଲା ପ୍ରାର୍ଥୀ ନୟ୍
ତୋମାରି ଛନ୍ଦେ ତୋମାରଇ ସୁଧୁ ସାଧିୟା ଲୟ୍ ।
କବିତାର ତରେ କବିତା ଗାଁଥିନା,
ରୂପ-ରଚନାୟ୍ ରୂପେରେ ସାଧିନା;
ଓ ଗୋ ଅପରୂପ, ଓଗୋ ଅନୁପମ, ପରମ ପ୍ରିୟ !
ଓ ଗୋ ସମ୍ରାଟ୍, ଅକିଞ୍ଚନେର୍ ଅର୍ଘ୍ୟ ନିୟୋ ।

— ନିଶିକାନ୍ତ

('ଅର୍ଘ୍ୟ' : 'ଅଲକାନନ୍ଦା' କାବ୍ୟଗ୍ରନ୍ଥ)

ଆମର ନିଶ୍ଚୟ ସ୍ମରଣରେ ଥିବ, କଥାଛଳରେ ନିଶିକାନ୍ତ ଥରେ ପୃଥ୍ୱୀନ୍‌ଙ୍କୁ କହିଥିଲେ : ''ଦେଖିବୁ ପୃଥ୍ୱୀନ୍, ଏପରି ଦିନ ଆସିବ ଯେତେବେଳେ ଲୋକମାନେ ଆନ୍ତରିକ ଭାବରେ ଉଚ୍ଛ୍ୱସିତ ହୋଇ ସାଧକ-କବି ନିଶିକାନ୍ତର ମହିମା ରଟାଇବେ । ତୁ କିନ୍ତୁ ଖାଦକ-ଲୋଭୀ ହିସିକାନ୍ତର ମନର କଥାସବୁ ସଂଗ୍ରହ କରି ସଜାଇ ଲେଖି ରଖିବୁ । — ଏଇଟି ମୋର ଅନୁରୋଧ ।'' ('ହିସିକାନ୍ତ' ନାମଟି ସେ ନିଜେ ରସିକତାପୂର୍ବକ ଗ୍ରହଣ କରିଥିଲେ ବହୁମୂତ୍ର ରୋଗରେ ଆକ୍ରାନ୍ତ ହୋଇ ବାରଂବାର ପରିସ୍ରା (ହିସି) କରିବାକୁ ଯାଇ କ୍ଳାନ୍ତ ଅନୁଭବ କରୁଥା'ନ୍ତି ।)

ପୃଥ୍ୱୀନ୍‌ଙ୍କ ସଙ୍କଳନରୁ : ''ଯଦି ମୁଁ ନିଶିକାନ୍ତଙ୍କର ମୋ ସହିତ ହୋଇଥିବା ଆଳାପ-ଆଲୋଚନାର ଆଦ୍ୟପ୍ରାନ୍ତ ଲିପିବଦ୍ଧ କରି ରଖିଥା'ନ୍ତି, ତେବେ ତା'ରି ଭିତ୍ତିରେ ଆଜି 'ବାଲାଂ କାବ୍ୟେର୍ ବିବର୍ତ୍ତନ : ମାଇକେଲ୍ ମଧୁସୂଦନଙ୍କଠାରୁ ନିଶିକାନ୍ତ' ସମ୍ବନ୍ଧେ ଏକ ଉପାଦେୟ ଗ୍ରନ୍ଥ ରଚନା କରି ପାରିଥା'ନ୍ତି ।

''କେବଳ ବଙ୍ଗଳା କବିତା ସମ୍ବନ୍ଧେ କାହିଁକି, ସର୍ବଭାରତୀୟ କାବ୍ୟ ଓ ବିଶ୍ୱବାସୀଙ୍କର କବିତା ସମ୍ବନ୍ଧେ ସେ ବେଶ୍ ଅଭିଜ୍ଞ ଥିଲେ । ବଙ୍ଗଳା, ଇଂରାଜୀ ଓ ହିନ୍ଦୀ ଭାଷା ବହିର୍ଭୂତ ଅନ୍ୟାନ୍ୟ ଭାଷାରେ ତାଙ୍କର ଜ୍ଞାନ ଥିଲା ସୀମାବଦ୍ଧ । କିନ୍ତୁ ପ୍ରଥମ ଦୁଇଟି ଭାଷା ମାଧ୍ୟମରେ ପ୍ରଚୁର ଥିଲା ତାଙ୍କର ପଢ଼ାଶୁଣା, ଗଭୀର ଥିଲା ତାଙ୍କର ଅନ୍ତର୍ଦୃଷ୍ଟି, ପ୍ରଖର ଥିଲା ତାଙ୍କର ଅନୁଭୂତି ।...

''୧୯୬୦ରେ ନୋବେଲ ପୁରସ୍କାର ପ୍ରାପ୍ତ ଫରାସୀ କବି ସଁ୍ୟା-ଜନ୍ ପ୍ୟାର୍ସେଙ୍କର ସଦ୍ୟ ପ୍ରକାଶିତ କାବ୍ୟ-ଗ୍ରନ୍ଥ 'Chronique'ର ବଙ୍ଗଳା ଅନୁବାଦ କରି ଛପା ହେବାକୁ ଦେବା ପୂର୍ବରୁ ଭାବିଲି ଥରେ ନିଶିକାନ୍ତଙ୍କୁ ପଢ଼ି ଶୁଣାଇବି ।... ତାଙ୍କ ବାସଭବନକୁ ଗଲି । ସେ ଘରେ ବସି କବିତା ଲେଖୁଥିଲେ । ତେଣୁ ଭାବିଲି ତାଙ୍କୁ ଏବେ ବିରକ୍ତ କରିବା ଠିକ୍ ହେବନି । ନୀରବରେ ଚାଲି ଆସିବାକୁ ଆରମ୍ଭ କରିବା ମାତ୍ରେ, 'କିରେ ପୃଥ୍ୱୀନ୍, ଏମିତି ଚାଲିଯାଉଛୁ ଯେ !' ପଶ୍ଚାତରୁ ସେ କହି ଉଠିଲେ ।

'' — 'ସଁ୍ୟା-ଜନ୍ ପ୍ୟାର୍ସେଙ୍କର କବିତା ଅନୁବାଦ କରିଥିଲି । ଆପଣଙ୍କୁ ଶୁଣାଇବାକୁ ଚାହୁଁଥିଲି । ଆପଣ କବିତା ଲେଖୁଛନ୍ତି ଦେଖି ବିରକ୍ତ କରିବାକୁ ଚାହିଁଲି ନାହିଁ ।'

'' — 'ତୁ ବିରକ୍ତ କରିବୁ, ମୋତେ !' କୋମଳ ସ୍ୱରରେ ଦୁଃଖ ଓ ଅନୁଶୋଚନାର ସହ କହିଲେ, 'କ୍ରମାଗତ ବେଶୀ ସମୟ ଧରି ଏବେ ଲେଖି ପାରୁନି । ଦିନ ପରେ ଦିନ, ରାତି ପରେ ରାତି ମଥାରେ ନୂତନ ନୂତନ କବିତାଗୁଡ଼ିକ ଆବୃତ୍ତି ହୋଇ ଚାଲିଛି, ଅଥଚ ଲେଖୁ ନ ଲେଖୁଣୁ ମଥା ଗରମ ହୋଇ ଅଗ୍ନିମୟ ହୋଇଉଠେ । ତେଣୁ ମଥାରେ ସେସବୁକୁ ରଖିଦିଏ, ଆଉ ଅଳ୍ପ ଅଳ୍ପ କରି ସୁବିଧା ମୁତାବକ ଆବରଣ ଖୋଲେ ।... ଆସ, ଏଇଠି ମୋ ପାଖରେ ବସ । କିନ୍ତୁ ତୋ'ର ଗୋଟିଏ ମାତ୍ର ଅନୁବାଦ କବିତା ଶୁଣିବି ।'

''ପ୍ରଥମ କବିତା ଶେଷ ହେବାରୁ ମୁଁ ନୀରବ ରହିଲି । ସେ କହି ଉଠିଲେ, 'ରହିଲୁ କାହିଁକି ? ପଢ଼ି ଯା !' ଏମିତି କରି ସମଗ୍ର ପାଣ୍ଡୁଲିପିଟି ତାଙ୍କୁ ପଢ଼ି ଶୁଣାଇବା ପରେ କବି ମୋ ମୁହଁକୁ ଅନାଇ କହି ଉଠିଲେ, 'ଅଦ୍ଭୁତ ପ୍ରାଣଶକ୍ତି, ପ୍ରଚଣ୍ଡ ଗତିବେଗ । ଦୃଶ୍ୟ ପରେ ଦୃଶ୍ୟ ଗୋଟିଏ ଅନ୍ୟଟି ଭିତରେ ଅନୁପ୍ରବେଶ କରି ବେଶ୍ ଅଦ୍ଭୁତ ଭାବରେ ମିଶି ଯାଉଛି । ସେମିତି ଭାଷା ! — ବୁଝିଲୁ ପୃଥ୍ୱୀନ୍, କିନ୍ତୁ...'

''— 'କିନ୍ତୁ, କୁହନ୍ତୁ !'

''— 'କିନ୍ତୁ, ଏହାକୁ ଯେ କାହିଁକି ମହାକବି-ମହାକବି ସମସ୍ତେ କହୁଛନ୍ତି, ମୁଁ ଭାବିପାରେ ନାହିଁ । କାବ୍ୟର ପ୍ରଥମ ଯେ ସର୍ତ୍ତ, ଅନ୍ତତଃ ମହତ୍ କାବ୍ୟର, ସେଇ ଐକ୍ୟ, ସମ୍ମିଳିତ ଭାବ (unity)ର ବଡ଼ ଅଭାବ । ଦୃଶ୍ୟ ବା ଛବିସବୁ, ଅବ୍ୟକ୍ତ

ଉପମାସବୁ ବନ୍ୟା ଜଳ ସଦୃଶ କୂଳ-କିନାରା ଅତିକ୍ରମ କରି ଦିଗନ୍ତ ବ୍ୟାପୀ ପ୍ଲାବିତ ହୋଇ ଉଠିଛି । ବିରାଟ ଏକ କ୍ୟାନ୍‌ଭାସ୍ ଉପରେ ରଙ୍ଗ ଉପରେ ରଙ୍ଗ ବୋଳି ଚାଲିଛି; ସାମଞ୍ଜସ୍ୟ ନାହିଁ ।'

'' – 'ମୁଁ କିନ୍ତୁ ଶୁଣିବାକୁ ପାଇଛି ଯେ ବିରାଟ ଏକ ଶୃଙ୍ଖଳା ଓ ସାମଞ୍ଜସ୍ୟ ନିହିତ ରହିଛି ଆପାତଦୃଷ୍ଟ ଏଇ ବିଶୃଙ୍ଖଳାର ପଶ୍ଚାତରେ ।'

'' – 'ସେଇଟି ତ ସୃଷ୍ଟିର ସବୁକିଛିର ପଶ୍ଚାତରେ ରହିଛି । କିନ୍ତୁ ମହତ୍ ସାହିତ୍ୟ ସୃଷ୍ଟି କରିବାରେ ଯେଉଁ ଅପରିହାର୍ଯ୍ୟ ଗୁଣ, ଶିଳ୍ପୀର ଯେଉଁ ଆତ୍ମ-ସଂଯମ, ଯେଉଁ ନିଷ୍ଠା, ଯେଉଁ ବିଶ୍ଳେଷଣ, ସବିଶେଷ ତଥ୍ୟସବୁ (details)କୁ ନିୟୋଜିତ କରିବାର ବା ବାଛି ନେବାର ଯେଉଁ ସାଧନା, ତୁ କ'ଣ ଏ କ୍ଷେତ୍ରରେ ପାଉଛୁ ?'

''ମୁଁ ଶ୍ରୋତା, ତେଣୁ ନୀରବ ରହିଲି । ମୁହୂର୍ତ୍ତକ ମଧ୍ୟରେ ମୁଁ ମୋ ଚିନ୍ତାର ଧାରାରେ ବୁଡ଼ିଗଲି – ନିଶିକାନ୍ତ ଗତାନୁଗତିକ ଧାରାରେ ସମାଲୋଚକ ନୁହଁନ୍ତି । ଅନ୍ତରର ଗଭୀରରେ ଯାହା ଅନୁଭବ କରନ୍ତି, ନିଜ ମନନ-ଶକ୍ତିର କଷଟି ପଥରରେ ଯାଞ୍ଚ କରି, ଅର୍ଥାତ୍ ଅନୁସନ୍ଧାନ ଦ୍ୱାରା ବିଷୟଟିର ଉତ୍କର୍ଷ ବା ମୂଲ୍ୟ ନିରୂପଣ କରନ୍ତି । ସେଥିରୁ ଉତ୍ପନ୍ନ ବିଶୁଦ୍ଧ ସୁନାଟିକୁ ସେ ସଯତ୍ନରେ ଚୟନ କରି ରଖନ୍ତି । ଫାଲତୁ ବା ଭେଜାଲ ପ୍ରତି ବିଦ୍ୱେଷ ନଥାଏ । ଅନାବନା, ଅଦରକାରୀ ଗୁଳ୍ମଗୁଡ଼ିକୁ ନିଜ ଅଙ୍ଗନରୁ ଉପାଡ଼ି ଦେବା ସକାଶେ କୋଡ଼ି, କୋଦାଳ ନେଇ ବ୍ୟସ୍ତତାର ସହିତ ଚଳପ୍ରଚଳ ହେବାର ମୁଁ ତାଙ୍କୁ କେବେ ଦେଖିନି । ବକୁଳ ଫୁଲ (ସହିଷ୍ଣୁତା ବା ଧୈର୍ଯ୍ୟର ପ୍ରତୀକ) ତାଙ୍କର ପ୍ରିୟ – ସେଇଥିପାଇଁ ନିତି ତାଙ୍କ ବାସଭବନର ଅଙ୍ଗନରେ ଥିବା ବୃଦ୍ଧ ବକୁଳ ବୃକ୍ଷ ତଳ ଚଉପାଢ଼ିରେ ବସନ୍ତି । ଭକ୍ତବତ୍ସଳ ଶ୍ରୀଅରବିନ୍ଦ ଚାହିଁଥିଲେ ଏବଂ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ 'ଭବିଷ୍ୟତର କବିତା' ('Future Poetry')ର ସମସ୍ତ ସୂତ୍ର ନିଶିକାନ୍ତଙ୍କ କବିତାରେ ପ୍ରସ୍ଫୁଟ କରିବାକୁ ।...

''– 'ପୃଥ୍ୱୀନ୍, କ'ଣ ଭାବୁଛ ?' – ମୁଁ ଚମକି ଉଠିଲି । ସେ ସେଇଠୁ କହିଲେ : 'ଅବନ (ଅବନୀନ୍ଦ୍ର ନାଥ) ଠାକୁର କେବେହେଲେ ରବି (ରବୀନ୍ଦ୍ରନାଥ) ଠାକୁରଙ୍କ ଅଙ୍କିତ ଛବି ସମ୍ବନ୍ଧେ ମୁହଁ ଖୋଲି ନଥିଲେ; କିନ୍ତୁ ତାଙ୍କର ପ୍ରୟାଣ ପରେ ସମସ୍ତଙ୍କର ବାର ବାର ସନିର୍ବନ୍ଧ ଅନୁରୋଧରେ ବାଧ୍ୟ ହୋଇ ମନ୍ତବ୍ୟ ଦେଇଥିଲେ, 'ଯେମିତି ଆଗ୍ନେୟଗିରିରୁ ପ୍ରବଳ ବେଗରେ ବିଚ୍ଛୁରିତ ହୋଇଛି ଲାଭାର ସ୍ରୋତ । ସେଠାରେ ନାହିଁ କୌଣସି ବାଧ୍ୟବାଧକତା, ନାହିଁ କୌଣସି କାନୁନ, ନାହିଁ କୌଣସି ଆଙ୍ଗିକ ବା କଳାକୌଶଳ – ରହିଛି କେବଳ ପ୍ରଚଣ୍ଡ ସୃଜନୀ-ଶକ୍ତି, ପ୍ରବଳ ପ୍ରାଣ ।'... ଉଇଲିୟମ୍ ବ୍ଲେକ୍ ବି ଠିକ୍ ସେମିତି, ବୁଝିଲୁ ପୃଥ୍ୱୀନ୍ ? ଏଇ କବି ଯେମିତି ସ୍ୱୟଂଚାଳିତ (ଅଟୋମେଟିକ୍) ଲେଖାର ଭକ୍ତ । ଆକ୍ଷେପ ହୁଏ – କାହିଁକି ଏଇ କବି ଟିକିଏ ଶୃଙ୍ଖଳାର ସାଧନ କଲେ ନାହିଁ ! ବିରାଟ ଏଇ ସ୍ରଷ୍ଟା-ପ୍ରତିଭାର ତା'ହେଲେ ଏତେଟା ଅପଚୟ ହୋଇ ନଥା'ନ୍ତା ଏପରି ଭାବରେ !...'

''ସେଦିନ ଘରକୁ ଫେରିଲା ବେଳେ ସ୍ୱତଃ ମନେ ମନେ କହିଉଠିଲି ବଙ୍ଗଳାର କାବ୍ୟରସରେ ଲୋଲୁପ ଅର୍ଥାତ୍ ଅତ୍ୟନ୍ତ ଲୁବ୍ଧ ବା ଲୋଭୀ ଆମ ସଭିଙ୍କର ଅନ୍ତଃକରଣରେ ନିଶିକାନ୍ତ ଅମର ହୋଇ ରହିଥିବେ ।''

('ପଣ୍ଡିଚେରୀର୍ ଦିନ୍‌ଗୁଲି', ପୃ. ୧୨୪-୨୬-୩୩)

*

୦୫.୦୬.୬୧ରେ ପୃଥ୍ୱୀନ୍ କବିଙ୍କ ସହିତ ଆଳାପ ପରେ ତାଙ୍କର କିଛି ବିବରଣ ଲେଖି ରଖିଥିଲେ; ସେଥିରୁ କିଛି :

''... ଜାଣିଛ, ପୃଥ୍ୱୀନ୍, ମୋତେ ରବୀନ୍ଦ୍ରନାଥ କେତେ ଥର ଚେଷ୍ଟା କରିଥିଲେ ରଥୀ (ରଥୀନ୍ଦ୍ରନାଥ, ରବୀନ୍ଦ୍ରନାଥଙ୍କ ପୁତ୍ର) ଠାକୁରଙ୍କର ପୋଷ୍ୟପୁତ୍ର କରି ଶାନ୍ତିନିକେତନରେହିଁ ଅଟକାଇ ରଖି ନେବାକୁ । ବେଶ୍ କିଛିଦିନ ପରେ ଥରେ ମୋତେ ମାତ୍ର ଏକ ସପ୍ତାହ ସମୟ ଦେଲେ ମନରେ ସ୍ଥିର ନିଶ୍ଚିତ ହେବାକୁ ।... ପ୍ରତିମା ଠାକୁର (ପୁତ୍ରବଧୂ) ବି ଶ୍ୱଶୁରଙ୍କର ନିର୍ଦ୍ଦେଶରେ ମୋତେ ନିତି ଖୁବ୍ ଆଦର-ଖାତିର କରିବାକୁ ଆରମ୍ଭ କଲେ । ଭଲ ଭଲ ଆହାର୍ଯ୍ୟ ପ୍ରସ୍ତୁତ କରି ଜୁଆଇଁଙ୍କୁ ଖୁଆଇବା ସଦୃଶ ମୋତେ ନିତି ଆଦର କରି ଖୁଆଇବାକୁ ଲାଗିଲେ । ଆଉ ମୁଁ ବି ସେସବୁ ସୁସ୍ୱାଦୁ ଭୋଜନଦ୍ରବ୍ୟ ଅମ୍ଳାନ ବଦନରେ ଖାଇ ଆତ୍ମପ୍ରସାଦ ଲାଭ କଲି ।...

''ସପ୍ତାହ ଶେଷ ହେଲା । ରବୀନ୍ଦ୍ରନାଥ ମୋତେ ପଚାରିଲେ : 'କିରେ ନିଶିକାନ୍ତ, ତୋ' ପାଖରେ ରଥୀର ନାମ ଉଚ୍ଚାରଣ କଲେ ତୋ ମୁହଁଟି ହାଣ୍ଡି ଭଳିଆ ହୋଇଯାଏ କାହିଁକି ? ଆଉ ରଥୀର ବି ସେଇ ସମଦଶା ? ତୁମ ଦୁଇଜଣଙ୍କର ବ୍ୟାପାରଟା କ'ଣ ହୋଇଛି ? ମୁଁ କୁଆଡ଼େ ରଥୀକୁ ଆଉ ବୋହୂମା'କୁ କହିଛି ଯେ ପିତୃମାତୃହୀନ ପିଲାଟି ଏଠାରେ ପଡ଼ି

ରହିଛି, ତା'ର ଦେଖାଶୁଣା କରିବାକୁ ? ଆଉ ତୁ କ'ଣ କରୁଛୁ ନା ସେଠାରୁ ଭଲ ଭାବରେ ଖିଆପିଆ କରି ନିର୍ବିକାର ଚିତ୍ତରେ ଫେରି ଆସୁଛୁ ?...'' (ତତ୍ରୈବ, ପୃ. ୧୨୭-୨୮)

*

ଏବେ କୃଷ୍ଣା ଚକ୍ରବର୍ତ୍ତୀଙ୍କ ସହିତ ନିଶିକାନ୍ତଙ୍କର ଆଳାପ-ଆଲୋଚନାରୁ କିଛି :

''ଦିନେ କଥାପ୍ରସଙ୍ଗରେ କବି ନିଶିକାନ୍ତ ମୋତେ କହିଲେ ଯେ ଚିତ୍ରାଙ୍କନରେ ତାଙ୍କର ଗୁରୁ ଥିଲେ ତଦାନୀନ୍ତନ ବିଖ୍ୟାତ ଶିଳ୍ପୀ ନନ୍ଦଲାଲ ବୋଷ । ସେଇଠୁ ମୁଁ କହିଲି, 'ଅବନୀନ୍ଦ୍ରନାଥ ଠାକୁର ଏବଂ ତାଙ୍କ ଶିଷ୍ୟ ନନ୍ଦଲାଲହିଁ ସର୍ବୋତ୍ତମ ଭାରତୀୟ ଶିଳ୍ପୀ ନୁହଁନ୍ତି କି ?'

''କବି – ନା, ସେ ହେଉଛନ୍ତି ଅନ୍ୟ ଜଣେ ! – 'କିଏ' ? – 'ସେ ହେଉଛନ୍ତି ସୁରେନ୍ ଗାଙ୍ଗୁଲି । ସେ ଖୁବ୍ ଅଳ୍ପ ବୟସରେ ମୃତ୍ୟୁବରଣ କରିଥିଲେ । ନନ୍ଦଲାଲହିଁ ତାଙ୍କୁ ଆବିଷ୍କାର କରିଥିଲେ । ଦିନେ ନନ୍ଦଲାଲ ଗୋଟିଏ ଗାଁ-ଦୋକାନରୁ କିଛି ଖରିଦ କରିବା ସକାଶେ ଗଲେ । ଦୋକାନକୁ ଉଠି ଦେଖିଲେ ଯେ ଦୋକାନ ଭିତରେ ଗୋଟିଏ ବାଳକ ବଢ଼େଇ କିଛି ଡ୍ରଇଂ ନଦେଖି କାଠରେ ପଦ୍ମ ଫୁଲ ଖୋଦନ କରୁଛି, ନିଜ ମସ୍ତିଷ୍କର କଳ୍ପନା-ଶକ୍ତିରୁ ଏକ ମନରେ କାମ କରୁଛି ।

''ଏହା ଦେଖି ନନ୍ଦଲାଲ ତ ଅବାକ୍ ! ପିଲାଟିକୁ ପଚାରିଲେ, 'ତୁମେ ଡ୍ରଇଂ ଆଙ୍କି ପାରିବ ?' ପିଲାଟି ତା' କାମରୁ ମୁହଁ ଉଠାଇ ସହଜ ଓ ସରଳ ଭାବରେ ଅଳ୍ପ ହସି କହିଲା, 'ହଁ, ଡ୍ରଇଂ କରିବା ତ ଖୁବ୍ ସହଜ !' – ଏହା କହି ପାଖରେ ଥିବା କୋଇଲା ଖଣ୍ଡିଏ ନେଇ ଚଟାଣରେ ଅଦ୍ଭୁତ ଭାବରେ ଖୁବ୍ ଅଳ୍ପ ସମୟ ଭିତରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କର ଛବି ଆଙ୍କିଦେଲା । ନନ୍ଦଲାଲ ତାକୁ କହିଲେ, 'ତୁମେ ଅବନ ଠାକୁରଙ୍କଠାରୁ ଚିତ୍ର ଆଙ୍କିବା ଶିଖିବ କି ?' – 'ଅବନ ଠାକୁର କିଏ ?' – 'ତୁମେ ମୋ ସହିତ ଆସ, ମୁଁ ତୁମକୁ ତାଙ୍କ ସହିତ ଭେଟ କରାଇ ଦେବି । ତୁମେ ତାଙ୍କଠୁ ଚିତ୍ର ଆଙ୍କିବା ଭଲ କରି ଶିଖିନେବ ।' – 'ନା, ମୁଁ ତାଙ୍କ ପାଖକୁ ଯିବିନି । ମୁଁ ଭାରି ଗରିବ, ଘରେ ମୋର ବିଧବା ମାଆ ଆଉ ବିଧବା ଭଉଣୀ ଅଛନ୍ତି । ମୋତେ ସେମାନଙ୍କର ଦେଖାଶୁଣା କରିବାକୁ ହୁଏ । ସେଇଥିପାଇଁ ଏଇଠି ବଢ଼େଇ କାମ କରୁଛି, କୌଣସି ପ୍ରକାରେ ଆମେ ଚଳିଯାଉ ।'

''ନନ୍ଦଲାଲ ପିଲାଟିକୁ ବୁଝାଇ ସୁଝାଇ କହିଲେ ଯେ ତୁମେ ମୋ ସହିତ ଥରଟିଏ ଆସି ଅବନ ଠାକୁରଙ୍କୁ ଦେଖାକର । ପିଲାଟି ରାଜି ହୋଇ ତାଙ୍କ ସହିତ ଆସିଲା ।...

''ଅବନ ଠାକୁର ପିଲାଟିର କଳା-ନିପୁଣତାର ଅଭୂତପୂର୍ବ ସାମର୍ଥ୍ୟ ଦେଖି ମନ୍ତ୍ରମୁଗ୍ଧ ହୋଇ ନନ୍ଦଲାଲଙ୍କୁ କହିଲେ, 'ଇଏ ଭାରତୀୟ ଶିଳ୍ପକଳା ସମ୍ବନ୍ଧେ କ'ଣ ଆଉ ଅଧିକ ଶିଖିବ ? ଯାହାକିଛି ସେ ମୋ ସମ୍ମୁଖରେ ସୃଜନ କରୁଛି, ସେସବୁ ତ ସର୍ବଭାରତୀୟ ଶିଳ୍ପକଳାର ସାଧାରଣ ବା ମୌଳିକ ନିୟମାନୁଯାୟୀ ସ୍ୱୟଂ ସମ୍ପୂର୍ଣ୍ଣ, ଅତ୍ୟୁତ୍କୃଷ୍ଟ !'

''ତା'ପରେ ସେ ପିଲାଟିକୁ ପ୍ରସ୍ତାବ ଦେଲେ : 'ମୁଁ ତୁମକୁ ମାସକୁ ବୃତ୍ତି ଦେଇ ଗୋଟିଏ ଉଚ୍ଚମାନର ଲଳିତକଳାଦି ଶିକ୍ଷା ଦିଆ ଯାଉଥିବା ସ୍କୁଲରେ ଭର୍ତ୍ତି କରିଦେବି । ମୋତେ ତୁମେ କୁହ ବଢ଼େଇ କାମ କରି ତୁମେ ମାସକୁ କେତେ ଆୟ କର ।'...

''ଯାହାହେଉ ପିଲାଟି ରାଜି ହେଲା । କିନ୍ତୁ ଲାଭ କ'ଣ ହେଲା ? – ମୁଁ ତତ୍‌କ୍ଷଣାତ୍ ପଚାରିଲି, 'କାହିଁକି ? କ'ଣ ହେଲା ?' ସେଇଠୁ ନିଶିକାନ୍ତ ଦୁଃଖପ୍ରକାଶ କରି କହିଲେ, 'ପରେ ପରେ ସିଏ ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ଉଠିଲା ଏବଂ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ କଲା । କିନ୍ତୁ ଏଇ ଅଳ୍ପ ସମୟ ଅବଧି ଭିତରେ ସେ ଯେଉଁ କେତୋଟି ଚିତ୍ରାଙ୍କନ କରିଥିଲା ସେ ସମ୍ବନ୍ଧେ ଅବନ ଠାକୁର ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ : 'ତୁମେ ଯଦି ତରାଜୁର ଗୋଟିଏ ପାର୍ଶ୍ୱରେ ତଦାନୀନ୍ତନ ଭାରତୀୟ ଶିଳ୍ପୀଗଣଙ୍କର ସୁରୁଚିସମ୍ପନ୍ନ ଉତ୍କୃଷ୍ଟ ଲଳିତକଳା ଚିତ୍ରାଙ୍କନ ରଖ ଏବଂ ଅନ୍ୟ ପାର୍ଶ୍ୱରେ ସୁରେନ୍‌ଙ୍କର ଏଇ କତିପୟ ଚିତ୍ରାଙ୍କନ ରଖ, ତେବେ ତରାଜୁର ପଲାଟି ମାନ-ସମର୍ଥନ ପୂର୍ବକ ସୁରେନ୍ ପଟକୁ ଅବନତ ହେବ ।'

''ଆଉ ନନ୍ଦଲାଲ ମଧ୍ୟ ବାରଂବାର ଆମମାନଙ୍କୁ କହୁଥିଲେ, 'ତୁମେ ସୁରେନ୍ ଗାଙ୍ଗୁଲିକୁ ଜାଣିନ; ତା'ର ଯେକୌଣସି ଚିତ୍ରାଙ୍କନ ଉତ୍କୃଷ୍ଟ ଭାରତୀୟ ଶିଳ୍ପୀଙ୍କ ମିଳିତ ପ୍ରଚେଷ୍ଟାରେ ସୃଷ୍ଟ ଚିତ୍ରାଙ୍କନସବୁର ପ୍ରତିଦ୍ୱନ୍ଦ୍ୱୀ ହୋଇ ପାରିବ ।'

''କବି କହି ଚାଲିଥିଲେ, 'ସୁରେନ୍ ଗାଙ୍ଗୁଲିଙ୍କର ଏକାଧିକ ରଞ୍ଜିତ ଚିତ୍ର ମଧ୍ୟରେ କାଳିଦାସଙ୍କର 'ମେଘଦୂତ' କାବ୍ୟର 'ଯକ୍ଷ' ଅନ୍ୟତମ । ଏହା ଅକଳ୍ପନୀୟ ଭାବରେ ସୁନ୍ଦର ଥିଲା । ବର୍ଦ୍ଧମାନର ମହାରାଜାଙ୍କର ରାଜଭବନର ଅନ୍ଦର

ମହଲରେ ଏହା ଶୋଭା ପାଉଥିଲା । ଅବନ ଠାକୁର ଅନେକ ଚେଷ୍ଟା କରି ମଧ୍ୟ ମହାରାଜାଙ୍କ ଠାରୁ ସେଇଟିକୁ ଆଣି ଶାନ୍ତିନିକେତନର କଳାଭବନରେ ରଖିପାରି ନଥିଲେ; ଏପରିକି ମହାରାଜା ତାଙ୍କୁ ଥରେ ସେଇଟି ଦେଖିବାକୁ ବି ଅନୁମତି ଦେଇ ନଥିଲେ ।...   ଅନ୍ୟଟି ଥିଲା 'ପାର୍ଥ ସାରଥି' । ଏଇଟିକୁ ଜଣେ ପାଶ୍ଚାତ୍ୟ କ୍ରେତାଙ୍କଠାରୁ ଅବନ ପୁନର୍ଲାଭ କରିବାରେ କୃତକାର୍ଯ୍ୟ ହୋଇଥିଲେ ।... ମୁଁ ନିଜେ ସୁରେନ୍ ଗାଙ୍ଗୁଲିଙ୍କର 'କାର୍ତ୍ତିକେୟ' ନାମାଙ୍କିତ ରଞ୍ଜିତ ଚିତ୍ରାଙ୍କନ ଦେଖିବାର ସୌଭାଗ୍ୟ ଲାଭ କରିଥିଲି । ସେଥିରେ ତାଙ୍କର କାରିଗରି ଓ ଶୈଳୀ ଦେଖି ମନ୍ତ୍ରମୁଗ୍ଧ ହୋଇ ଉଠିଥିଲି ।'

''ତା'ପରେ କବି କହିଲେ, 'ସୁରେନ୍ ଗାଙ୍ଗୁଲିଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ ଶୁଣିବ ?'– 'ନିଶ୍ଚୟ !'

''– 'ଥରେ ଜଣେ ଇଂରେଜ ସମାଲୋଚକ କବି ଉଇଲିୟମ୍ ବ୍ଲେକ୍‌ଙ୍କ ଲିଖିତ କବିତାର କେତୋଟି ପଂକ୍ତି ଉଦ୍ଧାର କରି ମନ୍ତବ୍ୟ ଦେଇଥିଲେ ଯେ ସେକ୍‌ସପିଅରଙ୍କର କୌଣସି ନାଟକ ଏହାର ସମକକ୍ଷ ହୋଇପାରିବ ନାହିଁ । ଏହା ପଢ଼ି ଦିଲୀପ କୁମାର ରାୟଙ୍କର ହୃଦ୍‌ବୋଧ ନ ହେବାରୁ ସେ ଶ୍ରୀଅରବିନ୍ଦଙ୍କୁ ସେହି ମନ୍ତବ୍ୟ ଉପରେ ତାଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀ ସମ୍ବନ୍ଧେ ଜାଣିବାକୁ ଆଗ୍ରହ ପ୍ରକାଶ କଲେ । ଶ୍ରୀଅରବିନ୍ଦ ଏହି ମର୍ମରେ ଉତ୍ତର ଦେଇଥିଲେ – କାବ୍ୟ-କବିତା, ଚିତ୍ରକଳା ଆଦି ସୃଜନଶୀଳ ବିଷୟରେ କେବେହେଲେ ପରିମାଣ (volume) ନେଇ ବିଚାର କରାଯାଏ ନାହିଁ । ଏହା ସତ୍ୟ ଯେ ବ୍ଲେକ୍‌ଙ୍କର ସାଙ୍କେତିକ ଅର୍ଥସୂଚକ ରହସ୍ୟମୂଳକ କବିତାର ଏହି ପଂକ୍ତିଟି ଏତେ ଉତ୍କୃଷ୍ଟ ମାନର ଯେ ତୁଳନାତ୍ମକ ଭାବରେ ସେକ୍‌ସପିଅରଙ୍କର କୌଣସି ନାଟକ କସ୍ମିନ୍‌କାଳେ ତା'ର ସମକକ୍ଷ ହୋଇପାରିବ ନାହିଁ । (ଏହା ମଧ୍ୟ କୁହାଯାଇପାରେ ଯେ ରହସ୍ୟବାଦୀ କବି ହିସାବରେ ବ୍ଲେକ୍ ଯେଉଁ ସ୍ତରରେ ଉପନୀତ ହୋଇଥିଲେ ତା' ସେକ୍‌ସପିଅରଙ୍କ ସୃଜନଶୀଳ ମାନର ପରିସର-ବହିର୍ଭୂତ; କାରଣ ସେକ୍‌ସପିଅରଙ୍କର ରହସ୍ୟମୂଳକ ସୂକ୍ଷ୍ମଦୃଷ୍ଟି ନଥିଲା ।) ଏହି ପରିପ୍ରେକ୍ଷୀରେ ବେଙ୍ଗଲର ସୁରେନ୍ ଗାଙ୍ଗୁଲିଙ୍କ ସମ୍ବନ୍ଧେ ସମାନ ମନ୍ତବ୍ୟ ଦିଆଯାଇପାରେ । ତାଙ୍କ ସୃଷ୍ଟ ଅଳ୍ପ କେତୋଟି ରଞ୍ଜିତ ଚିତ୍ର ସମ୍ମୁଖରେ ଅନ୍ୟ କାହାରି ରଞ୍ଜିତ ଚିତ୍ର ସମକକ୍ଷ ହୋଇପାରିବ ନାହିଁ । – ଦିଲୀପଙ୍କୁ ଏହାହିଁ ଥିଲା ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ ।'

''ଏହାପରେ ପ୍ରସଙ୍ଗ ପରିବର୍ତ୍ତନ ପୂର୍ବକ କବି କହିଲେ, 'ଦିନେ ମୁଁ ମୋର ଚିତ୍ରାଙ୍କନ ଗୁରୁ ନନ୍ଦଲାଲଙ୍କୁ ପଚାରିଲି – ମୁଁ ଲକ୍ଷ୍ୟ କରିଛି ଆପଣ ପ୍ରାୟ ଶିବଙ୍କର ଛବି ଆଙ୍କନ୍ତି, କୃଷ୍ଣଙ୍କର ଛବି ଆଙ୍କନ୍ତି ନାହିଁ କାହିଁକି ? ସେଇଠୁ ସେ ସସ୍ନେହରେ ମୋତେ କହିଲେ – ଥରେ ମୁଁ ଶ୍ରୀକୃଷ୍ଣଙ୍କର ଚିତ୍ର ଆଙ୍କି ଭଗିନୀ ନିବେଦିତାଙ୍କୁ ଦେଖାଇଥିଲି । ସେ ସେଇଟିକୁ ଦେଖି ମନ୍ତବ୍ୟ ଦେଲେ – ଆପଣ କୃଷ୍ଣଙ୍କର ନୟନଯୁଗଳକୁ ଏତେ ସଦାଚଞ୍ଚଳ, ଅସ୍ଥିର ନୟନ ରୂପେ ଅଙ୍କନ କରିଛନ୍ତି କାହିଁକି ? କୃଷ୍ଣଙ୍କର ନୟନଯୁଗଳ ଏପରି ନୁହେଁ । – ଏହା ପରଠୁ ମୁଁ କୃଷ୍ଣଙ୍କର ଛବି ଆଙ୍କିବା ବନ୍ଦ କରି ଦେଇଛି । – ସେଦିନ ଏହାହିଁ ଥିଲା ନନ୍ଦଲାଲଙ୍କର ଉତ୍ତର ।'...''

(Mother India, Dec. 2009, p. 1021-22)

*

ପରିଶେଷରେ ଡାଲିୟା ସରକାରଙ୍କ ରଚନାରୁ : ''ବେଶ୍ କେତୋଟି କଠିନ ବ୍ୟାଧି ସଙ୍ଗରେ ଏକ ପ୍ରକାର ରଫା ବା ଆପୋସ ମୀମାଂସା କରି ନିଶିକାନ୍ତ କଟାନ୍ତି କେତେବେଳେ ସ୍ୱାଭାବିକ କଦବା ଅସ୍ୱାଭାବିକ ଜୀବନ । ରୋଗର ଉପଦ୍ରବ ତୀବ୍ର ହେଲେ ଆବହାଓୟା ପରିବର୍ତ୍ତନ ସକାଶେ ହସ୍‌ପିଟାଲ୍‌ରେ ବିତାଇ ଥା'ନ୍ତି । ହସ୍‌ପିଟାଲ୍‌ର ବିଛଣା ଏବଂ ବାସଗୃହର ବିଛଣା – ଯେତେବେଳେ ଯେଉଁ ଦିଗକୁ ଡାକରା ଆସେ ସେ ସେ ଦିଗକୁ ଯାଆନ୍ତି । ଯେଉଁଠିକୁ ଗଲେ ମଧ୍ୟ ବିଛଣାହିଁ ହେଲା ତାଙ୍କର ରୋଗ-ଭୋଗର ଆଶ୍ରୟ, କାବ୍ୟ-ରଚନାର ଆସନ, ପୁଣି ସାଧନ-ଚିନ୍ତନ ମଧ୍ୟରେ ଭାସି ବୁଲିବାର ଭେଳା ।

''ଘରର ଅଙ୍ଗନରେ ବୃଦ୍ଧ ବକୁଳ ବୃକ୍ଷ; ଏହାରି ଛାୟାରେ ଆଶ୍ରୟ ନେଇଛି ତାଙ୍କର ବାସଭବନ ।... ଘରେ ବସି ବା ବୃକ୍ଷତଳ ଚଉପାଢ଼ୀରେ ବସି ସେହି ବୃକ୍ଷକୁ ଅନାଇ ଅନାଇ ତାଙ୍କର ମନେ ହେଉଥିଲା, ସେ ବି ବିଶ୍ୱର ଜନାରଣ୍ୟରେ ଏକ ମାନବ-ବୃକ୍ଷ ।... ପ୍ରାକୃତିକ ବୃକ୍ଷ ଆଉ ମାନବ-ବୃକ୍ଷ ଦୁଇ ଜଣ ଯେପରି ଦୁଇ ଜଣଙ୍କର ମରମୀ ସହୋଦର, ନିତ୍ୟ-ସଙ୍ଗୀ, ସହଚର; କାଳର ପ୍ରବାହରେ ଜଣେ ଅନ୍ୟ ଜଣକୁ ଟାଣି ନେଇ ଚାଲିଛି । ପରେ କବି ତାଙ୍କର କାବ୍ୟ-ଜୀବନ, ଯୋଗ-ଜୀବନ ଓ ରୋଗ-ଜୀବନର ଏକ ସମନ୍ୱୟୀ ମୂଲ୍ୟାୟନ ସ୍ୱରୂପ ଆରମ୍ଭ କଲେ ତାଙ୍କର ଏକ ନୂତନ କବିତା – 'ବୃଦ୍ଧ ବକୁଳ' । ଆଠଟି ପର୍ବରେ, ଚାଳିଶଟି ସ୍ତବକରେ ତାଙ୍କର ଆନନ୍ଦଘନ ଚେତନା ଓ ଅନୁଭୂତିର ଅପରୂପ ରଚନା ।...

*(ଅବଶିଷ୍ଟାଂଶ ପୃଷ୍ଠା ୪୩ରେ ଦେଖନ୍ତୁ)*

ଇତିହାସର କେତୋଟି ମୁହୂର୍ତ୍ତ :

# ରହସ୍ୟମୟୀ ବାଳିକା

## ମନୋଜ ଦାସ

ପଞ୍ଚମ ଶତାବ୍ଦୀର ଇତିହାସରେ ଅନ୍ୟତମ ବିଭୀଷିକା ହେଲା ହୁଣ ନେତା ଆଟିଲା । ଗୋଟିଏ ବିଶାଳ ତଥା ନିର୍ମମ ସୈନ୍ୟବାହିନୀ ସାହାଯ୍ୟରେ ସେ ଦେଶ ପରେ ଦେଶ ଆକ୍ରମଣ କରି ଚାଲିଥାଏ । ବ୍ୟାପକ ହତ୍ୟା, ଅଗ୍ନିକାଣ୍ଡ ଓ ସହର, ନଗର, ଜନପଦ ଧ୍ୱଂସ କରି ସେ ସମଗ୍ର ମଧ୍ୟ-ଏସିଆକୁ ସଂଜ୍ଞାହତ ଅବସ୍ଥାରେ ଛାଡ଼ି ଫ୍ରାନ୍ସ ସୀମାନ୍ତରେ ଉପନୀତ ହୋଇ ଗୋଟାଏ ପାହାଡ଼ ଉପରେ ଠିଆ ହୋଇ ଅଟ୍ଟହାସ୍ୟ କଲା । ପାହାଡ଼ ତଳେ ସମବେତ ସୈନ୍ୟବାହିନୀ ଉଦ୍ଦେଶ୍ୟରେ କହିଲା, ‘‘ଆଜି ପର୍ଯ୍ୟନ୍ତ ବର୍ଷ ବର୍ଷ ବ୍ୟାପୀ ଆମ୍ଭେ ଲୁଣ୍ଠନ କର୍ମ ଅବ୍ୟାହତ ରଖି ଯାହା ପାଇ ନାହୁଁ, ଏଣିକି ଗୋଟାଏ ମାସ ଭିତରେ ତାହାଠୁଁ ଅଧିକ ପାଇବୁଁ ବୋଲି ଆଶା କରାଯାଏ । ଅତଏବ ଆଗକୁ ମାଡ଼ିଯାଅ । ମୁହୂର୍ତ୍ତକ ପାଇଁ ତୁମ ଅଶ୍ୱର ଟାପୁ ଶବ୍ଦ ସ୍ତବ୍ଧ ନହେଉ, ତୁମ ଘୂର୍ଣ୍ଣାୟମାନ ଅସି ନିଶ୍ଚଳ ନହେଉ ।

ଉଲ୍ଲାସ-ଉନ୍ମାଦ ସହ ସୈନ୍ୟବାହିନୀ ଝଡ଼ ଭଳି ମାଡ଼ିଗଲେ । ହୁତୁହୁତୁ ଜଳି ଉଠିଲା ଫରାସୀ ଜନବସତିସବୁ । ଉପଦ୍ରୁତମାନଙ୍କ ଚିତ୍କାର ଦୂରବର୍ତ୍ତୀ ଜନପଦର ବାସିନ୍ଦାମାନଙ୍କ ହୃତ୍‌କମ୍ପର ହେତୁ ହେଲା ।

ଆଜିର ପ୍ୟାରିସ୍ ମହାନଗରୀ ସେତେବେଳେ ଏକ ସମୃଦ୍ଧ ଗ୍ରାମ ମାତ୍ର । ବିତ୍ତଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କ ସମାବେଶ ହୋଇ ଥାଏ ତହିଁ । ଆଟିଲା ସେହି ଦିଗକୁ ଅଗ୍ରସର ହେଲା ।

ଅଦୂରବର୍ତ୍ତୀ ଏକ ଗ୍ରାମରେ, ଗୋଟିଏ ଗଛତଳେ ଆଖିବୁଜି ଚୁପ୍‌ଚାପ୍ ବସିଥିଲା ଝିଅଟିଏ । ନାମ ତା’ର ଜିନେଭିଏଭ୍ । ସମସ୍ତେ ତାକୁ ପାଗଳୀ ବୋଲି ଧରି ନେଇଥା’ନ୍ତି । ଅବଶ୍ୟ କେହି କେହି ଅନୁଭବ କରିଥା’ନ୍ତି ସେ ପାଗଳୀ ନୁହେଁ, ସର୍ବଦା ଧ୍ୟାନ-ନିବିଷ୍ଟା, କୌଣସି ଅତିଭୌତିକ ଜଗତ୍ ସହ ସମ୍ପର୍କ ସ୍ଥାପନ କରିଥିବା ଏକ ବାଳିକା ।

ହଠାତ୍ ସେ ଶୁଣିଲା ଆର୍ତ୍ତରବ; ଦେଖିଲା ଶହ ଶହ ନରନାରୀ ସେ ମୂଲକ ଛାଡ଼ି କୁଆଡ଼େ ପଳାଇ ଯିବାକୁ ବ୍ୟଗ୍ର । ଆଶ୍ଚର୍ଯ୍ୟ ହୋଇ ସେ ସେମାନଙ୍କୁ ପଚାରିଲା, ‘‘କଥା କ’ଣ ?’’

‘‘ତୁମେ କ’ଣ ଜାଣନା ? ଦୁର୍ଦ୍ଧର୍ଷ ଆଟିଲା ଏଆଡ଼େ ଝପଟି ଆସୁଛି । ତା’ ସୈନ୍ୟଦଳ ରକ୍ତପିପାସୁ । ଯଦି ବଞ୍ଚିବାକୁ ଇଚ୍ଛା, ତେବେ ଆମ ସହ ତୁମେ ବି ପଳେଇ ଚାଲ ।’’ ଲୋକେ ବାଳିକାଟିକୁ ପରାମର୍ଶ ଦେଲେ ।

ମୁହୂର୍ତ୍ତକ ପାଇଁ ଆଖିବୁଜି ବାଳିକା ଧ୍ୟାନମଗ୍ନ ହେଲା । ତା’ପରେ ଗୁରୁଗମ୍ଭୀର କଣ୍ଠରେ କହିଲା, ‘‘ତୁମେମାନେ ଭୟ ତ୍ୟାଗ କର । ଭଗବାନଙ୍କୁ ସୁରକ୍ଷା ପାଇଁ ପ୍ରାର୍ଥନା କର । ତୁମେ ପଳାଇବ କୁଆଡ଼େ ? କେତେଦୂର ଯିବ ? ଯେଉଁଠାରେ ଯାଇ ପହଞ୍ଚିବ, ହୁଣମାନେ ସେଠାରେ ଦୁଇଦିନ ପରେ ପହଞ୍ଚିବେ ନାହିଁ ବୋଲି କେମିତି ଜାଣିଲ ?’’

ଜିନେଭିଏଭ୍‌ର ଏ ପ୍ରଶ୍ନର ଉତ୍ତର ଦେଲା ଭଳି ଶକ୍ତି ସେମାନଙ୍କର ନଥିଲା । ଜିନେଭିଏଭ୍ ମଧ୍ୟ ଉତ୍ତର ସକାଶେ ଅପେକ୍ଷା ରଖି ନଥିଲା । ସେ ଦୌଡ଼ିଯାଇ ଅଦୂରସ୍ଥ ସିଏନ୍ ନଦୀ ଉପରେ ସେତୁ ମଝିରେ ଦୁଇବାହୁ ପ୍ରସାରିତ କରି ଠିଆହେଲା । ପଳାତକ ଜନତା ସେଠାରେ ପହଞ୍ଚି ସେତୁ ପାରି ହେବାକୁ ବ୍ୟଗ୍ର ହୁଅନ୍ତେ ଜିନେଭିଏଭ୍ ଅଦ୍ଭୁତ ଦୃଢ଼ତାପୂର୍ଣ୍ଣ କଣ୍ଠରେ କହିଲା, ‘‘ଭୟ ନାହିଁ । ଆଟିଲା ଏ ମୂଲକକୁ ଆସିବ ନାହିଁ ବୋଲି ମୁଁ ତୁମମାନଙ୍କୁ ଜୋର୍ କରି କହିପାରେ । ନିଜ ନିଜ ଘରକୁ ଫେରିଯାଅ ।’’

‘‘କିନ୍ତୁ ଆଟିଲା ତ ଏଇଆଡ଼େ ଆସୁଛି । ଅର୍ଲିଏନ୍‌ସ୍ ପାଖରେ ପହଞ୍ଚି ଗଲାଣି ।’’ ଜଣେ ବିଶିଷ୍ଟ ବ୍ୟକ୍ତି କହିଲେ ।

‘‘ସେ ଅର୍ଲିଏନ୍‌ସ୍ ଅତିକ୍ରମ କରିପାରିବ ନାହିଁ । ମୁଁ ଜାଣେ । ମୋତେ ବିଶ୍ୱାସ କର । ଘରକୁ ଫେରିଯାଅ ।’’ ଜିନେଭିଏଭ୍ କହିଲା ।

ସେ କଣ୍ଠରେ କି ଯାଦୁ ଥିଲା କେଜାଣି, ସେହି ମୁହୂର୍ତ୍ତରେ ଲୋକଙ୍କର ମନେହେଲା ତାହା ସତେ ଅବା ଏକ ଦୈବବାଣୀ । ସେମାନେ ଶାନ୍ତ ଭାବରେ ନିଜ ନିଜ ଘରକୁ ଲେଉଟି ଗଲେ ।

ଜିନେଭିଏଭ୍‌ଙ୍କ କଥା ସତ୍ୟ ହେଲା । ଅର୍ଲିଏନ୍‌ସ୍‌ଠାରେ ଆଟିଲା ପ୍ରବଳ ପ୍ରତିରୋଧ ଯୋଗୁଁ ବହୁ ସୈନ୍ୟ ହରାଇଲା । ଉଭୟ ପକ୍ଷର ଦେଢ଼ଲକ୍ଷ ଲୋକ ମଲେ । ଆଟିଲା ହଟିଗଲା ।

ସେତେବେଳେ ଆଜିର ଫ୍ରାନ୍ସ ଦେଶର ଅସ୍ତିତ୍ୱ ନଥିଲା । ଭିନ୍ନ ଭିନ୍ନ ମୁଲକ କେତେବେଳେ କେଉଁ ରାଜା ବା ଯୋଦ୍ଧାର ଅଧୀନକୁ ଆସିଯାଉଥିଲା, ସେଥିରେ ସ୍ଥିରତା ନଥିଲା । ଜର୍ମାନ୍‌ର ଫ୍ରାଙ୍କ୍ ଜାତିର ଲୋକେ ପ୍ୟାରିସ୍ ଆକ୍ରମଣ କରି ପ୍ରାୟ ଦଖଲ କରି ନେଲେ । ଆକ୍ରମଣକାରୀମାନଙ୍କ ନେତା ହିଲ୍ ପାରିକ୍ ଜଣେ ନୃଶଂସ ସେନାପତି । ସେ ଗୋଟାଏ ଦୁର୍ଗ ଭିତରେ ବସି ତା' ସେନାଧକ୍ଷମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରୁଥାଏ । ମୁଲକର ସବୁ ମୁଖ୍ୟମାନଙ୍କୁ ସେ ଦୁର୍ଗରେ ବନ୍ଦୀ ବନାଇ ଥାଏ ।

ହଠାତ୍ ଦିନେ ବାଳିକା ଜିନେଭିଏଭ୍ ଯାଇ ସେ ପ୍ରଚଣ୍ଡ-ଦର୍ଶନ ବିଜେତା ଆଗରେ ପହଞ୍ଚି ଗଲା । ଦୁର୍ଗର ପ୍ରହରୀମାନଙ୍କ ଦୃଷ୍ଟି ଏଡ଼ାଇ ସେ ସେପର୍ଯ୍ୟନ୍ତ ଗଲା କିପରି, ଏହା କେହି ବୁଝି ପାରିଲେ ନାହିଁ ।

''ଶୁଣ ଆକ୍ରମଣକାରୀ ! ତୁମ ନିର୍ମମତା ଆଗରେ ଆଜି ଏ ମୁଲକର ଲୋକେ ଦବି ଯାଇଥାଇ ପାରନ୍ତି, କିନ୍ତୁ ବିଦ୍ରୋହ ଓ ପ୍ରତିରୋଧ ଅନିବାର୍ଯ୍ୟ । ମୁଁ ତୁମର ଏତେ ପାଖକୁ ଚାଲି ଆସିଲି । ଆଉ ଦୁଇପାଦ ଆଗକୁ ଯାଇ ତୁମକୁ ହତ୍ୟା କରି ପାରିଥା'ନ୍ତି । ତୁମେ ହଟିଯାଅ । ବନ୍ଦୀମାନଙ୍କୁ ମୁକ୍ତ କର,'' କହିଲା ବାଳିକା ।

ହିଲ୍ ପାରିକ୍ ହତବାକ୍ ହୋଇ ବସି ରହିଲା । ଯେତେବେଳେ ସେ ଠିଆହେଲା, ଦେଖାଗଲା ତା' ଗୋଡ଼ ଦୁଇଟି ଥରୁଛି । ହଜାର ହଜାର ନରନାରୀଙ୍କ ହତ୍ୟାକାରୀ ସେ ନିର୍ମମ ସେନାପତି ଜିନେଭିଏଭ୍‌ର ସର୍ତ୍ତ ମାନିନେଲା ।

ବିସ୍ମୟକର ଜିନେଭିଏଭ୍ ଅଦ୍ୟାବଧି ଏକ ବିସ୍ମୟକର ସ୍ମୃତି ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ, ପୃ.୧୦୮-୧୧୦)

❑❑❑

---

*(ପୃଷ୍ଠା ୪୧ର ଅବଶିଷ୍ଟାଂଶ)*

''... ସୁଦୀର୍ଘ ଚାଳିଶ ବର୍ଷର ଆଶ୍ରମ-ଜୀବନରେ ବିଭିନ୍ନ ସ୍ତରର କବି-ସତ୍ତାଙ୍କ ମଧ୍ୟଦେଇ ନିଶିକାନ୍ତ ଆବର୍ତ୍ତିତ ହୋଇଛନ୍ତି । ଆସିଥିଲେ ଶାନ୍ତିନିକେତନର ଚିରଚଞ୍ଚଳ ବାତାବରଣରୁ କବିଗୁରୁଙ୍କର ଆଦରର 'ଚାନ୍ଦ କବି', ପଣ୍ଡିଚେରୀକୁ ଆସି ହେଲେ ଶ୍ରୀମା'ଙ୍କର 'ଚିର-କିଶୋର କବି', ପୁଣି ସିଏ ହୋଇ ଉଠିଲେ ତାଙ୍କରି ଉକ୍ତିରେ, 'ଆମି ତୋମାର୍ (ମା'ଙ୍କର) କୋଲେର୍ କବି, ତୋମାରି ହିନ୍ଦୋଲେର୍ କବି, ଗଭୀର କଲ୍ଲୋଲେର୍ କବି'... । ଶ୍ରୀଅରବିନ୍ଦ ତାଙ୍କୁ ସତର୍କ-ବାଣୀ ଶୁଣାଇ ସୃଷ୍ଟି କଲେ 'ସାଧକ କବି', ଶରୀର ବିପର୍ଯ୍ୟୟ ମଧ୍ୟରେ ଉବୁଟୁବୁ ହୋଇ ସେ ହୋଇ ଉଠିଲେ 'ସୈନିକ କବି', ବିଶ୍ୱ-ଭାବନାର 'ଦରଦୀ କବି' । ବ୍ୟକ୍ତିତ୍ୱ ଏକ, କିନ୍ତୁ ବହୁ କବି ସତ୍ତାର ସମାହାର । ସେସବୁର ମଧ୍ୟଦେଇ ଅପରୂପ ଐଶ୍ୱର୍ଯ୍ୟ ରାଶି ସଞ୍ଚିତ କରି ସାଇତି ରଖିଲେ ତାଙ୍କର କାବ୍ୟ-ପେଟିକାରେ । ଏହିସବୁ ବିରଳ ଐଶ୍ୱର୍ଯ୍ୟରେ ସେ ହୋଇ ଉଠିଲେ 'ରାଜା ବା ସମ୍ରାଟ୍ କବି' । ଏବଂ ଏହି 'ରାଜା କବି' ଦିନେ ସବୁକିଛି ବିଷୟତୃଷ୍ଣା ତ୍ୟାଗପୂର୍ବକ ନିଜକୁ ଦୀନଜନର ଦୈନ୍ୟ ବୋଲି କହି ପ୍ରକାଶ କଲେ, 'ଆମାର୍ ମାଥାୟ୍ ମୁକୁଟ ଭେଙ୍ଗେ ତୋମାର୍ ପାୟେର୍ ନୂପୁର ଗଡ଼ୋ' । ଜୀବନର ଶେଷ ପ୍ରାନ୍ତରେ ଉପନୀତ ହୋଇ ନିଶିକାନ୍ତ ହୋଇ ଉଠିଥିଲେ 'ଦୀନଜନ କବି', ଆଉ ଶେଷ ଅବଧି ଦୀନଜନହିଁ ରହିଗଲେ ।

''ନିଶିକାନ୍ତଙ୍କର ସମସ୍ତ ଉଜ୍ଜ୍ୱଳ ଉପଲବ୍ଧିର ପରିପ୍ରେକ୍ଷୀରେ ତାଙ୍କର ଶ୍ରେଷ୍ଠ ଉପଲବ୍ଧି ବା ଶ୍ରେଷ୍ଠ ଦିବ୍ୟରୂପ ଦର୍ଶନର ଅଭିଜ୍ଞତାଟି ବ୍ୟକ୍ତ କଲେ... ଦୀନଜନର ଅକିଞ୍ଚନରେ ସୃଜିତ 'ଭକ୍ତ କବି' ସତ୍ତାରେ ।... ଗଭୀର ଆତ୍ମ-ସନ୍ତୋଷପୂର୍ବକ ଏକ ଉପଯୁକ୍ତ ବିଷୟ-ମାଧ୍ୟମ ମଧ୍ୟ ପାଇଗଲେ ଅନ୍ତରଙ୍ଗ ବନ୍ଧୁ ହେମାଙ୍ଗପଦ ବରାଟଙ୍କର ସୌଜନ୍ୟରେ । ୧୯୭୧ ମସିହା; କବି କଲମ ଧରିଲେ ତାଙ୍କର କାବ୍ୟ-ସୃଜନର ଶ୍ରେଷ୍ଠ ସଫଳ ସୃଷ୍ଟି ଫଳାଇବାକୁ – ପାଲାଗାଆଣର ଆଙ୍ଗିକରେ ଲେଖା ଦୀର୍ଘ ଗୀତିକାବ୍ୟ 'ଲୀଳାୟନ'ର ରଚନାରେ ।''

('କବି ନିଶିକାନ୍ତ' : ପୃ ୧୫୧-୫୫ ଦ୍ରଷ୍ଟବ୍ୟ)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ଇତିହାସରୁ ପୃଷ୍ଠାଟିଏ :

# ସହୋଦର

## ସନ୍ତୋଷ ରଥ

ବର୍ଷୁଛି ଗୁଳି ମେଦିନୀ କମ୍ପାଇ
ଗର୍ଜେ କମାଣ ଘନ
ପାହିଯିବ ରାତି ହାରିବେ ଅରାତି
ଶୁଭିବ ଦୁନ୍ଦୁଭି ତାନ । (୧)

ବିଜୟର ଧ୍ୱଜା ହୋଇଯିବ ସଜା
ଶୋଣିତ ହବନ ଢାଳି
ପରାଜୟ ନୁହେଁ ବୀରର ଜାତକ
ପାତିବନି ଭିକ୍ଷା ଥାଳି । (୨)

ଏ ଦେଶେ ଜନମି ଧନ୍ୟ ହୋଇଛି
ଅର୍ଜିତ ଯେତେ ପୁଣ୍ୟ
ତୁ ମୋହର ସାଥୀ ମୁଁ ତୋର ସାରଥୀ
ତେଜି ଆସ ଅଭିମାନ । (୩)

ଗଢ଼ିବା ଶିବିର ଅତୁଟ ଛପର
ଭାଙ୍ଗି ପାରିବେନି କେହି
ଜନକ ଜନନୀ ସରଗ ପୁରରୁ
ସରାଗେ ଅଛନ୍ତି ଚାହିଁ । (୪)

ହାୟରେ ବିଧାତା ଏ କି ହେଲା ଦଶା
ଏତେ ସରି କିଏ କଲା
ଅଧା ଫୁଟା କଢ଼ି ବୃନ୍ତରୁ ଛିଣ୍ଡାଇ
ଅପଯଶ ରଚି ଦେଲା । (୫)

ମୁଁ ଯେ ଥିଲି ତା'ର ଆଖିର ଆଲୁଅ
ଅକାଳେ ଗ୍ରାସିଲା ରାହୁ
ତା' ବିହୁନେ କେବେ ଢାଳିବିନି ଲୁହ
ଅଧର ପିଇବ ଲହୁ । (୬)

ବୋଝ କାହିଁ ହେବ ଏ ମର ଶରୀର
ସେ ଯେ ମୋର ସହୋଦର
ଦେଶ ଦଶ ପାଇଁ ଶହୀଦ ହୋଇଛି
ଥିଲା ଏକା ଆପଣାର । (୭)

ଅପେକ୍ଷା କରିଛି ଶ୍ମଶାନ ଭୂଇଁରେ
ଭେଟି ଦେବି ଶେଷ ଦାନ
ଲିଭିଯିବ ସବୁ ଏ ଜନମ ପାଇଁ
ସମ୍ପର୍କର ଯେତେ ଚିହ୍ନ । (୮)

ହୃଦେ ରଖିଥିବି ତା' ସ୍ନେହ ସନ୍ତକ
ସେହି ଏକା ମୋର ରାହା
ସଂଗ୍ରାମ ମୋର ଅତୁଟ ରହିବ
ଲୋଡ଼ା ନାହିଁ ଆନ ସାହା । (୯)

ବିଶ୍ୱ ଯୁଦ୍ଧର ବିଭୀଷିକା ଭୟ
ହେଲା ଇତିହାସ କଥା
ସବୁରି ଅନ୍ତରେ ଆଜି ବି ରହିଛି
ଦୁଇ ଭାଇଙ୍କର ଗାଥା । (୧୦)

ବାଳୁତ ବୟସେ ବୀରତ୍ୱ ତାହାର
ରଚିଗଲା ଇତିହାସ
ସାହସିକତାର ସ୍ମାରକୀ ସ୍ୱରୂପ
ଚିର ଅମ୍ଳାନ ଯଶ । (୧୧) ❑





ଘଟଣାଟି ୧୯୪୫ ମସିହା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର । ଜାପାନର ଅବସ୍ଥା ଭୟାବହ । ଶ୍ମଶାନ ଭୂଇଁରେ ଅପେକ୍ଷା କରିଛି ବାଳକଟିଏ; କେତେବେଳେ ତା'ର ପାଳି ପଡ଼ିବ । 'ନା, କାନ୍ଦିବିନି'– ଶପଥ ନେଲା ବାଳକ । ସବୁ କୋହକୁ ଚାପିଧରିଲା ଓଠ । ଆଖିର ଲୁହ ବଦଳରେ ଓଠରୁ ଝରି ପଡ଼ିଲା କେଇ ବିନ୍ଦୁ ଲହୁ । ତଥାପି ଅବିଚଳ ତାହାର ଅପେକ୍ଷା ।

ବାଳକର ଏ ଅବସ୍ଥା ଦେଖି ଶ୍ମଶାନ ଜଗୁଆଳି ଦୟା ଦେଖାଇ କହିଲା 'ପିଠିର ବୋଝକୁ ମୋତେ ଦେଇ ଦିଅ ।' ପ୍ରତ୍ୟୁତ୍ତର ମିଳିଲା 'ଦେଇ ଦେବି ! ଏ ମୋ ପାଇଁ ବୋଝ ନୁହେଁ, ଏ ମୋର ଭାଇ ।'

ମୃତ ଭାଇର ଶବକୁ ପିଠିରେ ଧରି ସେମିତି ଠିଆ ହୋଇ ରହିଲା ବାଳକ...

ଏହି ମର୍ମସ୍ପର୍ଶୀ ଛବିଟି ଆମେରିକୀୟ ଫଟୋଗ୍ରାଫର୍ Joe O'Donnell ଉତ୍ତୋଳନ କରିଥିଲେ । ଯାହାର କାହାଣୀଟି ଏବେ ବି ଜାପାନରେ 'ସାହସିକତାର ସ୍ମାରକୀ' ଏବଂ ଛବିଟି 'ସାମର୍ଥ୍ୟର ପ୍ରତୀକ' ରୂପେ ବ୍ୟବହୃତ ହୁଏ ।

ଏହା ଏତେ ଯନ୍ତ୍ରଣାଦାୟକ ତଥାପି କେତେ ପ୍ରେରଣାପ୍ରଦ !

ଶ୍ରଦ୍ଧାଞ୍ଜଳି :

# ମଧୁଭାଇନା – ମାତୃ ନାମ, ପ୍ରେମର ଏକ ମାନବୀୟ ମୂର୍ତ୍ତି

## ରାମଚନ୍ଦ୍ର ପାଣି

ମଧୁଭାଇନା – ମାତୃ ନାମ, ପ୍ରେମର ଏକ ମାନବୀୟ ମୂର୍ତ୍ତି । ଅଳ୍ପ ଉଚ୍ଚତା, ସୌମ୍ୟ ସୁନ୍ଦର ଚେହେରା । ମୁଖରେ ଟେନାଏ ହସ । ଧୀର, ମଧୁର ସଂଳାପ । ମାତୃମୟ ଜୀବନ । ଶ୍ରୀମା'ଙ୍କ କଥା ସବୁବେଳେ ମୁଖରେ । ଶ୍ରୀମାଶ୍ରୀଅରବିନ୍ଦ ଏ ଯୁଗର ଅବତାର, ମାନୁଷୀ ଶରୀରରେ ଆବିର୍ଭୂତ । ତାଙ୍କ ନାମ ନେଲେ, ତାଙ୍କୁ ପୂଜା କଲେ, ତାଙ୍କ ଆଶ୍ରୟରେ ରହିଲେ ଜୀବନ ଧନ୍ୟ ହେବ – ସଦାସର୍ବଦା ତାଙ୍କର ଏଇ ବକ୍ତବ୍ୟ । ସାରା ଓଡ଼ିଶା ବୁଲି ସମସ୍ତଙ୍କୁ ମାତୃ-ପ୍ରେମରସରେ ରସାଣିତ କରି ଦେଲେ ବାବାଜି ମହାରାଜ ରାମକୃଷ୍ଣ ଦାସ ଓ ପ୍ରାଧ୍ୟାପକ ପ୍ରପତ୍ତିଙ୍କ ପ୍ରେରଣାରେ, ନିର୍ଦ୍ଦେଶନାରେ । ଆଉ ସିଧା ପାଇଗଲେ ଶ୍ରୀମା'ଙ୍କ ଆଶୀର୍ବାଦ ତାଙ୍କ ପଣ୍ଡିଚେରୀର ଦିବ୍ୟ କକ୍ଷରେ ସାକ୍ଷାତ୍ ଦର୍ଶନ କରି । ସରକାରୀ ଚାକିରି କରୁଥିଲେ – କୃଷି ବିଭାଗୀୟ କର୍ମଚାରୀ ଭାବେ । କୃଷି ସାଙ୍ଗକୁ ଶିକ୍ଷାରେ ଥିଲେ ସେ ପ୍ରବଳ ଆଗ୍ରହୀ । ଡାଳିଯୋଡ଼ାର ଜଙ୍ଗଲରେ ଆଦିବାସୀ ପିଲାଙ୍କୁ ପଢ଼ାଇବାରେ ବିତାଇଛନ୍ତି ବହୁ ସମୟ । ତା' ପୁଣି ସେମାନଙ୍କୁ ବିଭିନ୍ନ ଖାଦ୍ୟ ପଦାର୍ଥ ଓ ଅନ୍ୟାନ୍ୟ ଜିନିଷର ପ୍ରଲୋଭନ ଦେଖାଇ । ଗପ କହିବାରେ ଧୁରନ୍ଧର । ମଜାଗପ କହି ମନ ମୋହି ନିଅନ୍ତି । ଆଉ ଶ୍ରୀମାଶ୍ରୀଅରବିନ୍ଦଙ୍କ କଥା ଏପରି କହନ୍ତି, ଯେକେହି ପ୍ରଭୁ ଓ ମାଆଙ୍କୁ ଆପଣାର କରିନିଏ ଆଉ ତାଙ୍କ ନିର୍ଦ୍ଦେଶିତ ପଥର ଅନୁଗାମୀ ହୋଇଯାଏ । ପୂର୍ଣ୍ଣଯୋଗ, ପୂର୍ଣ୍ଣାଙ୍ଗ ଶିକ୍ଷା, ପୂର୍ଣ୍ଣ ଜୀବନ – ଏସବୁର ପ୍ରଣାଳୀ ତାଙ୍କଠାରୁ ଅନେକ ମାତୃପ୍ରେମୀ ଶିଖିଛନ୍ତି । ସେ ଜଣେ ସରଳ ମାର୍ଗଦର୍ଶକ – ସରଳତାରେ, ପ୍ରୀତିମୟତାରେ ଅନ୍ୟଙ୍କୁ ନିଜର କରି ନେବାରେ ସୁଦକ୍ଷ ସେ । କି ଗାଁ, କି ସହର ଘର ଘର ବୁଲି ସେ ଶ୍ରୀମା ଓ ପ୍ରଭୁ ଶ୍ରୀଅରବିନ୍ଦଙ୍କ କଥା କହିଛନ୍ତି – ଭଗବତୀ ଦିବ୍ୟଜନନୀ ଶ୍ରୀମା ଶରୀରରେ ଥିବା ବେଳଠାରୁ ।

୧୯୭୩ ମସିହାରେ ଶ୍ରୀମା ଶରୀରରେ ଥିବାବେଳେ ଆଗରପଡ଼ା ସମ୍ମିଳନୀ(ଶିବିର)ରେ ତାଙ୍କ ସହ ମୋର ପ୍ରଥମ ଭେଟ । ସାଙ୍ଗରେ ଥାଆନ୍ତି କବି ବିଦ୍ୟୁତ୍‌ପ୍ରଭା ଦେବୀ । ଦୁହେଁ ଆସନ ଶିଖାଉ ଥିଲେ ଆଉ ବକ୍ତୃତା ଦେଇ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶ ଓ ଶିକ୍ଷା କଥା କହୁଥିଲେ । ବାବାଜି ମହାରାଜ ଓ ପ୍ରପତ୍ତିଙ୍କୁ ବି ସେଠାରେ ଭେଟିବାର ସୁଯୋଗ ପାଇଥିଲି । ପ୍ରଥମ ଦେଖାରେହିଁ ସେମାନେ ମୋତେ ଆପଣାର କରି ନେଇଥିଲେ; ଶ୍ରୀମାଶ୍ରୀଅରବିନ୍ଦଙ୍କ ଅନୁଗାମୀ ହୋଇ ତାଙ୍କ ଆଧ୍ୟାତ୍ମିକ ପଥରେ ଯାତ୍ରା କରିବାକୁ ପ୍ରେରଣା ଦେଇଥିଲେ । ଆଉ ମୁଁ ସେମାନଙ୍କ କଥା ମାନି ଶ୍ରୀମାଶ୍ରୀଅରବିନ୍ଦଙ୍କୁ ନିଜର ଆରାଧ୍ୟ ମାନିନେଲି, ତାଙ୍କ ଆଶ୍ରୟରେ ରହି ସମଗ୍ର ଜୀବନ ବିତାଇବାକୁ ସଙ୍କଳ୍ପ କଲି । ଶ୍ରୀମା'ଙ୍କ ଆଶୀର୍ବାଦ ପାଇ, ବାବାଜି ମହାରାଜ ରାମକୃଷ୍ଣ ଦାସଙ୍କ ପତ୍ରାଳାପ ମାଧ୍ୟମରେ ଅନୁମତି ପାଇ ଆଶ୍ରମକୁ ଚାଲି ଆସିଲି ୧୯୭୫ ଫେବ୍ରୁଆରୀରେ । ଆଶ୍ରମରେ ପହଞ୍ଚି ବାବାଜିଙ୍କ ସ୍ନେହ, ଶିକ୍ଷା ଓ ଦୀକ୍ଷା ପାଇ, ତାଙ୍କର ଦର୍ଶନ ଲାଭ କରି ନବଜନ୍ମ ପାଇଗଲି, ଆଶ୍ରମିକ ହୋଇଗଲି । ନବଜ୍ୟୋତି କାର୍ଯ୍ୟାଳୟ ଓ ପରେ ପ୍ରେସରେ ଆଶ୍ରମର କାର୍ଯ୍ୟବଣ୍ଟନ ଦାୟିତ୍ୱରେ ଥିବା ରବୀନ୍ଦ୍ରଜୀଙ୍କ ସାଦର ଅନୁମତି ପାଇ କାର୍ଯ୍ୟ କରୁଥିବା ସମୟରେ ମଧୁଭାଇନା ଆଶ୍ରମକୁ ଆସିଲେ ଭେଟ ହୁଏ । ସେ ତାଙ୍କର ସନ୍ତାନମାନଙ୍କୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର, ପଣ୍ଡିଚେରୀରେ ପଢ଼ାଇବାର ସୁଯୋଗ ପ୍ରାପ୍ତ ହେଲେ । ମୋ ଆଗରେ ତାଙ୍କର ସବୁପିଲା ଏତୁଟିରୁ ଏତୁଟିଏ ହେଲେ, ଶିଶୁରୁ କିଶୋର ଓ ପରେ ଯୁବକ ହୋଇ, ଦେହ-ମନ-ପ୍ରାଣ ଓ ଚୈତ୍ୟସତ୍ତା ସମ୍ପର୍କରେ ମାର୍ମିକ ଶିକ୍ଷାଲାଭ କରି ଆଶ୍ରମ ବାହାରକୁ ଗଲେ ଚାକିରି କରିବା ପାଇଁ । ସେମାନେ ସବୁ ପାରିବାରିକ ଜୀବନ ଗଢ଼ିଲେ । ପଣ୍ଡିଚେରୀରେ ଘର କଲେ ଆଉ ମଧୁଭାଇନା ସସ୍ତ୍ରୀକ ଆଶ୍ରମବାସୀ ହୋଇଗଲେ । ସେ ନବଜ୍ୟୋତି କାର୍ଯ୍ୟାଳୟର ପତ୍ରାଳାପ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ପରବର୍ତ୍ତୀ ସମୟରେ ମାସିକ ପତ୍ରିକା ନବପ୍ରକାଶର ସମ୍ପାଦକ ବି ହେଲେ । ଅତିନିକଟରୁ ତାଙ୍କୁ

ଦେଖିଛି, ତାଙ୍କର କାର୍ଯ୍ୟପ୍ରଣାଳୀ ନିରୀକ୍ଷଣ କରିଛି । କେତେଥର ଆଶ୍ରମରୁ ଓଡ଼ିଶା ଯାଇ ବି ଶ୍ରୀମାତୃ କାର୍ଯ୍ୟରେ ତାଙ୍କ ସହ ସାମିଲ ହୋଇଛି । ସବୁଠି ପାଇଛି ତାଙ୍କ ସ୍ନେହର ନିଦର୍ଶନ । ମାତୃଭକ୍ତ ଆଶ୍ରମିକଙ୍କ ପ୍ରତି ତାଙ୍କର ଅଗାଧ ସମ୍ମାନ ଓ ଶ୍ରଦ୍ଧା ଦେଖି ବିମୋହିତ ହୋଇଛି । ଉଦାହରଣ ଦେଇ କହିଲେ – ଥରେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରୁ ଓଡ଼ିଶା ଭ୍ରମଣରେ ଯାଇ ସୋର ମାତୃସଦନରେ ପହଞ୍ଚିଲି । ସନ୍ଧ୍ୟା ଆଗତ ପ୍ରାୟ । ସମ୍ମିଳନୀ ଶେଷରେ ଶ୍ରୀମାତୃ ପତାକା ଅବତରଣ କରିବାକୁ ଯାଉଥା'ନ୍ତି ମଧୁଭାଇନା ସେଠାକାର ମାତୃପ୍ରେମୀ ଭାଇଭଉଣୀଙ୍କ ଗହଣରେ । ମୋ ଉପରେ ତାଙ୍କର ନଜର ପଡ଼ିବା କ୍ଷଣି ସହସା କହି ଉଠିଲେ, ''ରାମଭାଇ ଆଶ୍ରମରୁ ଆସିଛନ୍ତି, ସେ ପତାକା ଅବତରଣ କରନ୍ତୁ ।'' ଏହା କହି ହାତରେ ଧରିଥିବା ପତାକା ଦଉଡ଼ି ମୋ ହାତକୁ ବଢ଼ାଇ ଦେଲେ । ସୋରର ସବୁ ମାତୃଭକ୍ତ ମୋର ଅତି ଆପଣାର । ସେମାନେ ଭାରି ଖୁସି ହେଲେ ମୋତେ ସେମାନଙ୍କ ସଙ୍ଗରେ ପାଇ । ମଧୁଭାଇନାଙ୍କ କଥାରେ ଯାଦୁ ଥିଲା । ସେ କଥାରେ ମୋହି ନେଉଥିଲେ ସମସ୍ତଙ୍କୁ । ତାଙ୍କ ମୁହଁର ହସ ତ ସ୍ୱର୍ଗୀୟ, କେବେ ବି ଭୁଲି ହେବନି । ପିଲାଟିଏ ପରି ବ୍ୟବହାର । ମାତୃଶିଶୁ ଥିଲେ ସେ ।

ପଣ୍ଡିଚେରୀରେ ଏକାଧିକ ବାର ତାଙ୍କ ବାସଭବନକୁ ଯାଇଛି । ଜଳଖିଆ ଦେଇ ଆପ୍ୟାୟିତ କରିଛନ୍ତି ଭାଉଜ ଓ ଭାଇନା ଉଭୟ । ଆଉ ଯେଉଁ କାର୍ଯ୍ୟରେ ଯାଇଥାଏ ତାହା ବି ସମ୍ପନ୍ନ କରିଛନ୍ତି ।

ତାଙ୍କ ଲେଖା ମାତୃଭବନ ପତ୍ରରେ, ନବପ୍ରକାଶରେ ତଥା ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକା ଆଉ ସ୍ମରଣିକାରେ ବାହାରିଲେ ମୁଁ ପଢ଼େ । ଲେଖାଗୁଡ଼ିକ ଭାରି ସୁନ୍ଦର, ମନ ମୋହି ନିଏ, ପ୍ରେରଣା ଦିଏ ମା'ଙ୍କର ହେବାକୁ, ମା'ଙ୍କ ପଥରେ ଚାଲିବାକୁ, ଆଦର୍ଶ ଜୀବନଯାପନ କରିବାକୁ, ପୂର୍ଣ୍ଣଯୋଗ ଓ ପୂର୍ଣ୍ଣାଙ୍ଗ ଶିକ୍ଷାରେ ବ୍ରତୀ ହେବାକୁ । ଥରେ ଆଶ୍ରମ ଡିସ୍‌ପେନ୍‌ସାରୀରେ ଅପରାହ୍ଣ ସାଢ଼େ ୩ଟା ବେଳେ ଜଳଖିଆ ଖାଉଥିବା ବେଳେ ମୋର ସଦ୍ୟ ପ୍ରକାଶିତ ଶ୍ରୀଜଗନ୍ନାଥ-ଶ୍ରୀଅରବିନ୍ଦ ବହି ତାଙ୍କ ହାତରେ ଉଦ୍‌ଘାଟନ କରିଥିଲି । ସେତେବେଳେ ସେ ବହିଟି ସମ୍ପର୍କରେ କିଛି ଲେଖି ନଥିଲେ ବି ପରେ ଜଗନ୍ନାଥଙ୍କ ସମ୍ପର୍କରେ ନବପ୍ରକାଶରେ ଲେଖିଥିଲେ । ପୁରୀ ତାଙ୍କ ଘର । ଜଗନ୍ନାଥମୟ ଚେତନା । ଜଗନ୍ନାଥ ପରଂବ୍ରହ୍ମ ବୋଲି କିଏ ନ ଜାଣେ ? କିନ୍ତୁ ସେଇ ଜଗନ୍ନାଥଙ୍କ ମଧ୍ୟରେ ଶ୍ରୀଅରବିନ୍ଦଙ୍କୁ ଦେଖିବା ତାଙ୍କ କରୁଣା ଛଡ଼ା ଆଉ କିଛି ନୁହେଁ ଏବଂ ତାହା ଶ୍ରୀଅରବିନ୍ଦଙ୍କ ଅବତାରତ୍ୱର ସୂଚକ – ଏହା ନିଃସନ୍ଦେହ । ପୁରୀର ସମସ୍ତେ ଜଗନ୍ନାଥ ଭକ୍ତ ହୋଇ ବି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ମଧୁଭାଇନାଙ୍କ ପରି ଯେଉଁମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ନିଜର ଆରାଧ୍ୟ ଓ ଗୁରୁ ରୂପେ ମାନି ତାଙ୍କ ଆଶ୍ରୟରେ ରହି ତାଙ୍କର ଆଦର୍ଶ ପ୍ରସାର କରିଛନ୍ତି ସେମାନେ ଧନ୍ୟ । ଓଡ଼ିଶାର ବିଭିନ୍ନ କେନ୍ଦ୍ରକୁ ଯାଇ ଅନେକଙ୍କୁ ଭେଟି ଓ ସଭା ସମ୍ମିଳନୀରେ ଯୋଗ ଦେଇ ଏଇ ଦୁଇ ଭାଇନାଙ୍କ କୀର୍ତ୍ତି କଥା ମୁଁ ଜାଣିଛି, ଅଙ୍ଗେ ନିଭେଇଛି । ଲେଖିଲେ ବହି ହୋଇଯିବ – ତାଙ୍କ କଥା ସରିବାର ନୁହେଁ । ଏବେ ସିଏ ଇହଧାମ ତ୍ୟାଗ କଲେ ଏଇ ମେ ମାସ ତିନି ତାରିଖରେ । ଅକ୍ଷୟ ତୃତୀୟା ଦିନ, ସେଆଡ଼େ ପୁରୀରେ ଚାପର ଆରମ୍ଭ ଦିନ । ରଥକାଠର ଅନୁକୂଳ ଦିନ । ସକାଳେ ଆଶ୍ରମ ନର୍ସିଂ ହୋମ୍‌ରେ ଶେଷ ନିଃଶ୍ୱାସ ତ୍ୟାଗ କଲେ । ତାଙ୍କ ବଡ଼ପୁଅ ମନୋରଞ୍ଜନ ମିଶ୍ର ଏବେ ଆଶ୍ରମ ଅନ୍ତେବାସୀ । ମୁଁ ଦାଦାଙ୍କ ଅନୁମତି ଓ ନିର୍ଦ୍ଦେଶରେ ୧୨ ବର୍ଷ ରହିଥିବା ଟେନିସ୍ ଗ୍ରାଉଣ୍ଡ୍ ଘରେ ସେ ରହି ଟେନିସ୍ ଗ୍ରାଉଣ୍ଡର କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି ଏବଂ ଆଶ୍ରମ ନର୍ସିଂ ହୋମ୍‌ରେ ମୁକ୍ତ ସେବା ଦେଇ ରୋଗୀମାନଙ୍କୁ ହସ୍‌ପିଟାଲ୍ ନେଇଯାଉଛନ୍ତି ଗାଡ଼ିରେ, ମୋତେ ବି କେତେଥର ନେଇଛନ୍ତି । ତାଙ୍କୁ ଏଠାରେ ପଢୁଥିବା ବେଳେ ଦେଖିଛି ତାଙ୍କର ଅନ୍ୟ ଭାଇଭଉଣୀଙ୍କ ପରି ।

ପିଲାମାନେ ସମସ୍ତେ ଆସିଲେ । କାଚବାକ୍ସରେ ମଧୁଭାଇନାଙ୍କୁ ରଖା ହୋଇଥିଲା । ମେ ୪ରେ ପଣ୍ଡିଚେରୀର 'ମ୍ୟୁଥିଆଲ୍‌ପେଟ୍' ଶ୍ମଶାନ-ଉଦ୍ୟାନରେ ତାଙ୍କର ପାର୍ଥିବ ଶରୀର ଅଗ୍ନିସତ୍କାର କରାହେଲା । ପୁଣି ତା' ପରଦିନ ସକାଳେ ମନୋରଞ୍ଜନଙ୍କ ଦ୍ୱାରା ଅସ୍ଥି ଅଣା ହୋଇ ୫ ତାରିଖ ସକାଳ ସାଢ଼େ ୬ଟାରେ ଆଶ୍ରମର ଟେନିସ୍ ଗ୍ରାଉଣ୍ଡ୍ ପାଖ ସମୁଦ୍ରରେ ବିସର୍ଜନ କରା ହେଲା । ଅନେକ ଆଶ୍ରମିକ ମାତୃଭକ୍ତ ଏକାଠି ହୋଇ ତାଙ୍କୁ ଅନ୍ତିମ ବିଦାୟ ଦେଲେ । ପୁଣି ସେ ଆସିବେ । ମାତୃକାର୍ଯ୍ୟ କରିବେ । ତେବେ ଭିନ୍ନ ଶରୀରରେ ।

❑❑❑

ଶ୍ରଦ୍ଧାଞ୍ଜଳି :

# ମଧୁଭାଇନାଙ୍କ ମଧୁସ୍ମୃତିରେ

## ବିମଳ ପ୍ରସନ୍ନ ଦାସ

ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରର ଅପ୍ରତିଦ୍ୱନ୍ଦ୍ୱୀ ସ୍ଥପତି ମଧୁଭାଇନାଙ୍କର ସାକ୍ଷାତ୍ ହେଲା ପୂଜ୍ୟ ପ୍ରପତ୍ତିଙ୍କ ସହିତ ଠିକ୍ ବୀର ହନୁମାନଙ୍କର ପ୍ରଭୁ ଶ୍ରୀରାମଙ୍କ ସହିତ ସାକ୍ଷାତ୍ ହେଲା ଭଳି । ଏ ସାକ୍ଷାତ୍ ନିୟତି ନିର୍ଦ୍ଦିଷ୍ଟ – ପୂର୍ବ ନିର୍ଦ୍ଧାରିତ । ମଧୁଭାଇନା ଥିଲେ ସରକାରୀ ଚାକିରିଆ । ବ୍ଲକରେ ସେ ସାମାଜିକ ଶିକ୍ଷା ସଂଗଠକ ଭାବରେ କାର୍ଯ୍ୟ କରୁଥିଲେ । ସେତିକିବେଳେ କୌଣସିଠାରେ ମଧୁଭାଇନାଙ୍କର ପୂଜ୍ୟ ପ୍ରପତ୍ତି ମହାଶୟଙ୍କ ସହ ସାକ୍ଷାତ୍ ହେଲା । ଠିକ ରାମ-ହନୁମାନ୍ ସାକ୍ଷାତ୍ ସଦୃଶ ମଧୁଭାଇନାଙ୍କ ଜୀବନର ଚିତ୍ର ଓ ଚରିତ୍ର ସମ୍ପୂର୍ଣ୍ଣ ପରିବର୍ତ୍ତନ ହୋଇଗଲା । ସରକାରୀ ଚାକିରିରୁ ଅବ୍ୟାହତି ନେଇ ପୂଜ୍ୟ ପ୍ରପତ୍ତି ମହାଶୟଙ୍କ ନିର୍ଦ୍ଦେଶରେ ଶ୍ରୀଅରବିନ୍ଦ ଆଶ୍ରମସ୍ଥ ନବଜ୍ୟୋତି କାର୍ଯ୍ୟାଳୟରେ ଯୋଗ ଦେଲେ । ଆରମ୍ଭ ହେଲା ତାଙ୍କର ଅତିମାନସ ଯୋଗ ସାଧନା – ଯାହା ତାଙ୍କ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ରହିଲା ଓ ୦୩.୦୫.୨୦୨୨ ତାରିଖ ପ୍ରଭାତରେ ସେ ଚିର ବିଦାୟ ନେଲେ । ତାଙ୍କର ଦେହାନ୍ତ ସମଗ୍ର ଓଡ଼ିଶାର ମାତୃକର୍ମୀମାନଙ୍କୁ ନିଶ୍ଚିତ ମର୍ମାହତ କରିଛି ।

କିନ୍ତୁ ଏହି ପରିପ୍ରେକ୍ଷୀରେ ସ୍ୱତଃ ମନେପଡ଼େ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶିତ ଅଭ୍ରାନ୍ତ ବାଣୀ

‘‘Heaven's wiser love rejects
the mortal's prayer;’’

(Savitri, p. 456)

ଏହା ସହିତ ପ୍ରେମ ଓ ମୃତ୍ୟୁର ମହାକାବ୍ୟ ସାବିତ୍ରୀର ନିମ୍ନୋକ୍ତ ପଂକ୍ତି :

‘‘Although Death walks beside us on Life's road,
A dim bystander at the body's start
And a last judgment on man's futile works,
Other is the riddle of its ambiguous face:
Death is a stair, a door, a stumbling stride
The soul must take to cross from birth to birth,
A grey defeat pregnant with victory,
A whip to lash us towards our deathless state.’’

(Savitri, pp. 600-601)

ଅର୍ଥାତ୍ : ‘‘ବାରଂବାର ଜନ୍ମମୃତ୍ୟୁର ତୋରଣ ପାର ହୋଇ ଦୈହିକ ବିଲୟରେ ପାଦ ଥାପି ମାନବାତ୍ମା ଉଠି ଚାଲିଛି ଏକ ଅମୃତମୟ ସ୍ଥିତି ଅଭିମୁଖେ । ସୂର୍ଯ୍ୟାଭିସାରୀ ଯାତ୍ରାପଥରେ ଏ ମଣିଷ ଯେତେବେଳେ ଥକି ପଡ଼େ, ଘୁମାଇ ପଡ଼େ ଏବଂ ମନ୍ଥର ହୋଇଯାଏ ତା’ର ଅଗ୍ରଗତି, ସେତିକି ବେଳେ ମୃତ୍ୟୁ ଆସି ତୀବ୍ର ଏକ କଷାଘାତରେ ତାକୁ ଜର୍ଜରିତ କରିଦିଏ ତା’ର ଅଳସ ସୁପ୍ତି ।’’

‘‘And death the end of every human road
And grief and pain the wages of man's toil.’’

(Savitri, p. 678)

ଏହି ନୀତିନିୟମରେ ମଧୁଭାଇନାଙ୍କୁ ଯିବାକୁ ହେଲା ଏବଂ ପ୍ରତି ମନୁଷ୍ୟ ପାଇଁ ଏହା ଅବଧାରିତ ସତ୍ୟ – ଯେପର୍ଯ୍ୟନ୍ତ ସେ ଅତିମାନସ ଯୋଗରେ ନିମଗ୍ନ ହୋଇ ମୃତ୍ୟୁ ଉପରେ ବିଜୟ ହାସଲ କରି ନାହିଁ ।

ମଧୁଭାଇନାଙ୍କ ସହିତ ମୋର ପରିଚୟ ହେଲା ୧୯୭୧ ମସିହାରେ, ମୁଁ ଅନୁଗୁଳ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଫିସର ଥିଲା ସମୟରେ । ସେ ଆମ ସଭାଗୃହରେ ଏକ ମିଳିତ ବୈଠକରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସମ୍ପର୍କରେ ଦୀର୍ଘ ଏକ ଉଦ୍‌ବୋଧନ ଦେଇଥିଲେ । ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଅର୍ଥ, ଆଭିମୁଖ୍ୟ ତଥା ଆହ୍ୱାନ ସମ୍ପର୍କରେ ପ୍ରାଞ୍ଜଳ ଭାବେ ବୁଝାଇ ଦେଇଥିଲେ । ତା’ର କିଛି ବର୍ଷ ପରେ ସେଠାରେ ପାଠଚକ୍ର ଓ ପରେ ପରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା । ବର୍ତ୍ତମାନ ସେଠାରେ ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ହୋଇ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବେଶ୍ ଅଗ୍ରଗତି କରି ଚାଲିଛି ।

ମଧୁଭାଇନାଙ୍କ ଅନେକ ବନ୍ଦନା ଗୀତି ତାଙ୍କୁ ଅମର କରି ରଖିବ । ଆଜି ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ଡାଳିଯୋଡ଼ାକୁ ଦେଖିଲେ ମଧୁଭାଇନାଙ୍କ ଉଦ୍ଦେଶ୍ୟରେ ସ୍ୱତଃ ମଥା ନଇଁଯାଏ । ପ୍ରପତ୍ତି ତାଙ୍କୁ ଡାକନ୍ତି ‘‘ମଧୁସୂଦନ’’, ସେ ଏ ନାମର ଯଥାର୍ଥ୍ୟ, ତାଙ୍କୁ କୋଟି ପ୍ରଣାମ । ❑

# ମୁକ୍ତିଦାତା ପର୍ସିୟସ୍
## ପ୍ରତିଭା ଦାସ

[**ପୁସ୍ତିକା ସମ୍ପର୍କରେ ସାମାନ୍ୟ ସୂଚନା :** ଶ୍ରୀଅରବିନ୍ଦଙ୍କ ରଚିତ ଚାରିଗୋଟି ନାଟକ ମଧ୍ୟରୁ ଅନ୍ୟତମ ''Perseus the Deliverer'' ନାଟକର ବିଷୟବସ୍ତୁକୁ ଆଧାର କରି ଏହି ପୁସ୍ତକ ରଚିତ । ତେବେ ଏହି ପୁସ୍ତକ 'ମୁକ୍ତିଦାତା ପର୍ସିୟସ୍'ଟି ମୂଳ ନାଟକର ଅନୁବାଦ ନୁହେଁ ବା ନାଟକ ଆକାରରେ ପରିବେଷିତ ନୁହେଁ । ଏହା ମୂଳ ନାଟକର ଏକ କାହାଣୀ ରୂପାନ୍ତର ମାତ୍ର । ମୂଳ ନାଟକ ପାଞ୍ଚୋଟି ଅଙ୍କରେ ବିଭକ୍ତ ଏବଂ ପ୍ରତି ଅଙ୍କରେ ରହିଛି ତିନୋଟି ଲେଖାଏଁ ଦୃଶ୍ୟ, କେବଳ ଚତୁର୍ଥରେ ଚାରୋଟି ।

ଏହି ପୁସ୍ତକକୁ ମଧ୍ୟ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି ଏବଂ ପ୍ରତିଟି ଦୃଶ୍ୟକୁ ଯେଉଁ ସ୍ଥାନର ଘଟଣା ସେହି ସ୍ଥାନକୁ ଶିରୋନାମା ସ୍ୱରୂପ ରଖି ବର୍ଣ୍ଣନା ଦିଆଯାଇଛି । ସଂକ୍ଷେପରେ କହିଲେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମୂଳ ନାଟକରେ ବିଷୟବସ୍ତୁ ଯେଉଁଭଳି କ୍ରମରେ ପରିବେଷଣ କରାଯାଇଛି, କାହାଣୀ ମଧ୍ୟ ସେହି କ୍ରମ ଅନୁସରଣ କରିଛି । ଦୁଇଶହ ଏକ ପୃଷ୍ଠାର ନାଟକକୁ ଅଠାବନ ପୃଷ୍ଠାର କ୍ଷୁଦ୍ର ଅବୟବ ଭିତରେ କାହାଣୀ ରୂପ ଦିଆଯାଇଛି । କ୍ଷୁଦ୍ର ପରିସର ହେଲେ ବି ସ୍ଥାନେ ସ୍ଥାନେ ନଟୀଙ୍କ ମୁଖରେ କଥୋପକଥନ ଆକାରରେ ମୂଳ ନାଟକର ଅତୀବ ସୁନ୍ଦର ପ୍ରକାଶକୁ ଅନ୍ତତଃ ଭାବାନୁବାଦରେ ଦେବାର ଲୋଭ ସମ୍ବରଣ କରି ହୋଇ ନାହିଁ । ଫଳତଃ କାହାଣୀଟି ସର୍ବତୋ ରୂପେ ରଚୟିତ୍ରୀଙ୍କର ଧାରାରେ ଏକ ବର୍ଣ୍ଣନା ହୋଇ ରହି ନାହିଁ; ଏବଂ ତେଣୁ ତାହା ମୂଳ ନାଟକର ଦିବ୍ୟ ପ୍ରକାଶ ଭଙ୍ଗୀରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ନାହିଁ ।

ମୂଳ ନାଟକଟି ଏକ ଗ୍ରୀକ୍ ପୌରାଣିକ ଉପାଖ୍ୟାନର ବିଷୟବସ୍ତୁ ଉପରେ ଆଧାରିତ । ବୀଜ ସ୍ୱରୂପ କ୍ଷୁଦ୍ର ବିଷୟବସ୍ତୁଟି ଶ୍ରୀଅରବିନ୍ଦଙ୍କ ଅମର ଲେଖନୀର ଦିବ୍ୟ ରସରେ ଅଙ୍କୁରିତ ହୋଇ ପଲ୍ଲବ-ପୁଷ୍ପରେ ମଣ୍ଡିତ ହୋଇ ଏକ ମନୋରମ ତନୁଶ୍ରୀ ଧାରଣ କରିଛି । ଶ୍ରୀଅରବିନ୍ଦଙ୍କ ରଚନା ସଂଗ୍ରହର ଷଷ୍ଠ ଖଣ୍ଡ Collected Plays ର ପ୍ରଥମ ନାଟକ ହେଲା ''Perseus the deliverer'' । ମୂଳ ନାଟକଟି ପାଠ କରି ଶ୍ରୀଅରବିନ୍ଦଙ୍କ ଲେଖନୀର ଦିବ୍ୟରସ ଗ୍ରହଣ କରିବା ଲାଗି ଆମର ଏହି ''ମୁକ୍ତିଦାତା ପର୍ସିୟସ୍'' ଶୀର୍ଷକ ପୁସ୍ତକଟି ପ୍ରେରଣା ସ୍ୱରୂପ ହେବ ବୋଲି ଆଶା କରୁ । ଏହି ପୁସ୍ତକଟି ଧାରାବାହିକ ଭାବେ ମାସିକ ପତ୍ରିକା 'ନବପ୍ରକାଶ'ରେ ସ୍ଥାନିତ ହେବାର ପ୍ରୟାସ କରାଯାଉଛି । – ସମ୍ପାଦନା]

### ମୁକ୍ତିଦାତା ପର୍ସିୟସ୍
### ସାକ୍ଷାତ୍କାର କକ୍ଷରେ ...

ସିରିଆର ରାଜା ସିଫିଆ ଓ ରାଣୀ କେସିଓପିଆ କରି ଥା'ନ୍ତି ସ୍ୱ-ଆସନମାନ ଅଳଙ୍କୃତ । ଉଭୟେ ଚିନ୍ତିତ । ବାହାରେ ଦେବ ପୁରୋହିତ ପଲିଡ଼ନ୍ ଓ ସିରିଆର ଭାବୀ ଜାମାତା ଫିନିଅସ୍ ଅପେକ୍ଷମାଣ । ରାଜକୁମାରଙ୍କ ଜୀବନ ଘେନି ପ୍ରଶ୍ନ । ବୁଦ୍ଧିମତୀ ରାଣୀ ରାଜାଙ୍କୁ ପରାମର୍ଶ ଦିଅନ୍ତି : ରାଜକୁମାରର ମସ୍ତକ ଲାଗି ତୁମେ ପୁରୋହିତଙ୍କୁ ଦେଇଦିଅ କୋଷାଗାର ଖାଲି କରି ଧନ ସମ୍ପଦ । ସେଥିରେ ଯଦି କାର୍ଯ୍ୟ ନହୁଏ ତେବେ ଭାବୀ ଜାମାତାର ସାହାଯ୍ୟ ଲୋଡ଼ । ସେ ଯଦି ଉଦ୍ଧାର ନକରି ପାରେ ଆୟଲାସ୍‌ଙ୍କୁ ତେବେ ଏଣ୍ଡ୍ରୋମିଡ଼ାର ପାଣି ଗ୍ରହଣ କରିବାର ଆଶା ତା'ର ହେବ ପ୍ରତିହତ ।

ରାଜାଙ୍କ ନିର୍ଦ୍ଦେଶରେ ପ୍ରତିହାରୀର ଆହ୍ୱାନ କ୍ରମେ କକ୍ଷ ମଧ୍ୟରେ ପ୍ରବେଶ କରନ୍ତି ଉଭୟେ – ଦେବ-ପୁରୋହିତ ପଲିଡ଼ନ୍ ଓ ଭାବୀ ଜାମାତା, ଟାୟାରର ରାଜା ଫିନିଅସ୍ ।

କୁଟିଳ, ଦର୍ପାନ୍ଧ, କୋପାନ୍ୱିତ ଦେବ-ପୁରୋହିତ ରାଜାଙ୍କୁ ଦର୍ଶନ କରୁ କରୁ ପ୍ରଶ୍ନ କରନ୍ତି : ସିରିଆର ରାଜ-ଆସନରୁ ସେ ପାଇବେ କି ନ୍ୟାୟ ? ଆୟଲାସ୍ କ'ଣ ସ୍ୱୀକାର କରିବେ ତାଙ୍କ କୃତ ଅପରାଧ ? ପୋସାଇଡ଼ନ୍‌ଙ୍କର ଅନ୍ୟତମ ଆହାର ସେହି ନବାଗତ (ପର୍ସିୟସ୍)ଙ୍କୁ ସେ ଯେ ମୁକ୍ତି ଦେଇଛନ୍ତି, ତାହା ସେ ମାନିବେ କି ?

ରାଣୀ ଦୃଢ଼ ଜବାବ ଦିଅନ୍ତି : ତାଙ୍କ ସନ୍ତାନ ଦ୍ୱୟଙ୍କ ଓଷ୍ଠାଧର ମିଥ୍ୟା ଦାଗରେ କଳଙ୍କିତ ହୋଇନି କେବେ ବି ।

ରାଜା କହନ୍ତି : ରାଜକୁମାରକୁ ଆହ୍ୱାନ ଦିଆଯାଇଛି, ସେ ନିଜେହିଁ ତା'ର ଜବାବ ଦେବ । କିନ୍ତୁ ସେ ଯଦି ଦୋଷୀ

ବୋଲି ପ୍ରମାଣିତ ହୁଏ, ତେବେ ତା'ର ଦୋଷ ଅନୁପାତରେ ମୂଲ୍ୟ ନିଶ୍ଚିତ ରୂପେ ପାଇବେ ଦେବ-ପୁରୋହିତ ।

ପୁରୋହିତଙ୍କ କଣ୍ଠରେ ତାଚ୍ଛଲ୍ୟ : ଭୟଙ୍କର ଜଳ-ଦେବତା ପୋସାଇଡ଼ନ୍‌ଙ୍କର ଅବମାନନା ଉପରେ ପ୍ରଲେପ ଦିଆଯିବ ରଜତ-କଳଙ୍କ ? ଦେବତାମାନଙ୍କୁ ଉତ୍କୋଚ ଦିଆ ଯାଏନା, ରାଜା !

ରାଜାଙ୍କର ଅନୁଯୋଗ : ଦେବତାଙ୍କର ଅବମାନନାର ପ୍ରତିବଦଳରେ ତୁମେ ଦେବ-ପୁରୋହିତ ଗ୍ରହଣ କର କୋଷାଗାରର ସମସ୍ତ ଧନରତ୍ନ, ମଣିମୁକ୍ତା, ରାଜୋଚିତ ସମସ୍ତ ସମ୍ମାନ, ସୈନ୍ୟଶକ୍ତି, ଦାସୀ, ପରିବାରୀ ଇତ୍ୟାଦି ଇତ୍ୟାଦି ।

ପୁରୋହିତ କହନ୍ତି : ସେସବୁ ମୁଁ ଗ୍ରହଣ କରିବି ମୋ ଦେବତାଙ୍କ ଲାଗି । କିନ୍ତୁ ମୋର ପ୍ରଧାନ ଦାବୀ ରହିତ ନହୁଏ ଯେପରି । ଆଉ ତାହା ହେଲା ପବିତ୍ର ଦେବ ମନ୍ଦିରରୁ ଛଡ଼ାଇ ନିଆଯାଇଥିବା ଏକ ବଳିର ପ୍ରତିବଦଳରେ ଅନ୍ୟ ଏକ ବଳି ।

ରାଜା କହନ୍ତି : ମିଶର ଆଉ ସିରିଆ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବି ମୁଁ । ସେ ଦେଶର ରାଜାମାନେ ହେବେ ବଳି ।

ପୁରୋହିତ ଭୟ ଦେଖାନ୍ତି : ପୋସାଇଡ଼ନ୍‌ଙ୍କୁ ଅବମାନିତ କରି ତୁମେ ଭାବିଛ ଆଉ କେବେ ଜିଣିବ ଯୁଦ୍ଧରେ ? ପୁଣି ଏକ ଦୋଷୀ ଲାଗି ଆଉ କେହି ନିର୍ଦୋଷ ବା କାହିଁକି ଦେବ ମସ୍ତକ ବଳି ? ଏହି କି ତୁମର ନ୍ୟାୟ ?

ସିରିଆର ରାଜମୁକୁଟ ହତାଶ ହୁଏ । ରାଣୀ କହନ୍ତି : ମନେ ହୁଏ ରାଜକୁମାରର ରକ୍ତ ବ୍ୟତୀତ ଆଉ କାହିଁରେ ସନ୍ତୁଷ୍ଟ ହେବନି ତୁମେ, ହେ ପୁରୋହିତ !

ପୁରୋହିତ କହନ୍ତି : ନା, ପୋସାଇଡ଼ନ୍‌ଙ୍କଠାରେ ରାଜକୁମାର ବା ଭିକ୍ଷୁକର ତଫାତ୍ ନାହିଁ । ଯେ ତାଙ୍କୁ ସମ୍ମାନ ଦିଏ; ସେ ଦିଅନ୍ତି ତାକୁ ଧନରତ୍ନ, ସୌଭାଗ୍ୟ । ଆଉ ତାଙ୍କ ଅବମାନନାକାରୀ ଭୋଗେ ନରକ ।

କ୍ରୁଦ୍ଧା ରାଣୀ କହନ୍ତି : ସିରିଆର ରାଜବଂଶ ଦେବତାଙ୍କଠାରୁ ଉତ୍ସରିତ । ତାହାକୁ ଏଠାରେ ମୁଁ ଶେଷ କରିବାକୁ ଦେବିନି ପୁରୋହିତ । ସିରିଆର ରାଜା ହେବେ ନାହିଁ ପୁତ୍ରହରା । ତୁମେ ଲାଭ କରିବ ନାହିଁ ମୋ ପୁତ୍ରର ମସ୍ତକ ।

ଏବେ ପୁରୋହିତ ସାମାନ୍ୟ ଶଙ୍କିତ । ନିଭୃତରେ ଫିନିଅସ୍‌ଙ୍କୁ କହନ୍ତି, ଏ ପଥ ସହଜ ନୁହେଁ, ଧରିବାକୁ ହେବ ଅନ୍ୟ ପଥ ।

ପ୍ରବେଶ କରନ୍ତି ରାଜକୁମାର ଆୟଲାସ୍ ।

ରାଜା ତାଙ୍କୁ ପ୍ରଶ୍ନ କରନ୍ତି : ତୁମ ବିରୁଦ୍ଧରେ ଅଭିଯୋଗ ଆଜି ପ୍ରଭାତରେ ପୋସାଇଡ଼ନ୍‌ଙ୍କ ମନ୍ଦିରରୁ ତୁମେ ଏକ ବଳିକୁ ଉଦ୍ଧାର କରିଛ । ଏହା ସତ୍ୟ ?

ରାଜକୁମାର — ନା ।

ପୁରୋହିତ କ୍ରୋଧରେ ସତେ କି ଗ୍ରାସ କରିବେ ରାଜକୁମାରଙ୍କୁ । ସମାନ କ୍ରୋଧରେ ଜବାବ ଦିଅନ୍ତି ରାଜକୁମାର : ପୁରୋହିତ ମୁଖାପିନ୍ଧାରେ କୁଚକ୍ରୀ ଦୁର୍ବୃତ୍ତ ...

ଦୁର୍ବଳ-ଚିତ୍ତ ରାଜାଙ୍କଠାରୁ କୋପ ସମ୍ବରଣର ଆଦେଶ ପାଇ ରାଜକୁମାର କହନ୍ତି : ମୋତେ ଯେଉଁ ଦୋଷରେ ଅଭିଯୁକ୍ତ କରାଯାଉଛି, ମୁଁ ତାହା ଅସ୍ୱୀକାର କରେ ପିତା । କାରଣ କୌଣସି ନୌକା ଭଗ୍ନଗ୍ରସ୍ତ କ୍ରନ୍ଦନରତ ନାବିକକୁ ମୁଁ ଉଦ୍ଧାର କରି ନାହିଁ; ମାତ୍ର ସେ ଜଣେ ପ୍ରଶାନ୍ତ ଦେବତା ଅଥବା ଜଣେ ମହିମମୟ ବୀର; — ଯେ ଆସିଥିଲେ ସିରିଆର ସୀମାକୁ ଅନ୍ୟ ଏକ ପଥ ଦେଇ ଯାହା ମାନୁଷୀ ପଥ ନୁହେଁ — ସେହିହିଁ ଏମାନଙ୍କର ଅପରାଧୀ, ଆଉ ତାଙ୍କରି ଅସ୍ତ୍ରର ଉଜ୍ଜ୍ୱଳତାରେ ଏହି ଟାୟାରର ଉଷ୍ଟ ବୀର ଫିନିଅସ୍ ଆଉ ଏହି ଦର୍ପୀ ପୁରୋହିତ ପଳିଡ଼ନ୍ ହୋଇ ପଡ଼ିଥିଲେ ପାଣ୍ଡୁ, ଭୀତ-ତ୍ରସ୍ତ । ସେହି ଦୀପ୍ତିବାନ୍ ପୁରୁଷଙ୍କୁ ମୋର ଉଦ୍ଧାର କରିବା ପ୍ରୟୋଜନ ହୋଇନି । ତେବେ ଆବଶ୍ୟକ ହୋଇଥିଲେ ମୁଁ ଧରିଥା'ନ୍ତି ଅସ୍ତ୍ର ।

ରାଜା କହନ୍ତି, ଏହି ଭ୍ରମ ଏତେ ମାରାତ୍ମକ ନୁହେଁ ।

ତଥାପି କୁଟିଳ ପୁରୋହିତ ଦାବୀ କରେ ରାଜପୁତ୍ରଙ୍କର ଶାସ୍ତି ।

ସର୍ବଶେଷରେ ଫିନିଅସ୍‌ଙ୍କ ମଧ୍ୟସ୍ଥତାରେ ସ୍ଥିର ହୁଏ ଆୟଲାସ୍ ଉପସ୍ଥିତ କରାଇବେ ସେହି ପ୍ରଦୀପ୍ତ ପୁରୁଷଙ୍କୁ ତିନି ଦିନ ମଧ୍ୟରେ । ନହେଲେ ଦେବେ ଆପଣା ମସ୍ତକ ବଳି ପୋସାଇଡ଼ନ୍‌ଙ୍କ ମନ୍ଦିର ଅର୍ଗଳିରେ ।

## ସିରିଆର ରାଜ ଅନ୍ତଃପୁରେ ...

ଫିନିଅସ୍‌ଙ୍କ ସହାୟତାରେ ଅନ୍ତତଃ ରାଜପୁତ୍ର ପ୍ରାୟ-ନିର୍ଦ୍ଧାରିତ ମୃତ୍ୟୁରୁ ରକ୍ଷା ପାଇଲେ ବୋଲି ପରିଚାରିକାମାନେ ସିରିଆର ଭାବୀ ଜାମାତାଙ୍କ ସମ୍ବନ୍ଧରେ ପ୍ରଶଂସା କଲାବେଳେ ରାଜକୁମାରୀ କରୁଥା'ନ୍ତି ପ୍ରତିବାଦ । ତାଙ୍କ ପ୍ରତି ରାଜକୁମାରୀଙ୍କର ଆକଣ୍ଠ ଘୃଣା ।

ଏତିକି ବେଳେ ଅତି ଆଦରଣୀୟା କନ୍ୟାକୁ ଭେଟିବା

ଲାଗି ଅନ୍ତଃପୁରରେ ପ୍ରବେଶ କରନ୍ତି ନିଜେ ରାଜା । ଅଧୀରା ରାଜକନ୍ୟା କହନ୍ତି : ତୁମରି ପ୍ରତୀକ୍ଷାରେ ଥିଲି ମୁଁ ପିତା ।

ରାଜା ପରିହାସ କରନ୍ତି : ଏବେ କନ୍ୟା ମୋର ଚାହାନ୍ତି କି ଚିଜ – ବିଦେଶୀ ଏକ ପୋଷାକ ନା ଲୋମଶ ଯୋଡ଼ାଏ ପାଦୁକା ଅବା ରୌପ୍ୟ କମରପଟୀ ଗୋଟିଏ ?

ଗୁରୁଗମ୍ଭୀରା କନ୍ୟା କହନ୍ତି : ସତେ ପିତା, ଦେବ ମୋତେ ମୁଁ ଯାହା ଚାହେଁ ? ତେବେ ମୁକ୍ତି ଦିଅ ମନ୍ଦିରରେ ଆବଦ୍ଧ ସେହି ଦୁଇ ହତଭାଗ୍ୟ ବଣିକଙ୍କୁ ।

ପିତା ବୁଝାନ୍ତି : ସେ ତ ଦେବ-ଭୋଗ୍ୟ ମା ।

କନ୍ୟା କିନ୍ତୁ ଅବୁଝା – ସେ କେମିତି ଦେବତା ପିତା, ଯେ ଭୋଜନ କରେ ରକ୍ତମାଂସ ? ତେବେ ମୋତେ ଦିଅ ମୋର ପ୍ରାତଃଭୋଜନ ଲାଗି ଏହି ପରିଚାରିକା ପ୍ରକ୍ସିଲାକୁ ସିଦ୍ଧ କରି – ମୁଁ ବି ପାଲଟି ଯିବି ଏକ ଦେବୀ, ପିତା ।

ପିତା ଘୋଷଣା କରନ୍ତି – ଆଜିଠୁ ତିନି ଦିନ ପରେ ସେମାନେ ପାଇବେ ବଳି । ଆଉ ସେହି ସନ୍ଧ୍ୟାରେ ତୋର ପାଣି ଗ୍ରହଣ କରିବେ ଫିନିଅସ୍, ଟାୟାରର ରାଜା ।

ସ୍ପଷ୍ଟ ଜବାବ ରାଜକନ୍ୟାଙ୍କର : ମୁଁ ଫିନିଅସ୍‌ଙ୍କୁ କରିବି ନାହିଁ ବିବାହ, କାରଣ ମୁଁ ତାଙ୍କୁ ପସନ୍ଦ କରେନା । ଆଉ ଯଦି ମୋତେ ବିବାହ କରିବାକୁ ହୁଏ ତେବେ ମୁଁ ବିବାହ କରିବି କେବଳ ମୋର ସୂର୍ଯ୍ୟ ଦେବତାଙ୍କୁ ।

ରାଜା ବୁଝନ୍ତିନି କିଏ ସେ ସୂର୍ଯ୍ୟ-ଦେବ । ସେ ପରିହାସ କରନ୍ତି : ମୁଁ ଦୂତ ପଠାଇବି ଭଗବାନ୍ ଅଲିମ୍ପସ୍‌ଙ୍କ ନିକଟକୁ, ଆଉ ସେ ପ୍ରେରଣ କରିବେ ତୋର ସୂର୍ଯ୍ୟଦେବଙ୍କୁ । ତୁ କ'ଣ ଉଚ୍ଚାଭିଳାଷୀ ନୋହୁଁ, ମା' ?

ତତ୍ପରେ ପରିଚାରିକା-ମୁଖ୍ୟା ପ୍ରକ୍ସିଲା ବୁଝାଇ କହେ ରାଜାଙ୍କୁ ସେହି ସୂର୍ଯ୍ୟଦେବ କିଏ ?

ବିଚଳିତ ରାଜା କହନ୍ତି : କିଏ ସେହି ଦୀପ୍ତିମାନ୍ ଦିମାକି ମହାଶୟ, ଯେ ଆଜି ସିରିଆରେ ଆଣିଛି ଘୂର୍ଣ୍ଣିବାତ୍ୟା ? ତା'ରି ପାଇଁ ପୁତ୍ର ମୋର ବିପଦଗ୍ରସ୍ତ, କନ୍ୟା ବିବାହ କରିବନି ଟାୟାରର ରାଜାଙ୍କୁ । ଅଥଚ ସିରିଆ ପାଇଁ ଟାୟାର ସହ ଏହି ବୈବାହିକ ସଂଯୋଗର ଖୁବ୍ ପ୍ରୟୋଜନ ।

କନ୍ୟା ପ୍ରତି ରୋଷ-କଷାୟିତ ଦୃଷ୍ଟି ନିକ୍ଷେପ କରି ରାଜା ତାଙ୍କର ଶେଷ ବକ୍ତବ୍ୟ କହି ପ୍ରସ୍ଥାନ କରନ୍ତି : ଆଜିଠାରୁ ତୃତୀୟ ଦିନରେ ତୋର ହେବ ବିବାହ ଫିନିଅସ୍‌ଙ୍କ ସହ ।

ବୟସ୍କା ପରିଚାରିକା ବୁଝାଇବାକୁ ଚେଷ୍ଟା କରେ ରାଜକୁମାରୀଙ୍କୁ । ସେ ତାଚ୍ଛଲ୍ୟ କରି କହନ୍ତି : ମୋର ଉପଦେଷ୍ଟାର ପ୍ରୟୋଜନ ନାହିଁ ପ୍ରକ୍ସିଲା, ମୋର ସହାୟ ଆବଶ୍ୟକ । ଆ' ଡାଇମିଡ଼ି, ତୁ ହେବୁ ମୋର ସହାୟକାରିଣୀ – ଆ' ମୋ ସଙ୍ଗେ ।

## ଉଦ୍ୟାନ ବାଟିକାରେ ...

ସିରିଆ ରାଜ୍ୟର ଏକ ନଦୀ ତଟର ଫଳ ଉଦ୍ୟାନଟିଏ । ସେହି ଉଦ୍ୟାନ ବାଟିକାରେ ମନମଉଜରେ ଗୀତ ଗାଇ ଚାଲିଛି ସାଇଡ଼ନୀ – ସିରିଆର ରାଜକୁମାର ଆୟଲାସ୍‌ଙ୍କ ପ୍ରଣୟିନୀ ଏକ ଦାସୀ କନ୍ୟା । ପଶ୍ଚାତ୍ ଭାଗରୁ ଦୃଶ୍ୟମାନ ଏକ କୁଟୀର । ସେଇଟି ସାଇଡ଼ନୀର । ଏବେ ସେହି କୁଟୀରରେ ଅତିଥି ପର୍ସିୟସ୍ ।

ସଦା ହାସ୍ୟମୟୀ ସେଇ ଗ୍ରାମ୍ୟ ତରୁଣୀର ଆତିଥ୍ୟରେ ପର୍ସିୟସ୍ ମୁଗ୍ଧ । ସହଜ ଏବଂ ଅତ୍ୟନ୍ତ ସାବଲୀଳ ଭଙ୍ଗୀରେ ତା'ର ଅତିଥିଙ୍କୁ ସତ୍କାର କରୁଛି ସାଇଡ଼ନୀ । ପର୍ସିୟସ୍ ସତେକି ତା'ର ଭାଇ, ତା'ର ଅତ୍ୟନ୍ତ ଶ୍ରେୟ ଅତିଥି, କାରଣ ସେ ଯେ ତା'ର ପ୍ରିୟତମ ଆୟଲାସ୍‌ର ପ୍ରିୟ ବାଞ୍ଛିତ ବନ୍ଧୁ । ରାଜପୁତ୍ରର ପ୍ରେମମୁଗ୍ଧା ସେଇ ସରଳମନା ତରୁଣୀଟିର ସମସ୍ତ ଜଗତ୍ ଘେରି ଯେପରି ବିଦ୍ୟମାନ ଖାଲି ଆୟଲାସ୍ ।

ପର୍ସିୟସ୍ ତାକୁ ପରିହାସରେ କହନ୍ତି : ସାଇଡ଼ନୀ, ତୋ ଲାଗି ସମଗ୍ର ଦିବସ ପ୍ରେମ ଓ ଆଲୋକରେ ଭରା । କିନ୍ତୁ ଜଗତରେ ଅଶ୍ରୁ ତ ରହିଛି । ଆଉ ତାହା ବି ତ ଅଶ୍ରୁ ହୋଇପାରେ । ସେମିତି ଦିନେ ଯଦି ଆୟଲାସ୍ ସିରିଆର ରାଜା ହୋଇ ତୋ' ନିକଟକୁ ଆଉ ନଆସେ ?

ସରଳ ସହଜ ଉତ୍ତର ସାଇଡ଼ନୀର : ତେବେ ମୁଁ ଯିବି ତାଙ୍କ ନିକଟକୁ ।

ପର୍ସିୟସ୍ – ଯଦି ସେ ତୋତେ ନ ଚିହ୍ନେ ?

ସାଇଡ଼ନୀ କହେ – ତେବେ ତ ତାହା ହେବ ମୋ ପାଇଁ ରାତ୍ରି, ଏବେ ଦିବସ ।

ପର୍ସିୟସ୍ : ତୋ'ର ଦର୍ଶନ-ତତ୍ତ୍ୱ ଅତ୍ୟନ୍ତ ଉଜ୍ଜ୍ୱଳ । ରାତ୍ରିର ଅନ୍ଧକାର ପ୍ରତି ଚକ୍ଷୁ ତୋର ନିବାରିତ ରହିଛି, ଆଉ ତୁ ବାସ କରୁଛୁ ତୋର ଶୁଭ୍ର ପୂର୍ଣ୍ଣତାର ଉଜ୍ଜ୍ୱଳ ଜଗତରେ । ମୁଁ କିନ୍ତୁ କରି ଚାଲିଛି ଦୁଃସାହସିକ ଯାତ୍ରା ଏହି ପକ୍ଷଯୁକ୍ତ ପାଦୁକାର ସହାୟତାରେ – ନାନା ରାଜ୍ୟ ଘୁରି ଘୁରି ସାଗର ପର୍ବତ

ପାରି ହୋଇ । ମୋ ସହ ରହିଛି ପୁଣି ମୋର ସୁ-ତୀକ୍ଷ୍ଣ ତରବାରି ।

ସାଇଡ଼ନୀ : ତୁମର ସେହି ତରବାରି କିନ୍ତୁ ଗୋଲାପ ଶଯ୍ୟାରେ ଚିର ନିଦ୍ରିତ । କାହିଁକି ତାକୁ ଖୋଳରେ ଯତ୍ନରେ ପୂରାଇ ରଖିଛ ? ଦିନେ ତାକୁ ଖୋଲି ଦେଖିବି ଭାବିଥିଲି, କିନ୍ତୁ ଦେଖି ପାରିଲିନି ।

ପର୍ସିୟସ୍ : ନ ଦେଖିଛୁ ଭଲ । ଦେଖିଥିଲେ ତୋ'ର ଏହି ଜୀବନ୍ତ ଅଙ୍ଗ ପ୍ରତ୍ୟଙ୍ଗ ପାଲଟିଥା'ନ୍ତା ପ୍ରସ୍ତର ।

ସାଇଡ଼ନୀ : ଏମିତି ଭୟଙ୍କର ଜିନିଷ କାହିଁକି ସାଇତି ରଖିଛ ଯେ ? ଓଃ, ଭଲକଥା, ସେଇ ମନ୍ଦିରର ପୂଜାରୀ ଯେ ମୋର ଆୟଲାସ୍‌କୁ ଘୃଣା କରେ, ତାକୁହିଁ ତୁମେ ମର୍ମର ପ୍ରସ୍ତରରେ ସ୍ଥିର କରି ଦିଅ ।

ଏତିକିବେଳେ ସାଇଡ଼ନୀ କାନ ଡେରି ଶୁଣେ ତା'ର ପ୍ରିୟତମର ପଦପାତ । ପର୍ସିୟସ୍ ତାଙ୍କୁ ଏକ ଉଷ୍ଣ ସମ୍ଭାଷଣ ଜଣାନ୍ତେ ଆୟଲାସ୍ କହନ୍ତି : ମୁଁ କିନ୍ତୁ ତୁମ ନିକଟକୁ ବୋହି ଆଣିଛି ଏକ ପରୱାନା । ସେହି ପରୱାନା ପୋସାଇଡ଼ନ୍‌ଙ୍କର କୃଷ୍ଣ ଭୂ-ଧର ପୁରୋହିତ ସେହି ଅନ୍ଧକାର ବିଷଣ୍ଣ ପଲିଡ଼ନ୍‌ଙ୍କଠାରୁ ଯେ ସମଗ୍ର ସିରିଆକୁ ହାତମୁଠାକୁ ଆଣିବାର ଆଶାରେ ରହିଛି ।

ସାଇଡ଼ନୀ କିଏ ଶୁଣୁ ନଶୁଣୁ କହିଚାଲେ : ତାକୁ କରିଦିଅ ଅଥର୍ବ, ପାଷାଣ ।

ପର୍ସିୟସ୍ କହନ୍ତି : ଏବେ ହିଁ ମୋତେ ନେଇ ଚାଲ ଆୟଲାସ୍, ସେଇ ମନ୍ଦିର ପ୍ରଦର୍ଶନ ପାଇଁ । ମହାନ୍ କର୍ମ ଯେତେ ଶୀଘ୍ର ସମ୍ପନ୍ନ ହେବ ସେତେ ଉତ୍ତମ । ଆଉ ମୋର କର୍ମ ହେବ ସେହି ବେବିଲନୀୟ ବନ୍ଦୀମାନଙ୍କର ମୁକ୍ତି । ଦେବତାମାନେ ଗର୍ଜନ୍ତୁ ସେମାନଙ୍କର ବଳି ପାଇଁ ଯେତେ ପାରି ସେତେ ।

ଆୟଲାସ୍ କହନ୍ତି : ତାହା ଯେ ସେମାନଙ୍କୁ ଆହୁରି ବେଶୀ ଧୂପ ଗନ୍ଧାୟିତ କରିବ ।

ପର୍ସିୟସ୍ : କିନ୍ତୁ ମୋତେ ସେମାନେ ସେମାନଙ୍କର ଚତୁର ପ୍ରକୋପ ଦେଖାଇ ଧୂପ-ଗନ୍ଧାୟିତ କରିଛନ୍ତି । ଦେଖିବି, ଯଦି ପାରନ୍ତି ସେମାନେ ଏକାକୀ ପର୍ସିୟସକୁ ହତ୍ୟା କରନ୍ତୁ । ତେବେ ମୁଁ ଜାଣି ଆନନ୍ଦିତ ହେବି ଯେ ମରଣଶୀଳ ମଣିଷ ମଧ୍ୟରେ ଏତେ ସାହସ, ଏତେ ବଳ ।

ଆୟଲାସ୍ : ମଣିଷକୁ ଭୟ କରିବା ଦରକାର ନାହିଁ; କିନ୍ତୁ ପର୍ସିୟସ୍, ତାହା ଜାଗ୍ରତ୍ କରିବ ପୋସାଇଡ଼ନ୍‌ର ଗଭୀର କ୍ରୋଧ । ଆଉ ସେହି ଦେବତାଙ୍କର ଅତ୍ୟନ୍ତ ହାଲୁକା ଗତି ବି ମାରାତ୍ମକ ।

ପର୍ସିୟସ୍ : ମୋର ବି ଅକ୍ଷତିକାରକ ନୁହେଁ ।

କଥାବାର୍ତ୍ତା ପରେ ପର୍ସିୟସ୍ ତାଙ୍କର ତରବାରି ଧରି ଯାତ୍ରା କରନ୍ତି ଆୟଲାସ୍‌ଙ୍କ ସହ ମନ୍ଦିର ଅଭିମୁଖେ ।

(କ୍ରମଶଃ) ❑

*କଳ୍ପନାର କାର୍ଯ୍ୟ ଓ ଉପଯୋଗିତା କ'ଣ ?*

ମୋ କହିବା ଅନୁଯାୟୀ ଯଦି ଜଣେ ଜାଣିଥାଏ ଏହାକୁ କିପରି ବ୍ୟବହାର କରିବାକୁ ହୁଏ ତେବେ ସେ ନିଜ ଲାଗି ନିଜର ଆନ୍ତର ତଥା ବାହ୍ୟ ଜୀବନ ନିଜେ ସୃଷ୍ଟି କରିପାରେ । ଜଣେ ଯଦି କଳ୍ପନାକୁ କିପରି ବ୍ୟବହାର କରିବାକୁ ହୁଏ ତାହା ଜାଣେ ଓ ସେଥିଲାଗି ତାହାର ସାମର୍ଥ୍ୟ ଥାଏ ତେବେ ତାହାଦ୍ୱାରା ସେ ତା'ର ନିଜ ଅସ୍ତିତ୍ୱକୁ ନିଜେହିଁ ଗଢ଼ିପାରିବ । ବାସ୍ତବରେ ସୃଷ୍ଟି କରିବାର ଓ ଜଗତରେ ବସ୍ତୁସକଳକୁ ଗଠନ କରିବାର ଏହା ହେଉଛି ଏକ ମୌଳିକ ଉପାୟ । ମୁଁ ସବୁବେଳେ ଅନୁଭବ କରିଛି ଯେ ଯଦି ଜଣକର କଳ୍ପନା ଶକ୍ତି ନାହିଁ ତେବେ ସେ କୌଣସି ଅଗ୍ରଗତି କରିପାରିବ ନାହିଁ । ତୁମର କଳ୍ପନା ସବୁବେଳେ ତୁମ ଜୀବନର ଆଗେ ଆଗେ ଚାଲୁଥାଏ । ଯେତେବେଳେ ତୁମେ ନିଜ ବିଷୟରେ ଚିନ୍ତା କର, ସାଧାରଣତଃ ତୁମେ ଯାହା ହେବାକୁ ଚାହଁ ତାହାହିଁ କଳ୍ପନା କରିଥାଅ । ଏଇଆ କରି ନ ଥାଅ କି ? ଏବଂ ସେହି କଳ୍ପନା ଆଗେ ଆଗେ ଯାଏ, ତୁମେ ତାକୁ ଅନୁସରଣ କର, ତା'ପରେ ଏହା ଆଗକୁ ଯିବାକୁ ଲାଗେ ଓ ତୁମେ ତାକୁ ଅନୁସରଣ କରିଥାଅ । କଳ୍ପନା ତୁମ ଲାଗି ଉପଲବ୍ଧିର ପଥ ଉନ୍ମୁକ୍ତ କରିଦିଏ ।...

— ଶ୍ରୀମା

**କ୍ଲାସରେ ଶ୍ରୀମା'ଙ୍କ କାହାଣୀ :**

# ଗୋଟିଏ ବିରାଡ଼ି ଛୁଆର ଗପ

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ । ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା । ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ୮/୧୦ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳ ସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହିପଢ଼ି ପିଲାଙ୍କୁ ଶୁଣାଉ ଥିଲେ, ମାଧ୍ୟମ ଥିଲା ଫରାସୀ ଭାଷା । **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେଇ ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ପରେ ନଳିନୀଦା'ଙ୍କୁ ଦେଖାଇବା ପରେ 'ପୁରୋଧା'ରେ ପ୍ରକାଶିତ ହେଉଥିଲା । ଶ୍ରୀମା କ୍ଲାସ ନେଉଥିଲେ ରବିବାର, ମଙ୍ଗଳବାର ଓ ଶୁକ୍ରବାର ଦିନ; ସେଥିମଧ୍ୟରୁ କାହାଣୀର କ୍ଲାସଟି ଶୁକ୍ରବାର ହେଉଥିଲା । ସେଥିରେ ପିଲାମାନଙ୍କ ଛଡ଼ା ବୟସ୍କମାନେ ମଧ୍ୟ ବସୁଥିଲେ । ସେହି କାହାଣୀଗୁଚ୍ଛ ମଧ୍ୟରୁ ୧୯୫୩ ମସିହା ଜାନୁଆରୀ ୨ ତାରିଖ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀଟି ନିମ୍ନରେ ଉପସ୍ଥାପନ କରାଯାଉଛି ।]

ପଶୁମାନଙ୍କର ଗୋଟିଏ ପ୍ରାସାଦ ଥିଲା । ସେଠାରେ ନାନା ଜାତିର, ନାନା ରଙ୍ଗର ପଶୁ ରହିଥା'ନ୍ତି । ସେଠାରେ ଠେକୁଆ, ଘୁଷୁରି, କୁକୁଡ଼ା, ପାତିହଂସ ପ୍ରଭୃତି ଥାଆନ୍ତି । ଆଉ ମଧ୍ୟ ଗୋଟିଏ ବଡ଼ ବିରାଡ଼ି ଓ ତାହାର ଛଅଗୋଟି ଛୋଟ ଛୋଟ ଛୁଆ ।

ପାଞ୍ଚଟି ଛୁଆଙ୍କର ଦେହର ରଙ୍ଗ ଧଳା ଓ ତାହା ଉପରେ କଳା କଳା ଦାଗ ରହିଥାଏ । ଅନ୍ୟଟିର ଦେହରେ ଧଳା ରଙ୍ଗ ଉପରେ ତିନିଗୋଟି ଲମ୍ବା ଡୋରି କଟା ଯାଇଥାଏ । ଅନ୍ୟ ପାଞ୍ଚଟି ସହିତ ଯେପରି ରଙ୍ଗର ତଫାତ୍ ଅଛି, ଠିକ୍ ସେହିପରି ତାହାର ସ୍ୱଭାବରେ ମଧ୍ୟ ପାର୍ଥକ୍ୟ ଥାଏ । ଏହି ପାଞ୍ଚଭାଇ ଦଉଡ଼ା ଧାପଡ଼ା, ହସ ତାମସା କରିବାକୁ ଖୁବ୍ ଭଲ ପାଆନ୍ତି ମାତ୍ର ସେଇଟି ଏକବାରକେ ନିରୀହ ଓ ବଡ଼ ଭୟାଳୁ । ସେ କୌଣସି ଡିଆଁ ଡେଇଁ ଖେଳରେ ଆଦୌ ଯୋଗ ଦିଏ ନାହିଁ, କହିବାକୁ ଗଲେ ସେ ଆଦୌ କଥାବାର୍ତ୍ତା କରେ ନାହିଁ । ସତେ ଯେପରି ବୋକାଟାଏ । ତାଙ୍କ ମାଆକୁ ଅନ୍ୟ ସବୁ ପଶୁମାନେ ଭଲ ଭାବରେ ଚିହ୍ନିଛନ୍ତି । ତାହାର ସ୍ୱଭାବ ବଡ଼ ଚମତ୍କାର । ସମସ୍ତଙ୍କ ସାଙ୍ଗରେ ତାହାର ସମାନ ବନ୍ଧୁତା ଥାଏ । ଶିଡ଼ି ଚଢ଼ି ଏହି ପଶୁମାନଙ୍କର ପ୍ରାସାଦକୁ ଯିବାକୁ ହୁଏ । ଧାନ କଟା ହୋଇ ଅମଳ ସରିବା ପରେ ସବୁ କୁଟା ଆସି ଏଠାରେ ପର୍ବତ ପ୍ରମାଣ ଗଦାବାନ୍ଧି ଏମାନଙ୍କର ଖାଦ୍ୟ ପାଇଁ ରଖାଯାଏ । ଅନ୍ୟାନ୍ୟ ଘାସ ମଧ୍ୟ ଏଠାରେ ଜମାଇ ରଖାଯାଏ । ସେହି କଞ୍ଚା ଘାସ ମଧ୍ୟରେ ଲୋଭନୀୟ ଜିନିଷ ଯେ ନଥାଏ ତାହା କହିହେବ ନାହିଁ । ଏମାନଙ୍କର ପ୍ରାସାଦର ପ୍ରଧାନ ଦୁଆର ପାର ହୋଇଗଲେ ଆଖିରେ ପଡ଼େ ବୁଟ ଓ ଗହମ ତାହା ପରେ ସେଓ, କମଳା, ଗାଜର, ମୂଳା, ନାସପାତି ଇତ୍ୟାଦି ।

ଦିନେ ଠେକୁଆ, ଘୁଷୁରି, ହଂସ ଓ କୁକୁଡ଼ା ମିଶି ସ୍ଥିର କଲେ ବିରାଡ଼ି ଘରକୁ ଯାଇ ତାହାର ଛୋଟ ଛୁଆଙ୍କୁ ଦେଖି କିଛି ଉପହାର ଦେଇ ଆସିବେ । ଏମାନେ ସମସ୍ତେ ବିରାଡ଼ିକୁ ଖୁବ୍ ଭଲ ପାଆନ୍ତି । ଏଣୁ ସେମାନଙ୍କର ଛଅଟି ଛୁଆ ମଧ୍ୟ ଏମାନଙ୍କର ପ୍ରିୟପାତ୍ର । ଏହା ସହଜରେ ଅନୁମେୟ । ବିରାଡ଼ିକୁ ସେମାନେ ଜଣାଇ ଦେଲେ କେବେ ସେମାନେ ତାଙ୍କ ଘରକୁ ସଙ୍କୁଳି ଆସିବେ । ସେଦିନ ପିଲାମାନଙ୍କୁ ତାଙ୍କ ବୋଉ ଭଲ ଭାବରେ ପରିଷ୍କାର ପରିଚ୍ଛନ୍ନ ଓ ସଜାସଜି କରିବା ପାଇଁ ବସି ପଡ଼ିଲେ । କିପରି ବିରାଡ଼ି ତାହାର ଦେହକୁ ପରିଷ୍କାର କରେ ତାହା ନିଶ୍ଚୟ ତୁମ୍ଭେମାନେ ଜାଣିଥିବ ? ତୁମ୍ଭେମାନେ ଯେପରି ଦେହରେ ସାବୁନ ଲଗାଇ ଧୋଇଧାଇ ହୋଇ ଗାଧୁଆ ପାଧୁଆ କରି ପରିଷ୍କାର ହୁଅ ସେପରି ନୁହେଁ । ଏମାନେ ତାଙ୍କର ଦେହଟିକୁ ଜିଭ ଦ୍ୱାରା ଚଟାଚଟି କରି ସଫା କରନ୍ତି । କିନ୍ତୁ ଭାବିଲ ଦେଖି କାନ ପାଖକୁ କିପରି ଜିଭ ବଢ଼ାଇ ପାରିବ । ସେମାନଙ୍କର ତ' ଏତେ ଲମ୍ବା ଜିଭ ନାହିଁ । ତେଣୁ ସେମାନେ ହାତର ତଳ ଭାଗ ଜିଭ ଦ୍ୱାରା ଚାଟି ସଫା କରନ୍ତି । ତା'ପରେ ଗୋଡ଼ ଭିତରେ ମୁଣ୍ଡଟିକୁ ପୂରାଇ ଜିଭ ସାହାଯ୍ୟରେ କାନଟିକୁ ସଫା କରନ୍ତି । ଏହିପରି ଭାବରେ ଶରୀରଟିର କୌଣସି ଅଂଶ ସଫା କରିବାରେ ବାଦ୍ ପଡ଼ିଯାଏ ନାହିଁ । ଗୋଟିଏ ପ୍ରଚଳିତ ପ୍ରବାଦ ଅଛି ଯେ

ବିରାଡ଼ି ଯଦି ଅନବରତ ତାହାର କାନ ପଛକୁ ଚାଟିବ, ତାହାର ଅର୍ଥ ଖୁବ୍ ଶୀଘ୍ର ବର୍ଷା ହେବ ।

ଯାହା ହେଉ ମୁଁ ଯାହା କହିଥିଲି, ସେଦିନ ସେମାନେ ପରିଷ୍କାର ପରିଚ୍ଛନ୍ନ ହୋଇ ସଜାସଜି ହୋଇ ବସିଛନ୍ତି, ଏହି ସମୟରେ ବନ୍ଧୁମାନେ ଦେଖିବାକୁ ଆସିଲେ । ସେମାନେ ଆସି ସେମାନଙ୍କର ମାଆକୁ ଆପ୍ୟାୟିତ କଲେ । ଛୁଆମାନଙ୍କୁ ଦେଖି ଖୁବ୍ ପ୍ରଶଂସା କଲେ । ଉପହାରର ପରିମାଣ ମଧ୍ୟ ଖୁବ୍ କମ୍ ନଥିଲା । ଠେକୁଆ ଗାଜର, ଶାଗ ଇତ୍ୟାଦି ଆଣିଥିଲା । ଘୁଷୁରି ଝୁଡ଼ିଟିଏ ସେଓ ଦେଲା । ହଂସ ଜାମୁକୋଳି ଦେଲା । କୁକୁଡ଼ା ସେମାନଙ୍କୁ ଗୋଟିଏ ଗୋଟିଏ ତଟକା ଡିମ୍ବ ଦେଲା । ସମସ୍ତଙ୍କ ଆଦର ଓ ଆପ୍ୟାୟନ ପରେ ବନ୍ଧୁମାନେ ବିଦାୟ ନେଲେ । ତା' ପରଦିନ ସେହିସବୁ ଜିନିଷ ମିଶାଇ ସେମାନଙ୍କର ମାଆ ଗୋଟିଏ ବିରାଟ ଭୋଜିର ଆୟୋଜନ କଲେ । ଏହି ଛଅ ଭାଇ ଆକଣ୍ଠ ଭୋଜନ କରି ନିଜର ଆଶା ମେଣ୍ଟାଇ ଥିଲେ । ଏହିପରି ଦିନ ପରେ ଦିନ କଟିବାକୁ ଲାଗିଲା । ଇତି ମଧ୍ୟରେ ଛୁଆମାନେ କ୍ରମଶଃ ବଡ଼ ହୋଇ ଉଠିଲେଣି । ତୁମ୍ଭେମାନେ ନିଶ୍ଚୟ ଜାଣିଥିବ ବିରାଡ଼ି ଛୁଆ ଖୁବ୍ ଶୀଘ୍ର ବଡ଼ ହୋଇଯା'ନ୍ତି । ଦିନେ ସେମାନଙ୍କର ମାଆ କହିଲେ, ଚାଲ ଆମେ ସବୁ ବନ୍ଧୁମାନଙ୍କର ଘରକୁ ଯାଇ ସେମାନଙ୍କୁ ଧନ୍ୟବାଦ ଜଣାଇ ଦେଇ ଆସିବା । ସେମାନେ ଆମକୁ ଦେଖିବାକୁ ଆସିଥିଲେ ଓ ତୁମ୍ଭମାନଙ୍କୁ ସ୍ନେହ ଶ୍ରଦ୍ଧା ଜଣାଇ ଯାଇଥିଲେ ।

ସମସ୍ତେ ବୁଲିଯିବା ପାଇଁ ପ୍ରସ୍ତୁତ ହେବାରେ ଲାଗି ପଡ଼ିଲେ । ସମସ୍ତେ ପରିଷ୍କାର ପରିଚ୍ଛନ୍ନ ହେବାରେ ଲାଗି ପଡ଼ିଲେ । ତୁମ୍ଭେମାନେ ବୁଝି ପାରୁଛ ତ' ତାହାର ମାନେ କ'ଣ ? ସମସ୍ତେ ନିଜ ନିଜର ଦେହ ଚାଟିବାକୁ ଆରମ୍ଭ କଲେ । ଦେହକୁ ଚାଟିଚୁଟି ସବୁ ଧୂଳିବାଲି ସଫା କରି ଦେଲେ । ତାହାପରେ ତାଙ୍କ ମାଆ ଛଅଜଣଙ୍କୁ ବେଶଭୂଷା କରି ଦେଲେ । ସମସ୍ତେ ତାଙ୍କର ବନ୍ଧୁମାନଙ୍କ ଘରକୁ ଦେଖା କରି ଯିବା ପାଇଁ ବାହାରି ପଡ଼ିଲେ । ମାଆ ସମସ୍ତଙ୍କ ଆଗରେ ଚାଲିଲେ, ଯେପରି ସେନାପତି ତାଙ୍କର ସୈନ୍ୟବାହିନୀକୁ ଚଳାଇ ନିଅନ୍ତି । ସମସ୍ତେ ମିଶି ଛଅଜଣ । ଯାହା ଦେହରେ ଲମ୍ବା ଗାର ଥାଏ ସେ ସମସ୍ତଙ୍କ ଠାରୁ ଡରୁଆ । ସେ କୌଣସି କାମରେ ସମସ୍ତଙ୍କ ସାଙ୍ଗରେ ତାଳ ଦେଇ ଚାଲି ପାରେ ନାହିଁ । ଏହା ତାହା ଦ୍ୱାରା ଆଦୌ ହୋଇପାରେ ନାହିଁ । ସେ ସବା ପଛରେ ପଡ଼ି ରହିଥାଏ । ସମସ୍ତଙ୍କର ଶେଷରେ ଯାଉଥାଏ । କ୍ରମେ କ୍ରମେ ସେ ସମସ୍ତଙ୍କଠାରୁ ଦୂରରେ ରହିଗଲା । ଏକୁଟିଆ ହୋଇଗଲା । ଆଗରେ ଆଉ କାହାରିକୁ ଦେଖିବାକୁ ପାଇ ପାରିଲା ନାହିଁ । ତା' ପାଇଁ ମାଆକୁ ମଧ୍ୟ ଦେଖିବା ଅସମ୍ଭବ । ସେ ମନେ ମନେ ଭାବିଲା ଆଉ ଯାଇ ବା କି ଲାଭ, ସେମାନେ ତ ସମସ୍ତେ ଆଗେଇ ଗଲେଣି । ବହୁ ଦୂର ଚାଲି ଗଲେଣି ବରଂ ଘରକୁ ଫେରିଯିବା ଭଲ ହେବ ।

ସେ ମୁହଁ ବୁଲାଇ ଘର ଅଭିମୁଖେ ଚାଲିବାକୁ ଲାଗିଲା । କିନ୍ତୁ ଦୁଇ ଚାରି ପାଦ ଯାଇ ବାଟ ଭୁଲି ଅନ୍ୟ ବାଟରେ ଚାଲିଲା । ହଠାତ୍ ତା'ର ଆଖିରେ ପଡ଼ିଲା ଗୋଟିଏ ଛୋଟ ମାଟିର ନଳୀ । ଯେପରି ପବନରେ ପତ୍ର ହଲେ ଠିକ୍ ସେହିପରି ତାହା ହଲୁଥିଲା । ଆସ୍ତେ ଆସ୍ତେ ତାହା ଜୋର୍‌ରେ ହଲିବାକୁ ଲାଗିଲା । ତା' ପରେ ତାହା ଭିତରରୁ ସରୁ ନଳୀ ପରି କିଛି ଯେପରି ଠେଲି ହୋଇ ବାହାରକୁ ଚାଲି ଆସିଲା । ମଜା ଦେଖିବା ପାଇଁ ସେହି ବିରାଡ଼ି ଛୁଆଟି ତା' ପାଖକୁ ଆଗେଇ ଗଲା । ହଠାତ୍ ସେ ଦେଖି ବିସ୍ମୟ ତଥା ଖୁସି ହୋଇ ଉଠିଲା ଯେ ତାହାର ଦୁଇଗୁଣ ଆକାରର ଗୋଟିଏ ଜନ୍ତୁ ସେହି ମାଟିର ନଳୀ ମଧ୍ୟରୁ ବାହାରକୁ ବାହାରି ଆସୁଛି । ତାହାର ନା 'ଛୁଚୋଁ' । ତାହାର ସ୍ୱଭାବ ଭାରି ଭଲ । ସେ ବିରାଡ଼ି ଛୁଆଟିକୁ ଦେଖି କହିଲା, ହେ ଭାଇ ଖବର କ'ଣ ? କେଉଁଆଡ଼େ ଯାଉଛ ? ବିରାଡ଼ିଛୁଆ ତାକୁ ସବୁ କଥା କହିଲା । ସେ କହିଲା ଘରକୁ ଫେରି ଯାଉଛି । ଛୁଚୋଁ କହିଲା ଏତେ ତରବର କାହିଁକି ? ଚାଲ ଟିକିଏ ବୁଲି ଆସିବା । ଆପତ୍ତି କରିବାର କୌଣସି କାରଣ ଖୋଜି ସେ ପାଇଲା ନାହିଁ । ଛୁଚୋଁ ସାଙ୍ଗରେ ଚାଲିଲା, ଦୁଇଜଣ ଗପ କରି କରି ଆଗେଇ ଗଲେ । ଅବଶ୍ୟ ଛୁଚୋଁ ଗପ କହୁଥାଏ ଏବଂ ବିରାଡ଼ି ଛୁଆ ଶୁଣି ଶୁଣି ଆଗଉ ଥାଏ ।

କିଛିବାଟ ଗଲା ପରେ ଆଉ ଗୋଟିଏ ବିସ୍ମୟକର ବସ୍ତୁ ତାକୁ ଅବାକ୍ କରିଦେଲା । ସାମନାରେ ଗୋଟିଏ ପୋଖରୀ ପଡ଼ିଲା । ସେହି ପୋଖରୀ ପାଖରେ ଗୋଟିଏ ବଡ଼ ଜୀବ ବସିଥାଏ । ସେ ଖୁବ୍ ଆରାମରେ ସେଠାରେ ବସି ରହିଥାଏ । ବିରାଡ଼ି ଛୁଆ ଜାଣି ନାହିଁ ସେହି ଜୀବଟି କ'ଣ । ସେ ଛୁଚୋଁକୁ ପଚାରିଲା ଭାଇ ଏଇଟି କ'ଣ ? ଛୁଚୋଁ କହିଲା, ''ଏହା ଗୋଟିଏ କଳା ବେଙ୍ଗ ।'' ବିରାଡ଼ି ଛୁଆ କହିଲା, ''ତାହାର ଆଖି ଦୁଇଟି ବଡ଼ ବଡ଼ ହୋଇଛି ।'' ବେଙ୍ଗର କାନ ଖୁବ୍ ସଜାଗ । ସେ ଏମାନଙ୍କ କଥା ଶୁଣି ପାରିଲା । କିନ୍ତୁ ବାସ୍ତବରେ କଳା ବେଙ୍ଗ ବଡ଼ ରସିକ । ସେ ଏଥିରେ ଟିକିଏ ବି ରାଗ କଲା

ନାହିଁ । ବରଂ ମଜା କରିବା ପାଇଁ କହିଲା, ବେଟା ମୋର ବଡ଼ ବଡ଼ ଆଖି କ'ଣ ଦେଖୁଛ, ଏଥର ମୋ ପାଟି ଦେଖ । ଏହା କହି ସେ ତା' ପାଟିକୁ ଆଁ କରି ଦେଲା । ଏହା ଦେଖି ଛୁଚୋଁ ଓ ବିରାଡ଼ି ଛୁଆ ଦୁହେଁ ହସି ହସି ବେହୋସ ହେବା ଉପରେ । ସେ ଦୁହିଁଙ୍କର ହସ ବନ୍ଦ ହେଉ ନଥାଏ । କ୍ରମେ ଦୁଇଜଣ ମିଶି ମାଟି ଉପରେ ଗଡ଼ାଗଡ଼ି ହୋଇ ହସିବାରେ ଲାଗିଲେ । ଏମାନଙ୍କର ଦଶା ଦେଖି ବେଙ୍ଗ ଭାବିଲା ଏମାନଙ୍କର ମୁଣ୍ଡ ଖରାପ ହୋଇ ଗଲାଣି, ନହେଲେ କେଉଁ କାରଣରୁ ଏପରି ହସିବାରେ ମସ୍ତ ହୋଇ ପଡ଼ିଛନ୍ତି । ସେ ମନେ ମନେ ଗୋଟିଏ ବୁଦ୍ଧି ପାଞ୍ଚିଲା, ତାହା ନ ହେଲେ ଏମାନଙ୍କର ହସ କମିବ ନାହିଁ । ଠିକ୍ ତାହା ହେଲା । ସେ ସେମାନଙ୍କର ଆଗରୁ ଘୁଞ୍ଚିଗଲା । କେତେ ସମୟ ପରେ ବେଙ୍ଗଟିକୁ ସେଠାରେ ନ ଦେଖି ତାଙ୍କ ମନରେ ଉତ୍ସାହ କମିଗଲା ଓ ହସ ବନ୍ଦ ହୋଇଗଲା । ବିରାଡ଼ି ଛୁଆ କହିଲା, ''ହେ ଭାଇ ଛୁଚୋଁ, ଏଥର ମୁଁ ଘରକୁ ମୋର ବୋଉ ପାଖକୁ ଫେରିଯିବି । ଅନେକ ଡେରି ହୋଇ ଗଲାଣି । କିନ୍ତୁ ଆମ ଘର କେଉଁ ଦିଗରେ ? କେଉଁ ବାଟରେ ଯିବାକୁ ହେବ ? କେଉଁ ରାସ୍ତା ଦେଇ ଯିବାକୁ ହେବ ତାହା ମଧ୍ୟ ମୁଁ ଜାଣେ ନାହିଁ ।'' ଛୁଚୋଁ କହିଲା, ''ଏଥିରେ କ'ଣ ଭାବିବାର ଅଛି ? ମୁଁ ଖୋଜି ସେହି ବାଟ ବାହାର କରିଦେବି । ଚାଲ ଆଉ ଟିକିଏ ଆଗକୁ ଯାଇ ବୁଲି ଆସିବା ।''

ସେ ଦୁହେଁ ଆଗେଇ ଚାଲିଲେ । ବିରାଡ଼ି ଛୁଆ ନିଶ୍ଚିତ ହୋଇ ରହିଲା, କାରଣ ଛୁଚୋଁ ତାହାର ବନ୍ଧୁ । ସେ ତାକୁ ନିଶ୍ଚୟ ସାହାଯ୍ୟ କରିବ ଓ ଘରକୁ ଯିବା ପାଇଁ ରାସ୍ତା ଖୋଜି ବାହାର କରିଦେବ । ହଠାତ୍ ଗୋଟିଏ ଗମ୍ଭୀର ଶବ୍ଦ କାନରେ ପଡ଼ିଲା । ଗଛର ଡାଳରେ ଦୁଇଟି ଅଦ୍ଭୁତ ଜୀବ ବସିଛନ୍ତି ଏବଂ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ଚାଲିଛି । ସେମାନେ ଝଗଡ଼ା କରୁଛନ୍ତି ନା ପରସ୍ପର ବନ୍ଧୁଭାବରେ କଥୋପକଥନ କରୁଛନ୍ତି କିଛି ବୁଝାପଡୁ ନାହିଁ ? ବିରାଡ଼ି ଛୁଆ ଆଉ ଥରେ ପଚାରିଲା, ''ଭାଇ ଛୁଚୋଁ ! ଏମାନେ କିଏ ?'' ଛୁଚୋଁ ଖୁବ୍ ଓସ୍ତାଦ ଲୋକ । ସେ ବଣରେ ଥିବା ଜୀବଜନ୍ତୁଙ୍କ ସମ୍ବନ୍ଧରେ ସବୁ ଖବର ରଖିଥାଏ । ସେ କହିଲା, ''ଏହା କିଛି ନୁହେଁ । ଗୋଟିଏ ଗୁଣ୍ଡୁଚି ମୂଷା ଓ ଗୋଟିଏ କାଠହଣା ଚଢ଼େଇ ମିଶି ଝଗଡ଼ା ଲାଗିଛନ୍ତି । ଗୁଣ୍ଡୁଚି ମୂଷା କହୁଛି ତୁ କାଠଗଣ୍ଡିରେ ଗାତ ଖୋଳି ଖୋଳି ମୋର ଅସୁବିଧା କରୁଛୁ ଓ କାଠହଣା କହୁଛି ତୁ ଏ ଡାଳରୁ ସେ ଡାଳକୁ ସବୁବେଳେ ଦଉଡ଼ା ଦଉଡ଼ି କରି ମୋତେ ବିରକ୍ତ କରୁଛୁ ।'' ବିରାଡ଼ି ଛୁଆ ପୁଣି ପଚାରିଲା, ''କେଉଁଟି ସତକଥା ? ଦୋଷ କାହାର ?'' ଛୁଚୋଁ କହିଲା, ''ଝଗଡ଼ା ସତ ଓ ମିଛ ମଧ୍ୟରେ ନୁହେଁ । ଦୁଇଜଣଙ୍କର ଦୋଷ । ଚୁପ୍ ହୋଇ ଗଲେ କଥା ତୁଟିଲା ।'' ବୁଝିପାରୁଛ ତ ? ଏହାହିଁ ସତ୍ୟ । ସାମାନ୍ୟ ଘଟଣା ଓ ତୁଚ୍ଛ ବିଷୟକୁ ନେଇ ଅଯଥା ଶକ୍ତି ନଷ୍ଟ କରିବା ଛଡ଼ା ଆଉ କିଛି ନୁହେଁ । ଏ ଦୁହେଁ ଆହୁରି ଆଗେଇ ଚାଲିଲେ । ଛୁଚୋଁ ବୁଦ୍ଧିମାନ୍ । ସେ ବିରାଡ଼ି ଛୁଆକୁ ସାଙ୍ଗରେ ନେଇ ଯାଇ ପାହାଡ଼ ଉପରେ ଉଠିଲା । ସେହିଠାରୁ ଗୋଟିଏ ମିନିଟ ମଧ୍ୟରେ ବିରାଡ଼ି ଛୁଆର ଘର ଆଖିରେ ପଡ଼ିଲା ଓ ଠିକଣା ମିଳିଗଲା । ଏଥର ଏମାନେ ପୁଣି ଆଗେଇ ଚାଲିଲେ । ମନରେ ଉତ୍ସାହ ଦ୍ୱିଗୁଣ ଭରି ଯାଇଥାଏ । ଘରେ ପହଁଞ୍ଚି ସେ ଦେଖେ ଯେ ତାହାର ମାଆ ଓ ଭାଇମାନେ ଆଗରୁ ଘରକୁ ଫେରି ଆସିଲେଣି । ମାଆ ତାକୁ ଦେଖି ଦଉଡ଼ି ଆସି କହିଲା, ''ଏତେ ବେଳ ପର୍ଯ୍ୟନ୍ତ କେଉଁଠାରେ ଥିଲୁ ମୋ ଧନ ? ତୋତେ ଖୋଜିବା ପାଇଁ ଚାରି ଦିଗକୁ ତୋର ଭାଇମାନଙ୍କୁ ପଠାଇ ଥିଲି... ।'' ବିରାଡ଼ି ଛୁଆ ସବୁ ଘଟଣା ଖୋଲି ମାଆଙ୍କୁ କହିଲା ଓ ତାହାର ବନ୍ଧୁ ଛୁଚୋଁକୁ ପରିଚୟ କରାଇ ଦେଲା ।

ସବୁ ଶୁଣି ମାଆ ବଡ଼ ଖୁସି ହେଲେ ଏବଂ ଛୁଚୋଁର ଏପରି ଉଦାରତାର ପରିଚୟ ପାଇଲେ । ମାଆ କହିଲେ, ''ଠିକ୍ ଅଛି, ଆଜି ଗୋଟିଏ ଭୋଜିର ବନ୍ଦୋବସ୍ତ କରିବା । ଭଲ ତରକାରି ପତ୍ର କରିବା ।'' ଏହା କହି ସମସ୍ତଙ୍କୁ ନିମନ୍ତ୍ରଣ କରି ଆଣିବା ପାଇଁ ଭାଇମାନଙ୍କୁ ପଠାଇ ଦେଲେ । ଠିକ୍ ସମୟରେ ସମସ୍ତେ ଆସି ହାଜିର । ହଂସ, କୁକୁଡ଼ା, ଘୁଷୁରି, ଗୁଣ୍ଡୁଚି ମୂଷା, କଳା ବେଙ୍ଗ ପର୍ଯ୍ୟନ୍ତ କେହି ବାଦ୍ ପଡ଼ିଲେ ନାହିଁ । ବିରାଡ଼ି ଛୁଆଙ୍କ ମାଆ ଖୁବ୍ ଭଲ ରାନ୍ଧୁଣୀ । ଯେପରି ଖାଇବା ହେବା କଥା ସବୁ ଠିକ୍ ସେହିପରି ଭାବରେ ପ୍ରସ୍ତୁତ କରାଯାଇଛି । କୁକୁଡ଼ା ପାଇଁ ବଡ଼ ବଡ଼ ବୁଟ ଓ ମଟର ଦାନା । ହଂସ ପାଇଁ ନରମ ଶାଗ, ଘୁଷୁରି ପାଇଁ ତାହାର ରୁଚି ମୁତାବକ ସୁନ୍ଦର ତରକାରି, ଠେକୁଆ ପାଇଁ ଗାଜର ଡାଳଣା ଇତ୍ୟାଦି ଇତ୍ୟାଦି । ସମସ୍ତେ ମହା ଉଲ୍ଲାସରେ ମନ ଖୁସିରେ ଖାଇବାରେ ଲାଗିଗଲେ ।

ଏହା ମଧ୍ୟରେ ଗୋଟିଏ କାଣ୍ଡ ଘଟିଗଲା । କଳା ବେଙ୍ଗ ଖାଉ ଖାଉ 'ମାଆଲୋ' 'ବାପାଲୋ' ବୋଲି କହିବାକୁ ଲାଗିଲା, ଡେଇଁ ଡେଇଁ ଯାଇ ସାମନା ପୋଖରୀ ମଧ୍ୟକୁ ଡେଇଁ ପଡ଼ିଲା । ବିଚରାର ନାକ ଅଗଟି ଫୁଲି ଯାଇଥାଏ । ସେ ତାହାର ସମସ୍ତ

*(ଅବଶିଷ୍ଟାଂଶ ପୃଷ୍ଠା ୫୭ରେ ଦେଖନ୍ତୁ)*

ଚେତନାର ଦିଗ୍‌ବଳୟ :

# ଚେତନାର ଅନ୍ଧକାର ଇଲାକା ଓ ତା'ର ପ୍ରଭାବ

**ପ୍ରଶ୍ନ :** *ଅବଚେତନ ଉପରେ ସାଧାରଣ ମଣିଷର ନିୟନ୍ତ୍ରଣ ରହିଛି କି ? ତହିଁ ପୁଞ୍ଜିଭୂତ ନେତିଧର୍ମୀ ଓ କ୍ଷତିକାରକ ଭାବନାସବୁକୁ ଆମେ ସ୍ୱସ୍ତିଧର୍ମୀ ଓ ଗଠନମୂଳକ ଭାବନାରେ ପରିବର୍ତ୍ତନ କରିବାର ଉପାୟ କ'ଣ ?*

**ଉତ୍ତର :** ଆଶା, ଆପଣଙ୍କ ଇଂରାଜୀ ପ୍ରଶ୍ନର ଉପରୋକ୍ତ ଅନୁବାଦ ଯଥାର୍ଥ । 'ସବ୍‌କନ୍‌ସସ୍' ବା ଅବଚେତନ ଅଭିବ୍ୟକ୍ତିଟିର ମନସ୍ତାତ୍ତ୍ୱିକ ଏବଂ ଆଧ୍ୟାତ୍ମିକ ଅର୍ଥ ଭିତରେ ସାମଞ୍ଜସ୍ୟ ତୁଳନାରେ ପାର୍ଥକ୍ୟ ଅଧିକ । ଆମ ସଚେତନ ମନର ନିମ୍ନସ୍ଥ ଅଚେତନ ସ୍ମୃତି ଓ ନାନାଦି ଭାବତରଙ୍ଗ, ଯାହା ସମ୍ପର୍କରେ ଆମେ ସଜାଗ ନଥିଲେ ମଧ୍ୟ ତାହା ଆମ କ୍ରିୟାକଳାପକୁ ପ୍ରଭାବିତ କରେ । ପ୍ରଥମେ ଫ୍ରଏଡ୍ ସେହି ଅର୍ଥରେ ଶବ୍ଦଟିକୁ ପ୍ରୟୋଗ କରିଥିଲେ ଏବଂ ଉତ୍ତର-ଫ୍ରୟେଡ଼ୋତ୍ତର ପାଶ୍ଚାତ୍ୟ ମନୋବିଜ୍ଞାନ କ୍ଷେତ୍ରରେ ବହୁ ଆଲୋଡ଼ନ ଓ ଫ୍ରୟେଡ଼ୋତ୍ତର ତତ୍ତ୍ୱ ପରିବେଷଣ ହେବା ସତ୍ତ୍ୱେ ଶବ୍ଦଟି ମୋଟାମୋଟି ସେହି ଅର୍ଥ ବହନ କରୁଛି ।

କିନ୍ତ ତାହାର ଆଧ୍ୟାତ୍ମିକ ଅର୍ଥ ବ୍ୟାପକ ତଥା ଗଭୀର । ବେଦରେ ମଧ୍ୟ ଅବଚେତନର ବର୍ଣ୍ଣନା ରହିଛି ବୋଲି ଶ୍ରୀଅରବିନ୍ଦ ଦର୍ଶାଇଛନ୍ତି । କାର୍ଲ୍ ଗୁସ୍ତାଭ୍ ୟୁଙ୍ଗ୍ ଏବଂ ପରବର୍ତ୍ତୀ କେତେକ ଧୀମାନ୍ ଚେତନାର ଗଭୀରତର ଇଲାକାର ସନ୍ଧାନ ପ୍ରୟାସ କରିଥିବା ସତ୍ତ୍ୱେ ପାଶ୍ଚାତ୍ୟ ମନସ୍ତତ୍ତ୍ୱର ପରିସର ମୁଖ୍ୟତଃ ମନ ଏବଂ ପ୍ରାଣଗତ ଆବେଗ ପ୍ରବେଗ ଇତ୍ୟାଦିର ଭୂମିକାରେ ସୀମିତ ରହିଛି । ଭାରତୀୟ ମନସ୍ତତ୍ତ୍ୱ ଚେତନାର ମହତ୍ତମ ବିଭବ ହିସାବରେ ଆତ୍ମାକୁ ନିର୍ଦ୍ଦେଶ କରିଥାଏ । ପ୍ରଚଳିତ ମନୋ-ବିଜ୍ଞାନରେ ତାଲିମ ପ୍ରାପ୍ତ ଜଣେ ମନୋ-ଚିକିତ୍ସକ (ସାଇକିଆଟ୍ରିଷ୍ଟ୍ ବା ସାଇକୋଏନାଲିଷ୍ଟ୍) ମାନସିକ ବୈକଲ୍ୟ-ପୀଡ଼ିତ କୌଣସି ବ୍ୟକ୍ତିର ଚିକିତ୍ସା କରୁଥିବା ବେଳେ ସେ ତା'ର ମନୋଗତ ବା ପ୍ରାଣଗତ ଦ୍ୱନ୍ଦ୍ୱ, ଅବଦମିତ ଅଭିଳାଷ, ଆଶା, ହତାଶା ଇତ୍ୟାଦି ବିଶ୍ଳେଷଣ କରି ବୈକଲ୍ୟର ହେତୁ ନିରୂପଣ କରେ ଏବଂ ଚିକିତ୍ସାରେ ପ୍ରାୟଶଃ ସଫଳ ମଧ୍ୟ ହୁଏ । କାରଣ ଅଧିକାଂଶ ବୈକଲ୍ୟର ହେତୁ ଖୁବ୍ ଗଭୀର ହୋଇ ନ ଥାଇପାରେ ।

ଗଭୀର ହୋଇଥିଲେ ମଧ୍ୟ ମନୋ-ଚିକିତ୍ସକର ଚିକିତ୍ସା-ବହିର୍ଭୂତ ଅନ୍ୟ କୌଣସି ଅଜ୍ଞାତ କାରଣରୁ ରୋଗୀର ବିକଳତା ଦୂର ହୋଇଯାଇ ପାରେ । ସଭିଙ୍କ ଚେତନା ଗହନରେ ଭାରସାମ୍ୟର ପୁନରୁଦ୍ଧାର କରିବା ନିମନ୍ତେ ଏକ ସୂକ୍ଷ୍ମ ଶକ୍ତି କାର୍ଯ୍ୟରତ ଥାଏ । ସ୍ଥୂଳ ଦେହର ଅସୁସ୍ଥତା କ୍ଷେତ୍ରରେ ମଧ୍ୟ ଏହା ପ୍ରଯୁଜ୍ୟ ।

ବହୁ କିସମର ହାଲୁକା ଓ ସାମୟିକ ବିକଳତା ପଶ୍ଚାତରେ, ପୁଣି ପରିବେଶରେ ଥିବା ଅନ୍ୟ ଜଣକର ଅବଚେତନର ପ୍ରଭାବ ମଧ୍ୟ କାମ କରୁଥାଇ ପାରେ । ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ନେଇଯାଇ ମନୋଚିକିତ୍ସକଙ୍କୁ ଜଣାଇଲେ କି ସ୍ୱାମୀ ମହାଶୟ ମଝେ ମଝେ ନିଜକୁ ସାଙ୍ଗ୍ରିଲା ଭଳି ଏକ କାଳ୍ପନିକ ସୁଖମୟ ରାଜ୍ୟର ରାଜା ବୋଲି ମନେ କରି ଅନୁରୂପ ରାଜକୀୟ ଆଚରଣ କରୁଛନ୍ତି । ଚିକିତ୍ସକ ଚାରି, ଛଅ ମାସ ଭିତରେ ଭଦ୍ରଲୋକଙ୍କୁ ସ୍ୱାଭାବିକ କରି ଦେଲେ । ପରେ ପରେ ଦେଖାଦେଲା ଏକ ଅପ୍ରତ୍ୟାଶିତ ସମସ୍ୟା । ସ୍ୱାମୀ ରାଜା ବୋଲାଉଥିବା ବେଳେ ଭଦ୍ରମହିଳାଙ୍କୁ ରାଣୀ ଭାବରେ ତାଙ୍କ ପ୍ରଶସ୍ତି ଗାନ କରିବା ସଙ୍ଗେ ସଙ୍ଗେ ନାନାଦି ମୂଲ୍ୟବାନ୍ ଭେଟି ଦେଉଥିଲେ । ସେଥିରୁ ବିଲକୁଲ ବଞ୍ଚିତ ହୋଇ ଭଦ୍ରମହିଳା ହେଲେ ଅବସାଦ(ଡିପ୍ରେସନ୍) ପୀଡ଼ିତ । ଏହା ଏକ ହାଲୁକା ସ୍ତରର କାହାଣୀ । କିନ୍ତୁ ଦୃଷ୍ଟାନ୍ତ ଭାବରେ ଏହା ମୂଲ୍ୟବାନ୍ । ଆମେ ସଭିଏଁ ଅସଂଖ୍ୟ ଅଦୃଶ୍ୟ ପ୍ରଭାବ-ବଳୟ ଭିତରେ ରହିଥାଉଁ । ସେସବୁର ଅନ୍ତର୍ଭୁକ୍ତ ପରସ୍ପରର ଅବଚେତନ ମଧ୍ୟ । ସ୍ୱାମୀ ସାଙ୍ଗ୍ରିଲାର ରାଜା ବୋଲାଇବା ପଶ୍ଚାତରେ ସ୍ତ୍ରୀଙ୍କର ଅନୁଚ୍ଚାରିତ ଉତ୍ସାହର କିଛି ଭୂମିକା ଥିଲା ।

କିନ୍ତୁ ଏଭଳି ବୈକଲ୍ୟ ବି ଥାଇପାରେ ଯାହାର ହେତୁ ସୁଗଭୀର; କୌଣସି ପରିସ୍ଥିତି ବିରୋଧରେ ଜଣକର ଅନ୍ତଃସତ୍ତାର ବିଦ୍ରୋହକୁ ତାହା ସୂଚିତ କରୁଥାଇ ପାରେ । ତାଲିମ ପ୍ରାପ୍ତ ମନୋବୈଜ୍ଞାନିକ ସେ କ୍ଷେତ୍ରରେ ସଫଳ ହେବାର ଆଶା ନାହିଁ । କୌଣସି ଆକସ୍ମିକ ଆଧ୍ୟାତ୍ମିକ ପ୍ରଭାବ ଅଥବା ଆପଣାର ଅନ୍ତଃସତ୍ତାର ବିକାଶ ଯୋଗେ ସେଭଳି ବୈକଲ୍ୟ ଦୂରୀଭୂତ ହୋଇପାରେ ।

ଭାରତୀୟ ମନସ୍ତତ୍ତ୍ୱର ଆଲୋକରେ ଦୃଷ୍ଟିପାତ କଲେ ଆମେ ଦେଖିବା ଅବଚେତନର ବିସ୍ତୃତି ଅତୀବ ବ୍ୟାପକ । କେବଳ ମାତ୍ର ଏହି ଜନ୍ମର ଅବଦମିତ ବାସନା-କାମନା ନୁହେଁ, ଏକାଧିକ ପୂର୍ବଜନ୍ମର ତମସା ମଧ୍ୟ ସେଥିରେ ପ୍ରଚ୍ଛନ୍ନ ରହି ଥାଇପାରେ । ଅନେକ ଦୁଃସ୍ୱପ୍ନର ହେତୁ, ମତିଗତିରେ ଅଚାନକ ପରିବର୍ତ୍ତନ ଏବଂ ରୋଗ ବ୍ୟାଧିର ଉତ୍ସ ମଧ୍ୟ ଅବଚେତନ ହୋଇପାରେ ।

ଅବଚେତନ ଉପରେ ସାଧାରଣ ମଣିଷର ନିୟନ୍ତ୍ରଣ ନାହିଁ – ଏମିତି ନ କହି ଆମେ କହିପାରୁଁ – ଅବଚେତନ ଉପରେ ସାଧାରଣତଃ ମଣିଷର ନିୟନ୍ତ୍ରଣ ନଥାଏ । ଅସାଧାରଣ ଭାବେ ବିଖ୍ୟାତ ଅନେକ ମଣିଷ, ବିଦ୍ୱାନ୍, ଶିଳ୍ପୀ, ଲେଖକ ଓ ଦାର୍ଶନିକ ମଧ୍ୟ ଅପ୍ରତ୍ୟାଶିତ ଭାବେ ନିଜ ଅବଚେତନର ପ୍ରଭାବରେ ନିନ୍ଦନୀୟ କର୍ମ କରିବାର ବା ସେଥିରେ ଅଂଶୀଦାର ବନି ଯିବାର ଦୃଷ୍ଟାନ୍ତର ଅଭାବ ନାହିଁ ।

ବାସ୍ତବତା ହେଲା, ସାଧାରଣ ଅସାଧାରଣ ନିର୍ବିଶେଷରେ ଅଧିକାଂଶ ଲୋକେ ନିଜ ନିଜ ଚେତନାର ଗତାନୁଗତିକ ଅବସ୍ଥାକୁ ନେଇ ନିଶ୍ଚିନ୍ତ ରହିଥା'ନ୍ତି । ଏକ ଅବଚେତନ ରହିଛି, ସେ ସମ୍ପର୍କରେ ସଚେତନ ହେବାହିଁ ତା'କୁ ନିୟନ୍ତ୍ରଣ କରିବା ଦିଗରେ ଅଗ୍ରସର ହେବାର ପ୍ରଥମ ପାହାଚ । ସେଦିଗରେ ସଫଳତାର ପ୍ରତିଶ୍ରୁତି ହେଲା, ଆମ ଚେତନାର ଗହନତମ କେନ୍ଦ୍ରରେ ବିଦ୍ୟମାନ ସତ୍ୟ ପାଇଁ, ଆନନ୍ଦ ଓ ଆଲୋକ ପାଇଁ ବ୍ୟାକୁଳତା । ନେତିଧର୍ମୀ ଆବେଗ ଓ ବାସନା ଯେତେ ଲୋଭନୀୟ ହେଲେ ମଧ୍ୟ ଏବଂ ସେସବୁ ପୂରଣ ହୋଇ ପାରିଲେ ମଧ୍ୟ ତାହା ପ୍ରକୃତ ସନ୍ତୋଷ ବା ସ୍ଥାୟୀ ତୃପ୍ତି ଦେଇ ପାରିବ ନାହିଁ । ତେଣୁ ଯେତେବେଳେ ଅବଚେତନରୁ ସେମିତି ବାସନା ମୁଣ୍ଡ ଟେକିବ, ତତ୍‌କ୍ଷଣାତ୍ ତାକୁ ବିତାଡ଼ିତ କରିବାକୁ ଜଣେ ସଚେଷ୍ଟ ହେବା ଚାହି । ଯୋଗମାର୍ଗରେ ପାଦ ଦେଇଥିବା ସାଧକବର୍ଗଙ୍କ ନିମନ୍ତେ ଏହା ଏକ ନିରନ୍ତର ପ୍ରୟାସ । ଅବଚେତନ ବା ନିମ୍ନଚେତନର ଅନ୍ଧକାର ମୂଳକ ଭୟାବହ ଏବଂ ସେ ମୂଳକର ଅପଶକ୍ତିମାନଙ୍କ ପରାକ୍ରମ ସହ ସଂଗ୍ରାମରେ ଦିବ୍ୟ କୃପାହିଁ ଏକମାତ୍ର ସହାୟ । କିନ୍ତୁ ସେ ସହାୟତାରୁ କୌଣସି ଅଭୀପ୍ସୁ ବଞ୍ଚିତ ହୁଏନା ।

**– ମନୋଜ ଦାସ**

['ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୩୫-୩୭] ❑

---

*(ପୃଷ୍ଠା ୫୫ର ଅବଶିଷ୍ଟାଂଶ)*

ଦେହଟିକୁ ପାଣିରେ ବୁଡ଼ାଇ ଦେଇ ନାକର ଫୁଲା ଅଂଶଟିକୁ ପାଣି ଉପରକୁ ବାହାର କରି ଏପଟ ସେପଟ ହେବାକୁ ଲାଗିଥାଏ ଏବଂ ବୁଡ୍ଡୁ ବୁଡ୍ଡୁ କରି ନିଃଶ୍ୱାସ ଛାଡୁଥାଏ । ବିଚରାଟିର କ'ଣ ହେଲା ଦେଖିବା ପାଇଁ ଯିଏ ଯେଉଁଠାରେ ଥିଲେ ପାଣି ମଧ୍ୟକୁ ଖପ୍ ଖାପ୍ ଡେଇଁ ପଡ଼ିଲେ ।

ବୁଝ ଦେଖି, ଅବସ୍ଥାଟା କ'ଣ ହୋଇଥିବ ? ଠେକୁଆ, ଘୁଷୁରି, ହଂସ, ବିରାଡ଼ିଛୁଆ ଇତ୍ୟାଦିଙ୍କର ଜଳମନ୍ଥନ ଲୀଳାରେ ସମଗ୍ର ଜଳ ହୁଲସ୍ଥୁଲ ହେବାରେ ଲାଗିଲା । ଆଉ ସେହି ମଜାଟି କି ଅଦ୍ଭୁତ, ଯିଏ ଦେଖିବ ସେ ଠୋ ଠୋ ହୋଇ ହସି ଉଠିବ । ବେଙ୍ଗର ଦୁଃଖ କେଉଁଠାରେ । ଅନ୍ୟ ପକ୍ଷରେ ସମସ୍ତେ ଏହାର ଫୁଲିଥିବା ନାକଟି ଦେଖି ଠୋ ଠୋ ହୋଇ ହସିବାରେ ବ୍ୟସ୍ତ । ଘଟଣାଟି ଆଉ କିଛି ନୁହେଁ, ଗୋଟିଏ ମହୁମାଛି ଉଡ଼ି ଆସି ବେଙ୍ଗର ନାକ ଉପରେ ବସୁଥାଏ ଏବଂ ବିଚରା ବେଙ୍ଗ ତାହାକୁ ବରଦାସ୍ତ କରିବାକୁ ରାଜି ନୁହେଁ । ସେ ଯେପରି ବିରକ୍ତ ହୋଇ ଆପତ୍ତି କରୁଛି ଯେ ମହୁମାଛି ଭୟ ପାଇ ତାହାର ନାକକୁ କାମୁଡ଼ି ଦେଉଛି । ତେଣୁ ତାହା ଫୁଲିଯାଇ ବିନ୍ଧାବିନ୍ଧି କରି ଏହି କାଣ୍ଡ ସୃଷ୍ଟି କରିଥିଲା ।

ଏହି ତାମସାରେ ସେହି ଛୋଟ ବିରାଡ଼ି ଓ ତାହାର ବନ୍ଧୁ ଛୁଚୋଁ ଯୋଗ ଦେଇଥିଲେ । ଏ ଦୁହେଁ ସବୁ ଦେଖି ଏଥିରେ ହସିବାର କ'ଣ ଅଛି ବୋଲି ଭାବିବାକୁ ଲାଗିଲେ । ଶେଷରେ ସମସ୍ତେ ପାଣି ମଧ୍ୟରୁ ବାହାରକୁ ଉଠି ଆସିଲେ । ସେତେବେଳକୁ ବେଙ୍ଗଟିର ନାକର ବ୍ୟଥା ବହୁତ କମ୍ ହୋଇ ଯାଇଥାଏ । ଫୁଲାଟି ମଧ୍ୟ ଅଧାଅଧି କମି ଯାଇଥାଏ । ସମସ୍ତେ ଖୁସି ହୋଇ ପରସ୍ପର ଠାରୁ ବିଦାୟ ନେଇ ଘରକୁ ଫେରିଲେ । ଛୁଚୋଁ ଏବଂ ବିରାଡ଼ି ଛୁଆ ପରସ୍ପରକୁ ନମସ୍କାର କରି ବିଦାୟ ନେଲେ ଏବଂ କୁହାକୁହି ହେଲେ ଯେ ଆଜିର ବୁଲି ବାହାରିବାଟି ସବୁଦିନ ପାଇଁ ମନେ ରହିବ । ଆଉ ସମୟ ଓ ସୁବିଧା ପାଇଲେ ସେ ଦୁହେଁ ପୁଣି ଥରେ ବୁଲି ବାହାରିବେ ।

ଅନୁଲେଖନ (ବଙ୍ଗଳା) : ମୃତ୍ୟୁଞ୍ଜୟ ମୁଖାର୍ଜୀ

❑❑❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning
and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIII, No. 6** **R.N.I. No. 18163/70.**
Navaprakash (Monthly), June, 2022 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23


## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**